ନୟାଗଡ଼ ବଘେଲ ରାଜବଂଶର

ସାରସ୍ୱତ ସୌରଭ



ଡକ୍ଟର ପ୍ରେମାନନ୍ଦ ମହାପାତ୍ର

Source: Author, Digitized by PPRACHIN, SOA



Source: Author, Digitized by PPRACHIN, SOA

ନୟାଗଡ଼ ବଘେଲ୍ ରାଜବଂଶର

ସାରସ୍ୱତ ସୌରଭ

ଡକ୍ଟର ପ୍ରେମାନନ୍ଦ ମହାପାତ୍ର
ଆସୋସିଏଟ୍ ପ୍ରଫେସର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟ
ଭୁବନେଶ୍ୱର

ସତ୍ୟନାରାୟଣ ବୁକ୍ ଷ୍ଟୋର
ବିନୋଦ ବିହାରୀ, କଟକ-୨

Source: Author, Digitized by PPRACHIN, SOA

ନୟାଗଡ଼ ବଘେଲ ରାଜବଂଶର
ସାରସ୍ୱତ ସୌରଭ

ଲେଖକ :
ଡକ୍ଟର ପ୍ରେମାନନ୍ଦ ମହାପାତ୍ର
ଆସୋସିଏଟ୍ ପ୍ରଫେସର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟ
ଭୁବନେଶ୍ୱର

ପ୍ରକାଶକ :
ସତ୍ୟନାରାୟଣ ବୁକ୍‌ଷ୍ଟୋର
ବିନୋଦ ବିହାରୀ, କଟକ-୨

ପ୍ରଥମ ସଂସ୍କରଣ :
ମହାବିଷୁବ ସଂକ୍ରାନ୍ତି -୨୦୧୮

ଅକ୍ଷର ସଜ୍ଜା :
ବାବାଗତିଶ୍ୱର ଡିଟିପି ସେଣ୍ଟର
ବିଡ଼ାନାସୀ, କଟକ-୧୪

ପ୍ରଚ୍ଛଦ :
ଶଶିକାନ୍ତ ରାଉତ

ମୁଦ୍ରଣ :
ମଜ୍‌ଦୁର ପ୍ରିଣ୍ଟର୍ସ
କଟକ

ମୂଲ୍ୟ : ୨୬୮ ଟଙ୍କା

ISBN - 81-8118-178-6

Nayagarh Baghel Rajabansara
Saraswata Sourava

Author :
Dr. Premananda Mohapatra, O.E.S. (1)
Associate Professor
Department of Odia
B.J.B. Autonomous College
Bhubaneswar

Publisher :
Satyanarayan Book Store
Binod Bihari, Cuttack-2

First Edition
Mahavishub Sankranti, 2018

Letter Setting
Baba Gatiswara DTP Centre
Bidanasi, Cuttack-14

Cover :
Sashikanta Rout

Printing :
Majdoor Printers
Cuttack

Price : Rs. 268 /-

Source: Author, Digitized by PPRACHIN, SOA

ସମର୍ପଣ

ନୟାଗଡ଼ ରାଜବଂଶର ଇଷ୍ଟଦେବ

ଶ୍ରୀ ଶ୍ରୀ ଲଡୁକେଶ ମହାଦେବଙ୍କ

ପାଦପଦ୍ମରେ ସମର୍ପିତ...

ଲେଖକ



Source: Author, Digitized by PPRACHIN, SOA

ଅଗ୍ରଲେଖ

ନୟାଗଡ଼ ଗଡ଼ଜାତ ଅଞ୍ଚଳରେ ମୋର ଜନ୍ମ । ନୟାଗଡ଼ର ପ୍ରାକୃତିକ ସୁଷମା, ଐତିହ୍ୟ, ନୟାଗଡ଼ର ସାଂସ୍କୃତିକ ବିଭବ, ସାହିତ୍ୟିକ ପରମ୍ପରା, ମୋତେ ଅଭିଭୂତ କରିଛି । ନୟାଗଡ଼ର ଜୀର୍ଣ୍ଣ ରାଜବାଟୀ, ରୁକ୍ଷ ସାନୁମାନର ମୌନମୁଖରତା ଛାତ୍ରାବସ୍ଥାରୁ ମୋର ମନରେ ଗଭୀର ଛାପ ପକାଇଛି । ମୁଁ ରାଜବଂଶର କୀର୍ତ୍ତି ସମ୍ପର୍କରେ ବହୁ ଗୁରୁଜନଙ୍କଠାରୁ ଶୁଣିଛି । ସୁତରାଂ ନୟାଗଡ଼ ରାଜବଂଶର ସାହିତ୍ୟିକ ପରମ୍ପରା ଅନୁଶୀଳନ କରିବା ପାଇଁ ମୋ ମନରେ ଗଭୀର ପ୍ରେରଣା ସୃଷ୍ଟି ହେଲା । ମୁଁ ନୟାଗଡ଼ ରାଜବଂଶର ସ୍ତାବକ ନୁହେଁ । କିନ୍ତୁ ସେମାନଙ୍କର ସାରସ୍ୱତ କୀର୍ତ୍ତି ସମ୍ପର୍କରେ ମୁଁ ନିଶ୍ଚିତ ଭାବରେ ଶତମୁଖର । ମୁଁ କହିରଖେ ଯେ ଅବଶ୍ୟ ଆମର ପୂର୍ବଜମାନେ ନୟାଗଡ଼ ରାଜାଙ୍କଠାରୁ 'ରତ୍ନ ଉପାଧି' ଲାଭ କରଥିଲେ । ନୟାଗଡ଼ ରାଜନ୍ୟବର୍ଗ ବଘେଲ ବଂଶୀୟ । ଇତିହାସରେ ବଘେଲ ବଂଶର ପ୍ରସିଦ୍ଧି ରହିଛି । ନୟାଗଡ଼ ବଘେଲ ରାଜାମାନଙ୍କର କୀର୍ତ୍ତି ମୋର 'ନୟାଗଡ଼ ଇତିହାସ' ପୁସ୍ତକରେ ସ୍ଥାନିତ । ନୟାଗଡ଼ ରାଜାମାନଙ୍କର ସାହିତ୍ୟ ପ୍ରତି ଯେଉଁ ଆନ୍ତରିକତା ଓ ଆଗ୍ରହ ରହିଛି ଏବଂ ସର୍ବୋପରି ସାହିତ୍ୟକୁ ପୃଷ୍ଠପୋଷକତା କରିବାରେ ସେମାନଙ୍କର ଭୂମିକା ପ୍ରଶଂସନୀୟ । ଏହି ଗ୍ରନ୍ଥଟିରେ ନୟାଗଡ଼ ରାଜାମାନଙ୍କର ସାରସ୍ୱତ କୃତିତ୍ୱକୁ ଆଲୋଚନା କରାଯାଇଛି । ଏହା ବ୍ୟତୀତ ରାଜବଂଶ ସମ୍ପର୍କୀୟ ବଂଶଧରମାନଙ୍କର ସାହିତ୍ୟକୃତି ଏବଂ ସେମାନଙ୍କର ପୃଷ୍ଠପୋଷକତାରେ ସାହିତ୍ୟ ସର୍ଜନା କରିଥିବା ସାରସ୍ୱତ ସେବାୟତମାନଙ୍କର ମହାର୍ଘ-କୃତିକୁ ମଧ୍ୟ ଆଲୋଚନାର ପରିସରଭୁକ୍ତ କରାଯାଇଛି । ସୁଧୀ ପାଠକମାନେ ଏହାକୁ ବିଚାରକୁ ନେବେ ବୋଲି ଆଶା ରଖୁଛି ।

ଓଡ଼ିଶାର ବିଭିନ୍ନ ଗଡ଼ଜାତର ରାଜାମାନେ ସାହିତ୍ୟ ସର୍ଜନାରେ ପ୍ରବଣତା ପ୍ରଦର୍ଶନ କରିଛନ୍ତି । ରାଜାମାନଙ୍କର ଦରବାର ସାହିତ୍ୟ ଚର୍ଚ୍ଚାର ପ୍ରଧାନ କେନ୍ଦ୍ରରୂପେ ପରିଣତ ହୋଇଥିଲା । ଖଡ଼ିଆଳ ରାଜବଂଶ, ବାମଣ୍ଡା ରାଜବଂଶ , ଟିକିଟୀ ରାଜବଂଶ, ଖଲ୍ଲିକୋଟ ରାଜବଂଶ, ସୁବର୍ଣ୍ଣପୁର ରାଜବଂଶ, ଘୁମୁସର ରାଜବଂଶ, ରଣପୁର ରାଜଦରବାର, ଖଣ୍ଡପଡ଼ା ରାଜଦରବାର, ବୌଦ୍ଧ ରାଜଦରବାର ଏ ପରିପ୍ରେକ୍ଷୀରେ ସ୍ମରଣଯୋଗ୍ୟ ।

Source: Author, Digitized by PPRACHIN, SOA

ପ୍ରତ୍ୟେକ ରାଜବଂଶର ସାରସ୍ୱତ ସୌରଭ ଲୋକଲୋଚନକୁ ଆସିବା ଦରକାର । ମୋ ବିଚାରରେ 'Old is Gold'; ସୁତରାଂ ପ୍ରାଚୀନ ସାହିତ୍ୟର ପୁନରୁଦ୍ଧାର ଏବଂ ସମୀକ୍ଷାର ସମୟ ଆସିଛି । ଏହି ପେକ୍ଷାପଟରେ ବହୁ ଜିଜ୍ଞାସୁ ଗବେଷକଙ୍କ ଦ୍ୱାରା ଏହି ମହତ୍ କାର୍ଯ୍ୟ କିଛି ପରିମାଣରେ ସମ୍ପାଦିତ ହୋଇଛି । ନୟାଗଡ଼ ରାଜବଂଶର ସାରସ୍ୱତ ପରମ୍ପରା ଏ ପର୍ଯ୍ୟନ୍ତ କୌଣସି ଗବେଷକଙ୍କଦ୍ୱାରା ଲୋକଲୋଚନକୁ ଅଣାଯାଇ ନାହିଁ । ଏହି ପ୍ରସଙ୍ଗର କିୟଦଂଶ ମୋ ଦ୍ୱାରା ପ୍ରସ୍ତୁତ **'ଓଡ଼ିଆ ସାହିତ୍ୟକୁ ନୟାଗଡ଼ ଜିଲ୍ଲାର ଅବଦାନ'** ଶୀର୍ଷକ ଗବେଷଣାମୂଳକ ସନ୍ଦର୍ଭରେ ସ୍ଥାନିତ । ତେବେ ଏହି ପୁସ୍ତକରେ ବିସ୍ତୃତ ଭାବରେ ନୟାଗଡ଼ ରାଜବଂଶର ସାହିତ୍ୟିକ ପରମ୍ପରା ସମ୍ପର୍କରେ ଆଲୋଚନା କରାଯାଇଛି । ଏହି ଗ୍ରନ୍ଥଟି ହେଉଛି ମୋର ଜନ୍ମମାଟି ପ୍ରତି ଋଣ ପରିଶୋଧ । ସୁଧୀ ପାଠକ ମଣ୍ଡଳୀଦ୍ୱାରା ଏହି ପୁସ୍ତକଟି ଆଦୃତି ଲାଭ କଲେ ମୋର ସ୍ୱପ୍ନ ଓ ଶ୍ରମ ସାର୍ଥକ ହେଲା ବୋଲି ମନେ କରିବି ।

ଇତ୍ୟବସରରେ ମୁଁ ମୋର ପ୍ରେରଣାର ଉତ୍ସ ମୋର ପୂଜ୍ୟ ନନା ଶ୍ରୀଯୁକ୍ତ ତ୍ରିନାଥ ମହାପାତ୍ର (ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ)ଙ୍କୁ ପ୍ରଣାମ ଜଣାଉଛି । ବିଶିଷ୍ଟ ଗବେଷକ ଶ୍ରୀଯୁକ୍ତ ରଘୁନାଥ ରଥ (ବାଲିଗୁଡା) ଏବଂ ବିଶିଷ୍ଟ ସାହିତ୍ୟ ସମାଲୋଚକ ଶ୍ରୀଯୁକ୍ତ ପ୍ରଦୀପ କୁମାର ରଥ, ଆଇ.ଏ.ଏସ୍. (ଭୁବନେଶ୍ୱର) ଙ୍କୁ ମୋର ସର୍ବକାଳୀକ ଭକ୍ତି ଜଣାଉଛି । ମୋର ସଙ୍ଗାତ ତଥା ଆଇନଜୀବୀ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ରଥ (ନୟାଗଡ଼)ଙ୍କୁ ଧନ୍ୟବାଦ ଜଣାଉଛି । ଶ୍ରୀଯୁକ୍ତ ପ୍ରସନ୍ନ କୁମାର ସ୍ୱାଇଁ (ଭୁବନେଶ୍ୱର)ଙ୍କୁ ସାଧୁବାଦ ଜଣାଉଛି । ଏହି ପୁସ୍ତକକୁ ଲୋକଲୋଚନକୁ ଆଣିଥିବା ମାନନୀୟ ଶ୍ରୀଯୁକ୍ତ ସତ୍ୟନାରାୟଣ ଚୌଧୁରୀଙ୍କୁ ବିଶେଷ କୃତଜ୍ଞତା ଜଣାଉଛି ।

ଜୟ ଜଗନ୍ନାଥ ! ଜୟ ମା' ଦକ୍ଷିଣକାଳୀ !

ବିନୀତ

ପ୍ରେମାନନ୍ଦ ମହାପାତ୍ର

ମହାବିଷୁବ ସଂକ୍ରାନ୍ତି, ୨୦୧୮

ଭୁବନେଶ୍ୱର

Source: Author, Digitized by PPRACHIN, SOA

ସୂଚୀପତ୍ର

କ୍ର.ନଂ.	ବିଷୟ	ପୃଷ୍ଠା
୧.	ପ୍ରଥମ ପରିଚ୍ଛେଦ : ନୟାଗଡ଼: ଏକ ଭୌଗୋଳିକ ଓ ଐତିହାସିକ ଅଧ୍ୟୟନ	୦୭
୨.	ଦ୍ୱିତୀୟ ପରିଚ୍ଛେଦ : ନୟାଗଡ଼ ରାଜବଂଶ- ଏକ ସାଧାରଣ ପରିଚୟ	୩୦
୩.	ତୃତୀୟ ପରିଚ୍ଛେଦ : ଓଡ଼ିଆ ସାହିତ୍ୟ	୪୯
୪.	ଚତୁର୍ଥ ପରିଚ୍ଛେଦ : ସଂସ୍କୃତ ସାହିତ୍ୟ	୧୫୧
୫.	ପଞ୍ଚମ ପରିଚ୍ଛେଦ : ଇଂରାଜୀ ସାହିତ୍ୟ	୨୩୪
୬.	ଷଷ୍ଠ ପରିଚ୍ଛେଦ : ନୟାଗଡ଼ର ପତ୍ରପତ୍ରିକା	୩୫୦
•	ସହାୟକ ଗ୍ରନ୍ଥସୂଚୀ	୩୫୫
•	ପରିଶିଷ୍ଟ	୩୫୬

◆◆◆

Source: Author, Digitized by PPRACHIN, SOA

ପ୍ରଥମ ପରିଚ୍ଛେଦ

ନୟାଗଡ଼: ଏକ ଭୌଗୋଳିକ ଓ ଐତିହାସିକ ଅଧ୍ୟୟନ

ନୟାଗଡ଼ : ଏକ ଭୌଗୋଳିକ ଅଧ୍ୟୟନ

ଓଡ଼ିଶାର ତିରିଶିଗୋଟି ଜିଲ୍ଲା ମଧ୍ୟରେ ନୟାଗଡ଼ ଜିଲ୍ଲା ଅନ୍ୟତମ । ଆଜକୁ ପଚିଶ ବର୍ଷ ତଳେ ୧୯୯୩ ମସିହା ଚୈତ୍ର ଶୁକ୍ଳ ଦଶମୀ ଅପ୍ରେଲ ମାସ ୨ତାରିଖ ହେଉଛି ନୟାଗଡ଼ ଜିଲ୍ଲାର ଜନ୍ମ ଲଗ୍ନ । ଏହି ସ୍ମରଣୀୟ ଦିବସରେ ନୟାଗଡ଼ ଅନୁବିଭାଗ (ସବ୍‌ଡିଭିଜନ୍)ଟି ଓଡ଼ିଶା ସରକାରଙ୍କ ଦ୍ୱାରା ଜିଲ୍ଲା ରୂପେ ଘୋଷିତ ହେଲା । ଏହା ପୂର୍ବରୁ ନୟାଗଡ଼ ଅନୁବିଭାଗଟି ଅବିଭକ୍ତ ପୁରୀ ଜିଲ୍ଲାର ଅନ୍ତର୍ଗତ ଥିଲା । ଉଲ୍ଲେଖଯୋଗ୍ୟ ଯେ, ଏହି ସମୟରେ ଅବିଭକ୍ତ ପୁରୀ ଜିଲ୍ଲାରେ ଚାରିଗୋଟି ଅନୁବିଭାଗ ରହିଥିଲା ଯଥା- ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା ଓ ନୟାଗଡ଼ ।

ନୟାଗଡ଼ ଜିଲ୍ଲା ୨୦°.୦୫' ରୁ ୨୦°.୧୦' ଉତ୍ତର ଅକ୍ଷାଂଶ ଏବଂ ୮୫°.୦୫' ରୁ ୮୫°.୧୦' ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ନୟାଗଡ଼ର ମହିମା ଓ ଗୌରବ ଲୋକମୁଖରେ ପ୍ରଚଳିତ । ନୟାଗଡ଼ର ମହିମା ଓ ମହତ୍ତ୍ୱକୁ କବି ପଣ୍ଡିତ ଚନ୍ଦ୍ରମଣି ପ୍ରଧାନ ବେଶ୍ ମନୋଜ୍ଞ ଭାବରେ ରୂପାୟନ କରିଛନ୍ତି । ତାଙ୍କ ଭାଷାରେ -

"ଯତ୍ରାସ୍ତି ଗୁକ୍ଷି ବଳରାମ ସୁରମ୍ୟ ଶୈଳୌ
ଯତ୍ରାସ୍ତି ସାକ୍ଷୀସମ ଦକ୍ଷିଣକାଳୀକାମ୍ୱା
ଯା ବ୍ୟାଘ୍ରଭୂମିରିତି ଶୂରସୁତ ପ୍ରସୂତା
ତାନ୍ ସ୍ୱର୍ଗତୁଲ୍ୟ ନବଦୁର୍ଗ ଧରାଂ ନମାମି ।"

ନୟାଗଡ଼ ଜିଲ୍ଲାର ସଦର ମହକୁମା ହେଉଛି ନୟାଗଡ଼ ଟାଉନ୍ । ଏହା ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଠାରୁ ସତାଅଶୀ କିଲୋମିଟର ପଶ୍ଚିମରେ ଅବସ୍ଥିତ । ଓଡ଼ିଶାର ଅନ୍ୟତମ ପ୍ରଧାନ ସହର କଟକ, ପୁରାଣ ପ୍ରସିଦ୍ଧ ତୀର୍ଥକ୍ଷେତ୍ର ପୁରୀ ଏବଂ ବାଣିଜ୍ୟିକପେଣ୍ଠ ବ୍ରହ୍ମପୁର ରାଜପଥ ଦ୍ୱାରା ନୟାଗଡ଼ ସହ ଉତ୍ତମରୂପେ ସଂପୃକ୍ତ । କନ୍ଧମାଳ ଜିଲ୍ଲାର ସଦର ମହକୁମା ଫୁଲବାଣୀ ନୟାଗଡ଼ଠାରୁ ଏକଶହ ତେଇଶି କିଲୋମିଟର ପଶ୍ଚିମରେ ଅବସ୍ଥିତ ।

Source: Author, Digitized by PPRACHIN, SOA

କଳାହାଣ୍ଡି ଜିଲ୍ଲାର ସଦର ମହକୁମା ଭବାନୀପାଟଣା ନୟାଗଡ଼ଠାରୁ ତିନିଶହ ଏକତିରିଶି କିଲୋମିଟର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ । କୋରାପୁଟ ଜିଲ୍ଲାର ସଦର ମହକୁମା କୋରାପୁଟ ନୟାଗଡ଼ ସହିତ ଚାରିଶହ ତେଇଶି କିଲୋମିଟର ସୁଦୀର୍ଘ ରାଜପଥ ଦ୍ୱାରା ସଂଯୁକ୍ତ । ଗଞ୍ଜାମ ଜିଲ୍ଲାର ଅନ୍ୟତମ ପ୍ରଧାନ ସହର ତଥା ସାଂସ୍କୃତିକ ପୀଠ ଭଞ୍ଜନଗର ନୟାଗଡ଼ଠାରୁ ଛୟାନବେ କିଲୋମିଟର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ । ସୁତରାଂ ନୟାଗଡ଼ ପଶ୍ଚିମ ଓଡ଼ିଶାର ସମସ୍ତ ପ୍ରଧାନ ସହର ସହିତ ରାଜ୍ୟ-ରାଜପଥ ଦ୍ୱାରା ସଂଯୁକ୍ତ । ଏହିପରି ଭାବରେ ନୟାଗଡ଼ ଟାଉନ୍ ପଶ୍ଚିମ ଓଡ଼ିଶାର ପ୍ରବେଶଦ୍ୱାର (Gateway) ରୂପେ ଅବସ୍ଥିତ ।

ପୁରାଣ ପ୍ରସିଦ୍ଧ ଶ୍ରୀନୀଳମାଧବ ଜୀଉଙ୍କ ପବିତ୍ର ପୀଠ କଣ୍ଟିଲୋ ନୟାଗଡ଼ଠାରୁ ଚଉତିରିଶି କିଲୋମିଟର ଉତ୍ତରରେ ପୁଣ୍ୟତୋୟା ମହାନଦୀତଟରେ ଅବସ୍ଥିତ । ନୟାଗଡ଼ ରାଜବଂଶର ଇଷ୍ଟଦେବତା ମହାପ୍ରଭୁ ଶ୍ରୀଲଡୁକେଶ୍ୱରଙ୍କ ପୀଠ ଶରଣକୁଳ ନୟାଗଡ଼ଠାରୁ ବାର କିଲୋମିଟର ଦକ୍ଷିଣରେ ଓ ରଘୁନାଥଙ୍କ ପୀଠ ଓଡ଼ଗାଁ ନୟାଗଡ଼ଠାରୁ ସତେଇଶି କିଲୋମିଟର ପଶ୍ଚିମରେ ଅବସ୍ଥିତ । ଶ୍ରୀଗତୀଶ୍ୱର ମହାଦେବଙ୍କ କ୍ଷେତ୍ର ତଥା ଭଞ୍ଜପୀଠ ମାଳିସାହି ନୟାଗଡ଼ଠାରୁ ତେର କିଲୋମିଟର ଉତ୍ତରରେ ଅବସ୍ଥିତ । ଓଡ଼ିଶାର ଅନ୍ୟତମ ସାଂସ୍କୃତିକ ଭୂମି ଏବଂ ପ୍ରଖ୍ୟାତ ଜ୍ୟୋତିର୍ବିତ୍ ସାମନ୍ତ ଚନ୍ଦ୍ରଶେଖରଙ୍କ ସାଧନା କ୍ଷେତ୍ର ଖଣ୍ଡପଡ଼ା ନୟାଗଡ଼ଠାରୁ କୋଡ଼ିଏ କିଲୋମିଟର ଉତ୍ତରରେ ଅବସ୍ଥିତ । ପାଇକ ସଂସ୍କୃତିର ସ୍ୱାକ୍ଷର ବହନ କରୁଥିବା ଇତିହାସ ପ୍ରସିଦ୍ଧ ଖୋର୍ଦ୍ଧା ଟାଉନ୍ ନୟାଗଡ଼ଠାରୁ ସତାବନ କିଲୋମିଟର ପୂର୍ବରେ ଅବସ୍ଥିତ ।

ଶ୍ରୀଗତୀଶ୍ୱର ମହାଦେବଙ୍କ ମନ୍ଦିର

ନୟାଗଡ଼ ସମୁଦ୍ର ପତ୍ତନଠାରୁ ପ୍ରାୟ ପାଞ୍ଚଶହ ଫୁଟ ଉଚ୍ଚତାରେ ଅବସ୍ଥିତ । ନୟାଗଡ଼ ଗଡ଼ଜାତର ମଧ୍ୟସ୍ଥଳ ଅସଂଖ୍ୟ ପାହାଡ଼ପର୍ବତରେ ପରିପୂର୍ଣ୍ଣ । ଉତ୍ତୁଙ୍ଗ ଓ ଦୀର୍ଘାୟିତ ପର୍ବତ ଶ୍ରେଣୀର କମନୀୟ ରୂପଶୋଭା ସ୍ୱତଃ ଦର୍ଶକର ମାନସ ପଟରେ ଗଭୀର ରେଖାପାତ ସୃଷ୍ଟି କରିଥାଏ । ନୟାଗଡ଼ର ଯେ କୌଣସି ସ୍ଥାନରେ ଛିଡାହୋଇ ଚତୁର୍ଦ୍ଦିଗକୁ ଦୃଷ୍ଟିନିକ୍ଷେପ କଲେ ବଳୟାକୃତିରେ ପାହାଡ଼ ଓ ପର୍ବତର ଅବସ୍ଥିତି ଅନୁଭବ କରିହୁଏ । ନୟାଗଡ଼ ସହରର ଉତ୍ତରରେ ଓ ଦକ୍ଷିଣରେ ଯଥାକ୍ରମେ ବଳରାମ ଓ ରୁକ୍ଷି (ରୁକ୍ଷାଚଳ) ପାହାଡ଼ ଦ୍ୱୟ

Source: Author, Digitized by PPRACHIN, SOA

ଅବସ୍ଥିତ । ନୟାଗଡ଼ର ଏହି ପୁରାଣ ପ୍ରସିଦ୍ଧ ପାହାଡ଼ଦ୍ୱୟ କବି ଲେଖନୀରେ ସ୍ଥାନ ପାଇଛି । ଯଥା-

''ଶିଳା ବନ୍ଧୁର ନୟାଗଡ଼ ମୌନ ଉଦାସୀ ତାପସସମ
ନିମୀଳିତ ବେନି ନେତ୍ର ତାର ସନ୍ତୋଷେ ଭରା ଦିବସଯାମ ।

ରୁକ୍ଷି ବଳରାମ ମେଲାଇ ବାହୁ ଆଲିଙ୍ଗିଛନ୍ତି ଶରୀର ତାର
ବ୍ରାହ୍ମଣୀ ଦେବୀ ଚରଣ ତଳେ କେତେ ମାନସିକ ପୂଜା ବେଭାର ।''

'ନୟାଗଡ଼': ଦୁର୍ଗାମାଧବ ମିଶ୍ର

ଏହି ପାହାଡ଼ ଦ୍ୱୟ ଦୁଇଗୋଟି ବିପରୀତମୁଖୀ ଶୟନରତ ହସ୍ତୀର ସାଦୃଶ୍ୟ ଧାରଣ କରିଛନ୍ତି । ନୟାଗଡ଼ର ନିକଟବର୍ତ୍ତୀ ଇଟାମାଟିର ଉପକଣ୍ଠରେ ଏବଂ ଦେଓ୍ୱାନ ବନ୍ଧ ନଂ-୧ ନିକଟରେ ଦଣ୍ଡାୟମାନ ହେଲେ ଏହି ମନୋରମ ଦୃଶ୍ୟଟି ଦର୍ଶକର ଦୃଷ୍ଟିକୁ ଆସେ । ରୁକ୍ଷି ପାହାଡ଼ ନୟାଗଡ଼ର ଅତୀତ ଇତିହାସର ମୂକସାକ୍ଷୀ । ଏହି ପାହାଡ଼ର 'କୁକୁର ଟାସରା' ସହିତ ଗଡ଼ର ପ୍ରତିଷ୍ଠା ପ୍ରସଙ୍ଗକୁ ନେଇ ଏକ ମନୋଜ୍ଞ କାହାଣୀ ରହିଛି । ଏହି ପାହାଡ଼ର ଉତ୍ତର-ପାର୍ଶ୍ୱ ପାଦଦେଶରେ ଗଢ଼ି ଉଠିଥିଲା ନବଦୁର୍ଗ ରାଜାଙ୍କ ରାଜବାଟୀ, ନୟାଗଡ଼ ସହରର ଓ ନୟାଗଡ଼ର ସାଂସ୍କୃତିକ ପରମ୍ପରା । ଏହି ପାହାଡ଼କୁ ଭିତ୍ତିକରି ମଧ୍ୟ କିଛି କିମ୍ବଦନ୍ତୀ ପ୍ରଚଳିତ । ଏହି ପାହାଡ଼ର ଶୀର୍ଷରୁ ନୟାଗଡ଼ ସହରର ବିହଙ୍ଗାବଲୋକନ ଅତୀବ ଚିତ୍ତାକର୍ଷକ । ବଳରାମ ପାହାଡ଼କୁ ଭିତ୍ତିକରି ମଧ୍ୟ କିଛି କିମ୍ବଦନ୍ତୀ ପ୍ରଚଳିତ । ଏହି ପାହାଡ଼ର ଦକ୍ଷିଣ ପାର୍ଶ୍ୱସ୍ଥ ପାଦଦେଶରେ ମା' ଦକ୍ଷିଣକାଳୀ ଠାକୁରାଣୀଙ୍କର ସୁରମ୍ୟ ମନ୍ଦିର ବିଦ୍ୟମାନ । ଏହି ଗିରିଦ୍ୱୟ ମଧ୍ୟ କବିଙ୍କ ଲେଖନୀରେ ପ୍ରାଣବନ୍ତ ହୋଇପାରିଛି । କବିଙ୍କ ଭାଷାରେ-

''ଗଡ଼ର ଉତ୍ତରେ ବଳରାମ ଗିରି
ବିସ୍ତାରିଛି ତା'ର ତୁଙ୍ଗ ଶୃଙ୍ଗ ଶିରି ।

ବିପରୀତେ ତା'ର ରୁକ୍ଷି ଟେକି ଶିର
ଆବୋରି ବସିଛି କିବା ସେ ପ୍ରାଚୀର ।

ଗିରି ଶିରେ ଯା'ର କର ଆରୋହଣ
ଶ୍ରାନ୍ତି କ୍ଳାନ୍ତି ମନୁ ହୋଇବ ହରଣ ।'' (କବିଭୂଷଣ ଆନନ୍ଦଚନ୍ଦ୍ର ମିଶ୍ର)

ନୟାଗଡ଼ ଜିଲ୍ଲାର ମଧ୍ୟ-ଉତ୍ତର ଭାଗରେ ସୁଦୀର୍ଘ ରାଜଗିରି ପର୍ବତ ଉଭୟ ପୂର୍ବ ଓ ପଶ୍ଚିମକୁ ପ୍ରଲମ୍ବିତ । ଏହି ପର୍ବତଟି ପୂର୍ବେ ନୟାଗଡ଼ ରାଜ୍ୟ ଓ ଖଣ୍ଡପଡ଼ା ରାଜ୍ୟର ସୀମାପର୍ବତ

Source: Author, Digitized by PPRACHIN, SOA

ରୂପେ ବିବେଚିତ ହେଉଥିଲା । ସାମନ୍ତ ଚନ୍ଦ୍ରଶେଖର ଏହି ପର୍ବତର ଉଚ୍ଚତା ୨୨୦୦ ହାତ ବୋଲି ନିର୍ଣ୍ଣୟ କରିଥିଲେ । ଅସଂଖ୍ୟ ଶାଳବୃକ୍ଷ ଓ ମାଳତୀ ଲତାର ମନୋରମ ସମାବେଶ ଏହି ପର୍ବତର ଅନ୍ୟତମ ଆକର୍ଷଣ । ଏହି ପର୍ବତରେ ରହିଥିବା ବିରାଟ ଚାଞ୍ଚରା ପଥରରେ ଏକଦା କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କାବ୍ୟଚର୍ଚ୍ଚାରେ କିଛି କାଳ ଅତିବାହିତ କରିଥିଲେ ବୋଲି ପ୍ରବାଦ ରହିଛି ।

ଏହି ପର୍ବତରେ ରହିଥିବା ରମଣୀୟ ସ୍ଥାନ ନୟାଗଡ଼ ଓ ଖଣ୍ଡପଡ଼ା ରାଜାମାନଙ୍କର ତଥା ରାଜ୍ୟବାସୀଙ୍କର ବଣଭୋଜି ଏବଂ ଚିତ୍ତବିନୋଦନର ପ୍ରଧାନ କ୍ଷେତ୍ର । ରାଜଗିରିର ପ୍ରାକୃତିକ ଦୃଶ୍ୟବିଭବ ଯୁଗପତ୍ ଦର୍ଶକର ହୃଦୟରେ ଆନନ୍ଦଭାବ ସଞ୍ଚାର କରେ । ମୁନିମନ ହରଣ କରୁଥିବା ଏହି ସ୍ଥାନ ଏବଂ ରାଜଗିରିରୁ ଝର୍ଝର ନାଦରେ ଝରିଯାଉଥିବା ଝରଣା ବଣଭୋଜି ଓ ବନ ବିହାର ପାଇଁ ଏକ ସର୍ବୋତ୍କୃଷ୍ଟ ସ୍ଥାନ । ବହୁଜନବିଦିତ ଏହି ରାଜଗିରି ପର୍ବତ କବି ଲେଖନୀରେ ମଞ୍ଜୁଳ ହୋଇପାରିଛି । ଯଥା-

''ପ୍ରାଂଶୁ ଶାଳବୃକ୍ଷ ମାଳତୀଲତାର
ପ୍ରେମ ସମ୍ଭାଷଣ ଶୁଣିବ ନିକର ।

ରାଜଗିରି ଯହିଁ ବୌଦ୍ଧ ମୁନିଯୋଗୀ
କଳି ଆଗମନେ ସଂସାର ବିରାଗୀ ।

ହୋଇ ଗୁମ୍ଫାଗର୍ଭେ କରନ୍ତି ବସତି
ଯଜ୍ଞଧୂପ ତାଙ୍କ ନିରେଖିବ ନିତି ।

ଝମେ ଯା'ଝର ଝରଝରେ ଝରି
ତୃଷାର୍ତ୍ତ ଜନର ମନ ନିଏ ହରି ।

ମୃଗ ମୟୂରଙ୍କ ବିରାମରା ନାଟ
ଦୃଶ୍ୟ ଦେଖି ମନ ନ କର ଉଚ୍ଚାଟ ।'' (କବିଭୂଷଣ ଆନନ୍ଦଚନ୍ଦ୍ର ମିଶ୍ର)

ଏକଦା ରାଜଗିରି ପର୍ବତ ମୃଗ ଓ ମୟୂରଙ୍କର ନିତ୍ୟ ବିହାରସ୍ଥଳୀ ଥିଲା । ରାଜଗିରି ପର୍ବତର ଗୁମ୍ଫାରେ ମୁନିଋଷିମାନେ ଗୁପ୍ତଭାବରେ ଅବସ୍ଥାନ କରୁଥିବାର ପ୍ରବାଦ ଲୋକମୁଖରେ ଏବେ ବି ପ୍ରଚଳିତ ।

ରାଜଗିରି ପର୍ବତର ସନ୍ନିକଟ ଚକୁଳିଖାଇ ପର୍ବତ କାଳକାଳ ଧରି ଐତିହାସିକ ଜନଶ୍ରୁତି ବହନ କରିଆସିଛି । ଯମୁନାକିଆରୀ.ପର୍ବତର ଗୁମ୍ଫା, ଅନ୍ଧକାରମୟ ବିଶାଳଗର୍ତ୍ତ, ମୁନିମନ ହରଣ କରୁଥିବା ନିର୍ଜନତା ଏହାର ବିଶିଷ୍ଟ ଆକର୍ଷଣ । ଚକୁଳିଖାଇ ପର୍ବତର

Source: Author, Digitized by PPRACHIN, SOA

ଖଡ଼ିମୁଣ୍ଡିଆ ଖଡ଼ିପଥର ପାଇଁ ଜଣାଶୁଣା । ଘଣ୍ଟୁଳେଇ ପର୍ବତର ଶ୍ରୀ ଅବର୍ଣ୍ଣନୀୟ । ହାତୀମୁଣ୍ଡା ପର୍ବତଶ୍ରେଣୀ ପୂର୍ବ-ପଶ୍ଚିମକୁ ଲମ୍ବି ରହିଛି । ନୟାଗଡ଼ ଟାଉନ୍‌ଠାରୁ ଦଶପଲ୍ଲା ଅଭିମୁଖେ ଯାତ୍ରା କରିବା ସମୟରେ ନୂଆଗାଁଠାରେ ଦକ୍ଷିଣପାର୍ଶ୍ୱରେ ଏହି ପର୍ବତଶ୍ରେଣୀର ଦୃଶ୍ୟ ଉପଭୋଗ କରିହୁଏ । ଏହି ପର୍ବତଶ୍ରେଣୀକୁ ସଂଲଗ୍ନ ହୋଇ ପାଲବା ପର୍ବତ ଅବସ୍ଥିତ । କବିଙ୍କ ଲେଖନୀରେ ଏହି ପର୍ବତମାନଙ୍କର ବର୍ଣ୍ଣନା ନିମ୍ନୋକ୍ତ ଭାବରେ ପ୍ରତିପାଦିତ-

''ହାତୀମୁଣ୍ଡା କୃତି ହାତୀମୁଣ୍ଡା ଶୈଳ
ପଶ୍ଚିମେ ଟେକିଛି ତା' ବପୁ ବିଶାଳ ।

ଆବୋରି ବକ୍ଷରେ ବହୁ ଅଧିତ୍ୟକା
ପାଲବା ତା' ପଛେ ପାରିଅଛି ଚକା ।

କନ୍ଧ ସୀମନ୍ତିନୀ ଯହିଁ ଅଣ୍ଟାଭିଡ଼ି
ଧକ୍କାଦିଏ ବ୍ୟାଘ୍ର ପଡ଼େ ମୁହଁ ମାଡ଼ି ।''

(କବିଭୂଷଣ ଆନନ୍ଦଚନ୍ଦ୍ର ମିଶ୍ର)

ନୟାଗଡ଼ ରାଜ୍ୟର ମଧ୍ୟସ୍ଥଳରେ ସର୍ବୋଚ୍ଚ ପର୍ବତ ଶୁଳିଆ ଅନନ୍ତ ଆକାଶକୁ ଶୃଙ୍ଗଟେକି ବିଦ୍ୟମାନ । ଏହା ନୟାଗଡ଼ ଜିଲ୍ଲାର ଉଚ୍ଚତମ ପର୍ବତ । ଏହାର ଉଚ୍ଚତା ୨୨୦୦ ଫୁଟରୁ ଅଧିକ । ଏହି ପର୍ବତର ପ୍ରାକୃତିକ ଶୋଭା କବିଙ୍କ ବର୍ଣ୍ଣନାରେ ସରସ ଓ ହୃଦ୍ୟ ହୋଇପାରିଛି-

''ଦୂରେ ଶୂଳାକୃତି ଶୂଳିଆ ଶିଖରୀ
ଦ୍ରୁମ ଲତାଦିରେ ସୁନ୍ଦର ଯା' ଶିରୀ ।

ଅବାଚୀ ପ୍ରାଚୀର ରୂପେ ହୋଇ ଉଭା
ଚିତ୍ତ ହରେ ଯାର ପ୍ରାକୃତିକ ଶୋଭା ।

ଖଣିଜ ସମ୍ପଦେ ଗର୍ଭ ଯାର ପୂର୍ଣ୍ଣ
ବନସ୍ପତି ବର୍ଗେ ବିଗ୍ରହ ଆକୀର୍ଣ୍ଣ ।

କରି ଟେକିଅଛି ଟାଙ୍ଗର ମସ୍ତକ
ଧନୀଜ୍ଞାନୀ ଯେହ୍ନେ ସଂସାରେ ଖଲ୍ୟକ ।

ଶ୍ୟାମଳ ବନାନୀ ତା'ର କଟିଦେଶ
ଆବୋରିଛି ଗ୍ରୀଷ୍ମ ଶୀତ ବାର ମାସ ।''

(କବିଭୂଷଣ ଆନନ୍ଦଚନ୍ଦ୍ର ମିଶ୍ର)

Source: Author, Digitized by PPRACHIN, SOA

ପୁନଶ୍ଚ କବି ଲେଖିଛନ୍ତି-

"ବକ୍ଷୋପରି ଧୂମ କୁହେଳିକା ସରି
ମେଘ ଦିବା ନିଶି ରହଇ ଆବୋରି ।
ସୂର୍ଯ୍ୟ ରଶ୍ମି ଚନ୍ଦ୍ର ଜ୍ୟୋଛନା ଶିଖରେ
ବର୍ଷାମାସେ ଦିବ୍ୟ କାନ୍ତିରେ ବିହରେ ।
ରଜ-ତମ-ସତ୍ତ୍ୱ ତିନିଭାବ ସେବା
କରିଛନ୍ତି ତିନି ପ୍ରକାରରେ କିବା ?
କରୀରାଜ କିବା ପୂର୍ବମୁଖ ହୋଇ
ଶୋଇଲା ପରାଏ ତା' ଛବି ଦିଶଇ
ନିର୍ଜନ ଅରଣ୍ୟ ପାଷାଣ ଗଣ୍ଡରେ
ଗଜଯୂଥ ଗ୍ରୀଷ୍ମେ ଆନନ୍ଦେ ବିହରେ ।"(କବିଭୂଷଣ ଆନନ୍ଦଚନ୍ଦ୍ର ମିଶ୍ର)

ନୟାଗଡ଼ ରାଜ୍ୟର ଦକ୍ଷିଣ ପଶ୍ଚିମ ପାର୍ଶ୍ୱରେ ରଘୁନାଥ ପୀଠ ଓଡ଼ଗାଁ (ଓଡ଼ଗ୍ରାମ) ନିକଟରେ ଗୟଳସିଂହ ପର୍ବତ ବିଦ୍ୟମାନ । ଏହି ସୁଉଚ୍ଚ ପର୍ବତ ନୟାଗଡ଼ର ଦକ୍ଷିଣଭାଗରେ ଘୁମୁସର ଓ ନୟାଗଡ଼ର ସୀମା ପର୍ବତ ରୂପେ ପ୍ରଲମ୍ବିତ ହୋଇ ରହିଛି । ଏହି ପର୍ବତ ସମ୍ପର୍କରେ କବିଭୂଷଣ ଆନନ୍ଦଚନ୍ଦ୍ର ମିଶ୍ର ଲେଖିଛନ୍ତି-

''ଦକ୍ଷିଣେ ଗୟଳ ସିଂହ ପରବତ
ଉଭାଟେକି ତା'ର ବିଗ୍ରହ ଉନ୍ନତ ।''

ନୟାଗଡ଼ର ପୂର୍ବଭାଗରେ ଶୁକର ମଲ୍ଲ ପର୍ବତ ବିଦ୍ୟମାନ । ଏହି ପର୍ବତ ଅତୀତରେ ନୟାଗଡ଼ ରାଜ୍ୟ ଓ ରଣପୁର ରାଜ୍ୟ ଦ୍ୱୟ ମଧ୍ୟର ପ୍ରାଚୀର ରୂପେ ଭୂମିକା ନିର୍ବାହ କରିଥିଲା । ସୁତରାଂ ଏହି ପର୍ବତ ସମ୍ପର୍କରେ କବିଙ୍କର ବକ୍ତବ୍ୟ ହେଉଛି-

''ପୂରୁବେ ଶୁକରମଲ୍ଲ ମଲ୍ଲ ହୋଇ
ଶତ୍ରୁ ସୈନ୍ୟେ ଦେଶେ ନ ଦିଏ ପୂରାଇ ।''

ଏହି ପର୍ବତରୁ ଗୋଟିଏ ଝରଣା ଝରି ଆସୁଛି । ଶୁକର ମଲ୍ଲ ପର୍ବତର ପୃଷ୍ଠଦେଶରେ ରମଣୀୟ ପ୍ରାକୃତିକ ଦୃଶ୍ୟବିଭବ ମଧ୍ୟରେ ଝରଦେଈ ଠାକୁରାଣୀଙ୍କ ଆସ୍ଥାନ ରହିଛି । ପଞ୍ଚପାଣ୍ଡବ ଓ ରତ୍ନମାଳା ପର୍ବତ ନୟାଗଡ଼ର ପଶ୍ଚିମରେ ଉନ୍ନତ ବଦନରେ ଦଣ୍ଡାୟମାନ ।

ନୟାଗଡ଼ର ଚାହାଳୀ ଗ୍ରାମ ନିକଟରେ କାଞ୍ଚିଆ ପର୍ବତ ଅବସ୍ଥିତ । ଏହି ପର୍ବତ ଅସଂଖ୍ୟ କୀଚକକୁଞ୍ଜର ମଞ୍ଜୁଳ ସମାବେଶ ଦ୍ୱାରା ତପସ୍ୟାରତ ଜଟାମଣ୍ଡିତ ଯୋଗୀର

Source: Author, Digitized by PPRACHIN, SOA

ପ୍ରତୀତି ଜଗାଏ । ଏହି ପାହାଡ଼ଟି ଅତ୍ୟୁଚ୍ଚ ନ ହେଲେ ମଧ୍ୟ ଏହାର ସନ୍ନିକଟ ଗ୍ରାମବାସୀମାନଙ୍କୁ ଏହାର ଦାନ କହିଲେ ନ ସରେ । କବି ଆନନ୍ଦଚନ୍ଦ୍ର ମିଶ୍ର ଏହି ପାହାଡ଼ର ଦାନଶୀଳତା ସମ୍ପର୍କରେ ଗାଇଛନ୍ତି-

"ଅଦୂରେ ରହିଛି ପାହାଡ଼ କାଞ୍ଚିଆ
ରମ୍ୟବନେ ଶୋଭି ହୋଇଅଛି ଠିଆ ।

ଆକାରରେ ସାନ ହେଲେ ହେଁ ମହାନ
ବାରମାସ କରେ ଜନେ କେତେ ଦାନ ।"

(କବିଭୂଷଣ ଆନନ୍ଦଚନ୍ଦ୍ର ମିଶ୍ର)

ନୟାଗଡ଼ ଏକ ଐତିହାସିକ ଅଧ୍ୟୟନ :

୧୯୯୩ ମସିହା ଚୈତ୍ର ଶୁକ୍ଳ ଦଶମୀ ଅପ୍ରେଲ୍ ମାସ ଦୁଇ ତାରିଖରେ ନୟାଗଡ଼ ଜିଲ୍ଲାର ସୃଷ୍ଟିହେଲା । ଏହା ପୂର୍ବରୁ ନୟାଗଡ଼ ପୁରୀ ଜିଲ୍ଲାର ଏକ ଅନୁବିଭାଗ ଥିଲା । ୧୯୪୯ ମସିହାରେ ନୟାଗଡ଼ ଅନୁବିଭାଗର ଜନ୍ମ । ନୟାଗଡ଼, ଖଣ୍ଡପଡ଼ା, ରଣପୁର ଓ ଦଶପଲ୍ଲା ତହସିଲ୍‌କୁ ନେଇ ନୟାଗଡ଼ ଅନୁବିଭାଗ (ସବ୍ ଡିଭିଜନ୍) ସୃଷ୍ଟି ହୋଇଥିଲା । ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଏହି ଚାରିଗୋଟି ତହସିଲ ଗୋଟିଏ ଲେଖାଏଁ ଗଡ଼ଜାତ ଥିଲେ ।

ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା ଓ ରଣପୁର- ଏହି ଚାରିଗୋଟି ଗଡ଼ଜାତ ପରସ୍ପରର ନିକଟବର୍ତ୍ତୀ ଥିଲେ । ଏମାନେ କରଦରାଜ୍ୟ ଭାବରେ ପରିଚିତ ଥିଲେ । ଓଡ଼ିଶା ଇଂରେଜ ଶାସନାଧୀନ ହେବାପୂର୍ବରୁ ଏହି ଚାରିଗୋଟି ଗଡ଼ଜାତ ପୁରୀ ଗଜପତି ମହାରାଜାଙ୍କ ଅଧୀନରେ ରହିଥିଲା । ଆଲୋଚନାର ସୁବିଧା ଦୃଷ୍ଟିରୁ ନୟାଗଡ଼, ଖଣ୍ଡପଡ଼ା, ଦଶପଲ୍ଲା ଓ ରଣପୁର ଗଡ଼ଜାତ ଗୁଡ଼ିକୁ ସ୍ୱତନ୍ତ୍ର ଭାବରେ ବିଚାର କରାଯାଇଛି ।

ନୟାଗଡ଼ :

'ନୟାଗଡ଼' ଶବ୍ଦଟି 'ନୂଆଗଡ଼' ଶବ୍ଦରୁ ସୃଷ୍ଟି ହୋଇଛି । ନୂତନ ଭାବରେ ଏବଂ ନୂଆ ସ୍ଥାନରେ ଗଡ଼ ପ୍ରତିଷ୍ଠା ହୋଇଥିବାରୁ ଏହି ଗଡ଼କୁ 'ନୂଆଗଡ଼' ବୋଲି ନାମକରଣ କରାଯାଇଥିଲା । ସଂସ୍କୃତ 'ନବ' ଶବ୍ଦର ତଦ୍‌ଭବ ରୂପ ନୂଆ । 'ନୟା' ହେଉଛି ପାରସିକ ଶବ୍ଦ । ଏହା ସହିତ ସଂସ୍କୃତ 'ନବ' ଶବ୍ଦର ସମ୍ପର୍କ ରହିଛି । ଇଂରେଜମାନେ ଓଡ଼ିଶା ଅଧିକାର କରିବା ପୂର୍ବରୁ ପାରସିକ ଭାଷା ଶାସନକଳର ଭାଷା ଥିଲା । ସୁତରାଂ ଏହି ଭାଷାର ପ୍ରଭାବ ଯୋଗୁଁ 'ନୂଆଗଡ଼' ନୟାଗଡ଼ରେ ରୂପାନ୍ତରିତ ହୋଇଛି ।

Source: Author, Digitized by PPRACHIN, SOA

ଓଡ଼ିଶା ଗଡ଼ଜାତ ଅନ୍ତର୍ଗତ ଦେଶୀୟ ରାଜ୍ୟ (Princely States) ଗୁଡ଼ିକ ମଧ୍ୟରେ ନୟାଗଡ଼ ଅନ୍ୟତମ । ଏହି ରାଜ୍ୟର ଆୟତନ ୫୮୮ ବର୍ଗ ମାଇଲ୍ ଥିଲା । ନୟାଗଡ଼ ରାଜ୍ୟ ୧୯°.୫୩' ଓ ୨୦°.୨୦' ଉତ୍ତର ଅକ୍ଷାଂଶ ଏବଂ ୮୪°.୪୮' ଓ ୮୫°.୧୫' ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ ଥିଲା । ଏହି ରାଜ୍ୟର ପୂର୍ବରେ ରଣପୁର ଗଡ଼ଜାତ, ବାଙ୍କୀ ରାଜ୍ୟ, ପଶ୍ଚିମରେ ଦଶପଲ୍ଲା ଗଡ଼ଜାତ, ଉତ୍ତରରେ ଖଣ୍ଡପଡ଼ା ରାଜ୍ୟ ଏବଂ ଦକ୍ଷିଣରେ ଘୁମୁସର ଓ ଗଞ୍ଜାମ ଅବସ୍ଥିତ ।

ଏହି ରାଜ୍ୟର ଲୋକକଥିତ ନାମ ହେଉଛି 'ନୂଆଗଡ଼' । ତେବେ ନୟାଗଡ଼କୁ ମଧ୍ୟ ନବଦୁର୍ଗ କୁହାଯାଏ । ଏହି ନବ ଶବ୍ଦଟି ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । କାରଣ ନବଦୁର୍ଗ ହେଉଛି ନଅ ଗୋଟି ଦୁର୍ଗ ବା ଗଡ଼ର ସମାହାର । ଜଣାଯାଏ ଯେ, ରାଜ୍ୟର ସୁରକ୍ଷା ପାଇଁ ନଅ ଗୋଟି ସ୍ଥାନରେ ଦୁର୍ଗ ପ୍ରତିଷ୍ଠା କରାଯାଇଥିଲା । ପକ୍ଷାନ୍ତରେ, ନୂତନ ଭାବରେ ଏହି ଗଡ଼ ପ୍ରତିଷ୍ଠା ହୋଇଥିବାରୁ ଏହାର ନାମ ମଧ୍ୟ ନୟାଗଡ଼ ।

କବିଭୂଷଣ ଆନନ୍ଦ ଚନ୍ଦ୍ର ମିଶ୍ର 'ନବଦୁର୍ଗ ପରିଚୟ' କବିତାରେ ନୟାଗଡ଼ର ଭଗୋଳ, ଇତିହାସ, ସଂସ୍କୃତି ଓ ସାହିତ୍ୟିକ ପରମ୍ପରାକୁ ଉପସ୍ଥାପନ କରି ଯଶସ୍ୱୀ । କବି ଶ୍ରୀଯୁକ୍ତ ମିଶ୍ର ନୟାଗଡ଼କୁ ଚିହ୍ନିଛନ୍ତି ଓ ଚିହ୍ନାଇଛନ୍ତି । ସେ ଲେଖିଛନ୍ତି –

"ଏହି ନବଦୁର୍ଗ ନବଦୁର୍ଗ ସମାହାର
ଉତ୍କଳ କମଳା କଣ୍ଠେ ମଣିମୟହାର ।
ବୀରଭୂମି ଏହି ଦେଶ ସୌନ୍ଦର୍ଯ୍ୟର ଟୀକା
ଚାରୁ-ପ୍ରକୃତି-ପୁରୁଷ ବିଳାସ ପେଟିକା ।
ମହାନଦୀ ସହଚରୀ, ଡାକୁକା, କୁସୁମୀ ।
ଦୁଆଷ୍ଟ ଶୂଳିଆ, ନାଗଝରାଦି ଚୁସୁମୀ
ପଟୁଯୋଗେ ଏ ଦେଶକୁ କରନ୍ତି ଉର୍ବର
ନୁହେଁ କେବେ ଏହି ଦେଶ ଧନହୀନ ଛାର ।
ଉନ୍ନତ ମୁକୁଟ ପିନ୍ଧି ଏ ଗିରି ଶୂଳିଆ
ଉନ୍ନତ ଶରୀର ତା'ର ଧରିଛି ଶାଳୁଆ ।
ରାଜଗିରି ରାଜାସାଜି ବିରାଜେ ଉତ୍ତରେ ।
ଶୁକ୍ରମଲ୍ଲ ଦିଏ ଶଙ୍କା ବଇରି ଚିତ୍ତରେ ।
ରତ୍ନଗଭା ରତ୍ନମାଳା ଅବାଚୀ – ପଣତ
ସୀମା ସୈନ୍ୟରୂପେ ହୋଇଅଛି ପରିଣତ ।"

Source: Author, Digitized by PPRACHIN, SOA

ଏହାପରେ କବି ଆନନ୍ଦ ଚନ୍ଦ୍ର ମିଶ୍ର ନୟାଗଡ଼ର ପ୍ରସିଦ୍ଧ ଦେବତା ଶ୍ରୀ ରଘୁନାଥ ଏବଂ ଶ୍ରୀ ଲଡୁକେଶ୍ୱର ମହାଦେବଙ୍କୁ ସ୍ମରଣ କରିଛନ୍ତି । ତାଙ୍କ ଭାଷାରେ -

"ଏହି ଓଡ଼ଗ୍ରାମ ଯହିଁ ସ୍ୱୟଂ ରଘୁନାଥ
ଦରିଦ୍ର-ଦୁଃଖଭଞ୍ଜନ ଅନାଥର ନାଥ ।
ଅଯୋଧ୍ୟା କଟକ ଟେକ ଛାଡ଼ି ଅବହେଳେ
ମୁଗ୍ଧ ନବଦୁର୍ଗ-ରୂପେ ରହିଛନ୍ତି ଭୋଳେ ।
ଶରଣ ବତ୍ସଳ ଶିବ-ଶିବ ସୃଷ୍ଟି ପିତା
ଗଉରୀ ଗଉରୀ ଶୈଳ ମନେକରି ପିତା ।
ଶରଣକୁଳ ଭଣ୍ଡାର ଗିରିପଦେ ରାଜି
ସିଦ୍ଧିଦେଇ ବାହୁଡାଇ ଥାନ୍ତି ଭକ୍ତ ରାଜି ।
ବାମଶମ୍ଭୁ ଶତଦେବୀ ପଦରଜେ ପୂତ
ଏଇ ଦେଶମାଟି ପବିତ୍ରତା - ପରିପ୍ଳୁତ ।"

କବିଭୂଷଣ ଆନନ୍ଦ ଚନ୍ଦ୍ର ମିଶ୍ର ଏହାପରେ ନୟାଗଡ଼ର ପ୍ରସିଦ୍ଧ କବିବୃନ୍ଦଙ୍କୁ ସ୍ମରଣ କରିଛନ୍ତି । ସେ ଲେଖିଛନ୍ତି -

"ଏଇ ଇଟାମାଟି ଗ୍ରାମେ ଯଦୁମଣି ଜନ୍ମ
ଲଭି ଦେଖାଇଲେ ବୁଦ୍ଧି, ଚାତୁରୀ ବିକ୍ରମ ।
କବି ଇନ୍ଦ୍ର ଉପଇନ୍ଦ୍ର ରହି ଏହି ଦେଶେ
କବିସମ୍ରାଟ ଅମର ହୋଇଥିଲେ ଶେଷେ ।
କବିସୂର୍ଯ୍ୟ ବ୍ରହ୍ମା ଜନ୍ମି ଭିଖାରୀ ପଡ଼ାରେ
ସାମନ୍ତସିଂହାରେ ଶିଷ୍ୟ କରି ସାହିତ୍ୟରେ ।
ଅମର ଲେଖନୀ ବଳେ ହୋଇଲେ ଅମର
ସେ ସ୍ୱର୍ଗ ଦେବତା ପୂର୍ବ ପୁରୁଷ ଅମର
ଏଇ ସାବିଦେଈ ପୁରେ ଲୋକନାଥ ବ୍ରହ୍ମା
ସାହିତ୍ୟହର୍ମ୍ୟ ନିର୍ମାଣେ ଥିଲେ ବିଶ୍ୱକର୍ମା ।
ସୁନାନଟୀ ଗ୍ରାମେ ଜନ୍ମି ଶ୍ରୀପାଟସାହାଣୀ
ଛନ୍ଦ, ବନ୍ଧକଳା ଯୋଗେ ପୂଜିଥିଲେ ବାଣୀ ।"

ଏହାପରେ କବି ନୟାଗଡ଼ ରାଜବଂଶର ପ୍ରତିଷ୍ଠାତା ସୂର୍ଯ୍ୟମଣି ସିଂହ ଏବଂ ବଘେଲ ରାଜବଂଶର ଗୌରବକୁ ଉଲ୍ଲେଖ କରିଛନ୍ତି । ତାଙ୍କ ଭାଷାରେ -

Source: Author, Digitized by PPRACHIN, SOA

"ରେବା ରାଜବଂଶ - ଅବତଂସ ମୋତିବୀର
ସୂର୍ଯ୍ୟମଣି - ଚନ୍ଦ୍ରମଣି ପ୍ରଶାନ୍ତ ସୁଧୀର ।
ଖଡ୍‌ଗେ ସୁକ୍ଷଣେ ଶାର୍ଦ୍ଦୂଳ କରିବେନି ଖଣ୍ଡ
ସ୍ଥାପିଲେ ରଳବେ ବଂଶ ଉନ୍ନତ ପ୍ରଚଣ୍ଡ ।
ଗଜପତି ମାନରକ୍ଷା କରି ବୀର ପଣେ
ମାନଧାତା ପଦଲଭି ପାଳିଲେ ସୁକ୍ଷଣେ ।"

ନୟାଗଡ଼ ରାଜ୍ୟ ସ୍ଥାପିତ ହେବା ସମ୍ପର୍କରେ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ମତାମତ ବେଶ୍ ଗ୍ରହଣଯୋଗ୍ୟ । ପଣ୍ଡିତ ମିଶ୍ର ତାଙ୍କ ପ୍ରଣୀତ 'ଉତ୍କଳ ଇତିହାସ' ଗ୍ରନ୍ଥରେ ନୟାଗଡ଼ ରାଜ୍ୟ ସମ୍ପର୍କରେ କିଞ୍ଚିତ୍ ଆଲୋକପାତ କରିଛନ୍ତି । ସେ ନୟାଗଡ଼ ରାଜ୍ୟ ସ୍ଥାପିତ ହେବାର ସମୟ ଚତୁର୍ଦ୍ଦଶ ଶତାବ୍ଦୀ ବା କିଞ୍ଚିତ୍ ପୂର୍ବବର୍ତ୍ତୀ ବୋଲି ଅନୁମାନ କରିଛନ୍ତି । ସେ ଲେଖିଛନ୍ତି- 'ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀ ବା କିଞ୍ଚିତ୍ ପୂର୍ବରୁ ମଧ୍ୟ ଭାରତୀୟ ରେବା ରାଜବଂଶର ଜଣେ ରାଜପୁତ୍ର ମହାନଦୀବାଟେ ଜଗନ୍ନାଥ ଦର୍ଶନକୁ ଆସୁଥିଲେ । ନୂଆଗଡ଼ ରାଜ୍ୟ ସେତେବେଳକୁ ଭୟଙ୍କର ଜଙ୍ଗଲରେ ପୂର୍ଣ୍ଣଥିଲା । ଲୋକେ ବ୍ୟାଘ୍ର ଭୟରେ ବଡ଼ ଆକୁଳ ହେଉଥିଲେ । ନୂଆଗଡ଼ର ରଳବ ଗ୍ରାମଠାରୁ ଉକ୍ତ ରାଜପୁତ୍ର ବ୍ୟାଘ୍ରବଧ କଲେ । ଆଦିମ ଅଧିବାସୀମାନେ କୃତଜ୍ଞତା ସ୍ୱୀକାର କରି ସେମାନଙ୍କର ରାଜା ହେବାକୁ ତାଙ୍କୁ ଅନୁରୋଧ କଲେ । ଉକ୍ତ ରାଜପୁତ୍ର ନୂଆଗଡ଼ ରାଜ୍ୟରେ ରାଜା ହେଲେ । ନୂଆଗଡ଼ ରାଜାଙ୍କ ସଙ୍କେତ ବର୍ତ୍ତମାନ ମଧ୍ୟ ବ୍ୟାଘ୍ର ମସ୍ତକ ଅଛି ।'' ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ପ୍ରଣେତା ଗୋପାଳ ଚନ୍ଦ୍ର ପ୍ରହରାଜ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ମତକୁ ସ୍ୱୀକାର କରିଛନ୍ତି । 'ବିଶ୍ୱପରିଚୟ' ଗ୍ରନ୍ଥର ସଙ୍କଳକ ରାମକୃଷ୍ଣ ନନ୍ଦ ନୟାଗଡ଼ ରାଜ୍ୟ ସ୍ଥାପନ ସମ୍ପର୍କରେ ଲେଖିଛନ୍ତି " ୧୪ଶ ଶତାବ୍ଦୀରେ ରେବା ରାଜବଂଶର ଜଣେ ରାଜପୁତ୍ର ଜଗନ୍ନାଥ ଦର୍ଶନକୁ ଆସି ଏଠା ଲୋକମାନଙ୍କୁ ବ୍ୟାଘ୍ର ଭୟରୁ ରକ୍ଷାକରି ଥିବାରୁ ଲୋକମାନେ ତାଙ୍କୁ ରାଜା କଲେ । ବାଘମୁଣ୍ଡ ଏହି ରାଜବଂଶର ସଙ୍କେତ ।'' ଉପର୍ଯ୍ୟୁକ୍ତ ମତାମତରୁ ଜଣାଯାଏ ଯେ ଓଡ଼ିଶାରେ ଗଙ୍ଗବଂଶର ରାଜତ୍ୱର ଶେଷ ପର୍ଯ୍ୟାୟ ବେଳକୁ ନୟାଗଡ଼ ରାଜ୍ୟ ସ୍ଥାପିତ ହୋଇସାରିଲାଣି । ସୁତରାଂ ନୟାଗଡ଼ ରାଜ୍ୟ ସ୍ଥାପନର ସମୟ ତ୍ରୟୋଦଶ ଶତାବ୍ଦୀର ଉତ୍ତରାର୍ଦ୍ଧ ଓ ଚତୁର୍ଦ୍ଦଶ ଶତାବ୍ଦୀର ପୂର୍ବାର୍ଦ୍ଧ ବୋଲି ଗ୍ରହଣ କରାଯାଇପାରେ ।

'ପ୍ରାଚୀନ ଉତ୍କଳ' ପୁସ୍ତକରେ ଜଗବନ୍ଧୁ ସିଂହ ଲେଖିଛନ୍ତି, ''ମଧ୍ୟପ୍ରଦେଶର ରେବା ଜିଲ୍ଲାର ସୂର୍ଯ୍ୟମଣି ସିଂହ ଏ ରାଜ୍ୟ ସ୍ଥାପନ କରିଥିଲେ ଏବଂ ସେ ଗୋଟିଏ ମାଳୀର କନ୍ୟାକୁ ବିବାହ କରିଥିଲେ । ସେ ମାଳୀ ଗ୍ରାମଦେବୀଙ୍କ ସେବକ ଥିଲା ଏବଂ ବଗିଚା କାମ କରୁଥିଲା । ସେ ସ୍ତ୍ରୀ ମରିଯିବାରୁ ସେ କ୍ଷତ୍ରିୟ ସ୍ତ୍ରୀ ବିବାହ କଲେ ଏବଂ ସେମାନଙ୍କ

Source: Author, Digitized by PPRACHIN, SOA

ବଂଶଧରମାନେ ବର୍ତ୍ତମାନ ରାଜତ୍ୱ କରୁଛନ୍ତି ।'' ନୟାଗଡ଼ ରାଜ୍ୟ ସ୍ଥାପନ ସମ୍ପର୍କରେ ବିଜୟକୁମାର ବେବର୍ତ୍ତା ପଟ୍ଟନାୟକ ମତ ଦିଅନ୍ତି, ''ତ୍ରୟୋଦଶ ଶତାବ୍ଦୀର ମଧ୍ୟଭାଗରେ ରେୱା ବା ରିମାରାଜ୍ୟର ବଘେଲ ବଂଶ ଜାତ ଦୁଇଜଣ ରାଜପୁତ୍ର ସୂର୍ଯ୍ୟମଣି ସିଂହ ଓ ଚନ୍ଦ୍ରମଣି ସିଂହ ବୈମାତୃକମାନଙ୍କ ସହିତ ରାଜ୍ୟପ୍ରାପ୍ତିର କଳହ ଯୋଗୁଁ ବିତାଡ଼ିତ ହୋଇ ଦକ୍ଷିଣପୂର୍ବ ଦିଗକୁ ଚାଲି ଆସିଲେ । ସେମାନେ କାଳକ୍ରମେ ବୌଦ୍ଧ ରାଜ୍ୟ ପାର ହୋଇ ନୟାଗଡ଼ର କୁରୁଡ଼ା ଓ ବେତନଟୀମାଳ ସଂଲଗ୍ନ ଗୁନାମାଟିଠାରେ ଆସି ରହିଲେ । ସେତେବେଳକୁ ଏହି ଅଞ୍ଚଳର ପଶ୍ଚିମରେ ବୌଦ୍ଧରାଜ୍ୟ, ପୂର୍ବରେ ଖୋରଧାରାଜ୍ୟ, ଉତ୍ତରରେ ବାଙ୍କୀ ରାଜ୍ୟ ଓ ଦକ୍ଷିଣରେ ଘୁମୁସର ରାଜ୍ୟ ଥିଲା । ତେଣୁ ରାଜପୁତ୍ର ଦ୍ୱୟ ଏ ଅଞ୍ଚଳରେ ଥିବା ଆଦିମ ଅଧିବାସୀଙ୍କ ଉପରେ ନିଜର କର୍ତ୍ତୃତ୍ୱ ବିସ୍ତାର କରି ଏ ଅଞ୍ଚଳକୁ ନିଜର ଆୟତ୍ତାଧୀନ କରିପାରିଥିଲେ । ସେମାନେ କୁରୁଡ଼ା ଜିଲ୍ଲାର ଗଡ଼ତିଆକୁ ମାରି ସେ ଅଞ୍ଚଳରେ ନିଜକୁ ପ୍ରତିଷ୍ଠା କରାଇଲେ ଓ ଆସ୍ତେ ଆସ୍ତେ ରାଜ୍ୟବିସ୍ତାର କରିବାକୁ ଲାଗିଲେ । ସେମାନେ ଗୋଡିପଲ୍ଲୀ ଓ ହରିପୁର ଅଞ୍ଚଳକୁ ପ୍ରଥମେ ଅଧିକାର କଲେ । ହରିପୁରଠାରୁ ସାନଭାଇ ଚନ୍ଦ୍ରମଣି ସିଂହ ଯାଇ ଗଞ୍ଜାମର ଆଠଗଡ଼ ରାଜ୍ୟ ସ୍ଥାପନ କଲେ ଓ ସୂର୍ଯ୍ୟମଣି ସିଂହ ରଣବରେ ନିଜର ବିଚକ୍ଷଣ ଯୋଦ୍ଧାର ପରିଚୟ ଦେଇ ସେଠାରେ ଗଡ଼ ତିଆରି କରି ରହିଲେ ।''

ନୟାଗଡ଼ ରାଜ୍ୟ ସ୍ଥାପନ ସମ୍ପର୍କରେ L.E.B. Cobden Ramsay, I.C.S ପଣ୍ଡିତ କୃପାସିନ୍ଧୁ ମିଶ୍ର ଓ ଜଗବନ୍ଧୁ ସିଂହଙ୍କ ମତ ଗ୍ରହଣ କଲାପରି ମନେ ହୁଅନ୍ତି । ସେ ତାଙ୍କର 'Feudatory states of Orissa, (1950), Page-262-263 ରେ ଲେଖିଛନ୍ତି-

"According to tradition the founder of the family was one Suryamani Singh from Rewah in the central provinces. He established a garh (Fort) at a place called Gunamati in Nayagarh. He was elected by the people of the country as their Chief and received from them in marriage a daughter of the Mali, i.e. a gardner who was the priest of the village goddess. On her death he married again a Kshatriya bride whose descendants have since held the gadi of the two states of Nayagarh and Khandapara - xxx The emblem of the state is a tiger's head."

Source: Author, Digitized by PPRACHIN, SOA

ପଠାଣି ସାମନ୍ତଙ୍କ ଜ୍ୟେଷ୍ଠପୁତ୍ର ପୀତବାସ ସିଂହସାମନ୍ତ ତାଙ୍କର 'କୃଷ୍ଣଲୀଳା କଳ୍ପଲତା' କାବ୍ୟରେ ନୟାଗଡ଼ ସ୍ଥାପନ ସମ୍ପର୍କରେ ଏକ କାବ୍ୟିକ ତଥ୍ୟ ପ୍ରଦାନ କରିଛନ୍ତି-

"ଅନଘ ବଘେଲ କୁଳେ ବେନିବୀର ଉପୁଜିଲେ
ସୂର୍ଯ୍ୟମଣି ଚନ୍ଦ୍ରମଣି ସିଂହ ସେହି ଦୁର୍ଗ ଦରୀ ଆଚରିଲେ ।

ଚଣ୍ଡିକା ଚିତ୍ତ ତୋଷିଲେ ରାଜଆସନେ ବସିଲେ
ପ୍ରଖର ଖଡ଼୍‌ଗ ନଖର ଆଘାତେ ବଇରି ବ୍ୟାଘ୍ର ନାଶିଲେ ।

ରକତେ ପୂରିଲା ଧରା ସରାଗ ହୋଇଲା ପରା

ସାନଗଲେ ଅଷ୍ଟଦୁର୍ଗ ଆନକଲେ ନବଦୁର୍ଗ
ଗିରିପାଚେରୀ ଘେରିବାକୁ ଅରିରେ ଅତି ଦୁର୍ଗମ ଯା' ମାର୍ଗ ।"

ନୟାଗଡ଼ ରାଜ୍ୟ ସ୍ଥାପନ ସମ୍ପର୍କରେ ପ୍ରଚଳିତ ମତବାଦ

ନୟାଗଡ଼ ରାଜ୍ୟ ସ୍ଥାପନ ସମ୍ପର୍କରେ କୌଣସି ପ୍ରାମାଣିକ ତଥ୍ୟ ମିଳେ ନାହିଁ । ପରମ୍ପରା କହେ ଯେ ମଧ୍ୟ ପ୍ରଦେଶର ରେବା ଅଞ୍ଚଳର ଦୁଇ କ୍ଷତ୍ରିୟ ରାଜପୁତ ସୂର୍ଯ୍ୟମଣି ସିଂହ ଓ ଚନ୍ଦ୍ରମଣି ସିଂହ ପୁରୁଷୋତ୍ତମ ନୀଳାଚଳ ବିହାରୀ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଶ୍ରୀକ୍ଷେତ୍ର ପୁରୀକୁ ଆସିଥିଲେ । ପ୍ରତ୍ୟାଗମନ ସମୟରେ ରାତ୍ରିଯାପନ ନିମନ୍ତେ ସେମାନେ ଘଞ୍ଚ ଅରଣ୍ୟାନୀ ପରିବେଷ୍ଟିତ ବେତନଟୀମାଳର ଗୁନାମାଟି ଗ୍ରାମରେ ଆଶ୍ରୟ ନେଉଥିଲେ । ଗୁନାମାଟି ଅଞ୍ଚଳରେ ମହାବଳ ବ୍ୟାଘ୍ରର ଉପଦ୍ରବ ଜନମାନସରେ ପ୍ରବଳ ଭୀତି ସଞ୍ଚାର କରିଥିଲା । ଗ୍ରାମବାସୀଙ୍କ ଅନୁରୋଧକ୍ରମେ ପରାକ୍ରମଶାଳୀ କ୍ଷତ୍ରିୟ ବଂଶଜ ଭାତୃଦ୍ୱୟ ଅନାୟାସରେ ବ୍ୟାଘ୍ରର ଗ୍ରୀବାଦେଶକୁ ଖଡ଼୍‌ଗଦ୍ୱାରା ଛେଦନ କଲେ । ବ୍ୟାଘ୍ରର ନିଧନ, ଜନମାନସରେ ଆନନ୍ଦର କଲ୍ଲୋଳ ଛୁଟାଇଦେଲା । ଗ୍ରାମବାସୀମାନେ ଅଗ୍ରଜ ସୂର୍ଯ୍ୟମଣି ସିଂହଙ୍କୁ ସେଠାରେ ରାଜାହେବାପାଇଁ ଅନୁରୋଧ କଲେ । ସୂର୍ଯ୍ୟମଣିସିଂହ ଗୁନାମାଟିଠାରେ ତାଙ୍କର ଗଡ଼ ପ୍ରତିଷ୍ଠା କଲେ ।

ସୁତରାଂ ନୟାଗଡ଼ ରାଜବଂଶର ପ୍ରତିଷ୍ଠାତା ରୂପେ ରାଜା ସୂର୍ଯ୍ୟମଣି ସିଂହ ସ୍ମରଣୀୟ । ଆଜକୁ ପ୍ରାୟ ୭୫୦ ବର୍ଷ ତଳେ ନୟାଗଡ଼ ରାଜ୍ୟ ସ୍ଥାପିତ ହେଲା ଓ ସୂର୍ଯ୍ୟମଣି ସିଂହ ନୟାଗଡ଼ରେ ରାଜତ୍ୱର ଅୟମାରମ୍ଭ କରିଥିଲେ । ସୂର୍ଯ୍ୟମଣି ସିଂହ ଥିଲେ ବଘେଲ ବଂଶୀୟ କ୍ଷତ୍ରିୟ । ତେଣୁ ତାଙ୍କ ପ୍ରତିଷ୍ଠିତ ବଂଶକୁ ବଘେଲ ବଂଶ କୁହାଯାଏ । ସୂର୍ଯ୍ୟମଣି ସିଂହ ଗୁନାମାଟିଠାରେ ତାଙ୍କର ରାଜଧାନୀ ପ୍ରତିଷ୍ଠା କଲେ । ଏହାପରେ ସେ ରଳବକୁ ରାଜଧାନୀ ପରିବର୍ତ୍ତନ କରିଥିଲେ । ଏହି ବଂଶର ଚତୁର୍ଥରାଜା ନୟାଗଡ଼ଠାରେ ଡ଼ମଗଡ଼ତିଆକୁ ଯୁଦ୍ଧରେ ପରାସ୍ତ କରି ଏଠାରେ ସ୍ଥାୟୀ ରାଜଧାନୀ ନିର୍ମାଣ କଲେ ।

Source: Author, Digitized by PPRACHIN, SOA

ନୂଆଗଡ଼ (ନୟାଗଡ଼) ରାଜ୍ୟକୁ ବାଘୁଆ ନୂଆଗଡ଼ କୁହାଯାଏ । ବାଘୁଆ ନୂଆଗଡ଼ ସମ୍ପର୍କରେ ଏବେ ମଧ୍ୟ ଗୋଟିଏ ପହଳି ଲୋକମୁଖରେ ପ୍ରଚଳିତ -

"ବାଘୁଆ ନୂଆଗଡ଼କୁ ଖଣ୍ଡିଆ ଖଣ୍ଡପଡ଼ା
ଦୁଇରାଜ୍ୟ ଏକ କିନ୍ତୁ ଦୁହେଁ ଦୁହିଁଙ୍କୁ ବଡ଼ା ।"

ଏହାବ୍ୟତୀତ ନୟାଗଡ଼ରେ ବାର ଗାଁ, ତେର ଗାଡ଼ିଆ ରହିଛି । ଏହାକୁ ଆଧାର କରି ଏକ ଲୋକୋକ୍ତି ରହିଛି -

"ବାରଗାଁ ତେରଗାଡ଼ିଆ
ଯିଏ କହିବ ସେ ନୂଆଗଡ଼ିଆ
ପଚାରିଲା ଦିନେ ଘୁମୁସରିଆ
କହିବୁରେ ଭାଇ ନୂଆଗଡ଼ିଆ ।"

ଉଲ୍ଲେଖଯୋଗ୍ୟ ନୟାଗଡ଼ରେ ଗାଁ ଶୀର୍ଷକରେ ବାରଟି ଗାଁ ରହିଛି, ଯଥା- ଗୋଲଗାଁ, ଖଣ୍ଡୁଗାଁ, ନୂଆଗାଁ, ବାଲୁଗାଁ, ଓଡ଼ଗାଁ, ଦେଓଗାଁ, ନାଟୁଗାଁ ବରଗାଁ, ନୋଟରଗାଁ, କୋଶଳାଙ୍ଗ (କୋଶଳ ଗାଁ), ପୋକସୁଙ୍ଗା, ପଡ଼ିଆଭଙ୍ଗା ।

ସେହିପରି ନୟାଗଡ଼ରେ ଗାଡ଼ିଆ ଶିରୋନାମାରେ ତେରଗୋଟି ଗାଁ ରହିଛି, ଯଥା- ମୁଥାଗାଡ଼ିଆ, ଶୁକଳଗାଡ଼ିଆ, ବାଉଁଶଗାଡ଼ିଆ, .ତୋଡ଼ିଗାଡ଼ିଆ, ରବିଗାଡ଼ିଆ, ବେଣାଗାଡ଼ିଆ, ବିଟଳଗାଡ଼ିଆ, କୁସୁମଗାଡ଼ିଆ, କଇଁଥଗାଡ଼ିଆ, ଘୋଡ଼ାଗାଡ଼ିଆ, ମଦନଗାଡ଼ିଆ, ମାଟିଗାଡ଼ିଆ, ରାଣିଗାଡ଼ିଆ ।

ନୟାଗଡ଼ ରାଜବଂଶର ଇଷ୍ଟଦେବୀ :

ନୟାଗଡ଼ ରାଜନ୍ୟବର୍ଗ ଶକ୍ତି ଉପାସକ ଥିଲେ । ବାଉରୀ ଠାକୁରାଣୀ ସେମାନଙ୍କର ଉପାସ୍ୟ ଦେବୀ । ବିଭିନ୍ନ ରାଜାମାନଙ୍କ ସମୟରେ ଏହି ଅଞ୍ଚଳରେ ଶିବମନ୍ଦିର, ବିଷ୍ଣୁ ମନ୍ଦିର ପ୍ରତିଷ୍ଠା କରାଯାଇଛି । ମାତ୍ର ବାଉରୀ ଠାକୁରାଣୀଙ୍କ ପୂଜାର୍ଚ୍ଚନା, ସେବାବିଧି ସେମାନେ ନିୟମିତ ଭାବରେ କରି ଆସୁଛନ୍ତି । ତେବେ ପୁରୁଣା ରାଜବାଟୀ ନିକଟରେ ବିରାଜିତା ରୂପା ଦୁର୍ଗାଙ୍କୁ ମଧ୍ୟ ସେମାନେ ପୂଜାର୍ଚ୍ଚନା କରି ଆସୁଛନ୍ତି ।

ନୟାଗଡ଼ ରାଜବଂଶର ସଂକେତ :

ବ୍ୟାଘ୍ର ମୁଣ୍ଡ ହେଉଛି ନୟାଗଡ଼ ରାଜବଂଶର ସଙ୍କେତ । ଏହି ରାଜକୀୟ ସଂକେତଟି ନୟାଗଡ଼ରୁ ପ୍ରକାଶ ପାଉଥିବା ଗେଜେଟ୍‌ରେ ମଧ୍ୟ ସ୍ଥାନ ପାଇଥିଲା । ତେବେ ଘଟଣାଟି ହେଉଛି ସୂର୍ଯ୍ୟମଣି ସିଂହ ଗୁନାମାଟି ଅଞ୍ଚଳରେ ବ୍ୟାଘ୍ରକୁ ବଧକରି ଗଡ଼ ପ୍ରତିଷ୍ଠା କରିଥିଲେ । ସୁତରାଂ ବ୍ୟାଘ୍ରଠାରୁ ପରାକ୍ରମଶାଳୀ ହୋଇଥିବାରୁ ବ୍ୟାଘ୍ର ମୁଣ୍ଡକୁ ସଙ୍କେତ ରୂପେ ଗ୍ରହଣ

Source: Author, Digitized by PPRACHIN, SOA

କରିବା ନବଦୁର୍ଗ ରାଜନ୍ୟବର୍ଗଙ୍କର ଏକ କାରଣ ହୋଇପାରେ । କେହି କେହି ମତ ପ୍ରଦାନ କରନ୍ତି ଯେ, ଏହି ବ୍ୟାଘ୍ର ମୁଣ୍ଡ ହେଉଛି ବାଉରୀ ଠାକୁରାଣୀଙ୍କ ବାହାନର ମସ୍ତକ ।

ନୟାଗଡ଼ ରାଜବଂଶ :

ନୟାଗଡ଼ ରାଜବଂଶାବଳୀରୁ ୨୮ ଜଣ ରାଜାଙ୍କର ସୂଚନା ମିଳିଥାଏ । ଏହି ରାଜବଂଶର ତ୍ରୟୋଦଶ ପୁରୁଷ ପର୍ଯ୍ୟନ୍ତ ପ୍ରତ୍ୟେକ ରାଜା ପୈତୃକ ସିଂହ ଉପାଧି ଧାରଣ କରିଥିଲେ । ଚତୁର୍ଦ୍ଦଶ ରାଜା ଗୋକୁଳ ସିଂହ ପୁରୀ ଗଜପତିଙ୍କର ମାନରକ୍ଷା କରିଥିବାରୁ ସେ ତାଙ୍କୁ 'ମାନଧାତା' ଉପାଧି ପ୍ରଦାନ କରିଥିଲେ । ସେହିଦିନ ଠାରୁ ନୟାଗଡ଼ ରାଜନ୍ୟବର୍ଗ 'ମାନଧାତା' ଉପାଧିକୁ ଧାରଣ କରି ଆସୁଛନ୍ତି । ତେଣୁ ତାଙ୍କ ପରବର୍ତ୍ତୀ ରାଜାମାନେ ଏହି 'ମାନଧାତା' ଉପାଧିରେ ଭୂଷିତ ହୋଇଥିଲେ । ନୟାଗଡ଼ ରାଜବଂଶର ତ୍ରୟୋବିଂଶ ରାଜପୁରୁଷ ହେଉଛନ୍ତି ସୂର୍ଯ୍ୟମଣି ସିଂହଙ୍କର ବଂଶଲତାର ଶେଷ ଦାୟାଦ । ଏହାପରେ ତାଙ୍କର ରକ୍ତଗତ ସମ୍ପର୍କୀୟ ରାଜସିଂହାସନ ଆରୋହଣ କରିଥିଲେ । ଓଡ଼ିଶାର ବିଭିନ୍ନ ରାଜବଂଶ ମଧ୍ୟରେ ନୟାଗଡ଼ ରାଜବଂଶର ପ୍ରସିଦ୍ଧି ରହିଛି ।

କଳା, ସାହିତ୍ୟ, ସଂସ୍କୃତି, ରାଜ୍ୟଜୟ ଓ ଶାସନକ୍ଷେତ୍ରରେ ଏହି ରାଜନ୍ୟବର୍ଗ ମହନୀୟ ପଦାଙ୍କ ଅଙ୍କନ କରିଛନ୍ତି ।

ନୟାଗଡ଼ ରାଜ୍ୟର ରାଜାମାନଙ୍କର ନାମ ଏଠାରେ ପ୍ରଦାନ କରାଗଲା ।

୧. ସୂର୍ଯ୍ୟମଣି ସିଂହ
୨. ଗୋବିନ୍ଦ ସିଂହ
୩. ଢୁଙ୍କା ସିଂହ/ଧେନୁକ ସିଂହ
୪. ସିଂହଳ ସିଂହ
୫. ହରିହର ସିଂହ
୬. ଭଦ୍ର ସିଂହ
୭. ଗନ୍ଧ ସିଂହ
୮. ଘନଶ୍ୟାମ ସିଂହ
୯. ବାଘା ସିଂହ
୧୦. କୁତବନ ସିଂହ
୧୧. ଟାଙ୍କୁଳ ସିଂହ
୧୨. ରଘୁନାଥ ସିଂହ

Source: Author, Digitized by PPRACHIN, SOA

୧୩. ହରିହର ସିଂହ
୧୪. ଗୋକୁଳ ସିଂହ ମାନଧାତା
୧୫. ଗଦାଧର ସିଂହ ମାନଧାତା
୧୬. ରାମଚନ୍ଦ୍ର ସିଂହ ମାନଧାତା
୧୭. ଚନ୍ଦ୍ରଶେଖର ସିଂହ ମାନଧାତା
୧୮. ପୁରୁଷୋତ୍ତମ ସିଂହ ମାନଧାତା
୧୯. ମୃତ୍ୟୁଞ୍ଜୟ ସିଂହ ମାନଧାତା
୨୦. ବିନାୟକ ସିଂହ ମାନଧାତା (୧୭୭୮ - ୧୮୦୮)
୨୧. ବ୍ରଜ ବଲ୍ଲଭ ସିଂହ ମାନଧାତା (୧୮୦୮ - ୧୮୫୧)
୨୨. ଲକ୍ଷ୍ମୀକେଶ୍ୱର ସିଂହ ମାନଧାତା (୧୮୫୧ - ୧୮୮୯)
୨୩. ବଳଭଦ୍ର ସିଂହ ମାନଧାତା (୧୮୮୯ - ୧୮୯୦)
୨୪. ରଘୁନାଥ ସିଂହ ମାନଧାତା (୧୮୯୦ - ୧୮୯୭)
୨୫. ନାରାୟଣ ସିଂହ ମାନଧାତା (୧୮୯୭ - ୧୯୧୮)
୨୬. କୃଷ୍ଣଚନ୍ଦ୍ର ସିଂହ ମାନଧାତା (୧୯୧୮ - ୧୯୮୩)
୨୭. ବ୍ରଜେନ୍ଦ୍ର କିଶୋର ସିଂହ ମାନଧାତା (୧୯୮୩ - ୨୦୧୨)
୨୮. ଗଜେନ୍ଦ୍ରସିଂହ ମାନଧାତା (୨୦୧୨ - ଏପର୍ଯ୍ୟନ୍ତ)

ଦଶପଲ୍ଲା :

ଓଡ଼ିଶାର ଗଡ଼ଜାତମାନଙ୍କ ମଧ୍ୟରେ ଦଶପଲ୍ଲା ଅନ୍ୟତମ । ଏହା ୨୦°.୧୧' ଓ ୨୦°.୩୫' ଉତ୍ତର ଅକ୍ଷାଂଶ ଏବଂ ୮୪°.୨୯' ଓ ୮୫°.୭' ପୂର୍ବ ଦ୍ରାଘିମା ମଧ୍ୟରେ ଅବସ୍ଥିତ । ଦଶପଲ୍ଲା ରାଜ୍ୟର କ୍ଷେତ୍ରଫଳ ୫୬୮ ବର୍ଗମାଇଲ । ଏହି ରାଜ୍ୟର ଉତ୍ତରରେ ଅନୁଗୁଳ ଓ ନରସିଂହପୁର ଅବସ୍ଥିତ ଏବଂ ଦକ୍ଷିଣରେ ଘୁମୁସର ଅବସ୍ଥିତ । ଏହାର ପୂର୍ବରେ ଖଣ୍ଡପଡ଼ା ଓ ନୟାଗଡ଼ ରାଜ୍ୟ ଏବଂ ପଶ୍ଚିମରେ ବୌଦ୍ଧ ଅବସ୍ଥିତ ।

ଦଶପଲ୍ଲା ରାଜ୍ୟ ସ୍ଥାପନ ପୂର୍ବରୁ ଏହି ଅଞ୍ଚଳ ବୌଦ୍ଧରାଜ୍ୟ ଅନ୍ତର୍ଗତ ଥିଲା । ୧୪୯୫ ଖ୍ରୀଷ୍ଟାବ୍ଦରେ ବୌଦ୍ଧରାଜା ବୀରଭଞ୍ଜଙ୍କ ଭ୍ରାତା ଶାଳଭଞ୍ଜ ଭାତୃବିବାଦ ଘଟାଇ ପୁରୀ ଜଗନ୍ନାଥ ଦର୍ଶନକୁ ଯାଇଥିଲେ । ତାଙ୍କ ଫେରିବା ସମୟରେ ନୟାଗଡ଼ର ତତ୍କାଳୀନ ରାଜା ତାଙ୍କୁ ସମବେଦନା ପ୍ରକାଶ କରି ବଡ଼ମୂଳଠାରେ ଆଶ୍ରମ ଦେଲେ । ନୟାଗଡ଼ ରାଜା ଶାଳଭଞ୍ଜଙ୍କୁ ତାଙ୍କ ରାଜ୍ୟର କୋରଡ଼ା ଅଞ୍ଚଳ ପ୍ରଦାନ କରିଥିଲେ । ଖଣ୍ଡପଡ଼ା ରାଜା ମଧ୍ୟ ତାଙ୍କୁ ସାହାଯ୍ୟ କରିଥିଲେ । ଶାଳଭଞ୍ଜ ତିନିବର୍ଷ ମଧ୍ୟରେ ଦଶଜଣ କନ୍ଧମୁଖ୍ୟଙ୍କୁ

Source: Author, Digitized by PPRACHIN, SOA

ପରାସ୍ତ କରିଥିଲେ ଓ ସେଠାରେ ନିଜକୁ ପ୍ରତିଷ୍ଠିତ କଲେ । ଦଶଗୋଟି କନ୍ଧପଲ୍ଲୀକୁ ନେଇ ଏକ ନୂତନ ରାଜ୍ୟ ପ୍ରତିଷ୍ଠା କରିଥିବାରୁ ଏହି ରାଜ୍ୟ ଦଶପଲ୍ଲା ନାମରେ ଅଭିହିତ ହେଲା । କ୍ରମେ ଦଶପଲ୍ଲା ରାଜ୍ୟର ସୀମା ବଢ଼ିବାରୁ ନୟାଗଡ଼ ରାଜା ତାଙ୍କ ପ୍ରଦତ୍ତ କୋରଡ଼ା ଅଞ୍ଚଳକୁ ଫେରାଇ ଆଣିଥିଲେ ।

ରାଜକୀୟ ପରମ୍ପରା :

ଦଶପଲ୍ଲା ରାଜ୍ୟରେ ସତର ଜଣ ରାଜା ରାଜତ୍ୱ କରିଛନ୍ତି । ଦଶପଲ୍ଲା ରାଜବଂଶ ଭଞ୍ଜ ବଂଶୀୟ କ୍ଷତ୍ରିୟ । ମୟୂର ହେଉଛି ଦଶପଲ୍ଲା ରାଜବଂଶର ସଙ୍କେତ । ଦଶପଲ୍ଲା ରାଜଗାଦିରେ ବସିଥିବା ସତରଜଣ ରାଜାଙ୍କର ନାମ ଓ କାଳ ପ୍ରଦାନ କରାଗଲା ।

୧. ଶାଳ ଭଞ୍ଜ	(୧୪୯୫-୧୪୯୮)
୨. ନାରଣ ଭଞ୍ଜ	(୧୪୯୮-୧୫୩୦)
୩. ପ୍ରତାପ ଭଞ୍ଜ	(୧୫୩୦-୧୫୫୨)
୪. ଗୋକୁଳ ଭଞ୍ଜ	(୧୫୫୨-୧୫୬୨)
୫. ପରମାନନ୍ଦ ଭଞ୍ଜ	(୧୫୬୪-୧୫୯୮)
୬. କୃଷ୍ଣଭଞ୍ଜ	(୧୫୯୮-୧୬୫୩)
୭. ଚକ୍ରଧର ଭଞ୍ଜ	(୧୬୫୩-୧୭୦୧)
୮ ପଦ୍ମନାଭ ଭଞ୍ଜ	(୧୭୦୧-୧୭୫୩)
୯. ତ୍ରିଲୋଚନ ଭଞ୍ଜ	(୧୭୫୩-୧୭୭୫)
୧୦. ମୁକୁନ୍ଦ ଭଞ୍ଜ	(୧୭୭୫-୧୭୯୫)
୧୧. ଗୌରଭଞ୍ଜ	(୧୭୯୫-୧୮୦୫)
୧୨. କୃଷ୍ଣଚନ୍ଦ୍ର ଦେଓଭଞ୍ଜ	(୧୮୦୫-୧୮୪୫)
୧୩. ମଧୁସୂଦନ ଦେଓଭଞ୍ଜ	(୧୮୪୫-୧୮୬୧)
୧୪. ନରସିଂହ ଦେଓଭଞ୍ଜ	(୧୮୬୧-୧୮୭୩)
୧୫. ଚୈତନ୍ୟ ଦେଓଭଞ୍ଜ	(୧୮୭୩-୧୮୯୭)
୧୬. ନାରାୟଣ ଦେଓ ଭଞ୍ଜ	(୧୮୯୭-୧୯୧୩)
୧୭. କିଶୋର ଚନ୍ଦ୍ର ଦେଓଭଞ୍ଜ	(୧୯୩୦-୧୯୫୯)
୧୮ ପୂର୍ଣ୍ଣଚନ୍ଦ୍ର ଦେଓଭଞ୍ଜ	(୧୯୫୯-୨୦୧୩)
୧୯. ଦିଗବିଜୟୀଚନ୍ଦ୍ର ଦେଓଭଞ୍ଜ	(୨୦୧୩ ରୁ ଅବଧି)

Source: Author, Digitized by PPRACHIN, SOA

ଦଶପଲ୍ଲା ରାଜବଂଶର ସଂକେତ :

ଦଶପଲ୍ଲା ରାଜବଂଶ ଭଞ୍ଜବଂଶ କ୍ଷତ୍ରିୟ । ମୟୂର ହେଉଛି ଦଶପଲ୍ଲା ରାଜବଂଶର ସଙ୍କେତ ।

ରଣପୁର :

ଓଡ଼ିଶାର ଗଡ଼ଜାତ ମାନଙ୍କ ମଧ୍ୟରେ ରଣପୁର ପ୍ରାଚୀନତମ । ଏହି ରାଜ୍ୟ ୧୯°.୫୦' ରୁ ୨୦°.୧୮' ଉତ୍ତର ଅକ୍ଷାଂଶ ମଧରେ ଏବଂ ୮୫°.୧୦' ରୁ ୮୫°.୩୦' ପୂର୍ବ ଦ୍ରାଘିମା ମଧରେ ଅବସ୍ଥିତ । ରଣପୁର ରାଜ୍ୟର ଉତ୍ତର, ଦକ୍ଷିଣ ଓ ପୂର୍ବରେ ଖୋର୍ଦ୍ଧା ଖାସମାହାଲ ଅବସ୍ଥିତ ଏବଂ ପଶ୍ଚିମରେ ନୟାଗଡ଼ ରାଜ୍ୟ ଅବସ୍ଥିତ । ରଣପୁର ରାଜ୍ୟର ଆକୃତି ଦେଖିବାକୁ ତ୍ରିଭୁଜ ସଦୃଶ । ଏହି ରାଜ୍ୟର ଆୟତନ ୨୦୩ ବର୍ଗମାଇଲ । ପ୍ରାଚୀନ କାଳରେ ରଣାସୁର ନାମକ ରାକ୍ଷସ ଏଠାରେ ବାସ କରୁଥିଲା । ତାହାର ନାମାନୁସାରେ ରାଜ୍ୟର ନାମ ରଣପୁର ହୋଇଅଛି ।

ରାଜ୍ୟ ସ୍ଥାପନ :

ରଣପୁର ରାଜବଂଶର ଇତିହାସ ପ୍ରମାଣ କରେ ଯେ ବେଣୁରାଜାଙ୍କ ଦୁଇଭାଇ ବିଶ୍ୱାବସୁ ଓ ବିଶ୍ୱବାସବ ନୀଳଗିରି ପର୍ବତ ଅଞ୍ଚଳରେ ବାସ କରୁଥିଲେ । କିନ୍ତୁ ସେଠାରୁ ସେମାନେ ବିତାଡ଼ିତ ହେଲେ । ବିଶ୍ୱବାସବ କେତେକ ଅନୁଚର ସହ ସେହି ସ୍ଥାନ ପରିତ୍ୟାଗ କଲେ ଏବଂ ମଣିନାଗ ପର୍ବତର ଉପତ୍ୟକାରେ ଆଶ୍ରୟ ନେଲେ । ବିଶ୍ୱବାସବ ସେଠାରେ ଜଙ୍ଗଲ ସଫାକରି କୃଷିଜମି ବାହାର କଲେ । ପରେ ସେ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ବାସକରୁଥିବା ଭୂୟାଁମାନଙ୍କୁ ନିଜର ଅଧୀନକୁ ଆଣିଲେ । ଏକଦା ବିଶ୍ୱବାସବ ଅରଣ୍ୟମଧ୍ୟରେ ଯାଉଥିବା ସମୟରେ ଗୋଟିଏ ଦେବୀଙ୍କର ମୂର୍ତ୍ତି ଦେଖିଲେ । ତାଙ୍କୁ ସେ ମଣିନାଗ ପର୍ବତକୁ ଆଣି ପୂଜାକଲେ । ଦେବୀ ତାଙ୍କ ଉପରେ ସନ୍ତୁଷ୍ଟ ହେଲେ ଏବଂ ସ୍ୱପ୍ନରେ କହିଲେ, "ବତ୍ସ, ଏହି ରାଜ୍ୟ ରଣାସୁରର ଥିଲା । କିନ୍ତୁ ତୁମେ ବର୍ତ୍ତମାନ ଏଠାରେ ବସବାସ କର ଏବଂ ପର୍ବତର ପୂର୍ବ ପାର୍ଶ୍ୱରେ ଏକ ଗ୍ରାମ ସ୍ଥାପନ କର । ତୁମେ ଯୁଗ ଯୁଗ ଧରି ଏଠାରେ ରାଜତ୍ୱ କର ।" ବିଶ୍ୱବାସବ ସେଠାରେ ଅବସ୍ଥାନ କଲେ ଏବଂ ଗୋଟିଏ ଗ୍ରାମ ସ୍ଥାପନ କରି ଏହାର ନାମ ରଣପୁର ରଖିଲେ । କଳିଯୁଗ ଆରମ୍ଭ ହେବାର ୧୩୭୪ ବର୍ଷ ପରେ ଏହି ରାଜ୍ୟ ସ୍ଥାପିତ ହେଲା । ଖ୍ରୀଷ୍ଟପୂର୍ବ ୩୧୦୨ ଫେବୃୟାରୀ ମାସ ୧୮ତାରିଖ ଦିନ କଳିଯୁଗ ଆରମ୍ଭ ହୁଏ । ଏହାର ୧୩୭୪ ବର୍ଷପରେ ଅର୍ଥାତ୍ ଖ୍ରୀ.ପୂ. ୧୭୨୭ରେ ରଣପୁର ରାଜ୍ୟ ପ୍ରତିଷ୍ଠା ହୋଇଥିଲା ।

Source: Author, Digitized by PPRACHIN, SOA

ରାଜକୀୟ ପରମ୍ପରା :

ବିଶ୍ୱବାସବ ରଣପୁର ରାଜବଂଶର ପ୍ରତିଷ୍ଠାତା । ତାଙ୍କ ପରେ ୧୧୦ ଜଣ ରାଜା ରଣପୁର ରାଜଗାଦିରେ ରାଜପଣ କରିଯାଇଛନ୍ତି । ସେମାନଙ୍କର ନାମ ଓ ରାଜତ୍ୱ ସମୟ ପ୍ରଦାନ କରାଗଲା ।

କ୍ରମିକ ସଂଖ୍ୟା	ରାଜାଙ୍କ ନାମ	ରାଜତ୍ୱ ସମୟ
୧.	ବିଶ୍ୱବାସବ	୩୫ ବର୍ଷ
୨.	ବିକ୍ରମ ସିଂହ	୨୧ ବର୍ଷ
୩.	ଅନନ୍ତ ସିଂହ	୩୫ ବର୍ଷ
୪.	ଗୋପାଳ ସିଂହ	୨୦ ବର୍ଷ
୫.	ଗୋବିନ୍ଦ ସିଂହ	୩୦ ବର୍ଷ
୬.	ବାସୁଦେବ ସିଂହ	୫୫ ବର୍ଷ
୭.	ନରହରି ସିଂହ	୧୭ ବର୍ଷ
୮	ଗୌରାଙ୍ଗ ସିଂହ	୪୫ ବର୍ଷ
୯.	ଗୋପବନ୍ଧୁ ସିଂହ	୩୬ ବର୍ଷ
୧୦.	ଗୌରହରି ସିଂହ	୩୬ ବର୍ଷ
୧୧.	ବିଷ୍ଣୁ ସିଂହ	୨୨ ବର୍ଷ
୧୨.	ରାମଚନ୍ଦ୍ର ସିଂହ	୫୦ ବର୍ଷ
୧୩.	କୃଷ୍ଣଚନ୍ଦ୍ର ସିଂହ	୪୭ ବର୍ଷ
୧୪.	ଦାମୋଦର ସିଂହ	୪୦ ବର୍ଷ
୧୫.	ଚନ୍ଦ୍ରଶେଖର ସିଂହ	୩୭ ବର୍ଷ
୧୬.	ସୁରପତି ସିଂହ	୪୧ ବର୍ଷ
୧୭.	ଧରଣୀଧର ସିଂହ	୩୫ ବର୍ଷ
୧୮.	ସାରଙ୍ଗଧର ସିଂହ	୧୫ ବର୍ଷ
୧୯.	ଶ୍ରୀଧର ସିଂହ	୩୨ ବର୍ଷ
୨୦.	ଦାମୋଦର ସିଂହ	୫୦ ବର୍ଷ
୨୧.	ଜନାର୍ଦ୍ଦନ ସିଂହ	୧୩ ବର୍ଷ
୨୨.	ଗଦାଧର ସିଂହ	୩୪ ବର୍ଷ
୨୩.	ଗୌତମ ସିଂହ	୫୬ ବର୍ଷ
୨୪.	ଲକ୍ଷ୍ମଣ ସିଂହ	୧୧ ବର୍ଷ

Source: Author, Digitized by PPRACHIN, SOA

୨୫.	ଗୋବିନ୍ଦ ସିଂହ	୩୬ ବର୍ଷ
୨୬.	ପର୍ଶୁରାମ ସିଂହ	୪୧ ବର୍ଷ
୨୭.	ଈଶ୍ୱର ସିଂହ	୨୫ ବର୍ଷ
୨୮.	ଭରତ ସିଂହ	୨୧ ବର୍ଷ
୨୯.	ଗୋପୀନାଥ ସିଂହ	୪୦ ବର୍ଷ
୩୦.	ଚନ୍ଦ୍ରଶେଖର ସିଂହ	୩୨ ବର୍ଷ
୩୧.	ଗଙ୍ଗାଧର ସିଂହ	୨୭ ବର୍ଷ
୩୨.	ଆଦିକନ୍ଦ ସିଂହ	୧୮ ବର୍ଷ
୩୩.	କାମପାଳ ସିଂହ	୨୮ ବର୍ଷ
୩୪.	ବାସବ ସିଂହ	୪୪ ବର୍ଷ
୩୫.	ନଟବର ସିଂହ	୨୨ ବର୍ଷ
୩୬.	ସନକ ସିଂହ	୧୬ ବର୍ଷ
୩୭.	ଆଦିକନ୍ଦ ସିଂହ	୩୨ ବର୍ଷ
୩୮.	ଧନୁର୍ଜ୍ଜୟ ସିଂହ	୩୦ ବର୍ଷ
୩୯.	ନରହରି ସିଂହ	୨୧ ବର୍ଷ
୪୦.	ଶିବ ସିଂହ	୪୦ ବର୍ଷ
୪୧.	ଅନାଥ ସିଂହ	୨୧ ବର୍ଷ
୪୨.	ବନମାଳୀ ସିଂହ	୩୩ ବର୍ଷ
୪୩.	କପିଳ ସିଂହ	୨୫ ବର୍ଷ
୪୪.	ନରୋତ୍ତମ ସିଂହ	୩୦ ବର୍ଷ
୪୫.	ମୋହନ ସିଂହ	୩୫ ବର୍ଷ
୪୬.	ସୁଦର୍ଶନ ସିଂହ	୩୦ ବର୍ଷ
୪୭.	କ୍ଷେତ୍ରିବର ସିଂହ	୨୫ ବର୍ଷ
୪୮.	ଚତୁର୍ଭୁଜ ସିଂହ	୩୩ ବର୍ଷ
୪୯.	ଘନଶ୍ୟାମ ସିଂହ	୩୭ ବର୍ଷ
୫୦.	ଅଚ୍ୟୁତ ସିଂହ	୫୨ ବର୍ଷ
୫୧.	ମୁରାରି ସିଂହ	୪୦ ବର୍ଷ
୫୨.	ମକରଧ୍ୱଜ ସିଂହ	୪୨ ବର୍ଷ
୫୩.	ଅନନ୍ତ ସିଂହ	୫୪ ବର୍ଷ
୫୪.	ହରିହର ସିଂହ	୫୫ ବର୍ଷ

Source: Author, Digitized by PPRACHIN, SOA

୫୫.	ଅର୍ଜୁନ ସିଂହ	୨୦ ବର୍ଷ
୫୬.	ଗୋପାଳ ସିଂହ	୧୨ ବର୍ଷ
୫୭.	ଧନେଶ୍ୱର ସିଂହ	୨୫ ବର୍ଷ
୫୮.	ନୀଳାଦ୍ରୀ ସିଂହ	୨୬ ବର୍ଷ
୫୯.	ପତିତପାବନ ସିଂହ	୩୭ ବର୍ଷ
୬୦.	ଅନଙ୍ଗ ସିଂହ	୧୯ ବର୍ଷ
୬୧.	ଲକ୍ଷ୍ମଣ ସିଂହ	୪୭ ବର୍ଷ
୬୨.	ଭଗବାନ ସିଂହ	୩୦ ବର୍ଷ
୬୩.	ମାଧବ ସିଂହ	୨୫ ବର୍ଷ
୬୪.	ମୀନକେତନ ସିଂହ	୩୬ ବର୍ଷ
୬୫.	ଲୋକନାଥ ସିଂହ	୩୧ ବର୍ଷ
୬୬.	ମୁରାରି ସିଂହ	୩୫ ବର୍ଷ
୬୭.	କରୁଣାକର ସିଂହ	୩୩ ବର୍ଷ
୬୮.	ଚକ୍ରପାଣି ସିଂହ	୫୦ ବର୍ଷ
୬୯.	ଶତ୍ରୁଘ୍ନ ସିଂହ	୨୦ ବର୍ଷ
୭୦.	ପୁରୁଷୋତ୍ତମ ସିଂହ	୩୮ ବର୍ଷ
୭୧.	କପିଳ ସିଂହ	୩୭ ବର୍ଷ
୭୨.	ସୁରମଣି ସିଂହ	୫୦ ବର୍ଷ
୭୩.	ଦୈତାରି ସିଂହ	୩୨ ବର୍ଷ
୭୪.	ସଦାଶିବ ସିଂହ	୩୦ ବର୍ଷ
୭୫.	ମୁକୁନ୍ଦ ସିଂହ	୩୫ ବର୍ଷ
୭୬.	କୃତ୍ତିବାସ ସିଂହ	୨୫ ବର୍ଷ
୭୭.	ପରମାନନ୍ଦ ସିଂହ	୩୪ ବର୍ଷ
୭୮.	ନୀଳକଣ୍ଠ ସିଂହ	୪୦ ବର୍ଷ
୭୯.	କମଳ ସିଂହ	୩୭ ବର୍ଷ
୮୦.	ପଦ୍ମନାଭ ସିଂହ	୪୫ ବର୍ଷ
୮୧.	ଅଚ୍ୟୁତ ସିଂହ	୩୨ ବର୍ଷ
୮୨.	ଗଦାଧର ସିଂହ	୪୯ ବର୍ଷ
୮୩.	ବୈରାଗୀ ସିଂହ	୩୦ ବର୍ଷ

Source: Author, Digitized by PPRACHIN, SOA

୮୪.	ବାଙ୍କନିଧି ସିଂହ	୨୭ ବର୍ଷ
୮୫.	ପୀତାମ୍ବର ସିଂହ	୫୫ ବର୍ଷ
୮୬.	ବୈକୁଣ୍ଠ ନାଥ ସିଂହ	୩୮ ବର୍ଷ
୮୭.	ଜଗନ୍ନାଥ ସିଂହ	୫୨ ବର୍ଷ
୮୮.	ସ୍କନ୍ଦ ସିଂହ	୫୧ ବର୍ଷ
୮୯.	ମର୍ଦ୍ଦଳ ସିଂହ	୫୦ ବର୍ଷ
୯୦.	କପିର୍ଦ୍ଦି ସିଂହ	୫୨ ବର୍ଷ
୯୧.	ଅର୍ଜ୍ଜୁନ ସିଂହ	୩୦ ବର୍ଷ
୯୨.	ଅଭିମନ୍ୟୁ ସିଂହ	୨୨ ବର୍ଷ
୯୩.	ଉଦ୍ଧବ ସିଂହ ନରେନ୍ଦ୍ର	୨୩ ବର୍ଷ
୯୪.	ଚନ୍ଦ୍ରଶେଖର ସିଂହ ନରେନ୍ଦ୍ର	୧୨ ବର୍ଷ
୯୫.	ମୁକୁନ୍ଦ ସିଂହ ନରେନ୍ଦ୍ର	୯ ବର୍ଷ
୯୬.	ରାମଚନ୍ଦ୍ର ସିଂହ ନରେନ୍ଦ୍ର	୨୦ ବର୍ଷ
୯୭.	ପଦ୍ମନାଭ ସିଂହ ନରେନ୍ଦ୍ର	୨୬ ବର୍ଷ
୯୮.	କୁଞ୍ଜବିହାରୀ ସିଂହ ନରେନ୍ଦ୍ର	୩୩ ବର୍ଷ
୯୯.	କୃଷ୍ଣଚନ୍ଦ୍ର ସିଂହ ନରେନ୍ଦ୍ର	୨୧ ବର୍ଷ
୧୦୦.	ଗିରିଧାରୀ ସିଂହ ନରେନ୍ଦ୍ର ମହାପାତ	୩୩ ବର୍ଷ
୧୦୧.	ବନମାଳୀ ସିଂହ ନରେନ୍ଦ୍ର ମହାପାତ	୩୫ ବର୍ଷ
୧୦୨.	ନାରାୟଣ ସିଂହ ନରେନ୍ଦ୍ର ମହାପାତ	୧୬ ବର୍ଷ
୧୦୩.	କୃପାସିନ୍ଧୁ ସିଂହ ନରେନ୍ଦ୍ର ମହାପାତ୍ର	୧ ୧/୨ ବର୍ଷ
୧୦୪.	ରାମଚନ୍ଦ୍ର ସିଂହ ନରେନ୍ଦ୍ର ମହାପାତ୍ର	୩୫ ବର୍ଷ
୧୦୫.	ସାରଙ୍ଗଧର ସିଂହ ନରେନ୍ଦ୍ର ମହାପାତ୍ର	୨୭ ବର୍ଷ
୧୦୬.	ନୃସିଂହ ବଜ୍ରଧର ନରେନ୍ଦ୍ର ମହାପାତ୍ର	୨୭ ବର୍ଷ
୧୦୭.	ବୃନ୍ଦାବନ ସିଂହ ବଜ୍ରଧର ନରେନ୍ଦ୍ର ମହାପାତ୍ର	୨୨ ବର୍ଷ
୧୦୮.	ବ୍ରଜସୁନ୍ଦର ସିଂହ ବଜ୍ରଧର ନରେନ୍ଦ୍ର ମହାପାତ୍ର	୨୧ ବର୍ଷ
୧୦୯.	ବେଣୁଧର ସିଂହ ବଜ୍ରଧର ନରେନ୍ଦ୍ର ମହାପାତ୍ର	୫୭ ବର୍ଷ
୧୧୦.	କୃଷ୍ଣଚନ୍ଦ୍ର ସିଂହ ବଜ୍ରଧର ନରେନ୍ଦ୍ର ମହାପାତ୍ର	୪୬ ବର୍ଷ
୧୧୧.	ବ୍ରଜେନ୍ଦ୍ର ଚନ୍ଦ୍ର ସିଂହ ବଜ୍ରଧର ନରେନ୍ଦ୍ର ମହାପାତ୍ର	୩ ବର୍ଷ
୧୧୨.	ଦିଲ୍ଲୀପ ଚନ୍ଦ୍ର ସିଂହ ବଜ୍ରଧର ନରେନ୍ଦ୍ର ମହାପାତ୍ର (ବର୍ତ୍ତମାନର ରାଜା)	

Source: Author, Digitized by PPRACHIN, SOA

ରଣପୁର ରାଜବଂଶର ସଙ୍କେତ :

ତରବାରୀ ହେଉଛି ରଣପୁର ରାଜ୍ୟର ସଂକେତ ।

ଖଣ୍ଡପଡ଼ା :

ଖଣ୍ଡପଡ଼ା ରାଜ୍ୟ ଓଡ଼ିଶାର ପୂର୍ବତନ ଗଡ଼ଜାତ ମାନଙ୍କ ମଧ୍ୟରେ ଅନ୍ୟତମ । ପ୍ରଖ୍ୟାତ ଜ୍ୟୋତିର୍ବିତ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କର ଜନ୍ମଭୂମି ଭାବରେ ଏହା ବିଖ୍ୟାତ । ଖଣ୍ଡପଡ଼ା ରାଜ୍ୟର ଉତ୍ତରସୀମାକୁ ନରସିଂହପୁର ଓ ବଡ଼ମ୍ବା ରାଜ୍ୟ ଅବସ୍ଥିତ ଥିଲା । ଏ ରାଜ୍ୟର ଦକ୍ଷିଣରେ ନୟାଗଡ଼ ରାଜ୍ୟ ଅବସ୍ଥିତ । ଏହାର ପୂର୍ବରେ ବାଙ୍କୀ ଏବଂ ଖୋର୍ଦ୍ଧା ଅବସ୍ଥିତ । ଖଣ୍ଡପଡ଼ାର ପଶ୍ଚିମରେ ଦଶପଲ୍ଲା ରାଜ୍ୟ ଅବସ୍ଥିତ । ରାଜ୍ୟର ଆୟତନ ୨୪୪ ବର୍ଗ ମାଇଲ ।

ଯଦୁନାଥ ମଙ୍ଗରାଜ ୧୫୯୯ ଖ୍ରୀଷ୍ଟାବ୍ଦରେ ଏହି ରାଜ୍ୟ ସ୍ଥାପନ କରିଥିଲେ । ନୟାଗଡ଼ର ଦ୍ୱାଦଶ ରାଜା ରଘୁନାଥ ସିଂହଙ୍କର ଦୁଇପୁତ୍ର ଥିଲେ । ଜ୍ୟେଷ୍ଠ ହରିହର ସିଂହ ନୟାଗଡ଼ ରାଜସିଂହାସନରେ ଅଧିଷ୍ଠିତ ହେଲେ ଏବଂ କନିଷ୍ଠ ଯଦୁନାଥ ସିଂହ ନୟାଗଡ଼ ରାଜ୍ୟରୁ ଖଣ୍ଡେ ଅଂଶ ନେଇ ଖଣ୍ଡପଡ଼ା ରାଜ୍ୟ ସ୍ଥାପନ କଲେ । ସେ ଓଡ଼ିଶାର ମହାରାଜାଙ୍କଠାରୁ ମଙ୍ଗରାଜ ଉପାଧି ଲାଭ କରିଥିଲେ । ମଙ୍ଗରାଜଙ୍କ ପରବର୍ତ୍ତୀ ବଂଶଧରମାନେ ଏହି ରାଜ୍ୟର ସୀମା ବୃଦ୍ଧି କରିଥିଲେ । ଏହା ଫଳରେ ଖଣ୍ଡପଡ଼ା ପୂର୍ବରେ ବାଙ୍କୀ ପର୍ଯ୍ୟନ୍ତ, ପଶ୍ଚିମରେ ଦଶପଲ୍ଲା ରାଜ୍ୟର ବଳରାମପ୍ରସାଦ ପର୍ଯ୍ୟନ୍ତ, ଉତ୍ତରରେ କଣ୍ଟିଲୋ ଏବଂ ଦକ୍ଷିଣରେ ନୟାଗଡ଼ ରାଜ୍ୟର ଯୋଗିଆପଲ୍ଲୀ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା ।

ରାଜକୀୟ ପରମ୍ପରା :

ଖଣ୍ଡପଡ଼ା ରାଜ୍ୟରେ ୧୪ ଜଣ ରାଜା ରାଜତ୍ୱ କରି ଆସିଛନ୍ତି । ଏହି ରାଜାମାନଙ୍କର ନାମୋଲ୍ଲେଖ କରାଗଲା:-

୧. ଯଦୁନାଥ ସିଂହ ମଙ୍ଗରାଜ (୧୫୯୯ - ୧୬୭୩)
୨. ନାରାୟଣ ସିଂହ ମଙ୍ଗରାଜ (୧୬୭୩ - ୧୭୦୭)
୩. ବାଲୁଙ୍କେଶ୍ୱର ସିଂହ ମଙ୍ଗରାଜ (୧୭୦୭-୧୭୨୧)
୪. ବନମାଳୀ ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ (୧୭୨୧-୧୭୩୨)
୫. ବୈରାଗୀ ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ (୧୭୩୨-୧୭୬୮)
୬. ନୀଳାଦ୍ରି ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ (୧୭୬୮-୧୭୯୨)
୭. ନୃସିଂହ ମର୍ଦ୍ଦରାଜ ଭ୍ରମରବଣ ରାୟ (୧୭୯୨-୧୮୧୩)
୮. ପୁରୁଷୋତ୍ତମ ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ (୧୮୧୩-୧୮୧୯)

Source: Author, Digitized by PPRACHIN, SOA

୯. କୃଷ୍ଣଚନ୍ଦ୍ର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ (୧୮୧୯-୧୮୪୦)
୧୦. କୁଞ୍ଜବିହାରୀ ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ (୧୮୫୫-୧୮୬୬)
୧୧. ନଟବର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ (୧୮୬୬-୧୯୦୫)
୧୨. ରାମଚନ୍ଦ୍ର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ (୧୯୦୫-୧୯୨୨)
୧୩. ହରିହର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ (୧୯୩୫ - ୧୯୪୭)
୧୪. ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ (୧୯୪୭-ଅବଧି)

ଖଣ୍ଡପଡ଼ା ରାଜବଂଶର ସଙ୍କେତ :

ନୟାଗଡ଼ ରାଜବଂଶ ପରି ଖଣ୍ଡପଡ଼ା ରାଜବଂଶ ହେଉଛନ୍ତି ବଘେଲ ବଂଶୀୟ । ସୁତରାଂ ବାଘମୁଣ୍ଡ ଖଣ୍ଡପଡ଼ା ରାଜ୍ୟର ସଙ୍କେତ ।

ପଠାଣି ସାମନ୍ତ :

ସାମନ୍ତ ଚନ୍ଦ୍ରଶେଖର ଓରଫ ପଠାଣି ସାମନ୍ତ ପ୍ରସିଦ୍ଧ 'ସିଦ୍ଧାନ୍ତ ଦର୍ପଣ' ଗ୍ରନ୍ଥର ରଚୟିତା । ସେ ଖଣ୍ଡପଡ଼ା ରାଜବଂଶୀୟ ଅଟନ୍ତି । ଖଣ୍ଡପଡ଼ା ରାଜବଂଶ ନୟାଗଡ଼ ରାଜବଂଶଜ । ନୟାଗଡ଼ର ଦ୍ୱାଦଶ ରାଜା ରଘୁନାଥ ସିଂହଙ୍କର କନିଷ୍ଠ ପୁତ୍ର ଯଦୁନାଥ ମଙ୍ଗରାଜ ଖଣ୍ଡପଡ଼ା ରାଜ୍ୟ ପ୍ରତିଷ୍ଠା କରିଥିଲେ । ପଠାଣି ସାମନ୍ତ ଖଣ୍ଡପଡ଼ା ରାଜ୍ୟର ସପ୍ତମ ରାଜା ନୃସିଂହ ଭ୍ରମରବର ରାୟ (ରାଜତ୍ୱକାଳ ୧୭୯୨ - ୧୮୧୩)ଙ୍କର ପଞ୍ଚମ ପୁତ୍ର ଶ୍ୟାମବନ୍ଧୁ ସିଂହ ସାମନ୍ତଙ୍କ ଯଶସ୍ୱୀ ସନ୍ତାନ । ଶ୍ୟାମବନ୍ଧୁ ସିଂହ ସଂସ୍କୃତ ସାହିତ୍ୟ ଓ ଜ୍ୟୋତିଷ ଶାସ୍ତ୍ରରେ ପ୍ରବୀଣ ଥିଲେ । ସାମନ୍ତ ଚନ୍ଦ୍ରଶେଖର ତାଙ୍କର ପିତା ଏବଂ ବଘେଲ ବଂଶର ଗାରିମା ସମ୍ପର୍କରେ ଲେଖିଛନ୍ତି -

"କ୍ଷତ୍ରାଧିଶ୍ରୀ ବଘେଲାନ୍ୱୟପୟ ଉଦଧି ପ୍ରୋଦ୍ୟଦା ପୂର୍ଣ୍ଣଚନ୍ଦ୍ରା
ଜ୍ୟୋତିଃ ସନ୍ଧାନ ସିନ୍ଧୁସ୍ତତ ଉଦୟ ମଗଛଦ୍ ବୁଧଃ ଶ୍ୟାମବନ୍ଧୁଃ
ସ୍ୱାନ୍ତୋଦ୍ୟଦ୍ଦୀନ ବନ୍ଧୁ ପ୍ରପଦନଖମହଃ ସହୃତାଂ ହସ୍ତମିଶ୍ରଃ
ଶ୍ରୀମାନ୍ ସିଂହାନ୍ତନାମୋକୁଳନିଳୟ ଭରଦ୍ୱାଜ ଗୋତ୍ରାବ୍ଜମିତ୍ରଃ ।"

ଅର୍ଥାତ୍ ବଘେଲ ବଂଶୀୟ କ୍ଷତ୍ରିୟ ଜାତିରେ ଲକ୍ଷ୍ମୀ ବାସକରନ୍ତି । ତେଣୁ ଏହି ବଂଶ କ୍ଷୀର ସାଗର ପରି ଶୁଭ୍ର ଓ ସୁନ୍ଦର । ସେଥିରୁ ପୂର୍ଣ୍ଣଚନ୍ଦ୍ର ଉଦୟ ହେଲାପରି ଶ୍ରୀ ନୃସିଂହ ଜନ୍ମଲାଭ କରିଥିଲେ । ଏହି ନୃସିଂହଙ୍କ ଔରସରୁ ଶ୍ୟାମବନ୍ଧୁଙ୍କ ଜନ୍ମ । ଶ୍ୟାମବନ୍ଧୁ ଗ୍ରହ ନକ୍ଷତ୍ର ମାନଙ୍କର ପର୍ଯ୍ୟବେକ୍ଷଣ ଜ୍ଞାନରେ ସମୁଦ୍ର ସ୍ୱରୂପ ଥିଲେ । ସେ ହୃଦୟରେ ଦୀନବନ୍ଧୁ ଭଗବାନଙ୍କୁ ଧ୍ୟାନ କରୁଥିଲେ । ତେବେ 'ସିଦ୍ଧାନ୍ତ ଦର୍ପଣ' ସାହିତ୍ୟ ଏବଂ ଜ୍ୟୋତିଷର ଏକ ମନୋଜ୍ଞ ଗ୍ରନ୍ଥ । ଭାରତ ବର୍ଷକୁ ଓଡ଼ିଶାର ଅବଦାନ ମଧ୍ୟରେ 'ସିଦ୍ଧାନ୍ତ ଦର୍ପଣ' ଗ୍ରନ୍ଥ ଅନ୍ୟତମ ।

♦♦♦

Source: Author, Digitized by PPRACHIN, SOA

ଦ୍ୱିତୀୟ ପରିଚ୍ଛେଦ

ନୟାଗଡ଼ ରାଜବଂଶ-ଏକ ସାଧାରଣ ପରିଚୟ

ନୟାଗଡ଼ ରାଜବଂଶ :

ନୟାଗଡ଼ ରାଜବଂଶର ପ୍ରଥମ ପୁରୁଷ ହେଉଛନ୍ତି ସୂର୍ଯ୍ୟମଣି ସିଂହ । ସେ ଥିଲେ ବଘେଲ ବଂଶୀୟ ରାଜପୁତ । ସେ ମଧ୍ୟପ୍ରଦେଶ ଅନ୍ତର୍ଗତ ରେବାରାଜବଂଶଜ ଅଟନ୍ତି । ତାଙ୍କର ପୈତୃକ ରାଜ୍ୟ ଥିଲା ରେବା । ଏହି ରାଜ୍ୟରେ ବଘେଲ ବଂଶୀୟ ରାଜପୁତମାନେ ଶାସନ କରୁଥିଲେ । ରେବା ରାଜବଂଶର ପ୍ରଥମ ରାଜା ଭେଙ୍କଟରମଣ ସିଂହ ଏବଂ ଦ୍ୱିତୀୟ ରାଜା ଗୋଲାବ ସିଂହ । ଏହି ବଂଶର ତୃତୀୟ ରାଜା ରଘୁରମଣ ପ୍ରତାପ ସିଂହ ସୂର୍ଯ୍ୟମଣି ସିଂହଙ୍କର ପିତା ଅଟନ୍ତି । ରାଜା ରଘୁରମଣ ପ୍ରତାପ ସିଂହଙ୍କର ବାରଗୋଟି ପୁତ୍ରଥିଲେ । ସେମାନଙ୍କ ମଧ୍ୟରେ ଏକାଦଶ ଓ ଦ୍ୱାଦଶ ପୁତ୍ର ଯଥାକ୍ରମେ ହେଲେ ସୂର୍ଯ୍ୟମଣି ସିଂହ ଓ ଚନ୍ଦ୍ରମଣି ସିଂହ ।

ସୂର୍ଯ୍ୟମଣି ସିଂହ ନୟାଗଡ଼ର ପ୍ରଥମ ରାଜା । ନୟାଗଡ଼ ରାଜବଂଶ ସମ୍ପର୍କରେ "Orissa District Gazatteers - PURI" ଗ୍ରନ୍ଥରେ ଉଲ୍ଲେଖ ରହିଛି – The Ex-State of Nayagarh was, according to tradition, founded by one Suryamani Singh who came on a pilgrimage to Puri from Rewah in the Madhya Pradesh. He established a Garh (Fort) at a place called Gunamati in Nayagarh. He was elected by the people of the country as their chief and received in marriage the daughter of a Mali (gardner) who was the priest of the village godess On her death, he married again a kshatriya bride, whose descenants have since held the gadi of the two states of Nayagarh & Khandapara - Two or three generations afterwards the limits of the state were extended from Gunati to the present capital of

Source: Author, Digitized by PPRACHIN, SOA

Nayagarh. The nineth chief Raja Bagha Singh established the new fort at its present site in Nayagarh. The 12th Chief extended his boundaries by waging war with the chiefs of Baud, Banapur, Ranapur and Ghumsar, ନୟାଗଡ଼ ରାଜବଂଶର ଅଠେଇଶି ଜଣ ରାଜାଙ୍କର ନାମ ଏଠାରେ ଉଲ୍ଲେଖ କରାଯାଇଛି ।

୧. ସୂର୍ଯ୍ୟମଣି ସିଂହ
୨. ଗୋବିନ୍ଦ ସିଂହ
୩. ଧୁନ୍‌କା ବା ଧେନୁକ ସିଂହ
୪. ସିଂହଳ ସିଂହ
୫. ହରିହର ସିଂହ
୬. ଭଦ୍ର ସିଂହ
୭. ଗନ୍ଧ ସିଂହ
୮. ଘନଶ୍ୟାମ ସିଂହ
୯. ବାଘା ସିଂହ
୧୦. କୃତଜନ ସିଂହ
୧୧. ତନୁକୁଳ / ଟାଙ୍କୁଳ ସିଂହ
୧୨. ରଘୁନାଥ ସିଂହ
୧୩. ହରିହର ସିଂହ
୧୪. ଗୋକୁଳ ସିଂହ ମାନଧାତା
୧୫. ଗଦାଧର ସିଂହ ମାନଧାତା
୧୬. ରାମଚନ୍ଦ୍ର ସିଂହ ମାନଧାତା
୧୭. ଚନ୍ଦ୍ରଶେଖର ସିଂହ ମାନଧାତା
୧୮. ପୁରୁଷୋତ୍ତମ ସିଂହ ମାନଧାତା
୧୯. ମୃତ୍ୟୁଞ୍ଜୟ ସିଂହ ମାନଧାତା
୨୦. ବିନାୟକ ସିଂହ ମାନଧାତା (୧୭୮୮ - ୧୮୦୮)
୨୧. ବ୍ରଜବନ୍ଧୁ ସିଂହ ମାନଧାତା (୧୮୦୮ - ୧୮୫୧)
୨୨. ଲଡୁକିଶୋର ସିଂହ ମାନଧାତା (୧୮୫୧ - ୧୮୮୯)
୨୩. ବଳଭଦ୍ର ସିଂହ ମାନଧାତା (୧୮୮୯ - ୧୮୯୦)

Source: Author, Digitized by PPRACHIN, SOA

୨୪. ରଘୁନାଥ ସିଂହ ମାନଧାତା (୧୮୯୦ - ୧୮୯୭)
୨୫. ନାରାୟଣ ସିଂହ ମାନଧାତା (୧୮୯୭ - ୧୯୧୮)
୨୬. କୃଷ୍ଣଚନ୍ଦ୍ର ସିଂହ ମାନଧାତା (୧୯୧୮ - ୧୯୮୩)
୨୭. ବ୍ରଜେନ୍ଦ୍ର କିଶୋର ସିଂହ ମାନଧାତା (୧୯୮୩ - ୨୦୧୨)
୨୮. ଗଜେନ୍ଦ୍ର ସିଂହ ମାନଧାତା (୨୦୧୨ - ଅବଧି)

ନୟାଗଡ଼ ରାଜବଂଶର ତ୍ରୟୋଦଶ ପୁରୁଷ ପର୍ଯ୍ୟନ୍ତ ପ୍ରତ୍ୟେକ ରାଜା ପୈତୃକ ସିଂହ ଉପାଧି ଧାରଣ କରିଥିଲେ । ଚତୁର୍ଦ୍ଦଶ ରାଜା ଗୋକୁଳ ସିଂହ ଖୋର୍ଦ୍ଧା ଗଜପତିଙ୍କର ମାନରକ୍ଷା କରିଥିବାରୁ ସେ ତାଙ୍କୁ 'ମାନଧାତା' ଉପାଧିରେ ଭୂଷିତ କରିଥିଲେ । ତେଣୁ ତାଙ୍କ ସମୟରୁ ନୟାଗଡ଼ ରାଜନ୍ୟବର୍ଗ ନିଜର ପୈତୃକ ସିଂହ ଉପାଧି ସହିତ ଏହି ମର୍ଯ୍ୟାଦାପୂର୍ଣ୍ଣ 'ମାନଧାତା' ଉପାଧି ଧାରଣ କରି ଆସୁଛନ୍ତି । ଏ ସମ୍ପର୍କରେ ଉଲ୍ଲେଖ ରହିଛି- "The fourteenth Chief Raja Gokul Singh temporarily took change of the administration of Orissa in 1672 when Raja Mukunda Deva has gone to marry a princes in the south The Raja of Orissa on his return was so much pleased with Gokul Singh's works that he conferred on him title of 'Mandhata' which is still borne by the family. (Gazette of India-Orissa-Puri Nilamani Senapati)


(ରୁକ୍ଷି ପାହାଡ଼ର ପାଦ ଦେଶରେ ପୁରୁଣା ରାଜବାଟୀର ଅବଶିଷ୍ଟାଂଶ)

Source: Author, Digitized by PPRACHIN, SOA

ଏହି ରାଜବଂଶର ତ୍ରୟୋବିଂଶ ରାଜା ବଳଭଦ୍ର ସିଂହ ମାନଧାତା ହେଉଛନ୍ତି ସୂର୍ଯ୍ୟମଣିଙ୍କର ବଂଶଲତାର ଶେଷ ଦାୟାଦ । ତାଙ୍କ ପରେ ଏହି ରାଜବଂଶର ଜଣେ ରକ୍ତ ସମ୍ପର୍କୀୟ ସାମନ୍ତ ନୟାଗଡ଼ ସିଂହାସନ ଆରୋହଣ କରିଥିଲେ । ଓଡ଼ିଶାର ବିଭିନ୍ନ ରାଜବଂଶ ମଧ୍ୟରେ ନୟାଗଡ଼ ରାବଂଶର ଖ୍ୟାତି ଓ ପ୍ରସିଦ୍ଧି ରହିଛି । ସର୍ବୋପରି ନବଦୁର୍ଗ ରାଜନ୍ୟବର୍ଗ କଳା, ସାହିତ୍ୟ, ସଂସ୍କୃତି ଓ ଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ପଦାଙ୍କ ଅଙ୍କନ କରିଛନ୍ତି ।

ରାଜା ରଘୁନାଥ ସିଂହ ମାନଧାତା

ନୟାଗଡ଼ ରାଜବଂଶର ତ୍ରୟୋଦଶ ରାଜା ହରିହର ସିଂହ ଜଣେ ପ୍ରସିଦ୍ଧ ରାଜା ଥିଲେ । ସେ ପୁରୀ ଗଜପତିଙ୍କଠାରୁ 'ନରେନ୍ଦ୍ର' ପଦ ଲାଭ କରିଥିଲେ । ତାଙ୍କର ପିତା ରଘୁନାଥ ସିଂହ ବାଣପୁର ରାଜାଙ୍କ ଠାରୁ ଶରଣକୁଳ ଗ୍ରାମ ଓ ଲଡୁବାବାଙ୍କ ମନ୍ଦିର ଯୌତୁକ ପାଇଥିଲେ । ମାତ୍ର ସେ ରାଣୀଙ୍କର ମୃତ୍ୟୁ ହେବାରୁ ବାଣପୁର ରାଜା ତାହା ନିଜ ଅକ୍ତିଆରକୁ ନେଇଗଲେ । ମାତ୍ର ହରିହର ସିଂହ ନିଜର ପରାକ୍ରମ ଦ୍ୱାରା ଶରଣକୁଳ ସମେତ କେତେକ ଗ୍ରାମ ନିଜ ଅଧୀନକୁ ଆଣିଲେ ।

ରାଜା ଗୋକୁଳ ସିଂହ ମାନଧାତା ଅତ୍ୟନ୍ତ ସାହିତ୍ୟାନୁରାଗୀ ଓ ସର୍ବଗୁଣ ସମ୍ପନ୍ନ ନରେଶ ଥିଲେ । ଏହି ନରପତିଙ୍କ ସମ୍ପର୍କରେ 'ଶ୍ରୀଶିବଲୀଳାମୃତ' ମହାକାବ୍ୟ ଗ୍ରନ୍ଥରେ ଉଲ୍ଲେଖ ଅଛି-

"ତତ୍‌ପତ୍ର ଗୋକୁଳେନ୍ଦ୍ରସ୍ୟ ତଦନୁବସୁମତି ମଣ୍ଡଳାଖଣ୍ଡଳଭୂତ
ଯସ୍ୟାସ୍ଥାନି ସୁଧର୍ମା-ଗୁରୁ-ବୁଦ୍ଧ-କବିଭିଃ ଭାସମାନା ସଦୈବ ।"

ରାଜା ବ୍ରଜେନ୍ଦ୍ର କିଶୋର ସିଂହ ମାନଧାତା

ଅର୍ଥାତ୍ ରାଜା ହରିହରଙ୍କ ପୁତ୍ର ଗୋକୁଳେନ୍ଦ୍ରଙ୍କ ରାଜ ଦରବାରରେ ସୁଧର୍ମା ସଭାର ପଣ୍ଡିତ ଓ ବୁଦ୍ଧ କବିମାନଙ୍କ ତୁଲ୍ୟ ପଣ୍ଡିତ ଓ ବିଦ୍ୱାନ ଲୋକ ଅବସ୍ଥାନ କରୁଥିଲେ । କିନ୍ତୁ ସେହି ବୁଦ୍ଧ କବିଗଣ ଓ ପଣ୍ଡିତମାନଙ୍କର ନାମ ଏ ପର୍ଯ୍ୟନ୍ତ ଅଜ୍ଞାତ । ଏକଥା ସତ୍ୟ ଯେ ନୟାଗଡ଼ ଓ ରାଜଦରବାର ସେହି ସମୟରେ ସଂସ୍କୃତ ସାହିତ୍ୟ ଚର୍ଚ୍ଚାର ପ୍ରଧାନ କେନ୍ଦ୍ର ଥିଲା । ଗୋକୁଳେଶ୍ୱର ବିଦ୍ୟାନୁରାଗୀ ଥିଲେ । ସେ ଏହି ରାଜ୍ୟରେ ଶିକ୍ଷାର ପୃଷ୍ଠପୋଷକତା କରିଥିଲେ ।

Source: Author, Digitized by PPRACHIN, SOA

ନୟାଗଡ଼ ରାଜବଂଶର ପଞ୍ଚଦଶ ପୁରୁଷ ଗଦାଧର ସିଂହ ମାନଧାତା ମଧ୍ୟ ସାରସ୍ୱତ ପୁରୁଷ ଭାବରେ ଖ୍ୟାତି ଅର୍ଜନ କରିଥିଲେ । ରାଜା ଗଦାଧର ସିଂହ ଶରଣକୁଳରେ ଲଡ୍ଡୁକେଶ୍ୱର ମହାଦେବଙ୍କର ଜଣେ ଏକନିଷ୍ଠ ଭକ୍ତଥିଲେ । ତାଙ୍କର ରାଜଦରବାରରେ ବହୁ କବି ସ୍ଥାନ ପାଇଥିଲେ । ସେମାନଙ୍କ ମଧ୍ୟରେ କବି ନିତ୍ୟାନନ୍ଦ ଥିଲେ ଅନ୍ୟତମ । ସେ ସାହିତ୍ୟ ସାଧନାରେ ବେଶ୍ ସଫଳତା ଲାଭ କରିଥିଲେ । ସେ ଥିଲେ ନୟାଗଡ଼ର ଦରବାରୀ କବି । ତାଙ୍କ ପ୍ରଣୀତ 'ଶିବଲୀଳାମୃତ ମହାକାବ୍ୟ'ରେ କବି ନିତ୍ୟାନନ୍ଦ ତାଙ୍କର ପୃଷ୍ଠପୋଷକ ରାଜା ଗଦାଧର ସିଂହଙ୍କ ବିଷୟରେ ଉଲ୍ଲେଖ କରିଛନ୍ତି-

''ଜୟତି ରସିକ ନବଦୁର୍ଗ ଧରାଧିପ ସୁକବି ଗଦାଧର ଗୀତମ୍ ।''

'ଶିବଲୀଳାମୃତ ମହାକାବ୍ୟ ଗ୍ରନ୍ଥରେ କବି ନିତ୍ୟାନନ୍ଦ ନବଦୁର୍ଗ ମହୀପାଳ ଗଦାଧର ସିଂହ ମାନଧାତାଙ୍କ ସମ୍ପର୍କରେ ମଧ୍ୟ ଲେଖିଛନ୍ତି-

''ସାମୋଦିନାପି ପରମଭିଭୁ ଙାମଜେୟଃ
ନାମାକୃତଃ ସତୁ ଗଦାଧର ନାମଧେୟଃ
ମାନ୍ଧାତୃତାନ୍ତ ସମତାମଧିଗମ୍ୟ ସମ୍ୟ
ରାଗାଦ୍ଭୁତା ବିଦିତ ପୌରୁଷମାପଭୂପଃ ।''

ନୟାଗଡ଼ ରାଜବଂଶର ଅଷ୍ଟାଦଶ ରାଜପୁରୁଷ ପୁରୁଷୋତ୍ତମ ସିଂହ ମାନଧାତା ଜଣେ ଯଶସ୍ୱୀ ନରପତି ଥିଲେ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଏହି ରାଜାଙ୍କର ସମସାମୟିକ ବୋଲି ଐତିହାସିକମାନେ ସ୍ୱୀକାର କରନ୍ତି । ଐତିହାସିକ ଡକ୍ଟର ହରେକୃଷ୍ଣ ମହତାବ ଲେଖିଛନ୍ତି- ''ଯେଉଁ ସମୟରେ ଉପେନ୍ଦ୍ର ନିର୍ବାସିତ ହୋଇ ନୟାଗଡ଼ରେ ଥିଲେ, ସେହି ସମୟରେ ପୁରୁଷୋତ୍ତମ ସେଠାରେ ରାଜା ଥିଲେ । ସେ ଉପେନ୍ଦ୍ର ଭଞ୍ଜ ଏବଂ ତାଙ୍କ ପିତା ନୀଳକଣ୍ଠ ଭଞ୍ଜଙ୍କ ଦୁର୍ଦ୍ଦିନରେ ତାଙ୍କର ଆଶ୍ରୟଦାତା ଥିଲେ ।'' ଉପେନ୍ଦ୍ରଙ୍କ ରହଣି ପାଇଁ ସେ ସମସ୍ତ ବନ୍ଦୋବସ୍ତ କରିଥିଲେ । ଅନନ୍ତରଂ ଉପେନ୍ଦ୍ର ପୁରୁଷୋତ୍ତମ ସିଂହଙ୍କ କନ୍ୟାଙ୍କୁ ବିବାହକରି ଗଡ଼ ନିକଟବର୍ତ୍ତୀ ମାଳିସାହି ଗ୍ରାମର ଖମାର ଜମିକୁ ଯୌତୁକ ରୂପେ ପ୍ରାପ୍ତ ହୋଇଥିଲେ । ଉପେନ୍ଦ୍ରଙ୍କ ସାରସ୍ୱତ ସାଧନାର ପୁଣ୍ୟପୀଠ ହେଉଛି ମାଳିସାହି ଗ୍ରାମ । ସେ ଢେଙ୍କଣା ଗ୍ରାମର ଶ୍ରୀ ରଘୁନାଥଜୀଉଙ୍କୁ ଉପାସନା କରି ରାମତାରକ ମନ୍ତ୍ର ସିଦ୍ଧ କରି


ଢେଙ୍କଣା ଗ୍ରାମର ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର

Source: Author, Digitized by PPRACHIN, SOA

ଦେଙ୍କଣା ଗ୍ରାମର ଶ୍ରୀ ରଘୁନାଥଜୀଉ

'ବିଚିତ୍ର କବିତ୍ୱ' ଶକ୍ତିର ଅଧିକାରୀ ହେଲେ । ସେ ମଧ୍ୟ ଓଡ଼ଗାଁର ଶ୍ରୀ ରଘୁନାଥଙ୍କୁ ଉପାସନା କରୁଥିଲେ ବୋଲି କୁହାଯାଇଛି । କବିସମ୍ରାଟ ଯେଉଁ ବିଶାଳ, ରସାଳ ଓ ପୁଷ୍କଳ ଭଞ୍ଜ ଭାରତୀ ସୃଷ୍ଟି କରିଯାଇଛନ୍ତି, ତାହାର ପୃଷ୍ଠଭୂମିରେ ରାଜା ପୁରୁଷୋତ୍ତମ ସିଂହଙ୍କ ଭୂମିକାକୁ ଅସ୍ୱୀକାର କରିହେବ ନାହିଁ । ରାଜକବି ପୁରୁଷୋତ୍ତମ ସିଂହ ମାନଧାତା ଉପେନ୍ଦ୍ରଙ୍କର କାବ୍ୟସାଧନା ଏବଂ ଦେବଦୁର୍ଲ୍ଲଭ କବି ପ୍ରତିଭାରେ ମୁଗ୍ଧ ହୋଇ ନବଦୁର୍ଗ ରାଜଦରବାର ତରଫରୁ ତାଙ୍କୁ 'ବୀରବର' ଉପାଧିରେ ଭୂଷିତ କରିଥିଲେ ।

କାବ୍ୟକାର ଉପେନ୍ଦ୍ର ନବଦୁର୍ଗ ରାଜଦରବାରରୁ ପ୍ରାପ୍ତ ଏହି ଉପାଧିକୁ ତାଙ୍କର ବହୁକାବ୍ୟରେ ଅନେକତ୍ର ବ୍ୟବହାର କରିଛନ୍ତି ।

ନୟାଗଡ଼ର ଊନବିଂଶ ରାଜା ହେଉଛନ୍ତି ମୃତ୍ୟୁଞ୍ଜୟ ସିଂହ ମାନଧାତା । ମୃତ୍ୟୁଞ୍ଜୟ ସିଂହ ମାନଧାତାଙ୍କ ସମସାମୟିକ ତଥା ନୟାଗଡ଼ ରାଜାଙ୍କର ବେବର୍ତ୍ତା ବଂଶଜ ବୈରାଗୀ ବେବର୍ତ୍ତା ପଟ୍ଟନାୟକ ଓଡ଼ଗାଁଠାରେ ବିରାଜିତ ଶ୍ରୀ ରଘୁନାଥ ଜୀଉଙ୍କୁ ସ୍ଥାପନା କରିଥିଲେ । ଉକ୍ତ ବୈରାଗୀ ପଟ୍ଟନାୟକ ଶ୍ରୀରାମଙ୍କର ସ୍ୱପ୍ନାଦେଶ ପାଇ ନିଜେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କର ମୂର୍ତ୍ତି ଗଠନ କରିଥିଲେ । ଶ୍ରୀ ଜୀଉମାନଙ୍କର ପଦ୍ମପୃଷ୍ଠରେ ଲିଖିତ ଅଛି-



ଓଡ଼ଗାଁ ଠାରେ ଅବସ୍ଥିତ ପ୍ରସିଦ୍ଧ ରଘୁନାଥ ମନ୍ଦିର

"ଶକାବ୍ଦ ଶର ମାଙ୍ଗଲ୍ୟ ରତୁଷ୍ଟ ଉଡ଼୍ଡ଼ାନାୟକଃ
ରାମଂ ଲକ୍ଷ୍ମଣଂ ସଂସ୍ଥାପ୍ୟ ବୈରାଗୀ ପଟ୍ଟନାୟକଃ ।"

ଏଠାରେ ଶର ହେଉଛି ୫ । ମାଙ୍ଗଲ୍ୟ ହେଉଛି ୮ । ରତୁ ସଂଖ୍ୟା ୬ । ଉଡ଼୍ଡ଼ୁନାୟକ ହେଉଛି ୧ । ଏହିପରି ୫୮୬୧ । 'ଅଙ୍କାନାଂ ବାମତଃ ଗତିଃ' । ସୁତରାଂ ଏହା ହେଉଛି

Source: Author, Digitized by PPRACHIN, SOA



ଓଡ଼ଗାଁଠାରେ ବିଜେ ଶ୍ରୀରଘୁନାଥଜୀଉ

୧୬୮୫ ଶକାବ୍ଦ ବା ୧୭୬୩ ଖ୍ରୀଷ୍ଟାବ୍ଦ । ଏଣୁ ୧୭୬୩ ଖ୍ରୀଷ୍ଟାବ୍ଦରେ ବୈରାଗୀ ପଟ୍ଟନାୟକଙ୍କ ଦ୍ୱାରା ଶ୍ରୀରାମ, ଲକ୍ଷ୍ମଣ ଓ ସୀତାଙ୍କର ମୂର୍ତ୍ତି ସ୍ଥାପିତ ହେଲା । ଓଡ଼ଗାଁ ଠାରେ ଅବସ୍ଥିତ ପ୍ରସିଦ୍ଧ ରଘୁନାଥ ମନ୍ଦିର ରାଜା ମୃତ୍ୟୁଞ୍ଜୟ ସିଂହ ମାନଧାତାଙ୍କ କୀର୍ତ୍ତି ଅଟେ । ନୟାଗଡ଼ର ଜଗନ୍ନାଥ ମନ୍ଦିରଟିର ନିର୍ମାଣ କାର୍ଯ୍ୟ ମଧ୍ୟ ୧୭୭୮ ଖ୍ରୀଷ୍ଟାବ୍ଦରେ ମୃତ୍ୟୁଞ୍ଜୟ ସିଂହଙ୍କ ଦ୍ୱାରା ଆରମ୍ଭ ହୋଇଥିଲା । ମୃତ୍ୟୁଞ୍ଜୟ ସିଂହ ମାନଧାତା ମାଳିସାହିଠାରେ ନିଜ ନାମରେ ମୃତ୍ୟୁଞ୍ଜୟପୁର ଶାସନ ଗ୍ରାମଟିଏ ସ୍ଥାପନା କରିଥିଲେ ।

ନୟାଗଡ଼ ରାଜବଂଶର ମହାୟାନ ମହୀପାଳ ହେଉଛନ୍ତି ବିନାୟକ ସିଂହ ମାନଧାତା । ସେ ଉଭୟ ରାଜା ଓ କବି । ପୁନଶ୍ଚ କବିମାନଙ୍କର ପୃଷ୍ଠପୋଷକ 'ବିନାୟକ ସିଂହଙ୍କ ରାଜଦରବାରେ ବହୁକବି ଓ ପଣ୍ଡିତମାନଙ୍କର ସମ୍ମେଳନ ହେଉଥିବାର ପ୍ରମାଣ ମିଳେ । ଉତ୍କଳଘଣ୍ଟ ଯଦୁମଣି ମହାପାତ୍ରଙ୍କର ମୁଖ୍ୟ ପୃଷ୍ଠପୋଷକ ଥିଲେ ସାହିତ୍ୟପ୍ରାଣ ବିନାୟକ ସିଂହ । ପୁନଶ୍ଚ ବିନାୟକ ସିଂହ ଥିଲେ ଜଣେ ଧାର୍ମିକ ଓ ପ୍ରଜାବତ୍ସଳ ରାଜା । କବି ଯଦୁମଣି ମହାପାତ୍ର ବିନାୟକ ସିଂହଙ୍କୁ 'ନବଦୁର୍ଗମଣ୍ଡନ', 'ଅଷ୍ଟଦୁର୍ଗ ଏକ ଶ୍ରେଷ୍ଠ ମୁକୁଟ ମଣି ସମ୍ରାଟ', 'ଶ୍ରୀବୀରାଧିରାଜ', 'ନବୀନଦୁର୍ଗ ଭୂପାଳ', 'କ୍ଷିତିରକ୍ଷକ ବୀରଶିରୋମଣି ମାନଧାତା' 'ନବୀନଦୁର୍ଗାଧିଶ୍ୱର', 'ନବଦୁର୍ଗମଣ୍ଡନ ବୀରାଧିବୀରବର ଅଳଙ୍କୃତ ସର୍ବଗୁଣର ଭୂପ ବିନାୟକ ସିଂହ' ଭାବରେ ବର୍ଣ୍ଣନା କରିଛନ୍ତି ।

ନୟାଗଡ଼ ରାଜା ବିନାୟକ ସିଂହ ମାନଧାତା ଓ କବି ଯଦୁମଣିଙ୍କୁ ନେଇ ବହୁ ପ୍ରସଙ୍ଗ ଲୋକମୁଖରେ ପ୍ରଚଳିତ । ସେଥିମଧ୍ୟରୁ କେତେଗୋଟି ଏଠାରେ ଉଦ୍ଧାରଯୋଗ୍ୟ-

(କ) ରାଜା ବିନାୟକ ସିଂହ ଯଦୁମଣି ମହାପାତ୍ରଙ୍କୁ ଖଣ୍ଡିଏ ନିସ୍କର ଜମି ଦେବାପାଇଁ ତାଙ୍କର ପ୍ରଧାନମନ୍ତ୍ରୀ ବେବର୍ତ୍ତା ପଟ୍ଟନାୟକଙ୍କୁ ଆଦେଶ ଦେଲେ । ମାତ୍ର ବେବର୍ତ୍ତା ପଟ୍ଟନାୟକ ଜାଣିଜାଣି ଏଥିରେ ବିଳମ୍ବ କଲେ । ଯଦୁମଣି ତାଙ୍କୁ ପାଞ୍ଚ/ସାତ ଥର ଅନୁରୋଧ କରିଥିଲେ । ଶେଷରେ ବାଧ୍ୟହୋଇ ଯଦୁମଣି ରାଜାଙ୍କୁ ଜଣାଇଦେବେ ବୋଲି କହିବାରୁ ବେବର୍ତ୍ତା ତାଙ୍କୁ ନିକୃଷ୍ଟ ଜମି ଖଣ୍ଡିଏ ଲେଖିଦେଲେ । ଯଦୁମଣି ସେହି ଜମିକୁ ଦେଖି

Source: Author, Digitized by PPRACHIN, SOA

ଭାଙ୍ଗିପଡ଼ିଲେ । ତେବେ ଗୋଟିଏ କବିତା ଆକାରରେ ସେ ରାଜାଙ୍କୁ ଏହି ପ୍ରଦତ୍ତ ଜମିର ଅବସ୍ଥା ସମ୍ପର୍କରେ ଅବଗତ କରାଇଲେ । ଏହି ବହୁ ପ୍ରଚଳିତ କବିତାଟି ଏହିପରି -

"ଦେଉ ଆଜ୍ଞା ହେଲେ ହରଷେ
କରଣ ତା' କଲେ ବରଷେ
ବାଛିବାଛି କରି ଦେଲେ ପଡ଼ିଆ
ଶ୍ରାବଣ ମାସରେ ଭାଙ୍ଗେ ନଡ଼ିଆ
ଏମନ୍ତ ଭୂଇଁ
ଚାକୁଣ୍ଡା ବୁଣିଲେ ଉଠଇ ନାହିଁ ।"

(ଖ) ଏକଦା ରାଜା ବିନାୟକ ସିଂହ ମାନଧାତା ଓ କବି ଯଦୁମଣି ମହାପାତ୍ର ଅବସର ମୁହୂର୍ତ୍ତ କଟାଇବା ବେଳେ ଜନୈକା ବସନ୍ତ ମୁହିଁ ଯୁବତୀକୁ ଦେଖି ରାଜା ଯଦୁମଣିଙ୍କ ଉଦ୍ଦେଶ୍ୟରେ କହିଥିଲେ -

"ଯଦୁମଣି ! ବସନ୍ତ ମୁହିଁକି ଉପମା ଖଟୁ ।"
ସଙ୍ଗେସଙ୍ଗେ ପ୍ରତ୍ୟୁପନ୍ନମତି ଯଦୁମଣି କହିଥିଲେ -
"କାମ କାକରା ଛଣା ଜାଲିଚଟୁ ।"

(ଗ) ନୟାଗଡ଼ ରାଜା ବିନାୟକ ସିଂହ ଓ ଖଣ୍ଡପଡ଼ା ରାଜା ନୃସିଂହ ମର୍ଦ୍ଦରାଜ ରାଜଗିରି ପର୍ବତରେ ବଣଭୋଜି ପାଇଁ ଯାଉଥିଲେ । ଏହି ସମୟରେ ଖଣ୍ଡପଡ଼ା ରାଜା ପାରିଜାତକ ନାମକ ହସ୍ତୀ ପିଠିରେ ବସି ଯାଉଥିଲେ । ନୟାଗଡ଼ର ରାଜା ବିନାୟକ ସିଂହ ଏକ ତାମଯାନ୍‌ରେ ବସି ଯାଉଥିଲେ । ଏତିକିବେଳେ ବିଦ୍ୟାନଗରୀ ଖଣ୍ଡପଡ଼ାର ଜନୈକ ପଣ୍ଡିତ ନୟାଗଡ଼ ରାଜାଙ୍କୁ ନ୍ୟୂନକରି ଗାଇଥିଲେ-

"ସମୁଚ୍ଚମୁଚ୍ଚୈ ପ୍ରବଦନ୍ତି ସାଧବ
ଏକୋସ୍ତି ସ୍ୱର୍ଗୋପିଚ ପାରିଜାତକଃ ।"

ଅର୍ଥାତ୍ ମହତ୍ ବ୍ୟକ୍ତିମାନେ କହିଥାନ୍ତି ଯେ ଅତି ଉଚ୍ଚରୁ ଉଚ୍ଚତମ ହେଉଛି ସ୍ୱର୍ଗ । ଐରାବତ ବଂଶର ସୁଉଚ୍ଚ ଏହି ପାରଜାତକ ହାତୀ ମଧ୍ୟ ସ୍ୱର୍ଗପରି । ତେବେ ପଣ୍ଡିତଙ୍କ କହିବାର ମର୍ମ ଥିଲା - ଖଣ୍ଡପଡ଼ା ରାଜା ବଡ଼, ନୟାଗଡ଼ ରାଜା ସାନ ।

ନୟାଗଡ଼ ମାନଧାତାଙ୍କ ପାରିଷଦବର୍ଗ ଏକଥା ଶୁଣି ଚମକି ପଡ଼ିଲେ । ତେବେ କବି ଯଦୁମଣି ସଙ୍ଗେସଙ୍ଗେ ଉଚ୍ଚ ତାନରେ ନିମ୍ନପଦଟି ଗାଇ ଖଣ୍ଡପଡ଼ା ଦଳଙ୍କର ଦମ୍ଭ ଭାଙ୍ଗିଦେଲେ । ଯଦୁମଣି ଗାଇଥିଲେ -

Source: Author, Digitized by PPRACHIN, SOA

"ନିକିତି ତଉଲ ସାନବଡ଼କୁ
ଭାରି ହୁଏ ଯେହୁ ରହେ ତଳକୁ ।"

ବାସ୍ତବରେ ଏହା ଥିଲା ଯଦୁମଣିଙ୍କର ଚମତ୍କାର ପରିକଳ୍ପନା ।

(ଘ) ଉଲ୍ଲେଖ ରହିଛି ଯେ, ନୟାଗଡ଼ର ରାଜା ବିନାୟକ ସିଂହ ମାନଧାତା ଏକଦା ଶରଣକୁଳର ଲଡୁବାବା ମହାଦେବଙ୍କ ଦର୍ଶନାର୍ଥେ ଯାଉଥିଲେ । ସାଥିରେ ଥାଆନ୍ତି ଯଦୁମଣି ଓ କବିସୂର୍ଯ୍ୟ ବଳଦେବ ରଥ । ରାସ୍ତାରେ ଗୋଟିଏ ଗାଁର ଶେଷ ମୁଣ୍ଡରେ ଖତଗଦା ଉପରେ ଅଇଁଠା ଖଲିପତ୍ର ଗୁଡ଼ିଏ ପଡ଼ିଥିବାର ଦେଖି ରାଜା ଉଭୟ କବିଙ୍କୁ ପଦଟିଏ ରଚନା କରିବାକୁ ଅନୁରୋଧ କଲେ । ରାଜାଙ୍କ ଅନୁରୋଧକ୍ରମେ ବର୍ଷୀୟାନ କବି କବିସୂର୍ଯ୍ୟ ବଳଦେବ ରଥ କହିଥିଲେ -

'ବିଶ୍ୱାନନ୍ଦ କର'

ଏଠାରେ 'ବି' ଅର୍ଥ ଆକାଶ । 'ଶ୍ୱା' ଅର୍ଥ ଶ୍ୱାନ । ଶ୍ୱାନମାନଙ୍କର ଅଇଁଠାପତ୍ର ଯେପରି ଆନନ୍ଦଦାୟକ, ସେହିପରି ତାରାଗଣ ଆକାଶରେ ଆନନ୍ଦଦାୟକ ଅଟନ୍ତି ।

ମାତ୍ର ଯଦୁମଣି ଗାଇଥିଲେ -

"ଏ ମତ ଖଣ୍ଡନ ସେ ମତ ଖଣ୍ଡନ
ଖଡ଼ିକାରେ ଯହିଁ ହେଲେ ଯୋଜନ ।"

ଅର୍ଥାତ୍ ଏହି ସ୍ଥାନରେ ଖତଗଦାରେ ଖଡ଼ିକାଦ୍ୱାରା ସଂଯୋଜିତ ଥିବା ଖଲିପତ୍ର ଶୋଭାପାଉଛନ୍ତି । ସେଠାରେ 'ଖ' ଅର୍ଥାତ୍ ଆକାଶର ମଣ୍ଡନ ତାରକାବୃନ୍ଦ ଖଡ଼ିକାର (ଜ୍ୟୋତିଷ)ଙ୍କ ଦ୍ୱାରା ଯୋଜନା କରାଯାଉଅଛି ।

ପ୍ରମାଣ ରହିଛିଯେ, ନୟାଗଡ଼ ରାଜଦରବାରରେ ବରାବର ଓଡ଼ିଆ ସାହିତ୍ୟ ଚର୍ଚ୍ଚା ଚାଲୁ ରହିଥିଲା । ରାଜା ବିନାୟକ ସିଂହଙ୍କ ରାଜଦରବାରକୁ ବକ୍ରବାକ୍ ଚକ୍ରପାଣି ପଟ୍ଟନାୟକ ସମୟେ ସମୟେ ଆସୁଥିଲେ । ଏକଦା କବି ବକ୍ରବାକ୍ଙ୍କ ସହିତ ଯଦୁମଣିଙ୍କ ସାହିତ୍ୟ ଆସର ଚାଲିଥାଏ । ବକ୍ରବାକ୍ ଥିଲେ ବର୍ଷୀୟାନ କବି । କବି ଯଦୁମଣି ଥିଲେ ଯୁବକ । ତେବେ ବ୍ରକବାକ୍ ଚକ୍ରପାଣି ଯଦୁମଣିଙ୍କୁ ଏହି ଆସରର ଚର୍ଚ୍ଚା କାଳରେ ପାଦ ପୂରଣ ପାଇଁ ପ୍ରସ୍ତାବ ଦେଲେ । ତାହା ଥିଲା ଏହିପରି -

(୧ମ) ବକ୍ରବାକ୍ -

"ପ୍ରମତ୍ତ କେଶରୀ ଗଜକପୋଳକୁ
ନିରେଖଇ କଦାଚିତେ ।"

(ଅର୍ଥ - ଶକ୍ତିଶାଳୀ ସିଂହ ଗଜମସ୍ତକକୁ କେବେକେବେ ଦେଖେ, ମାତ୍ର ଆକ୍ରମଣ କରେନାହିଁ ।)

Source: Author, Digitized by PPRACHIN, SOA

ଯଦୁମଣି ପାଦ ପୂରଣ କରିବାକୁ ଯାଇ ତତ୍‌କ୍ଷଣାତ୍ କହିଲେ -

"ମହିଷାରି ରଥ ଗଣନାଥମାଥ
କଇଳାଶ ପରବତେ ।"

(ଅର୍ଥ - ପାର୍ବତୀଙ୍କ ବାହନ ସିଂହ କୈଳାଶ ପର୍ବତରେ ଗଣପତିଙ୍କ ମସ୍ତକକୁ ଏହିପରି ଦେଖିଥାଏ ।)

(୨ୟ) ବକ୍ରବାକ୍ -

"କିବା ପ୍ରଶଂସିବା ପ୍ରଶଂସା ପଦବୀ
ଅଛିବୋଲି ବଳା ରାତିରେ ।"

(ଅର୍ଥ - ଇନ୍ଦ୍ରଙ୍କଠାରୁ ପ୍ରଶଂସା ପଦବୀ ଆଉ କାହାର ଅଧିକ ଅଛି ବୋଲି ପ୍ରଶଂସା କରାଯାଇପାରେ ।)

ଯଦୁମଣି କହିଲେ -

"ମୂକ କରିଅଛି ଯେ ବାଳା ମଣିର
ଶ୍ରୀଚରଣେ ବଳା ରାତିରେ ।"

(ଅର୍ଥାତ୍ - ଯେଉଁ ପୁରୁଷ ନିଜ ଜାୟାର ଅତି ସୁନ୍ଦର ପାଦ ଯୁଗଳର ବାଜେଣି ନୂପୁରକୁ ରାତିରେ ରତି ରଙ୍ଗରେ ମୂକ କରିପାରେ । ଅର୍ଥ ହେଲା - ବିପରୀତ ରତିକାଳରେ ସୁଭଗା ନାରୀ ବାଜେଣୀ ନୂପୁର କାଢ଼ିଦେଇ ରତିରଙ୍ଗରେ ଲିପ୍ତ ରହେ)

(୩ୟ) ବକ୍ରବାକ୍‌ଙ୍କ ତୃତୀୟ ପ୍ରଶ୍ନ ଥିଲା -

"ସେହି ସମୟରେ
ବଧୂ ଶ୍ୱଶୁର ସଙ୍ଗ ଇଚ୍ଛାକରେ ।"

ଯଦିମଣି ଏହାର ପାଦ ପୂରଣ କରି କହିଲେ -

"ଦ୍ରୁପଦ ନନ୍ଦନା ଚାରୁ ସୁକେଶୀ
ଭୀମ ବୀରସଙ୍ଗେ ସୁରତେ ରସି
ଗବାକ୍ଷ ମାର୍ଗରେ ବସି ବିରସେ
ଲୋଡେ ସେତେବେଳେ ପବନକୁ ସେ
ସେହି ସମୟରେ
ବଧୂ ଶ୍ୱଶୁର ସଙ୍ଗ ଇଚ୍ଛାକରେ ।"

(୪ର୍ଥ) ଚକ୍ରପାଣି କହିଲେ - "କାଣିଗଣିକା" - ବାମରୁ ପଢ଼ିଲେ ଯାହା, ଡାହାଣରୁ ପଢିଲେ ତାହା । ସେହିପରି ଏହାର ବାମରେ ଓ ଦକ୍ଷିଣରେ ସମାନ ସଂଖ୍ୟକ ବର୍ଣ୍ଣ ବିନ୍ୟାସ କର । ଯାହା ସେହିପରି ହେବ । ଯଦୁମଣି ସଙ୍ଗେସଙ୍ଗେ କହିଥିଲେ -

Source: Author, Digitized by PPRACHIN, SOA

"କଡ଼ାକୁ କାଣି ଗଣିକାକୁ ଡାକ ।"

ଏହାପରେ ରାଜା ବିନାୟକ ସିଂହ ମାନଧାତା ଚକ୍ରପାଣିଙ୍କୁ କହିଥିଲେ କି, ଆପଣ ଯଦୁମଣିଙ୍କୁ ପ୍ରଶ୍ନ କଲେ । ବର୍ତ୍ତମାନ ଯଦୁମଣିଙ୍କର ପାଳି । ସେ ଆପଣଙ୍କୁ କିଛି ପଚାରିବେ । କବି ଚକ୍ରପାଣି ତାଙ୍କର ସମ୍ମତି ପ୍ରଦାନ କଲେ ।

ଏହାପରେ ଯଦୁମଣି ଉପସ୍ଥାପନ କଲେ -

"ଛବିରେ କେ ଜିଣେ ନବରବିଙ୍କି
କେ ପେଟ ପୋଷେ ଧନୁଶ ବିକି
ଜଳଠାରେ ଭୀତି କାହାର ନିତି
କା'ର ଭୟ ନାହିଁ ଉରଗ ପ୍ରତି
ବିଚାରି କହିବ
ଚାରିପଦାର୍ଥ ଏକ ହୋଇଥିବ ।"

ମାତ୍ର ବକ୍ରବାକ୍ ଚକ୍ରପାଣି ଏହାର ଉତ୍ତର ଦେଇପାରି ନ ଥିଲେ । ଏହାର ଉତ୍ତରଟି ଏହିପରି -

ଅବିର (ଫଗୁ)
ଅବୀର (ଦୁର୍ବଳ)
ଅବିର (ଛେଳି)
ଅବିର (ଗରୁଡ଼)

ନୟାଗଡ଼ ରାଜବଂଶର ଏକବିଂଶତମ ରାଜା ହେଉଛନ୍ତି ବ୍ରଜବନ୍ଧୁ ସିଂହ ମାନଧାତା । ସେ ସାହିତ୍ୟାନୁରାଗୀ ରାଜାଥିଲେ । ତାଙ୍କ ଦରବାରରେ ନୟାଗଡ଼ ରାଜ୍ୟର କେତେଜଣ କବି ସ୍ଥାନ ପାଇଥିଲେ । ନୟାଗଡ଼ର ଦ୍ୱାବିଂଶତମ ରାଜା ହେଉଛନ୍ତି ଲଡୁକେଶ୍ୱର ସିଂହ ମାନଧାତା । ଲଡୁକେଶ୍ୱର ସିଂହ ମାନଧାତା ମଧ୍ୟ କବି ସ୍ୱଭାବର ଥିଲେ । ଲଡୁକେଶ୍ୱର ସିଂହ ମାନଧାତା ଦୁଇଗୋଟି ଚଉତିଶା ଲେଖିଥିବାର ପ୍ରମାଣ ମିଳେ । ଲଡୁକେଶ୍ୱର ସିଂହ ମଧ୍ୟ ନୟାଗଡ଼ ରାଜ୍ୟର କବିମାନଙ୍କୁ ପୃଷ୍ଠପୋଷକତା କରୁଥିଲେ । ରାଜା ଲଡୁକେଶ୍ୱର ସିଂହଙ୍କ ସମୟରେ ଜଗୁରାଉତରା (କୁରାଳ ଗ୍ରାମ) ଜଣେ ପ୍ରସିଦ୍ଧ ମଲ୍ଲଯୋଦ୍ଧା ଥିଲେ । ସେ ଖଣ୍ଡେ ଠେଙ୍ଗା ଓ ଗୋଟିଏ ଦଉଡ଼ି ଦ୍ୱାରା ସମସ୍ତ ମଲ୍ଲଙ୍କୁ ପରାସ୍ତ କରୁଥିଲେ । ତାଙ୍କର ଆଦେଶ ଥିଲା 'ବାନ୍ଧ୍ ବାନ୍ଧ୍ ଦଉଡ଼ି ପିଟ୍ ପିଟ୍ ଠେଙ୍ଗା' । ଯେ ଯାହାକୁ ଏହା କହୁଥିଲେ ସଙ୍ଗେ ସଙ୍ଗେ ତାଙ୍କ ନିକଟରେ ଥିବା ଦଉଡ଼ି ଅପର ବ୍ୟକ୍ତିଙ୍କୁ ବାନ୍ଧି ପକାଉଥିଲା ଏବଂ ଠେଙ୍ଗା ପିଟି ଚାଲୁଥିଲା । ଏପରିକି ସେ କୁଜଙ୍ଗ ଷଣ୍ଢକୁ ପରାସ୍ତ କରିଥିଲେ । ତାଙ୍କ ସମ୍ପର୍କରେ କବି ଅର୍ଜ୍ଜୁନ ବାରିକ ଲେଖିଛନ୍ତି-

Source: Author, Digitized by PPRACHIN, SOA

''ଜଗୁ ରାଉତରାୟଙ୍କର କଥା କେ ନ ଜାଣେ
ସାରା ଭାରତ ଚହଳ ପଡ଼େ ତାଙ୍କ ନାମେ ।

ନୟାଗଡ଼ କୁରାଳ ମୌଜାରେ ଜନ୍ମିଥିଲେ
ଯୁଗଯୁଗ ପାଇଁ ନୟାଗଡ଼ ଉଦ୍ଧାରିଲେ ।

ଶ୍ରୀ ଲଡୁକେଶ୍ୱର ସିଂହ ରାଜୁତି କାଳରେ
ହାତୀରେ ବସି ରାଜା ଯାଆନ୍ତେ ଦରବାରେ ।

ପଛରୁ ହାତୀ ଲାଞ୍ଜକୁ ଜଗୁ ଭିଡ଼ିଧରି
ରଖନ୍ତେ ପାଦେକ ହାତୀ ନ ପାରିଲା ଚଳି ।

ହାତୀ ରହନ୍ତେ କଦର୍ଯ୍ୟେ ପିଟଇ ମାହୁନ୍ତ
ପଛକୁ ଚାହିଁଲେ ରାଜା ଦେଖିଲେ ଅଦ୍ଭୁତ ।

ଜଗୁ ରାଉତରାୟଙ୍କୁ ଯେ ଚିହ୍ନିଣ ରାଜନ
ବୋଇଲେ କିମ୍ପା ଧରିଛ କହ କି କାରଣ ?''

ଜଗୁ କହିଲେ-

''ଜଗୁ ବୋଇଲେ ଖାଇବାକୁ ଅନ୍ନ ନ ରୁଚଇ
ଘୃତର ଅଭାବ ମୋତେ ହେଲା ନର ସାଇଁ ।

ଏହା ବିନେ ନ ବୁଝିଲ ଚଳିବି କିପରି
ଦିନୁଦିନୁ ତନୁକ୍ଷୀଣ ହୋଇଲା ମୋହରି ।

ଶୁଣି ରାଜା ହସି ହସି ଆଦେଶ କରିଲେ
ରାଜା ଖଞ୍ଜା ଘୃତଯାକ ସବୁ ଦିଆଇଲେ ।

ଦୁଇ ସେର ଘୃତ ନିତ୍ୟ ଖଞ୍ଜିଲେ ରାଜନ ।''

ଶୁଣାଯାଏ ଯେ ଜଗୁ ରାଉତରା ଗୋଟିଏ ଖଜୁରୀ ଗଛକୁ ଲେଡ଼ାମାରି ଦୋହଲାଇ ଓପାଡ଼ି ପକାଇଥିଲେ । କବି ଅର୍ଜ୍ଜୁନ ବାରିକ ଲେଖିଛନ୍ତି-

''ଆଉ ଏକ କଥା ରାଉତରାଙ୍କର ଶୁଣ
ଦରବାରକୁ ରାଜନ ଯିବାର ବାଟରେ
ଖଜୁରୀ ବୃକ୍ଷେକେ ବହୁ ଅସୁବିଧା କରେ ।

Source: Author, Digitized by PPRACHIN, SOA

ପ୍ରକାଣ୍ଡ ଖଜୁରୀ ବୃକ୍ଷ ହାତୀ ଯାଏ ଲଇଁ
ବାହୁଙ୍ଗା ଓହଳି ତାର ଝଙ୍କା ଦିଶୁଥାଇ ।

ଉପାଡ଼ିବା ଉପାଡ଼ିବା କରନ୍ତେ ବିଚାର
ଦିନେ ରାଜା ଡକାଇଲେ ବେଠିଆ ଅପାର ।

ବୋଇଲେ ଖଜୁରୀ ବୃକ୍ଷ କାଟି ସଫାକର ।
ରାଉତରାଙ୍କ କାନକୁ ଗଲା ସେ ଖବର ।

କଳିଯୁଗେ ନବଦୁର୍ଗେ ଯେ ଦ୍ୱିତୀୟ ଭୀମ
ରାଜାଙ୍କୁ ବୋଇଲେ କିମ୍ପା ଏତେ ପରିଶ୍ରମ ?

ଆଜି ଛାମୁ ବିଜେ ସମୟରେ ସଙ୍ଗେ ଯିବି
ଏକା ମୁହିଁ ସେ ଖଜୁରୀ ଗଛ ଉପାଡ଼ିବି ।

ଜଣକୁ ନିଅଣ୍ଟ ଏତେ ଲାଗିବେ ବେଠିଆ
ନୟାଗଡ଼ରେ ରାଜାଙ୍କୁ ପ୍ରଜା ସୁକାଳିଆ ।

ପ୍ରଜା ବେଠି ବନ୍ଦକରି ତହିଁଆର ଦିନ
ଯେତେବେଳେ ଦରବାରେ ଚଳିଲେ ରାଜନ ।

ଆଗେ ଆଗେ ରାଉତରା ବୃକ୍ଷପାଶେ ଗଲେ
ତ୍ରିକଚ୍ଛେ ବସନ ଅଣ୍ଟାରେ ସେ ଭିଡ଼ିଦେଲେ ।

ଲେଡ଼ାମାରି ବୃକ୍ଷକୁ ସେ ଦୋହଲାଇ ଜାଣ
ଉପାଡ଼ି ଫୋପାଡ଼ି ଦେଲେ ଶକ୍ତି ଖଟାଇଣ ।

ସାବାସ କହିଣ ରାଜା ବହୁ ପ୍ରଶଂସିଲେ
ମଲ୍ଲପଣେ ଦରବାରରେ ଆସନ ଅର୍ପିଲେ ।''

ଶୁଣାଯାଏ ପ୍ରସିଦ୍ଧ ମଲ୍ଲବୀର କୁଜଙ୍ଗ ଷଣ୍ଢକୁ ମଧ୍ୟ ନୟାଗଡ଼ର ଏହି ମଲ୍ଲ ଜଗୁ ରାଉତରା ପରାସ୍ତ କରିଥିଲେ । ଫଳରେ ନୟାଗଡ଼ ରାଜାଙ୍କର ଟେକପଣ ରହିଥିଲା । ଏହି ଘଟଣାଟି ପୁରାଣକାର ଅର୍ଜ୍ଜୁନ ବାରିକ ନିମ୍ନ ଭାବରେ ଉପସ୍ଥାପନ କରିଛନ୍ତି-

''ଆଉଦିନେ ନୟାଗଡ଼ ରାଜ ଦରବାରେ
କୁଜଙ୍ଗ ଷଣ୍ଢ ନାମରେ ଆସିଲାକ ମଲ୍ଲେ ।

ରାଜାଙ୍କୁ ବୋଇଲା ମଲ୍ଲ ଯୁଦ୍ଧ ମୁଁ ଇଛଇଁ
ମଲ୍ଲବିଦ୍ୟା ଦେଖାଇବି ଆହେ ନରସାଇଁ ।

Source: Author, Digitized by PPRACHIN, SOA

ବହୁତ ଗଡ଼ଜାତ ମୁଁ ଜିଣି ଆସିଛଇଁ
ମୋ ବଳକୁ କେହି ହେଲେ ସରିହେଲେ ନାହିଁ ।

ପରାସ୍ତ ହେଲେଣି ସବୁ ଗଡ଼ଜାତ ମଲ୍ଲ
ଭଣ୍ଡ ଦେଖାଇ ରାଜାଙ୍କୁ ଖାଆନ୍ତି କେବଳ ।

ଶେଷକୁ ଏ ନୟାଗଡ଼ ପଡ଼ିଅଛି ପାଳି
ପଠାଅ ମଲ୍ଲ ମୋ ସାଙ୍ଗେ ଯାଉ ଖେଳ ଖେଳି ।

ବାରମ୍ବାର ସେ ନିଜର ବଡ଼ିମା ଦେଖାଇ
ବାହାସ୍ଫୋଟ ମାରି ବେନିଡେଣାକୁ ମର୍ଦ୍ଦଇ ।"

କୁଜଙ୍ଗ ଷଣ୍ଢକୁ ଦେଖି ସଭାଜନମାନେ ନିମ୍ନ ଭାବରେ ଆଲୋଚନା କରିଥିଲେ-

"ସଭାସ୍ଥିତ ଜନେ ତାକୁ ଦେଖି ଭୟ କଲେ
କୁଜଙ୍ଗ ଷଣ୍ଢ ତା' ନାମ ଯେହୁ ଶୁଣିଥିଲେ ।

ବୋଇଲେ କେ ରଣପୁରେ ଦେଖିଅଛ ଭାଇ
ଏକା ବିଧାକେ ମଲ୍ଲକୁ ଦେଲା ଏ ଶୁଆଇ

କେ ବଡ଼ମ୍ବା ବାଙ୍କୀଗଡ଼େ କେ କହେ ଖୋର୍ଦ୍ଧାରେ
କେ କହଇ ଦଶପଲ୍ଲା ଆଉ ବାଣପୁରେ ।

ଶୁଣିଅଛୁ ଏହା ନାମରେ ପ୍ରଶଂସା ଅଛଇଁ
ପରାସ୍ତ କରିଛି ମଲ୍ଲଗଣକୁ ଯେ ଏହି ।

ସଭାସଦଙ୍କର ଶୁଣି ଏସନ ବଚନ
କି କହିବି ବୋଲି ତାହିଁ ଭାଳିଲେ ରାଜନ ।

ପରାସ୍ତ ହୋଇଲେ ସର୍ବେ ମଲ୍ଲଯୁଦ୍ଧ କରି
କୁଜଙ୍ଗ ଷଣ୍ଢ ସହିତ କେ ନୋହିଲେ ସରି ।"

ଏହାପରେ ରାଜା ଜଗୁ ରାଉତରାୟଙ୍କ ସାହାଯ୍ୟ ଲୋଡ଼ିଥିଲେ ।

"ଜଗୁ ରାଉତରାଙ୍କର ପାଶକୁ ବହନ
ଖବର ଦେଇ ଡକାଇ ଆଣିଲେ ରାଜନ ।

ବୋଇଲେ ହେ ରାଉତରା ଏହି ମଲ୍ଲ ଆସି
କହୁଛି ଅନେକ ଟାଣେ ନିଜକୁ ପ୍ରଶଂସି ।

Source: Author, Digitized by PPRACHIN, SOA

ଶୁଣିଛି ଅନେକ ମଲ୍ଲ ପରାସ୍ତ କଲାଣି
ଶେଷକୁ ନୟାଗଡ଼କୁ ଆସିଅଛି ପୁଣି ।

ଖଜୁରୀ ବୃକ୍ଷ ଉପୁଡ଼ା ଠାରୁ ତୁମ ବଳ
ଜାଣିଥିବାରୁ ଡକାଇ ଆଣିଛି କେବଳ ।

ପାରିବକି ତୁମ୍ଭେଯାଇ ମଲ୍ଲର ସହିତ
ଏପରି ସନ୍ଦେହ ଭରେ କହୁ ନରନାଥ ।

ଶୁଣି ଜଗୁ ରାଉତରା ଅତି ଆନନ୍ଦରେ
ଷଣ୍ଢ ଦେଖି ଷଣ୍ଢ ଯେହ୍ନେ ଗମେ ଖରତରେ ।"

× × ×

ଏହାପରେ ଜଗୁରାଉତରାୟଙ୍କ ସହ କୁଜଙ୍ଗଗଡ଼ ଷଣ୍ଢ ସହିତ ଲଢ଼େଇ ଆରମ୍ଭ ହେଲା । କବିଙ୍କ ଭାଷାରେ –

"କଟାଣି ବିନ୍ଧାଣ ଛୁରୀ ଖେଳ ଯେ ଆବର
କଉତୁକ ଖେଳମାନ କରନ୍ତି ଅପାର ।

ଦେଖିବା ଜନେ କହନ୍ତି ଧନ୍ୟ ରାଉତରା
କେଉଁଦିନୁ ସାଧିଥିଲେ ଏହି ବିଦ୍ୟାପରା ।

ଶେଷକୁ ବାଡ଼ି ଖେଳ ଯେ କରନ୍ତେ ସନ୍ଧାନ
କୁଜଙ୍ଗ ଷଣ୍ଢ ବିଚାରେ ଯିବ ଏ ବଳିଣ ।

ମନ୍ତ୍ର ଖେଳିବାକୁ ସେହି ଆରମ୍ଭ କରିଲା
ମଲ୍ଲବିଦ୍ୟା ଯହୁଁ ତାର ଶେଷ ହୋଇଗଲା ।

ରାଉତରା ବୋଇଲେକ ରାଜି ମୁଁ ଅଛଇଁ
ଜଣାଯିବ ମନ୍ତ୍ରଖେଳ କେତେକେ ଜାଣଇଁ ।

ଏତେ କହି ରାଉତରା ଦଉଡ଼ି ଖଣ୍ଡିଏ
ମନ୍ତ୍ରପୂତ କରି ତାକୁ ଅତ୍ୟନ୍ତ ସଭୟେ ।

ବାନ୍ଧ ବାନ୍ଧ କହି ମଲ୍ଲ ପାଖକୁ ଫିଙ୍ଗିଲେ
ହାତ ବଢ଼ାଇ ତାହାକୁ ମଲ୍ଲଧରି ବଳେ ।

ହସି ହସି ଯେତେ ମନ୍ତ୍ର ଲେଉଟ କରଇ
ବାନ୍ଧି ଦେଲା ହାତ ତାର କିଛି ନ କାଟଇ ।

Source: Author, Digitized by PPRACHIN, SOA

ତାହାପରେ ଠେଙ୍ଗାଟିଏ ଫିଙ୍ଗି ରାଉତରା
ପିଟପିଟ କହି ମନ୍ତ୍ରପୂତ କଲେ ତ୍ୱରା ।
ଦୁଲୁଦୁଲୁ ପଡ଼ନ୍ତେ ଯେ ଠେଙ୍ଗାର ପ୍ରହାର
ଛଟପଟ ହୋଇ ମଲ୍ଲ ହୋଇଲା କାତର ।

× × ×

ତଡ଼ିତଡ଼ି ନେଇ ଧାଇଁ ଜଗୁ ରାଉତରା
କୁଜଙ୍ଗ ଷଣ୍ଢକୁ ପାରକଲେ କାଉତରା ।
ନବଦୁର୍ଗ ରାଜା ରାଉତରାଙ୍କ ବୀରତ୍ୱ
ଦେଖି ବହୁତ ତାହାଙ୍କୁ କଲେ ସମ୍ମାନିତ ।
ବାଇଶିବାଟି ଜମି ଜାଗିରି ଖଞ୍ଜିଦେଲେ
ତାହା ଜଗନ୍ନାଥ ଭୋଗେ ଜଗୁ ଦେଇଦେଲେ ।''

ମନ୍ତ୍ରବଳରେ ଜଗୁ ରାଉତରା 'ବାନ୍ଧ୍ ବାନ୍ଧ୍ ଦଉଡ଼ି ପିଟ୍‌ପିଟ୍ ଠେଙ୍ଗା'ର ପ୍ରୟୋଗ କରି କୁଜଙ୍ଗ ଷଣ୍ଢକୁ ପରାସ୍ତ କରିଥିଲେ । ଏହି ପ୍ରସଙ୍ଗଟି ଏବେ ମଧ୍ୟ ଜନମାନସରେ ସାଇତା ହୋଇ ରହିଛି – "ବାନ୍ଧ୍ ବାନ୍ଧ୍ ଦଉଡ଼ି, ପିଟ୍‌ପିଟ୍ ଠେଙ୍ଗା ।"

ଏଠାରେ ଉଲ୍ଲେଖଯୋଗ୍ୟଯେ, ନୟାଗଡ଼ର ଏହି ରାଜା ଶ୍ରୀ ଲଡୁକେଶ୍ୱର ସିଂହ ମାନ୍‌ଧାତା ଓ କବିବର ରାଧାନାଥ ରାୟଙ୍କ ଭେଟାଭେଟ ପ୍ରସଙ୍ଗଟି କେତେ ତାତ୍ପର୍ଯ୍ୟପୂର୍ଣ୍ଣ । ଶ୍ରୀ ଦୁର୍ଗାଚରଣ ରାୟ ଲେଖିଛନ୍ତି- "ଭୂଦେବ ବାବୁଙ୍କ ଗୃହରୁ ପ୍ରତ୍ୟାଗମନ ସମୟରେ ରାଧାନାଥ ହୁଗୁଳିର ଗୋଟିଏ ଧର୍ମଶାଳାର ବାରଣ୍ଡାରେ ନୟାଗଡ଼ର ସୁପ୍ରସିଦ୍ଧ ରାଜା ଲଡୁକେଶ୍ୱର ମାନଧାତାଙ୍କୁ ଦଣ୍ଡାୟମାନ ହୋଇଥିବା ଦେଖି ହଠାତ୍ ଗାଡ଼ିରୁ ଓହ୍ଲାଇ ତାହାଙ୍କ ଆଗମନର କାରଣ ପଚାରିଲେ । ରାଜା ମହୋଦୟ କହିଲେ ସେ ଓ ରାଣୀ ସାହେବା ଭାରତ ବର୍ଷର ସମସ୍ତ ପ୍ରସିଦ୍ଧ ସ୍ଥାନସମୂହ ଭ୍ରମଣ କରି ସ୍ୱରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରୁଅଛନ୍ତି ଓ ହୁଗୁଳିର ପ୍ରସିଦ୍ଧ ଇମାମବାଡ଼ା ଦେଖିବାକୁ ହୁଗୁଳି ଆସିଛନ୍ତି । ସେଦିନ ସେମାନେ କଲିକତା ଯିବେ ବୋଲି ରାଧାନାଥଙ୍କୁ ସେଠାରେ ଅଧଘଣ୍ଟାଏ ଅଟକାଇଦେଲେ । ରାଜା କହିଲେ, ରାଣୀ ରୋଷେଇ କରୁଅଛନ୍ତି । ଅଧଘଣ୍ଟା ମଧ୍ୟରେ ଆହାର ଶେଷ କରି ସମସ୍ତେ ଯିବାକୁ ପ୍ରସ୍ତୁତ ହେବେ । ରାଜା ଓ ରାଣୀଙ୍କ ଗହଣରେ କୌଣସି କର୍ମଚାରୀ, ଭୃତ୍ୟ କିମ୍ବା ଦାସୀ ପ୍ରଭୃତି ନ ଥିଲେ । କେବଳ ରାଜା ଓ ରାଣୀ ଉଭୟେ ଏକତ୍ର ଭାରତ ବର୍ଷର ପ୍ରସିଦ୍ଧ ସ୍ଥାନ ସମୂହ ଦେଖିଆସିଥିଲେ । ରାଧାନାଥ କଥା ପ୍ରସଙ୍ଗରେ ରାଜାଙ୍କୁ କହିଲେ, ଆପଣମାନେ ତ ପ୍ରଥମ ଶ୍ରେଣୀର ରେଳଗାଡ଼ିରେ ଯିବେ, ମୁଁ ମଧ୍ୟମ ଶ୍ରେଣୀର ଗାଡ଼ିରେ ଯିବି । ଟିକିଏ ପୂର୍ବରୁ ଷ୍ଟେସନକୁ ନ ଗଲେ

Source: Author, Digitized by PPRACHIN, SOA

ଟିକଟ କିଣିବା କଠିନ ହେବ ।" ରାଜା କହିଲେ- "ରାଧାନାଥ ବାବୁ, ଆପଣ କ'ଣ ମନେ କରନ୍ତି, ପ୍ରଜାଙ୍କ ତଣ୍ଟିଚିପା ଟଙ୍କାରେ ମୁଁ ପ୍ରଥମ ଶ୍ରେଣୀର ଟିକେଟ୍ କିଣି ଭ୍ରମଣ କରିବି ? ଦେଖନ୍ତୁ ଆମ ଟିକଟ ।'

ଏହା କହି ରାଜା ରାଣୀଙ୍କର ଦୁଇଖଣ୍ଡ ତୃତୀୟ ଶ୍ରେଣୀର ଟିକଟ (ଯାହା ପୂର୍ବରୁ କିଣାହୋଇଥିଲା) ଦେଖାଇଲେ । ରାଧାନାଥ ଏହି ଦୃଶ୍ୟ ଦେଖି ମୁଗ୍ଧ ହେଲେ ଏବଂ ସମସ୍ତେ ଏକ ସଙ୍ଗରେ ହୁଗୁଳିରୁ କଲିକତା ପ୍ରତ୍ୟାବର୍ତ୍ତନ କରି ସେଠାରୁ ଷ୍ଟିମରରେ କଟକ ଆସିଲେ ।" ପୁନଶ୍ଚ ଦୁର୍ଗାଶଙ୍କର ରାୟ ଲେଖିଛନ୍ତି - "ଏହି ରାଜା ଲଡୁକେଶ୍ୱର ମାନ୍ଧାତାଙ୍କ ଭଳି ଦାନଶୀଳ ଓ ପରଦୁଃଖକାତର ରାଜା ମହୋଦୟ ରାଧାନାଥଙ୍କ କଟକ ବସାରେ ପଦାର୍ପଣ ପୂର୍ବକ ମଣୋହି ବଢ଼ାଉଥିଲେ ।

Copy right reserved

ରାଜା ନାରାୟଣସିଂହ ମାନଧାତା

ନୟାଗଡ଼ ରାଜବଂଶର ପଚିଶତମ ରାଜା ହେଉଛନ୍ତି ନାରାୟଣସିଂହ ମାନଧାତା । ଯଦିଓ ସେ ଅଶିକ୍ଷିତ ଥିଲେ, ତେବେ ସାହିତ୍ୟ ପ୍ରତି ତାଙ୍କର ଆନ୍ତରିକତା ଥିଲା । ତାଙ୍କଦ୍ୱାରା ରଚିତ ଚଉପଦୀଟିଏ ସଂଗୃହୀତ ହୋଇଛି । ଏଥିରେ ରାଜା ଲେଖିଛନ୍ତି -

"ମାଳତୀ ଫୁଲର ବାସ ମଉଳି ଯାଏ ଲୋ ସହୀ
ଯେସନେ ତେସନେ ପରପୀରତି ରହେ ଲୋ ନାହିଁ ।

× × ×

ଦୀନହୀନ ନାରାୟଣ ଗୀତେ କହଇ ।"

ନବଦୁର୍ଗ ରାଜ୍ୟର ଷଡ଼ବିଂଶତମ ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତା ଜଣେ ବିଦ୍ୱାନ ଓ ସାହିତ୍ୟପ୍ରାଣ ନରପତି ଥିଲେ । ରାଜା କୃଷ୍ଣଚନ୍ଦ୍ର ସିଂହଙ୍କ ସମ୍ପର୍କରେ କବି ଅର୍ଜୁନ ବାରିକ ଲେଖିଛନ୍ତି-

''କୃଷ୍ଣଚନ୍ଦ୍ର ସିଂହ ମାନଧାତା ସିଂହାସନ
କୋଡ଼ିଏ ବର୍ଷ ବୟସେ କରିଲେ ଆରୋହଣ ।

ମହା ଉତ୍ସବରେ ଅଭିଷେକ ତାଙ୍କ ହେଲା
ପନ୍ଦର ଦିନ କଚେରୀ ବନ୍ଦ ହୋଇଥିଲା ।

ଆନନ୍ଦ ଉଲ୍ଲାସେ ନୟାଗଡ଼ ଯେ ହସିଲା
ଧର୍ମମାର୍ଗେ ଅଷ୍ଟରାଜା ଶାସନ ଆସିଲା ।

Source: Author, Digitized by PPRACHIN, SOA

ନେପାଳର ଚନ୍ଦ୍ରବଂଶ ରାଜା ବାହାଦୂର
ଜେମା ହେମାରାଜଲକ୍ଷ୍ମୀଙ୍କର ସହିତର ।

କୃଷ୍ଣଚନ୍ଦ୍ର ସିଂହଙ୍କର ହୋଇଲା ବିବାହ
ଜନ୍ମିଲେ ହେମାଙ୍କ ଗର୍ଭୁ ଶ୍ରୀ ବ୍ରଜେନ୍ଦ୍ର ସିଂହ ।

କିଛିଦିନ ପରେ ହିନ୍ଦୋଳ ମାମୁଁଙ୍କ କନ୍ୟା
ସୌଭାଗ୍ୟ ମଞ୍ଜରୀଙ୍କୁ ବିବାହହେଲେ ସିନା ।

ତିନୋଟି ସୁତା ଆବର ଏକଗୋଟି ପୁତ୍ର
ସୌଭାଗ୍ୟ ମଞ୍ଜରୀ ଗର୍ଭୁ ହୋଇଲେକ ଜାତ ।

ଅମରେନ୍ଦ୍ର ସିଂହ ତାଙ୍କ ନାମ ଅଟେ ଜାଣ
ପିତା ପରେ ବ୍ରଜେନ୍ଦ୍ର ଯେ ହୋଇଲେ ରାଜନ ।

କୃଷ୍ଣଚନ୍ଦ୍ର ବହୁବାର ଇଂଲଣ୍ଡ ଭ୍ରମଣ
କରି ଇଂରାଜୀରେ ଲେଖିଥିଲେ ରାମାୟଣ ।

ଇଂଲଣ୍ଡର ଘରେ ଘରେ ହେଉଛି ଆଦୃତ
ରାଜକବି କୃଷ୍ଣଚନ୍ଦ୍ର ଅମର କୃତିତ୍ୱ ।''(ବୃହତ୍ ଶ୍ରୀ ରଘୁନାଥ ପୁରାଣ)

କବି ଆନନ୍ଦ ଚନ୍ଦ୍ର ମିଶ୍ର ରାଜାସାହେବ କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କର ସଖ୍ୟଲାଭ କରିଥିଲେ । ଆନନ୍ଦ ଚନ୍ଦ୍ର ମିଶ୍ର ତାଙ୍କର ଆତ୍ମଜୀବନୀ (ପାଣ୍ଡୁଲିପି)ରେ ଲେଖିଛନ୍ତି - "ରାଜା ସାହେବ ମୋର କବିତା, ପରିଶ୍ରମ ଚାତୁରୀ ଓ ପ୍ରତ୍ୟୁତ୍ପନ୍ନମତି ଭାବରେ ଖୁସିଥାଆନ୍ତି । ତେଣୁ ସେ ମୋର ସମସ୍ତ ଲେଖା ବହିକୁ ନୟାଗଡ଼ ପ୍ରେସ୍‌ରେ ଛପାଇବାକୁ ହୁକୁମ୍ ଦେଇଥାଆନ୍ତି । କାଗଜ ଖରଚ ପାଇଁ ମଧ୍ୟ ପାଞ୍ଚଶ ଟଙ୍କା ଦେଇଥାଆନ୍ତି । ପରୀକ୍ଷାବେଳେ ଦୁଇଶ ଟଙ୍କା ଦେଇଥିଲେ । ମୋର ଘର ତିଆରି ପାଇଁ ଚାରି ଫୁଟିଆ ତିରିଶିଟା ଶାଳଗଛ ଓ ପାଞ୍ଚଟା ପିଆଶାଳ ଗଛ ବିନା ଫିସ୍‌ରେ ଦେଇଥାଆନ୍ତି । ଏହାପରେ ରାଜା ସାହେବ ଆମ ଗାଁରେ ଥିବା ତାଙ୍କ ଖମାରରୁ ପ୍ରାୟ ଛଅ ଏକର ଜମି ମୋ ନାମରେ କରିଦେଲେ । ଏସବୁ ଅନ୍ୟମାନଙ୍କୁ ବାଧିଲା ଓ ଅନେକେ ପରଶ୍ରୀକାତର ହେଲେ ।"

ଏହାପରେ ଆନନ୍ଦ ଚନ୍ଦ୍ର ମିଶ୍ର ଲେଖିଛନ୍ତି - "୧୯୪୭ ଶେଷଦିନ ରାଜ୍ୟରୁ ରାଜା ଗଲେ । ରାଜପଦ ଲୋପ ହେଲା ଓ ନୟାଗଡ଼ ଓଡ଼ିଶା ସହିତ ମିଶିଲା । ସେଦିନ ରାତିରେ ରାଜବାଟୀରେ ଏକ କରୁଣ ଦୃଶ୍ୟ ଦେଖାଗଲା । ରାଜା ଓ ରାଣୀ ଭୋ ଭୋ କାନ୍ଦିଲେ । ରାଜବାଟୀରୁ ଏକ କରୁଣ ଅଜଣା କ୍ରନ୍ଦନ ଧ୍ୱନି ଶୁଣାଗଲା । ରାଜଲକ୍ଷ୍ମୀଙ୍କର

Source: Author, Digitized by PPRACHIN, SOA

ତାହା ବିକଳ ଓ ବିକଟ ଚିତ୍କାର । ୧୯୪୮ ଜାନୁଆରୀ ପହିଲା ଦିନ ଆଡ୍‌ମିନ୍‌ଷ୍ଟ୍ରେଟର ରାଜ୍ୟଭାର ଗ୍ରହଣ କଲେ । ଆମେ ରାଜ୍ୟର ସଚ୍ଚୋଟ କର୍ମଚାରୀ ହେବାକୁ ଶପଥ ଗ୍ରହଣ କଲୁ । ମୁଁ କଚେରୀକୁ କାମ କରିବାକୁ ଆସିଲା ଦିନ ମୋ ମନରେ ବିଶେଷ ଭୟ ହୋଇଥିଲା । କିପରି କାମ କରିବି ? ମୋତେ ଅଫିସ୍ କାମ ଆଦୌ ମାଲୁମ୍ ନଥାଏ । ଏକାଦିନକେ ମାଷ୍ଟରରୁ ମାଜିଷ୍ଟ୍ରେଟ୍ ।"

ଏହିପରି ଭାବରେ ନୟାଗଡ଼ର ରାଜବଂଶ ସାହିତ୍ୟ ଓ ସଂଗୀତ ପ୍ରତି ବେଶ୍ ଆଗ୍ରହ ଓ ନିଷ୍ଠା ରଖିଆସିଛନ୍ତି । ବହୁ ଅତୀତରେ ନୟାଗଡ଼ ରାଜଦରବାରରେ ବହୁ ପ୍ରତିଭା ସମ୍ପନ୍ନ କବିମାନଙ୍କର ସମ୍ମେଳନ ହେଉଥିଲା । ରାଜଦରବାରରେ ସାହିତ୍ୟ ଚର୍ଚ୍ଚା ହୋଇଥିଲା । ସୁତରାଂ ନୟାଗଡ଼ ରାଜଦରବାର ସାହିତ୍ୟ ସଂଗୀତ ପ୍ରତି ଯେଉଁ ପ୍ରବଣତା ପ୍ରଦର୍ଶନ କରିଛନ୍ତି ତାହା ବାସ୍ତବିକ ପ୍ରଣିଧାନଯୋଗ୍ୟ । କର୍ପୂର ଉଡ଼ିଯାଇଛି ସତ, ମାତ୍ର କନା ପଡ଼ିଛି । ଆଜିର ଭଗ୍ନ ରାଜବାଟୀ ସେହି ଅତୀତ ଗୌରବର ମୂକସାକ୍ଷୀ ।

◆◆◆



(ରୁକ୍ଷି ପାହାଡ଼ ପାଦ ଦେଶରେ ପୁରୁଣା ରାଜବାଟୀର ଦୃଶ୍ୟ)

Source: Author, Digitized by PPRACHIN, SOA

ତୃତୀୟ ପରିଚ୍ଛେଦ

ଓଡ଼ିଆ ସାହିତ୍ୟ

ନୟାଗଡ଼ର ସାଂସ୍କୃତିକ ପରମ୍ପରା ସମୃଦ୍ଧ । କଳା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ କଳାତୀର୍ଥ ନୟାଗଡ଼ ଓଡ଼ିଶାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ପ୍ରଫେସର ଡକ୍ଟର ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ଲେଖିଛନ୍ତି- ''ନୟାଗଡ଼ ରାଜ ଦରବାର ଥିଲା ସଂସ୍କୃତ ସାହିତ୍ୟ ଚର୍ଚ୍ଚାର ପ୍ରଧାନ ପୀଠ ।'' ନୟାଗଡ଼, ଖଣ୍ଡପଡ଼ା, ରଣପୁର ଓ ଦଶପଲ୍ଲା- ଏହି ଚାରିଗୋଟି ଗଡ଼ଜାତର ରାଜାମାନେ ସାହିତ୍ୟର ପୃଷ୍ଠପୋଷକ ଥିଲେ । ଏହି ଗଡ଼ଜାତ ଗୁଡ଼ିକର ରାଜ ଦରବାରରେ ସଂସ୍କୃତ କାବ୍ୟଚର୍ଚ୍ଚାର ପରମ୍ପରା ପ୍ରଚଳିତ ଥିଲା । କାଳିଦାସଙ୍କ 'କୁମାର-ସମ୍ଭବମ୍', 'ମେଘଦୂତମ୍', 'ରଘୁବଂଶମ୍', 'ଶ୍ରୀହର୍ଷଙ୍କ 'ନୈଷଧ', ମାଘ କବିଙ୍କର 'ଶିଶୁପାଳ ବଧ', ଭାରବିଙ୍କର 'କିରାତ-ଅର୍ଜ୍ଜୁନୀୟମ୍', ଭବଭୂତିଙ୍କର 'ଉତ୍ତର ରାମଚରିତ' ପ୍ରଭୃତି କାବ୍ୟଗୁଡ଼ିକ ଚର୍ଚ୍ଚା ହେଉଥିଲା । ବ୍ୟାକରଣ ଶାସ୍ତ୍ରଗୁଡ଼ିକର ଚର୍ଚ୍ଚା କରାଯାଉଥିଲା । ନୟାଗଡ଼ର ରାଜା ବିନାୟକ ସିଂହଙ୍କ ରାଜତ୍ୱ ସମୟରେ ମାନଧାତାପୁର ଗ୍ରାମରେ ପଣ୍ଡିତ ବିଦ୍ୟାକର ମହାପାତ୍ର ନାମକ ବ୍ୟାକରଣଜ୍ଞ ଥିଲେ । ଏହି ପ୍ରଖ୍ୟାତ ସଂସ୍କୃତ ବିଦ୍ୱାନ କବି ଯଦୁମଣିଙ୍କ ଶିକ୍ଷାଗୁରୁ ଥିଲେ । ସୁତରାଂ କବି ଯଦୁମଣି ଏବଂ ତାଙ୍କର ସମକାଳୀନ ନୟାଗଡ଼ର କବିମାନେ ସଂସ୍କୃତ ସାହିତ୍ୟ ଦ୍ୱାରା ପ୍ରଭାବିତ । ସଂସ୍କୃତ କାବ୍ୟମାନଙ୍କରେ ଯେପରି ଋତୁବର୍ଣ୍ଣନା, ନଗର ବର୍ଣ୍ଣନା, ପ୍ରକୃତି ବର୍ଣ୍ଣନା, ନାୟକ-ନାୟିକାଙ୍କର ପ୍ରେମ, ବିରହ, ମିଳନର ଚିତ୍ର ରହିଛି, ଏହି ସମୟର କବିମାନଙ୍କ କାବ୍ୟକୃତିରେ ଏହା ଗୃହୀତ ହୋଇଛି । ରସଚର୍ଯ୍ୟା, ରୀତିବିଚାର, ଆଳଙ୍କାରିକତା, ରସିକତା, ଜୀବନବୋଧ, ସୌନ୍ଦର୍ଯ୍ୟବୋଧ ପ୍ରଭୃତି ସାହିତ୍ୟରେ ଗୃହୀତ ହୋଇଛି ।

ନୟାଗଡ଼ ରାଜଦରବାର ପରି ଖଣ୍ଡପଡ଼ା ଓ ରଣପୁର ରାଜବାଟୀରେ ସାହିତ୍ୟିକ ବାତାବରଣ ସୃଷ୍ଟି ହୋଇଥିଲା । ଖଣ୍ଡପଡ଼ାକୁ 'ବିଦ୍ୟାନଗରୀ' ବୋଲି ଅଭିହିତ କରାଯାଇଛି । ସାହିତ୍ୟ ଓ ଜ୍ୟୋତିଷ- ଉଭୟ କ୍ଷେତ୍ରରେ ଖଣ୍ଡପଡ଼ାର ପ୍ରସିଦ୍ଧି ସୁଦୂରପ୍ରସାରୀ । ସାମନ୍ତ ଚନ୍ଦ୍ରଶେଖର ଖଣ୍ଡପଡ଼ାର ଗର୍ବ ଓ ଗୌରବ । 'ସିଦ୍ଧାନ୍ତ-ଦର୍ପଣ' ତାଙ୍କର ଅମ୍ଳାନ ସୃଷ୍ଟି ।

Source: Author, Digitized by PPRACHIN, SOA

ଏହା ଜ୍ୟୋତିଷ, ସାହିତ୍ୟ ଓ ବ୍ୟାକରଣ ଶାସ୍ତ୍ରର ପୁଷ୍କଳ ତ୍ରିବେଣୀ । ବାସ୍ତବରେ 'ସିଦ୍ଧାନ୍ତ-ଦର୍ପଣ' ଭାରତର ଏକ ଶାଶ୍ୱତ ସୃଷ୍ଟି । ଏହାର ବିଳୟ ନାହିଁ । କବିବର ରାଧାନାଥ ରାୟ ଲେଖିଛନ୍ତି-

''ସିଦ୍ଧାନ୍ତ ଦର୍ପଣ ହେବନାହିଁ ଲୟ
ନରଦେହେ ଥିବ ଯାବତ ହୃଦୟ ।'' (ଦରବାର କାବ୍ୟ)

ଖଣ୍ଡପଡ଼ାରେ ବହୁ ଉଲ୍ଲେଖଯୋଗ୍ୟ ସଂସ୍କୃତଗ୍ରନ୍ଥ ରଚନା କରାଯାଇଛି । ଅନାଦି ମିଶ୍ର ଖଣ୍ଡପଡ଼ାର ରାଜା ନାରାୟଣ ସିଂହ ମର୍ଦ୍ଦରାଜଙ୍କ ପୃଷ୍ଠପୋଷକତା ଲାଭକରି 'ମଣିମାଳା' ନାମକ ନାଟିକା ରଚନା କରିଥିଲେ । ଏହା ବ୍ୟତୀତ ସେ ସଂସ୍କୃତରେ 'ରାସଗୋଷ୍ଠୀ ରୂପକମ୍', 'ଶ୍ରୀକୃଷ୍ଣ କେଳି କଲ୍ଲୋଳିନୀ' ଇତ୍ୟାଦି ରଚନା କରିଥିଲେ । ଅନାଦି ମିଶ୍ରଙ୍କ ପିତା ଶତଂଜୀବ ମିଶ୍ର ସଂସ୍କୃତରେ 'ମୁଦିତ ମାଧବ' ନାମକ ଗ୍ରନ୍ଥ ରଚନା କରିଥିଲେ । ରାଜା ବାଲୁଙ୍କେଶ୍ୱର ମଙ୍ଗରାଜଙ୍କ ସମୟରେ ଦୀନବନ୍ଧୁ ଖାଡ଼ଙ୍ଗା 'ହରିଭକ୍ତି ସୁଧାକର' ନାମକ ଏକ ଗ୍ରନ୍ଥ ରଚନା କରିଥିଲେ । ଏହା ୩୭୪୧ ଶ୍ଳୋକ ବିଶିଷ୍ଟ ଏକ ଗ୍ରନ୍ଥ । ତାଙ୍କର 'ଶ୍ରୀକୃଷ୍ଣ ସ୍ତବରତ୍ନ' ପାଠକଲେ ସଂସ୍କୃତରେ ଅଖଣ୍ଡ ଜ୍ଞାନ ଥିବାର ପ୍ରମାଣ ମିଳେ । ଏହିପରି ବିଦ୍ୟାନଗରୀ ଖଣ୍ଡପଡ଼ାରେ ସଂସ୍କୃତ ସାହିତ୍ୟର ସୁଦୃଢ଼ ଭିତ୍ତିଭୂମି ପ୍ରତିଷ୍ଠିତ ହୋଇଥିଲା । ଦୀନବନ୍ଧୁ ଖାଡ଼ଙ୍ଗା ତାଙ୍କର ଖଣ୍ଡପଡ଼ା ରହଣି କାଳରେ ଖାଡ଼ଙ୍ଗା ଭାଗବତ ରଚନା କରିଥିଲେ । ଭାଗବତକାର ଜଗନ୍ନାଥ ଦାସଙ୍କ ପରେ ଭାଗବତର ଆକ୍ଷରିକ ଅନୁବାଦ କରିବାରେ ଏହି ପରମ ଭାଗବତୀ ଦୀନବନ୍ଧୁ ଖାଡ଼ଙ୍ଗାଙ୍କ କୃତିତ୍ୱ ଯଥାର୍ଥରେ କାଳଜୟୀ ।

ନୟାଗଡ଼ ଓ ଖଣ୍ଡପଡ଼ା ମଧ୍ୟରେ ସାଂସ୍କୃତିକ ଭାବ ବିନିମୟ ଯଥାର୍ଥରେ ଉଭୟ ଗଡ଼ଜାତରେ ସାହିତ୍ୟ ସୃଷ୍ଟିପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିଥିଲା । ବଳିଷ୍ଠ ସାଂସ୍କୃତିକ ପରିବେଶ, ଧାର୍ମିକ ପରିବେଶ, ସହିତ ପ୍ରାକୃତିକ ପରିବେଶ ସାହିତ୍ୟ ସୃଜନର ମୂଳବୀଜ ଅଟେ । ଏହା ସତ୍ୟ ଯେ ସାହିତ୍ୟ ସମୟ ଓ ପରିବେଶର ମୂଲ୍ୟବାନ ଫସଲ । ନୟାଗଡ଼ରେ ସାହିତ୍ୟ ସାଧନା ପାଇଁ ଉତ୍କୃଷ୍ଟ ପରିବେଶ, ପୃଷ୍ଠଭୂମି ଓ ପ୍ରେରଣା ଥିଲା । ନୟାଗଡ଼ରେ ରୁକ୍ଷି ଓ ବଳରାମ ପାହାଡ଼ର ଶ୍ରୀ ବେଶ୍ ମନଲୋଭା । ଉଭୟ ପାହାଡ଼ରେ ବହୁ ପରିମାଣରେ ମାଳତୀ ଲତାରୁ ଭାସି ଆସୁଥିବା ସୁଗନ୍ଧି କବି ପ୍ରାଣକୁ ପୁଲକିତ କରିବା ସ୍ୱାଭାବିକ । ନବଦୁର୍ଗ ରାଜନ୍ୟ ବର୍ଗ ଥିଲେ ସାହିତ୍ୟ ରସିକ । ସୁତରାଂ ସେମାନେ ସାହିତ୍ୟ ସର୍ଜନା କରିବା ସହିତ ସାହିତ୍ୟର ବିକାଶ ପାଇଁ ବରାବର ପୃଷ୍ଠପୋଷକତା କରୁଥିଲେ ।

Source: Author, Digitized by PPRACHIN, SOA

ପୁରୁଷୋତ୍ତମ ସିଂହ ମାନଧାତା :

ନୟାଗଡ଼ର ଅଷ୍ଟାଦଶ ରାଜା ପୁରୁଷୋତ୍ତମ ସିଂହ ମାନଧାତା ଜଣେ ଯଶସ୍ୱୀ ମହୀପାଳ ଭାବରେ ସୁପରିଚିତ । ସେ ଥିଲେ ଉଭୟ ରାଜା ଓ କବି । ସେ ଉପେନ୍ଦ୍ର ଭଞ୍ଜ ଓ ତାଙ୍କ ପିତା ନୀଳକଣ୍ଠ ଭଞ୍ଜଙ୍କ ଘୋର ଦୁର୍ଦ୍ଦିନ କାଳରେ ତାଙ୍କୁ ରାଜ ପୃଷ୍ଠପୋଷକତା କରିଥିଲେ । ପୁରୁଷୋତ୍ତମ ସିଂହ 'ଶୋଭାବତୀ' ନାମକ କାବ୍ୟର ସ୍ମରଣୀୟ ସ୍ରଷ୍ଟା । ଏହା ଦଶଛାନ୍ଦ ବିଶିଷ୍ଟ ଏକ ଶୃଙ୍ଗାରଭିତ୍ତିକ କାବ୍ୟ । ନାୟକ କାଶ୍ମୀରର ରାଜା ପଦ୍ମଧ୍ୱଜଙ୍କ ପୁତ୍ର ଏବଂ ନାୟିକା ଶୋଭାବତୀ ଉଭୟଙ୍କର ପ୍ରଣୟ, ବିଚ୍ଛେଦ ଓ ପୁନର୍ମିଳନ ଆଦି ବିଷୟ କାବ୍ୟଟିର କଥାବସ୍ତୁ । କାବ୍ୟଟିରେ ଉଲ୍ଲେଖ ରହିଛି 'ବଘେଲକୁଳ ଈଶ ମାନଧାତା ଭଣି ଯେ' । ସୁତରାଂ ପୁରୁଷୋତ୍ତମ ସିଂହ ମାନଧାତା ବଘେଲ ବଂଶୀୟ ଥିଲେ । ନାୟକ ପ୍ରିୟାର ଅନୁପସ୍ଥିତରେ ତାର ବିରହାବସ୍ଥାକୁ ସ୍ମରଣ କରି ଶୋକାତୁର ହୋଇଛି । ଏହି ଶୋକାତୁର ଅବସ୍ଥା ସାଧାରଣ ମାନବୀୟ ପ୍ରେମର ଚିତ୍ର ପ୍ରଦାନ କରେ । ବଙ୍ଗଳାଶ୍ରୀ ରାଗରେ କବି ଲେଖିଛନ୍ତି-

"ବସି ଏକାନ୍ତରେ ଫୁଂସ ନିରନ୍ତରେ
ପ୍ରିୟାକୁ ଚିତ୍ତରେ ଗୁଣି
ମଦନ କାତରେ ଅତି ଆରତରେ
ବୋଲଇ ହା ହା ରମଣୀ ॥୧॥

ନୀରଦକେଶୀ ଶରଦଚନ୍ଦ୍ରମୁଖୀ
ଦ୍ୱିରଦ ଗତି ନବୀନା
ସେ ମତ୍ତ କାଶିନୀ ପିୟୂଷ ହାସିନୀ
ବଞ୍ଚିବ ସେହି ମୋ ବିନା ॥୨॥

କଷା ନୋହୁଥିବ ନିଶାରେ ନୟନ
ରସା-ମଣ୍ଡନାର ମୋର
ଅରୁଣ ଅଧରୀ ସରୁ ମଧମାକୁ
ଗରୁ ହୋଇଥିବ ହାର ॥୩॥

ନୀର ବହିଯାଇ ନୀରଜ ନୟନୁ
ଜର ଜର ହେବ ସ୍ତନ
ସ୍ମରଶର ଦରେ ହରହର ବର
ବରନା କରିବ ଧ୍ୟାନ ॥୪॥

Source: Author, Digitized by PPRACHIN, SOA

କନକ ବରନା ମନ ଦେଇଥିବ
ଅନୁବରତେ ମୋ ତହିଁ
ଘନକୁ ଅନାଇ ଶ୍ୱାସ ତେଜୁଥିବ
ଘନଘନ କରି ସହି ।।୫।।

ଶୋଭାକୁ ବଳୟ ବଳୟ ପାଶରେ
ତାଡ଼ ପଡ଼ିଥିବ ଖସି
ମଦନ ମୁକୁର ବଦନକୁ ଲକ୍ଷ୍ୟ
ହେବନି ବାସର ଶଶୀ ।।୬।।

କରକରଦନା କର ଦେଇଥିବ
ଶଶୀଖଣ୍ଡ ଗଣ୍ଡ ସ୍ଥଳେ
ଅଧର କମ୍ପକୁ କୁଧର ଉରଜା
ଧରୁଥିବ ବେଳେବେଳେ ।।୭।।

ତଡ଼ିତ ଗଉରି ପଡ଼ିପଦ୍ମଦଳେ
ଗଡ଼ିଯାଉଥିବ ସିନା
ଫଣୀମଣିମଣି ମଣିଭୂଷଣ
ମୃଣାଳ ନାଳ ଜ୍ଞାନ ହୀନା ।'' ।।୮।।

କାବ୍ୟଟିରେ ନାୟକ ଗୋଟିଏ ରାତ୍ରିର ମଧୁକ୍ଷରା ସ୍ମୃତିକୁ ମନେ ପକାଇ ଅତ୍ୟନ୍ତ ଆହ୍ଲାଦିତ ହୋଇଛି । ନାୟକର ସ୍ମୃତିଚାରଣ ଏହିପରି-

''ଦିନେ ନିଶାରେ ଶୋଇଥିଲି ପଲଙ୍କେ
କଲି ବନ୍ଧୁକୁ ଆଶ୍ଳେଷ
ମଦନଶର କୁଳିଶେ ହୋଇଗଲା
ମୋର ନିଦ୍ରାଗିରି ନାଶ ।

ପ୍ରଦୀପ ପ୍ରସାଦେ ଶୋଭାଙ୍ଗୀର ନିଦ୍ରା
ଭଙ୍ଗ କରିଛି ଦର୍ଶନ
ଶିଶୁ ସିଂହ ମଧ୍ୟା ଶ୍ରୀମୁଖ ସେକାଳେ
ଦିଶୁଥିଲା କି ପ୍ରସନ୍ନ ।

Source: Author, Digitized by PPRACHIN, SOA

ବାମ ଲୋଚନାର ବାମ କରପରେ
ଲପନ ଏମନ୍ତ ଦିଶି
ନବବିରହରେ ନବ ପଲ୍ଲବରେ
ଶୟନ କଲାକି ଶଶୀ ?

ଶ୍ୱାସବଶେ ତା'ର ତିଳଫୁଲ ନିନ୍ଦି
ଫୁଲୁଥିଲା ଚାରୁ ନାସା
ନୟନ ମୁଦ୍ରିତ ଛବିକି ଅନାଇ
କବିଙ୍କୁ କଲି ପ୍ରଶଂସା ।

ଧରି ନପାରି ଧଇର୍ଯ୍ୟ ସୁଅଧରି
ସଙ୍ଗେ ଆରମ୍ଭନ୍ତେ ରତି
ଜ୍ଞାନହୀନ ବନ୍ଧ ବିଧିଯାଏ ହୋଇ
ଥିଲା ସେ ସୁଧୀର ଗତି ।

ଚେତି ଚମକି ଜାକି ଜାନୁ ବୋଇଲା
ଏ କି ଆଜି ପରମାଦ
ବଡ଼ ଏ ଭଙ୍ଗୀ ଶିଖିଲ କାହୁଁ ହେ
ଛାଡ଼ ଲାଗୁଅଛି ନିଦ ।

ଆଗ ସୁଚୁମ୍ବନ ଆଲିଙ୍ଗନ ଦାନ
କର ବୋଲୁ ସୁମୁହିଁକି
କାହିଁକି ନୋହିବ ବୋଲି ଅପଘନ
କମ୍ପନ କଲା ତହିଁକି !

ନୀରଜନେତ୍ରାର ଉରଜ ଉପରେ
କରଜ ପୀଡ଼ି ଭିଡ଼ିଲି
ହସି ହସି କରି ଏଭାଷ ଭାଷିଲା
ଇଷି ଇଷି ମଳି ମଳି ।''

ଏହିପରି ପ୍ରିୟା ସହିତ ନାୟିକାର ରତିକାଳୀନ ସ୍ମୃତିକୁ ମନେପକାଇ ନାୟକ ମଦନପୀଡ଼ା ପାଇଛି । ଘୋର ମନସ୍ତାପ ଯୋଗୁଁ ନାୟକ ଚେତାଶୂନ୍ୟ ହୋଇପଡ଼ିଛି ।

Source: Author, Digitized by PPRACHIN, SOA

କବିଙ୍କ ଭାଷାରେ-

''ଏମନ୍ତ ଭାବି କ୍ଷିତିରେ ପଡ଼ିନର
ପତିସୁତ ହେଲା ମୋହ
ସଖାଏ ପଲ୍ଲବେ ବିଞ୍ଚି ନୀର ସିଞ୍ଚି
ସଚେତନ କଲେ ଦେହ ।

ଚେତନା ବସେ ଅବଶେ ବସି ଶ୍ୱାସ
ଛାଡ଼ି ଚାହେଁ ସବୁ ଦିଶ
କହେ ମନ୍ତ୍ରୀସୁତ ହେ ମିତ ଆରତ
ନୁହ କାର୍ଯ୍ୟହେଲା ଶେଷ ।

କାହୁଁ ହରି କୁମର ଅନୁକୂଳ କଲାନି
ଆସେ ଯିବାକୁ ସ୍ୱଦେଶ
ଅତି ମନୋରମ ପରମ ରହସ୍ୟ
ଅଷ୍ଟଛାନ୍ଦ ହେଲା ଶେଷ ।

ତମ ବିପକ୍ଷ ରାଧା-ପତି ସୁନ୍ଦର
ସଦା ଯେ କମଳ କର
ସେ କୃଷ୍ଣଚନ୍ଦ୍ରଭାବି ଛାନ୍ଦ ଭଣିଲେ
ମାନଧାତା ନୃପବର ।''

ଅପରପାର୍ଶ୍ୱରେ ନାୟିକା ଶୋଭାବତୀ ମଧ୍ୟ ପ୍ରିୟର ବିରହରେ ଅତ୍ୟନ୍ତ ସନ୍ତାପରେ ଦିନ କାଟୁଛି । ନାୟିକା ବିରହାବସ୍ଥାକୁ ବର୍ଣ୍ଣନା କରିବାକୁ ଯାଇ କବି ପୁରୁଷୋତ୍ତମ ନୃପବର ଲେଖିଛନ୍ତି-

''ଏଣେ ବିରହେ ପଙ୍କଜ ବଦନୀ
କୁନ୍ଦ କୋରକ କରକ ରଦନୀ
ଚମ୍ପା ଶମ୍ପା ଦାହ ହେମ ଅଙ୍ଗିନୀ
ଦିନୁଦିନ କ୍ଷୀଣ ରସ ରଙ୍ଗିନୀ
କାନ୍ତ ଗୁଣଗୁଣି ।
ନିରତେ ଆକୁଳ ରମଣୀ ମଣି ।
ସ୍ତନପରେ ମୁଞ୍ଚି ନେତ୍ରନୀରକୁ
ସାର୍ଥକଲି ଏ ଉପମା ସାରକୁ ।''

Source: Author, Digitized by PPRACHIN, SOA

ନାୟିକା ଶୋଭାବତୀ ଏହାପରେ ତା'ର ନାୟକ ଗୁଣ ସ୍ମରଣ କରି ଅତ୍ୟନ୍ତ ମର୍ମାହତ ହୋଇଛି । କବି ପୁରୁଷୋତ୍ତମ ସିଂହଙ୍କ ଭାଷାରେ-

''ଆହା ଯୁବାଚିତ୍ତ କୁମୁଦଚନ୍ଦ୍ର
ଅରି ଦର୍ପ ହର ଯୁବା ପାରିନ୍ଦ୍ର ।
ସୁରସ ସାଗର ନାଗର ବର
ଯୁବତୀ ଚିତ୍ତ ରତନ ଚଉର
ମଦନ ସୁନ୍ଦର ।
ବୋଲିବି କେମନ୍ତ ସେ ଅଶରୀର ।

ପାଶୋରିଲେ ମୋତେ ପ୍ରାଣ ଈଶ୍ୱର
ବିଧିରେ ସେତ ପୁରୁଷ ଭ୍ରମର
ପଦ୍ମିନୀ ନାମ ମୋ ସାର୍ଥ ହୋଇଲା
ପ୍ରବାସ ରଜନୀ ବିଚ୍ଛେଦ କଲା ।
କି କରିବି ବୁଦ୍ଧି ।
ଦଇବେ ମୁଁ ତ ହରାଇଲି ନିଧି ।

କରିଥିଲେ ଯେତେ ସ୍ନେହ ସେ ମୋତେ
କିଞ୍ଚିତେ ତାହା ନ ରଖିଲେ ଚିତ୍ତେ
ମିଛେକି ମୋତେ ବୋଲନ୍ତି ଜୀବନ
ବିଧିରେ ସେତ ନୃପତି ନନ୍ଦନ
ହେଲା ଏଣୁ କରି ।
ନମିଳୁଥିବ ତାଙ୍କୁ କେତେନାରୀ ।

ତଥାପି ସେ ଯାହାକୁ ଅନୁସରି
କେବେ ନିରାଶ ତାକୁ ନ ଆଚରି
ଦାସୀ କରି ହେଲେ ରଖନ୍ତେ ପାଖ
ଦେଖୁଥାନ୍ତି ଟିକି ତାଙ୍କ ଶ୍ରୀମୁଖ ।
ଦିଶନ୍ତା ଏ ଭାଗ୍ୟ ।
ହୁଅନ୍ତି ଚରଣ ସେବାକୁ ଯୋଗ୍ୟ ।

Source: Author, Digitized by PPRACHIN, SOA

ତାଙ୍କ ବିନୁ ନ ରଖନ୍ତି ପଲଙ୍କେ
ନୁହନ୍ତି ମୋ ସଙ୍ଗୁ ଭିନ୍ନ ପଲଙ୍କେ
ନ ଦେଖନ୍ତି ମୁଖ ମଳିନ କେବେ
ଘେନୁଛି ମୋର କେ ବେଦନା ଏବେ ।
ଅପୂର୍ବ କରୁଣା
କରୁଥିଲେ କଲେ ଏ ଗଲା ଜଣା ।''

ଏହିପରି ଶୋଭାବତୀ କାନ୍ତ ବିଚ୍ଛେଦରେ ଶୋକାତୁରା ହୋଇଛି । ଶେଷରେ ସେ ତା'ର କାତରୋକ୍ତି କାମଦେବଙ୍କୁ ଜଣାଇଛି । ଏପରିକି ନିଜର ପ୍ରାଣ ବିନିମୟରେ ସେ କାମନା କରିଛି ପ୍ରିୟର ପ୍ରାଣ । ତେଣୁ ସେ କହିଛି-

''କହୁଅଛି ମୁଁ କର ଯୋଡ଼ି ମାର
ସେ ଯେ ନୃପତି ସୁତ ସୁକୁମାର ।
ବିନା ଦୋଷରେ ତାହାଙ୍କୁ ନ ମାର
ପାରିଲେ ଜୀବନ ହର ମୋହର
କହିଲି ଏ ବୁଦ୍ଧି
ଏତେ ମାତ୍ର ରଖ ଜନକ ସିଦ୍ଧି ।''

ଏହା କହି ନାୟିକା ହତଚୈତନ୍ୟ ହୋଇଛି । ସେ କାମପୀଡ଼ାର ନବମ ଦଶାରେ ଆକ୍ରାନ୍ତ ହୋଇଛି । ତେଣୁ ସଖୀମାନେ ଶୋଭାବତୀ କାନରେ ଫୁଙ୍କି ଦେଲେ ଏବଂ କାନରେ ''ଆସୁ ଅଛନ୍ତି ତୋ ପ୍ରାଣ ଈଶ୍ୱର'' କହିଲା ମାତ୍ରେ ସେ ଆକୁଳ ହୃଦୟରେ ଚାହିଁ ବସିଲା । ଏହି ପ୍ରସଙ୍ଗଟି କବିଙ୍କ ଭାଷାରେ-

''ଏ ବାଣୀ ପ୍ରାଣ ରକ୍ଷକ ହୋଇଲା
ସତକି ବୋଲି ନାଗରୀ ଚାହିଁଲା
ଦୀର୍ଘ ନିଶ୍ୱାସ ଛାଡ଼ି ଉଠି ବସି
ବଦନେ ଉଚ୍ଚେ ଶିବ ଶିବ ଘୋଷି
ତା' ହୃଦୟ ଦୁଃଖ,
ଜାଣି କୃପାକଲେ ପଙ୍କଜ ମୁଖ ।''

ଦୈବ ଯୋଗରେ ନାୟକ ଉପସ୍ଥିତ ହୋଇଛି । ବିଦେଶରୁ ବାହୁଡ଼ି ନିଜ ରାଜ୍ୟରେ ପ୍ରବେଶ କରିଛି । ପିତାଙ୍କୁ ପ୍ରଣାମ ଜଣାଇ ସେ ସୁନ୍ଦରୀର ପୁରରେ ପ୍ରବେଶ କରିଛି । ବହୁଦିନର ଆକୁଳିତ ହୃଦୟରେ ଆନନ୍ଦ ସଞ୍ଚାର ହୋଇଛି । ବିରହ ଦଗ୍ଧ ନାୟକ ଓ ନାୟିକାର ମଧୁର ମିଳନ କବିଙ୍କ ଲେଖନୀରେ ହୋଇଛି ରସମୟ । ଯେପରି-

Source: Author, Digitized by PPRACHIN, SOA

''ସେ କାନ୍ତ କାନ୍ତା ଶ୍ରୀମୁଖ ଦର୍ଶନେ
ରହିଲେ ଦଣ୍ଡେ ସ୍ତମ୍ଭିତ ନୟନେ ।
ନାଗରବର ରସେ ହୋଇ ଭୋଳ
ବେଗେ କଲା ନିଜ ପ୍ରିୟାକୁ କୋଳ
ଆତୁର ହିଁ ଜଡ଼ି
ହୋଇଲେ ପରସ୍ପରେ ଭିଡ଼ାଭିଡ଼ି ।

ଦରିଦ୍ର ଜନେ ହଜିଲା ରତନ
ପାଇଲେ ଯଥା ହରଷ ତା' ମନ ।
ତହୁଁ ଅଧିକେ ରସଜାତ ହୋଇ
ପୁଣି ହୋଇଲେ ଚୁମ୍ବଦିଆଦେଇ ।
ଗଣ୍ଠି ବେନିଚିରେ
ପକାଇ ଭିନ୍ନ-ନୋହିବା ବିଚାରେ ।''

ସୁତରାଂ 'ଶୋଭାବତୀ' କାବ୍ୟ ନାୟକ ଓ ନାୟିକାର ବିରହ, ମିଳନର ବର୍ଣ୍ଣନାରେ ଏକାନ୍ତ ଉପଭୋଗ୍ୟ ହୋଇପାରିଛି । 'ଶୃଙ୍ଗାରୀଚେତ୍' କବିଃ' ନ୍ୟାୟରେ କବି ପୁରୁଷୋତ୍ତମ ସିଂହଙ୍କ ଶୃଙ୍ଗାରୀ ଭାବନା ଏହି କାବ୍ୟରେ ପ୍ରକଟିତ ହୋଇଛି । ବସ୍ତୁତଃ 'ଶୋଭାବତୀ' ଏକ ରସମୟ ରଚନା । ସାବଲୀଳ ଭାଷାବିନ୍ୟାସ, ରସଚର୍ଯ୍ୟା, ସାଙ୍ଗୀତିକତା ଏବଂ ଶୃଙ୍ଗାରିକତା ହେଉଛି ଏହାର ମୁଖ୍ୟ ଆବେଦନ । ଆଳଙ୍କାରିକ କାବ୍ୟଶୈଳୀରେ ଏହା ରଚିତ । ସମାଲୋଚକଙ୍କ ଭାଷାରେ- ''ଆଳଙ୍କାରିକ କାବ୍ୟଶୈଳୀରେ ଏହା ବିବିଧ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ଚାତୁରୀ ପ୍ରଦର୍ଶନ କରିବା କବିଙ୍କର ପ୍ରଧାନ ଲକ୍ଷ୍ୟଥିଲା ପରି ଜଣାଯାଏ ।'' 'ଶୋଭବତୀ' କାବ୍ୟରେ ନୟାଗଡ଼ର ପ୍ରସିଦ୍ଧ ମହାଦେବ ଶ୍ରୀଲଡୁକେଶ୍ୱର (ହରିହରପୀଠ, ଶରଣକୂଳ) ମହାପ୍ରଭୁଙ୍କର ବନ୍ଦନା ଗାନ କରିଛନ୍ତି କବି ପୁରୁଷୋତ୍ତମ ସିଂହ ମାନଧାତା । କବିଙ୍କ ଭାଷାରେ -

''ପୂର୍ବେ ଯେ ରାମଚନ୍ଦ୍ରରେ ପୂଜିତ
ଲଡୁକେଶ୍ୱର ନାମେ ଲିଙ୍ଗ ଖ୍ୟାତ
ନବଦୁର୍ଗ ପାଳକର କରତା
ପରମ୍ପରା.ତାଙ୍କ ଇଷ୍ଟ ଦେବତା ।
ତାଙ୍କ ପଦଚିନ୍ତି,
ଭଣିଲେ ପୁରୁଷୋତ୍ତମ ନୃପତି ।''

Source: Author, Digitized by PPRACHIN, SOA

ରାଜା ପୁରୁଷୋତ୍ତମ ସିଂହ ମାନଧାତା କେତେଗୋଟି ଗୀତିକବିତା ରଚନା କରିଛନ୍ତି । ସେଗୁଡ଼ିକ ହେଉଛି – 'ବିରହୋତ୍‌କଣ୍ଠିତା ନାୟିକା', 'ବସନ୍ତେ ବିରହୀ', 'ନାୟକର ଚାଟୁ' ଇତ୍ୟାଦି । 'ବିରହୋତ୍ କଣ୍ଠିତା' ନାୟିକା କବିତାଟି ଶଙ୍କର କାମୋଦୀ ରାଗରେ ରଚିତ । କବି ଲେଖିଛନ୍ତି –

''ସୁରତେ ତୋଷିବି ନାହା
ଏ ଦୀନେ ମଦନେ ଦୁଃଖୀସଜନୀ ନାହିଁ ମୋ ସାହା ।୦।
ବରଷେ ରଜନୀ ଦିନ — ସରସେ ଡାକଇ ଘନ
ତରସେ ମଦନ ହୀନ — ବିରସେ ମୁଁ ହେଲି ଲୀନ
ନିରତେ ଡାକଇ କେକୀ — ପୁରତେ ତା ପୁଚ୍ଛଟେକି
ତେଜିଲେ କେଉଁ ଦୋଷକୁ — କାନ୍ତ ମଜ୍ଜିଲେ କେଉଁ ରମଣୀରେ ଆହା ॥୧॥
କହରେ କି ପ୍ରତିକାର — ଅହରେ ହେଲା ଅନ୍ଧାର
ବହରେ ମୋ ଦୁଃଖଭାର — ପ୍ରହାରେ କୁସୁମ ଶର
ଫୁଟିଲା କେତକୀ ନୀପ — ତୁଟିଲା ମାନିନୀ ତାପ
ଘୋଟିଲା ଆସିକି ପାପ — ହଟିଲା ମଦନ ଯାହା ।୨।

ବହିଲା ଝାଞ୍ଜି ମରୁତ — ଦହିଲା ବିଯୋଗୀ ଚିତ୍ତ
ସହିଲା ଦେହ ଏମନ୍ତ — ରହିଲା କାହିଁ ମୋ କାନ୍ତ
ବରଷେ ହେଲା ବିଦେଶ — କି ରସେ ହେଲି ମୁଁ ବଶ
ପୁରୁଷୋତ୍ତମ ନରେଶ — ସୁରସେ ଭଣିଲେ ଏହା ।" ।୩।

ସେହିପରି 'ବସନ୍ତେ ବିରହୀ' କବିତାରେ କବିଙ୍କର ଅନୁଚିନ୍ତା ଏହିପରି –

''ମଳୟ ମୁରୁତ ମନ୍ଦେ ବହିଲାରେ
ନବଚୂତ ମୁକୁଳ ଦେଖି ହେଲେ ଆକୁଳ
କଳ କଳ କୋକିଳ ବାଣୀ ଭାଷିଲାରେ ।୧।

କି ରୂପରେ କାମିନୀ ବଞ୍ଚିବ ଏ ଯାମିନୀ
ମୋ ଗଜେନ୍ଦ୍ର ଗମନୀ ଦୂରେ ରହିଲାରେ ।୨।

କେତେକେତେ ଯୋଗୀ କରାଇଲା ସଂଯୋଗୀ
ଯୋଗୀ ନୋହି ବିଯୋଗୀ କାମ ଦହିଲାରେ ।୩।

ଭଣେ ପୁରୁଷୋତ୍ତମ ନୃପ ଅନଙ୍ଗଭୀମ
ଅନଙ୍ଗ ବାଧା ଅଙ୍ଗେ କାମ ଦହିଲାରେ ।" ।୪।

Source: Author, Digitized by PPRACHIN, SOA

କବିଙ୍କର 'ନାୟକର ଚାଟୁ' ବେଶ୍ ରସୋତ୍ତୀର୍ଣ୍ଣ ରଚନା । ଏଥିରେ କବିଙ୍କର ଅନୁଚିନ୍ତା ଏହିପରି –

"ହୃଦୟ ମଣ୍ଡନା ମୋତି ହାରାରେ
ମନା କହିଲେ ଯେତେ ଅନାଇଲୁ ନାହିଁରେ
ଥରେ ହେଉ ପରମ୍ପରାରେ ।୧।

କହିଲେ ଯେତେକ ଚାଟୁ ନ ଘେନିଲୁ ଚିତ୍ତରେ
ପରାଣୁ ଅଧିକ ବୋଲୁ ପରାରେ ।୨।
ତୋ କର ଧରି ମୁଁ କିଣା କିଙ୍କର ବୋଲନ୍ତେ
ମୋହ ସପତଟି ନେତ୍ର ତାରାରେ ।୩।

ପୁରୁଷୋତ୍ତମ ନୃପ ମାନଧାତାଭଣିରେ
ଶୁଣି ମାନ ତେଜିଲା ସେ ଧୀରାରେ ।୪।

ବାସ୍ତବିକ ରାଜା ପୁରୁଷୋତ୍ତମ ସିଂହ ମାନଧାତାଙ୍କର ଏହି ବିରହାତ୍ମକ ଗୀତିକାଗୁଡ଼ିକ ଯେପରି ରସସିକ୍ତ, ସେହିପରି ହୃଦ୍ୟ ଏବଂ ଉପଭୋଗ୍ୟ ।

ଉପେନ୍ଦ୍ର ଭଞ୍ଜ (କବିସମ୍ରାଟ)

Copy right reserved
(ସାଧକ ସମ୍ରାଟ ଉପେନ୍ଦ୍ର ଭଞ୍ଜ)

ଉପେନ୍ଦ୍ର ଭଞ୍ଜ ଓଡ଼ିଆ କାବ୍ୟ ଯୁଗର ଅନନ୍ୟ ଓ ଅଦ୍ୱିତୀୟ କାବ୍ୟଶିଳ୍ପୀ । ସେ ରୀତିଯୁଗର ଶ୍ରେଷ୍ଠ ପ୍ରତିନିଧି । ସେ ରୀତି କବି, ଆଳଙ୍କାରିକ କବି, ରସିକ କବି, ଶୃଙ୍ଗାରୀ କବି ଏବଂ ବିଦଗ୍ଧ କବି । ସେ ଜୀବନ ଓ ଯୌବନର କବି । ସେ ରୀତି ଯୁଗୀୟ କବିମାନଙ୍କ ମଧ୍ୟରେ ସର୍ବୋତ୍ତମ, ସର୍ବପ୍ରଧାନ ଓ ଶ୍ରେଷ୍ଠ କାବ୍ୟକାର ଅଟନ୍ତି । ଅପାର କାବ୍ୟ ସଂସାର ସୃଷ୍ଟିକରି ସେ ପ୍ରଜାପତି ଆସନରେ ଆସୀନ । ଉପେନ୍ଦ୍ର ଭଞ୍ଜ ସିଦ୍ଧ ପୁରୁଷ ଓ ଦେବଦୁର୍ଲ୍ଲଭ କବିତ୍ୱ ଶକ୍ତିର ଅଧିକାରୀ । ତାଙ୍କର ସୃଜନଶୀଳ କାବ୍ୟମାନସ ବିଚିତ୍ରବର୍ଣ୍ଣା । ଉତ୍କଳୀୟ ସାରସ୍ୱତ ଜଗତରେ ସେ ଜଣେ କ୍ରାନ୍ତିକାରୀ ସ୍ରଷ୍ଟା ନିଶ୍ଚୟ ।

Source: Author, Digitized by PPRACHIN, SOA

ଉପେନ୍ଦ୍ର ଭଞ୍ଜ ଘୁମୁସର ରାଜବଂଶର । ଘୁମୁସର ଭଞ୍ଜ ରାଜବଂଶର ସ୍ୱନାମଧନ୍ୟ ରାଜକବି ପ୍ରତାପ ଧନଞ୍ଜୟ ଭଞ୍ଜଙ୍କର ସେ ପୌତ୍ର ଏବଂ ତାଙ୍କର ପୁତ୍ର ନରେଶ ନୀଳକଣ୍ଠ ଭଞ୍ଜଙ୍କର ସେ ଜ୍ୟେଷ୍ଠପୁତ୍ର ଥିଲେ । ଘଟଣାଚକ୍ରରେ ଉପେନ୍ଦ୍ର ଭଞ୍ଜ ପିତାଙ୍କ ସହିତ ନୟାଗଡ଼ ରାଜ୍ୟକୁ ଆଗମନ କରିଥିଲେ । ନୟାଗଡ଼ ରାଜ୍ୟର ଶ୍ରୀ ଗଡୀଶ୍ୱର ପୀଠ ମାଳିସାହି ଗ୍ରାମ (ମୃତ୍ୟୁଞ୍ଜୟପୁର ଶାସନ) ଥିଲା ତାଙ୍କର ଅବସ୍ଥାନ ଏବଂ ସାହିତ୍ୟ ସାଧନାର କ୍ଷେତ୍ର ।

ଏ ସମ୍ପର୍କରେ କତିପୟ ଗବେଷକ ତଥା ଐତିହାସିକ ମତାମତକୁ ଏଠାରେ ଉଦ୍ଧାର କରାଯାଇପାରେ ।

(୧) ଐତିହାସିକ କେଦାରନାଥ ମହାପାତ୍ରଙ୍କ ମତରେ- ''କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଘୁମୁସରର ପ୍ରସିଦ୍ଧ ରାଜକବି ଧନଞ୍ଜୟ ଭଞ୍ଜଙ୍କର ପୌତ୍ର ଓ ନୀଳକଣ୍ଠ ଭଞ୍ଜଙ୍କର ପୁତ୍ରଥିଲେ । ନୀଳକଣ୍ଠ ନିଜ ପିତା ନବତି ବର୍ଷ ବୟସ୍କ ବୃଦ୍ଧ ଧନଞ୍ଜୟଙ୍କୁ ମରାଇ ୧୭୦୧ ରେ ରାଜପଟରେ ଅଭିଷିକ୍ତ ହୋଇଥିଲେ । କିନ୍ତୁ ତିନିବର୍ଷକାଳ ରାଜସୁଖ ଉପଭୋଗ କରି ୧୭୦୪ରେ ଭଞ୍ଜ ବଂଶୀୟ ଘନ ଭଞ୍ଜଙ୍କ ଦ୍ୱାରା ରାଜ୍ୟରୁ ବିତାଡ଼ିତ ହୋଇଥିଲେ । ଘନ ଭଞ୍ଜ ୧୭୦୬ ଖ୍ରୀଷ୍ଟାବ୍ଦରୁ ୧୭୫୪ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଘୁମୁସର ଶାସନ କରିଥିଲେ । ବିତାଡ଼ିତ ନୀଳକଣ୍ଠ ଓ ତଦୀୟ ପୁତ୍ର ଉପେନ୍ଦ୍ର ନୟାଗଡ଼ର ମାଳିସାହି ଗ୍ରାମରେ ବାସ କରିଥିଲେ । ସେଠାରେ ଅବସ୍ଥାନ ସମୟରେ ରାମତାରକ ମନ୍ତ୍ରଜପ ଦ୍ୱାରା ସିଦ୍ଧି ଲାଭକରି ଅଦ୍ଭୁତ କବିତ୍ୱ ଶକ୍ତି ଲାଭ କରିଥିବାର ଜନଶ୍ରୁତି ରହିଛି । ନୟାଗଡ଼ର ତତ୍କାଳୀନ ରାଜା ପୁରୁଷୋତ୍ତମ ସିଂହ ମାନ୍ଧାତା ଉପେନ୍ଦ୍ର ଭଞ୍ଜଙ୍କ କବିତ୍ୱ ଓ ପାଣ୍ଡିତ୍ୟରେ ମୁଗ୍ଧ ହୋଇ ତାଙ୍କୁ ଆଶ୍ରୟ ଦେଇଥିଲେ ।''

(୨) ପଣ୍ଡିତ ନୀଳମଣି ମିଶ୍ରଙ୍କ ମତରେ- ''କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଘୁମୁସରର ପ୍ରସିଦ୍ଧ ରାଜା ଧନଞ୍ଜୟ ଭଞ୍ଜଙ୍କ ପୌତ୍ର ଓ ନୀଳକଣ୍ଠ ଭଞ୍ଜଙ୍କ ପୁତ୍ରଥିଲେ । କବି ଉପେନ୍ଦ୍ର ପ୍ରାୟ ଖ୍ରୀ.ଅ.୧୬୮୫ରେ ଜନ୍ମଗ୍ରହଣ କରିଥିଲେ ବୋଲି କେତେକ ଆଲୋଚକ ମତପ୍ରକାଶ କରନ୍ତି । ଉପେନ୍ଦ୍ରଙ୍କ ପିତା ନୀଳକଣ୍ଠ ଘୁମୁସର ରାଜା ସିଂହାସନ ଲୋଭରେ ନିଜ ମାତା ମଣ୍ଡା ଦେଇଙ୍କ ସାହାଯ୍ୟରେ ଏକ ପ୍ରଳୟଙ୍କରୀ ଝଞ୍ଜା ସୃଷ୍ଟି

Source: Author, Digitized by PPRACHIN, SOA

କରି ରାଜପଦରେ ଅଭିଷିକ୍ତ ହୋଇଥିଲେ । କିନ୍ତୁ ସେ ତିନିବର୍ଷ ମାତ୍ର ରାଜପଣ କରି ଖ୍ରୀ.ଅ. ୧୭୦୪ରେ ଉକ୍ତ ବଂଶର ଜନୈକ ଦାୟାଦ ଘନ ଭଞ୍ଜଙ୍କ ଦ୍ୱାରା ଚିରଦିନ ଲାଗି ଘୁମୁସରରୁ ନିର୍ବାସିତ ହୋଇଥିଲେ । ନୀଳକଣ୍ଠଙ୍କ ପୁତ୍ର ଯୁବକ ଉପେନ୍ଦ୍ରଙ୍କୁ ମଧ୍ୟ ନିର୍ବାସନ ଦଣ୍ଡ ଭୋଗ କରିବାକୁ ପଡ଼ିଥିଲା । ସେ ସେହି ସମୟରେ ନୟାଗଡ଼ର 'ମାଳିସାହି'ରେ ରହି ରାମତାରକ ମନ୍ତ୍ର ଜପଦ୍ୱାରା ସିଦ୍ଧି ଲାଭକରି ଅଦ୍ଭୁତ ପ୍ରତିଭା ସମ୍ପନ୍ନ ହୋଇଥିଲେ । ତାହାରି ଫଳରେ ତାଙ୍କର ଅମର ଲେଖନୀରୁ 'ବ' ଆଦ୍ୟାନୁପ୍ରାସରେ ଲିଖିତ 'ବୈଦେହୀଶ ବିଳାସ', 'ଲାବଣ୍ୟବତୀ', 'କୋଟିବ୍ରହ୍ମାଣ୍ଡସୁନ୍ଦରୀ', 'ଅବନାରସତରଙ୍ଗ', 'ଷୋଳପୋଇ', 'ରାମଲୀଳାମୃତ' ଆଦି ବହୁକାବ୍ୟ ନିସୃତ ହୋଇଥିଲା ।

(୩) କବିଭୂଷଣ ଆନନ୍ଦ ଚନ୍ଦ୍ର ମିଶ୍ରଙ୍କ ମତରେ - "କବି ଉପେନ୍ଦ୍ର ଭଞ୍ଜ ପ୍ରଥମେ ନୟାଗଡ଼ ରାଜଜେମାଙ୍କୁ ବିବାହ କରିଥିଲେ ଏବଂ ଯୌତୁକ ସ୍ୱରୂପ ନୟାଗଡ଼ର ମାଳିସାହି ଗ୍ରାମକୁ ପାଇଥିଲେ । ତେଣୁ କବିସମ୍ରାଟ ଉପନ୍ଦ୍ରେ ଭଞ୍ଜ ନୟାଗଡ଼ ରାଜବଂଶର ନାତି ଓ ତା'ପରେ ଜାମାତା । ନୟାଗଡ଼ ମାଟିର ରକ୍ତ ତାଙ୍କ ଦେହରେ ପ୍ରବାହିତ ହେଉଥିଲା । ଏହି ମାଳିସାହିରେ ବହୁକାଳ ଆମର କବିସମ୍ରାଟ ସୁଖ ଦୁଃଖ ଓ ସମ୍ପଦ ବିପତ୍ତିରେ କଟାଇଥିବାର ପ୍ରମାଣ ମିଳେ । ଏହି ମାଳିସାହିରେ ଅବସ୍ଥାନ କରୁଥିବା ସମୟରେ ରଘୁନାଥ ନାମକ ଜନୈକ ସିଦ୍ଧ ସନ୍ନ୍ୟାସୀ କବିଙ୍କୁ ରାମତାରକ ମନ୍ତ୍ର ଜପକରି ସିଦ୍ଧ କରିବାକ ଦେଇଥିଲେ । ତାହା ଅନୁସାରେ କବି ଯେଉଁ ସିଦ୍ଧ ଗୁମ୍ଫାରେ ରାମ ତାରକ ମନ୍ତ୍ର ସିଦ୍ଧ କରିଥିଲେ, ତାହା ଏହି ନୟାଗଡ଼ ମଧ୍ୟରେ ଅବସ୍ଥିତ । କବି ଉପେନ୍ଦ୍ର ଭଞ୍ଜ ଏହି ନୟାଗନ ମାଳିସାହିରେ ଅବନାରସ ତରଙ୍ଗ, ଲାବଣ୍ୟବତୀ, ବଜାରବୋଲି, କଳାକୌତୁକ, ପ୍ରଭୃତି କାବ୍ୟକବିତା ଲେଖିଥିଲେ-ବୋଲି ଲୋକମୁଖରୁ ଶୁଣାଯାଏ ।"

(୪) କୈଳାସ ଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ- "କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ୧୫୯୮ ଶକାବ୍ଦ ମାଘ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଧନଞ୍ଜୟ ଭଞ୍ଜଙ୍କ ପ୍ରିୟତମା ମହିଷୀ ନବଦୁର୍ଗ ରାଜଜେମା ମଣ୍ଡାଦେଈଙ୍କ ପୁତ୍ର ନୀଳକଣ୍ଠ ଭଞ୍ଜଙ୍କଠାରୁ ଜନ୍ମଗ୍ରହଣ କରିଥିଲେ । ଷଡ଼ାକ୍ଷର ରାମତାରକ ମନ୍ତ୍ର ସିଦ୍ଧକରି ପିତାମହଙ୍କ ପ୍ରଭାବରେ ନିଜ ମାତୃଭାଷାର ଉନ୍ନତି କରିବା ଲାଗି ବାଷଠି ଖଣ୍ଡ କାବ୍ୟ ଓ ଅନେକ ମହାକାବ୍ୟ ରଚନା କରିଥିଲେ । ଭଞ୍ଜ ବଂଶର ଦୁର୍ଦ୍ଦିନ ସମୟରେ ନିଜ ମାମୁ ଘର ନୟାଗଡ଼କୁ ଚାଲିଯାଇଥିଲେ । ନିଜ ମାମୁ ଝିଅ ରାଜକନ୍ୟା ରତ୍ନାବତୀଙ୍କୁ ବିବାହ କରି ମାଳିସାହି ଗ୍ରାମକୁ ଯୌତୁକ ସ୍ୱରୂପ ପାଇଥିଲେ । ତତ୍କାଳୀନ ନୟାଗଡ଼ର ରାଜାସାହେବ ଉପେନ୍ଦ୍ର ଭଞ୍ଜଙ୍କ କବି ପ୍ରତିଭା ଦେଖି ତାଙ୍କୁ ବୀରବର ଉପାଧି ରପ୍ରଦାନ କରିଥିଲେ ।

Source: Author, Digitized by PPRACHIN, SOA

(୫) ଡକ୍ଟର ବୃନ୍ଦାବନ ଆଚାର୍ଯ୍ୟଙ୍କ ମତରେ- ''ନୟାଗଡ଼ ରାଜା ପୁରୁଷୋତ୍ତମ ମାନଧାତା ଯୁବକ ଉପେନ୍ଦ୍ର ଭଞ୍ଜଙ୍କ କବି ପ୍ରତିଭା ଓ ସାହିତ୍ୟ ସାଧନାରେ ମୁଗ୍ଧ ହୋଇ ତାଙ୍କୁ 'ବୀରବର' ଉପାଧିରେ ଭୂଷିତ କଲେ ଓ ଗଡ଼ ନିକଟବର୍ତ୍ତୀ ମାଳିସାହି ମୃତ୍ୟୁଞ୍ଜୟପୁର ଶାସନରେ ବୀରବର କବି ଉପେନ୍ଦ୍ରଙ୍କ ଅବସ୍ଥାନରେ ସମସ୍ତ ଆୟୋଜନ କରିଦେଲେ ।''

ସେ ଢେଙ୍କଣା ଗ୍ରାମର ଶ୍ରୀରଘୁନାଥଙ୍କୁ ଉପାସନା କରି ରାମତାରକ ମନ୍ତ୍ର ସିଦ୍ଧ କରିଥିଲେ ଓ ଦିବ୍ୟ କବିତ୍ୱ ଲାଭ କରିଥିଲେ । ଉପେନ୍ଦ୍ର ଭଞ୍ଜ ଲେଖିଛନ୍ତି -

(କ) "ତାରକ ମନ୍ତ୍ର ପରସାଦେ
ମୋହର କବି ପଣ ଉଦେ ।" (ଲାବଣ୍ୟବତୀ)

(ଖ) "ବଳାଇ ଚିତ୍ତ ଅନବରତ
ଭାଗ୍ୟେ ଗ୍ରହଣ ତାରକ ମନ୍ତ୍ର ।" (ବୈଦେହୀଶବିଳାସ)

(ଗ) "ତରଣି କୁଳର ସାର । ଆଶ୍ରୟରୁ ନିରନ୍ତର
କହେ ଉପଇନ୍ଦ୍ର ଭଞ୍ଜ ମୁଁ ଲଭିଛି ଶବଦ ସମୁଦ୍ର ପାର ।" (କୋ.ବ୍ର.ସୁ)

(ଘ) "ବୀରବର ପଦ ଉପଇନ୍ଦ୍ର ମୋ ନାମ
ବାରେ ବାରେ ସେବାରେ ମନାଇଁ ସୀତାରାମ ଯେ
ବିଚିତ୍ର କବିତ୍ୱ ମାର୍ଗେ ପ୍ରସରିଲା ବୁଦ୍ଧି
ବିରଚିଲି ରାମାୟଣ ଏ ମୋ ବଡ଼ ସିଦ୍ଧି ଯେ ।" (ବୈଦେହୀଶ ବିଳାସ)

(ଙ) "ବାମେ ବାମାବର ସ୍ଥିତି ଦକ୍ଷିଣେ ଲକ୍ଷ୍ମଣ ଯତି
ମଧ୍ୟେ ବିଜେ ଯେଉଁ ଶ୍ୟାମଳ ସୁନ୍ଦର ତାଙ୍କୁ ଉପଇନ୍ଦ୍ର ଚିନ୍ତି ।"
(ଲାବଣ୍ୟବତୀ)

(ଚ) "କହେ ଉପଇନ୍ଦ୍ର ମୋ ପ୍ରଭୁ ଶ୍ରୀରାମ ବୈକୁଣ୍ଠନାଥ ସାକ୍ଷାତ
ଜାତ କଲେ କ୍ଷୀରାର୍ଣ୍ଣବୁଁ ସୁଧାମୋର ଗୀରାର୍ଣ୍ଣବୁଁ ରସଗୀତ ।
ସେ ସତ । ସେ ବିବୁଧ ଏ ବୁଧ ରଞ୍ଜିତ ।
ଦୈତ୍ୟ ଖଳରେ ଅଧ ରକ୍ଷିତ । ଯେ ଗ୍ରାସିବ ହେବ ରାହୁ ମତ ।"
(କୋ.ବ୍ର.ସୁ)

Source: Author, Digitized by PPRACHIN, SOA

ଉପେନ୍ଦ୍ରଙ୍କ ସର୍ଜନଶୀଳ ମାନସ ରାମଭକ୍ତି ଭାବନାରେ ଉଦ୍‌ବୁଦ୍ଧ ଥିଲା । ତେଣୁ ସ୍ରଷ୍ଟା ଉପେନ୍ଦ୍ର ତାଙ୍କର ସମସ୍ତ ରଚନା କର୍ମକୁ ଶ୍ରୀରାମଙ୍କର ରଚନା ବୋଲି ସ୍ୱୀକାର କରି ତାଙ୍କର ଇଷ୍ଟଦେବଙ୍କର ଗୁଣଗାନ କରିଛନ୍ତି -

"ହଂସ ବଂଶକୁ ତୋଷିତ ସର୍ବଦା ଶ୍ରୁତିରଞ୍ଜିତ
କର୍ବୁରକାନ୍ତ ଗଞ୍ଜିତ । କାନ୍ତି ଦୀପିତ ଏ
ସେ ରାମ ବିଧିରେ ଧ୍ୟାୟି ଭଞ୍ଜବୀରବର କହି
ତୁମ୍ଭ ରଚନା ସମସ୍ତ । ପୁରୁ ଏ ଗୀତ ହେ ।" (ଲାବଣ୍ୟବତୀ)

ଉପେନ୍ଦ୍ର ଭଞ୍ଜ ତାଙ୍କ କାବ୍ୟ ସମ୍ପର୍କରେ ସୂଚନା ଦେଇଛନ୍ତି -

"କଳଙ୍କ ବିହୀନ ମୋ ଗୀତ । ଖଳରାହୁରେ ଅଦୂଷିତ ।
ବିଚିତ୍ର ସୁଧାକର ଏହି । ସୁମନାବୃନ୍ଦସୁଖଦାୟୀ ।
ନାରିକେଳ ଯେ ରସପୁର । ଭକ୍ଷି ନ ପାରଇ ବାନର ।
ତାର କି ସ୍ୱାଦୁ ନାଶ ହୋଇ ? ପ୍ରସଙ୍ଗୁ ଗଲି ମଧ କହି ।" (ଲାବଣ୍ୟବତୀ)

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କର କାବ୍ୟଗୁଡ଼ିକ ବିଜ୍ଞଜନଙ୍କର ହସ୍ତଗତ ହେବାପାଇଁ କାମନା କରିଛନ୍ତି । ତେଣୁ ସେହି ମର୍ମରେ ସେ ଲେଖିଛନ୍ତି -

"କର ଏ କରୁଣା ବିଜ୍ଞ ହସ୍ତଗତ ଏ ପୁସ୍ତକ ମୋର ହୋଇବ
ଅଜ୍ଞ ସମୂହର କର୍ଣ୍ଣକୁହରକୁ କେବେହେଁ ପ୍ରବେଶ ନୋହିବ ।" (ର.ହା)

ପୁନଶ୍ଚ ଉପେନ୍ଦ୍ର ଲେଖିଛନ୍ତି -

"ବୁଦ୍ଧି ଉତ୍ତମ ଯାହାର କାବ୍ୟ ଅଭିଧାନେ,
ବୃଜିନ ନାଶ ଚରିତ ଶୁଣ ସାବଧାନେ (ବୈ.ବି.)

ଉପେନ୍ଦ୍ର ଥିଲେ ବିଶିଷ୍ଟ ସାଧକ । ତାଙ୍କ ସାରସ୍ୱତ ସାଧନା ଅତୁଳନୀୟ । ଈଶ୍ୱରଙ୍କଠାରେ ତାଙ୍କର ଗଭୀର ଓ ପ୍ରଗାଢ଼ ଭକ୍ତି ଥିଲା । ସେ ଏକପତ୍ନୀବ୍ରତର ନିଷ୍ଠାପର ପ୍ରବକ୍ତା ଥିଲେ ଏବଂ ବିଧିବଦ୍ଧ ନୈତିକ ଜୀବନଯାପନ କରୁଥିଲେ । ତେଣୁ ସେ ଲେଖିଛନ୍ତି-

"ପର ଦ୍ରବ୍ୟ ପରସ୍ତିରୀ ହରଣକୁ
ଲେଖୁ ଶୁଭ କରି ତହୁଁ ମରଣକୁ ।" (ଲାବଣ୍ୟବତୀ)

ଉପେନ୍ଦ୍ର ଥିଲେ ବହୁ କାବ୍ୟ କବିତାର ସ୍ରଷ୍ଟା । ସେ ତାଙ୍କର ନିରଳସ କାବ୍ୟ ସାଧନା ପାଇଁ ନୟାଗଡ଼ର ତତ୍କାଳୀନ ରାଜା ପୁରୁଷୋତ୍ତମ ସିଂହ ମାନଧାତାଙ୍କଠାରୁ

Source: Author, Digitized by PPRACHIN, SOA

'ବୀରବର' ଉପାଧି ଲାଭ କରିଥିଲେ । ଏହି ଉପାଧିକୁ ସେ ବହୁ କାବ୍ୟରେ ବ୍ୟବହାର କରିଛନ୍ତି । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓଡ଼ିଆ ସାରସ୍ୱତ ଜଗତରେ ମହାକବି । ସେ ଥିଲେ ଅସାମାନ୍ୟ ପ୍ରତିଭାଧର କବି । ତାଙ୍କର ସୃଜନଶୀଳ ପ୍ରତିଭାର ପଟାନ୍ତର ନାହିଁ । ତାଙ୍କପରି ସୃଜନଶୀଳ କବି ନ ଥିଲେ, ନାହାନ୍ତି ଏବଂ ନୋହିବେ । ବାସ୍ତବିକ ଭଞ୍ଜ ଏକ ବିସ୍ମୟ । ସେ ଥିଲେ ବିଦଗ୍ଧ ପଣ୍ଡିତ । ତାଙ୍କର ଦୁର୍ଲ୍ଲଭ କାବ୍ୟ କବିତା ଅସାଧାରଣ ପାଣ୍ଡିତ୍ୟ, ଅଧ୍ୟବସାୟ ବହୁଶାସ୍ତ୍ରଦର୍ଶିତା ଏବଂ ବୁଦ୍ଧିମତାର ଅମୃତମୟ ଫଳ । ଡକ୍ଟର ମାୟାଧର ମାନସିଂହ ଯଥାର୍ଥରେ ଲେଖିଛନ୍ତି – "We may have no hesitation in saying that Upendra was not a spontaneous poet, but the dazzling product of labour & culture." ଡକ୍ଟର ମାୟାଧର ମାନସିଂହଙ୍କର ଏହି ଉକ୍ତି ଏକାନ୍ତ ଭାବରେ ଯଥାର୍ଥ ।

କବି ନିତ୍ୟାନନ୍ଦ (ସପ୍ତଦଶ ଶତାବ୍ଦୀ)

କବି ନିତ୍ୟାନନ୍ଦ ସପ୍ତଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଆବିର୍ଭୂତ ହୋଇଥିଲେ । ଅଗ୍ନିଚିତ୍ ନିତ୍ୟାନନ୍ଦ ଉଭୟ କବି ଓ ପଣ୍ଡିତ ଥିଲେ । ତାଙ୍କର ସଂଜ୍ଞା 'ଚୟନି' ବୋଲି ଗବେଷକ ଡକ୍ଟର ଭଗବାନ ପଣ୍ଡା ମତ ଦେଇଛନ୍ତି । ସେ ଲେଖିଛନ୍ତି- "The poet was born in Brahmman family having Kaundinya gotra of Agnichit or Agnihotri section for which his title may be taken as 'Chayani' as mentioned in his Satak." କବି ନିତ୍ୟାନନ୍ଦ ନୟାଗଡ଼ର ପଞ୍ଚଦଶତମ ରାଜା ଗଦାଧର ସିଂହ ମାନଧାତା (ଖ୍ରୀ. ୧୬୯୦-୧୭୨୦) ଏବଂ ଖଣ୍ଡପଡ଼ାରାଜା ବନମାଳୀ ଜଗଦେବ (ଖ୍ରୀ. ୧୭୨୩-୧୭୩୪) ଙ୍କ ସମସାମୟିକ କବି । ସେ ଉଭୟ ରାଜାଙ୍କ ପୃଷ୍ଠପୋଷକତା ଲାଭ କରିଥିଲେ । କବି ନିତ୍ୟାନନ୍ଦ ଉଭୟ ରାଜ୍ୟର ଦରବାରୀ କବିଥିଲେ । ଗବେଷକ କେଦାର ନାଥ ମହାପାତ୍ର ସ୍ୱୀକାର କରନ୍ତି ଯେ କବି ନିତ୍ୟାନନ୍ଦ ଗଦାଧର ସିଂହ ମାନଧାତାଙ୍କ ସମୟରେ ବିକଶିତ ହୋଇଥିଲେ । ସେ ଲେଖିଛନ୍ତି- "It can be concluded that poet Nityananda patronised by Gadadhar Simha Mandhata flourished in the second half of the seventeenth Century" ।

କବି ନିତ୍ୟାନନ୍ଦଙ୍କର ଓଡ଼ିଆ ଭାଷାରେ ଏକମାତ୍ର କୃତି ହେଉଛି 'ଆରତଧ୍ୱଂସନ' । ଏହା ଅପ୍ରକାଶତ । ଏହା କବି ନିତ୍ୟାନନ୍ଦଙ୍କର ଏକ ଭକ୍ତି ରସାତ୍ମକ ରଚନା । ଏଥିରେ କବି ଭଗବାନ ଶ୍ରୀକୃଷ୍ଣଙ୍କର ମହିମା ପ୍ରତିପାଦନ କରିବା ସହିତ ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ

Source: Author, Digitized by PPRACHIN, SOA

ଅଭେଦତ୍ୱ ପ୍ରତିପାଦନ କରିଛନ୍ତି । ଏଥିରେ ଦଶଗୋଟି ବିଭାଗ ରହିଛି ଏବଂ ପ୍ରତ୍ୟେକ ବିଭାଗରେ ବାରଗୋଟି ପଦ ରହିଛି । ପ୍ରତ୍ୟେକ କବିତାର ଦିବ୍ୟ କବିତ୍ୱ ବିଳସିତ । ପ୍ରତ୍ୟେକ ବିଭାଗକୁ 'ପୋଇ' ରାଗରେ ଗାନ କରିବାକୁ ନିର୍ଦ୍ଦେଶ ରହିଛି । ସେହିପରି ପ୍ରତ୍ୟେକ ଗୀତର ଶେଷ ଚାରିଧାଡ଼ିକୁ 'ପଦି' ତାଳରେ ଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

'ଆରତଧ୍ୱଂସନ' କାବ୍ୟର ପ୍ରାରମ୍ଭରେ କବି ନନ୍ଦନନ୍ଦନ ଶ୍ରୀକୃଷ୍ଣଙ୍କର ବନ୍ଦନା କରି ତାଙ୍କର ଆଶୀର୍ବାଦ ପାଇଁ ପ୍ରାର୍ଥନା କରିଛନ୍ତି । କବିଙ୍କ ଭାଷାରେ-

''କୃପାସିନ୍ଧୁ ଦୀନବନ୍ଧୁ ଅଘତମଇନ୍ଦୁ ଆରତନାଶନ
ସେ ନନ୍ଦନ ପଦେ କରି ଧ୍ୟାନ କେବଣ ପତିତଜନ, ମହାପ୍ରଭୁ ହେ ।
ନବନୀଳ ଘନ ବରଣ ସୁନ୍ଦର, ଶ୍ରୀଅଙ୍ଗ ମାଧୁରୀ ଅତି ଶୋଭା
ଶିରେ ଶିଖିଚୂଳ ମାଳତୀ ବକୁଳ, ଝଙ୍କାର ମଧୁପ କୁଳପ୍ରଭା ।''

କବି ଭଗବାନ ଶ୍ରୀକୃଷ୍ଣଙ୍କର ମହିମାକୁ କାବ୍ୟରେ ପ୍ରକାଶ କରିବାକୁ ଅସମର୍ଥ ବୋଲି ସୂଚାଇଛନ୍ତି । ସେ ଭଗବାନ ଶ୍ରୀକୃଷ୍ଣଙ୍କର ଶିଖଠାରୁ ନଖ ପର୍ଯ୍ୟନ୍ତ ଶ୍ରୀଅଙ୍ଗ ବର୍ଣ୍ଣନା କରିଛନ୍ତି । କାବ୍ୟର ଦ୍ୱିତୀୟ ବିଭାଗରେ କବି ସାଂସାରିକ-ମାୟାରୁ ଉଦ୍ଧାର ପାଇବା ପାଇଁ ଭଗବାନ ଶ୍ରୀକୃଷ୍ଣଙ୍କୁ ନିବେଦନ କରିଛନ୍ତି । ସେ ଭଗବାନଙ୍କୁ ଦୁଷ୍ଟ ଦଳନକାରୀ ଓ ସନ୍ଥ ପାଳନକର୍ତ୍ତା ଭାବରେ ବର୍ଣ୍ଣନା କରିଛନ୍ତି । କାବ୍ୟଟିର ତୃତୀୟ ଓ ଚତୁର୍ଥ ବିଭାଗରେ କବି ନିତ୍ୟାନନ୍ଦ ବ୍ୟାଜସ୍ତୁତି ଛଳରେ ଭଗବାନ ଶ୍ରୀକୃଷ୍ଣଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି । ଏ ଅଭିଯୋଗ ଅଭିମାନ ମିଶ୍ରିତ । କବି କହିଛନ୍ତି ଯେ ଭଗବାନ ତାଙ୍କର କାତରମୟ ପ୍ରାର୍ଥନାପ୍ରତି କର୍ଣ୍ଣପାତ କରୁ ନଥିବାରୁ ତାଙ୍କର ଧୈର୍ଯ୍ୟ ଭାଙ୍ଗି ଗଲାଣି । କବି ଆଉ ଅଧିକ ସମୟ ଅପେକ୍ଷା କରିପାରିବେ ନାହିଁ । ତେଣୁ କବି କହିଛନ୍ତି ଯେ ଭଗବାନ ଶ୍ରୀକୃଷ୍ଣ 'ଆରତତ୍ରାଣ', 'ଦୀନବନ୍ଧୁ' ନାମର ସାର୍ଥକତା ରଖି ପାରୁନାହାନ୍ତି ।

କାବ୍ୟଟିର ପଞ୍ଚମ, ଷଷ୍ଠ ଓ ସପ୍ତମ ବିଭାଗରେ କବି ବର୍ଣ୍ଣନା କରିଛନ୍ତି ଯେ ଯେଉଁମାନେ ବିପଦରେ ପଡ଼ିଥିଲେ, ଭଗବାନ ସେମାନଙ୍କୁ ବିପଦରୁ ରକ୍ଷା କରିଛନ୍ତି । କିନ୍ତୁ କବିଙ୍କ ପ୍ରତି ଭଗବାନ କାହିଁକି ବିମୁଖତା ପ୍ରଦର୍ଶନ କରୁଛନ୍ତି ? କବି ତେଣୁ କହିଛନ୍ତି ଯେ ସେ କ'ଣ ଭଗବାନଙ୍କ ନିକଟରେ କିଛି ଭୁଲ କରିଛନ୍ତି କି ? ତଥାପି କବି ଉଦାହରଣ ଦେଇ କହିଛନ୍ତି ଯେ ଯେଉଁମାନେ ଭଗବାନଙ୍କ ପ୍ରତି ଭୁଲ କରିଛନ୍ତି, ସେମାନେ ମଧ୍ୟ ତାଙ୍କର କରୁଣା ଲାଭ କରିଛନ୍ତି । କାବ୍ୟର ଅଷ୍ଟମ ଓ ନବମ ବିଭାଗରେ କବି କହିଛନ୍ତି ଯେ ଯଦି ତାଙ୍କ ଭାଗ୍ୟରେ ଦୁଃଖ ପାଇବାର ଅଛି, ସେ ଦୁଃଖ ତାଙ୍କର ଅଚିରେ ଦୂରୀଭୂତ ହୋଇପାରିବ । କାରଣ ସେହି ଭାଗ୍ୟକୁ ଭଗବାନ ବଦଳାଇ ଦେଇ ପାରିବେ । ଏପରି

Source: Author, Digitized by PPRACHIN, SOA

ବଦଳାଇବାର ନଜିର ମଧ୍ୟ ରହିଛି । କବି କହିଛନ୍ତି ଯେ ଅହୋରାତ୍ର ଭଗବାନଙ୍କୁ ପ୍ରାର୍ଥନା କରୁଛନ୍ତି, କିନ୍ତୁ ଭଗବାନ ତାଙ୍କର ପ୍ରାର୍ଥନା ଶୁଣୁ ନାହାନ୍ତି । ଦଶମ ଗୀତରେ କବି ତାଙ୍କର ଷଡ଼ରିପୁ କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟକୁ ନିନ୍ଦା କରିଛନ୍ତି । କାରଣ ଏହି ଷଡ଼ରିପୁ କବିଙ୍କୁ ଦିବ୍ୟ ଭାବନାରୁ ନିବୃତ୍ତ କରୁଅଛନ୍ତି ।

ପରିଶେଷରେ କବି ସାଂସାରିକ ଦୁଃଖ, ମନ୍ତ୍ରଣାରୁ ମୁକ୍ତି ପାଇବାକୁ ଭଗବାନ ଗୋବିନ୍ଦଙ୍କ ଚରଣାରବିନ୍ଦରେ ଆତ୍ମସମର୍ପଣ କରିଛନ୍ତି । କବି ଆଶାପୋଷଣ କରିଛନ୍ତି ଯେ ସେ ଜ୍ଞାତସାରରେ ହେଉ କିମ୍ବା ଅଜ୍ଞାତସାରରେ ହେଉ ଯେଉଁ ଭୁଲ କରିଛନ୍ତି, ସେଥିପାଇଁ ଭଗବାନ ଶ୍ରୀକୃଷ୍ଣ ତାଙ୍କୁ କ୍ଷମାଦେବେ । କାରଣ ସେ କ୍ଷମାମୟ, କରୁଣାମୟ । ତେଣୁ କବି ଶେଷରେ କହିଛନ୍ତି-

''ଆହେ ଭଗବାନ ପ୍ରତିତ ପାବନ
ଆରତଧ୍ୱଂସନ ବିଘ୍ନହର ।
କହେ ନିତ୍ୟାନନ୍ଦ ପ୍ରଭୁ ମୋ ଗୋବିନ୍ଦ
ଜନନ ଅପ୍ରାଧ କ୍ଷମାକର ।"

'ଆରତଧ୍ୱଂସନ' ଏକ ମନୋରମ ଭକ୍ତି ରସାତ୍ମକ କ୍ଷୁଦ୍ର କାବ୍ୟ । ଏଥିରେ କବିଙ୍କର ଭକ୍ତିଭାବ, ଆତ୍ମସମର୍ପଣଭାବ ଓ କୃଷ୍ଣପ୍ରାଣତାର ସ୍ୱାର୍ଥକ ନିଦର୍ଶନ ନିହିତ । ସରଳ, ସୁନ୍ଦର ଶବ୍ଦାବଳୀର ପ୍ରୟୋଗ ଫଳରେ କାବ୍ୟଟି ଶ୍ରୁତିମଧୁର ହୋଇପାରିଛି । ଶ୍ରୀକୃଷ୍ଣଙ୍କ ମୁଖଶ୍ରୀ ବର୍ଣ୍ଣନାରେ କବିଙ୍କର ଚାତୁର୍ଯ୍ୟ ପରିଲକ୍ଷିତ ହୁଏ । ଯେପରି-

''ଅଳକାବଳିକି ଶିଶୁପଂକ୍ତି ଅଳି
ଶ୍ରୀମୁଖ ନୀଳ ନଳିନ ଜିଣି ।
କପାଳେ ଚନ୍ଦନ ବିନ୍ଦୁ ଶୋଭାବନ
ଉଦେ ହୋଇଛିକି ନିଶାମଣି !''

'ଆରତଧ୍ୱଂସନ' ଏକ କ୍ଷୁଦ୍ରକାବ୍ୟ ହେଲେ ହେଁ ଏଥିରେ ନିର୍ମଳ କବିତ୍ୱ ଓ ବିମଳ ଭକ୍ତି ଭାବନା ରହିଛି ।

କବି ନିତ୍ୟାନନ୍ଦ ଥିଲେ ଜଗନ୍ନାଥ ପ୍ରାଣ । ଶ୍ରୀଜଗନ୍ନାଥଙ୍କ ପ୍ରତି କାୟ, ମନ ଓ ବାକ୍ୟରେ ସେ ଥିଲେ ସମର୍ପିତ । କବି ନିତ୍ୟାନନ୍ଦ ସଂସାର ଦାବାନଳରେ ମ୍ରିୟମାଣ ହୋଇପଡ଼ିଥିଲେ । ତାଙ୍କର୍ ଦୁଇଗୋଟି ଭଜନ ବେଶ୍ ଲୋକପ୍ରିୟତା ଅର୍ଜନ କରିଛି । ପ୍ରଥମ ଭଜନ ହେଉଛି 'ତୁମ୍ଭପରା ପ୍ରଭୁ' । ଏହି ଭକ୍ତିଗୀତିକାରେ କବି ନିତ୍ୟାନନ୍ଦ ତାଙ୍କ

Source: Author, Digitized by PPRACHIN, SOA

ହୃଦୟର ଆର୍ତ୍ତିକୁ ଜଣାଇବା ସହିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମହିମା ପ୍ରଖ୍ୟାପନ କରିଛନ୍ତି । କବି ଗାଇଛନ୍ତି-

"ତୁମ୍ଭ ପରାପ୍ରଭୁ ଥାଉଁ ଥାଉଁ ମୁଁ ଯେ
ବୁଡ଼ିଲି ବିପଦ ଜଳେ
ଏତେବେଳେ ପ୍ରଭୁ ଡ଼ାକ ନ ଶୁଣୁଛ
ଯେତେ ଡ଼ାକିଲେ ବିକଳେ
ମହାପ୍ରଭୁ ହେ
ଜଳମୀନ ଯେହ୍ନ ମିହିର ତେଜରେ
ତେମନ୍ତ ହେଲାଣି ଦଶା
ଏଥିରେ କିଞ୍ଚିତେ କରୁଣା ନୋହୁଛି
ମୁଁ ଯେ କରିଛି ଭରସା, ମହାପ୍ରଭୁ ହେ ।
ବିପଦ ଧାଡ଼ି ଯେତେ ମାଡ଼ି ପଡୁଛି
କେତେହେଁ କହିବି ମନେ ହେଜି
ସିଂହମୃଗ ଆଗେ ପରାୟେ ତରଙ୍ଗେ
ଧଇର୍ଯ୍ୟ ବନ୍ଧ ଯାଉଛି ଭାଜି ।
ଯେତେରୂପେ ଦଣ୍ଡ ଦୁଃଖ ଦେଉଅଛି
କହିବାକୁ ମୋତେ ଆସୁନାହିଁ
ଯେତେ ଥିଲା ଆଶ ଆହେ ପୀତବାସ
ଏବେ ତୁମ୍ଭ ନିରାଶକୁ ଚାହିଁ ।

କବି ନିତ୍ୟାନନ୍ଦ ମହାପ୍ରଭୁଙ୍କ ଠାରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପଣ କରିଛନ୍ତି । ଏହାହିଁ ନିମ୍ନ ପଦପନ୍ତିରୁ ଜଣାପଡ଼େ-

ପ୍ରଭୁ ହୋଇ କୃପା ନ କରୁଛ କିମ୍ପା
ଦୀନ ପତିତ ଜନଙ୍କଠାରେ
ଅତିହିଁ ନିରାଶ ପଣ କରିବାରେ
ଭାସିଗଲି ଶୋକନଦୀ ଧାରେ । × × ×

ମୁଁ ଯେ ମଳେମଳି ଭାସିଗଲେ ଗଳି
ତୁମ୍ଭଙ୍କୁ ସିନା ଏ ଅସୁନ୍ଦର
ତୁମ୍ଭ ନାମ ଧରି ହେବା ଏତେ ସରି
ଜଗତେ କିବା ବୋଲିବେ ନର ।

Source: Author, Digitized by PPRACHIN, SOA

ମୋର ଏ ଦୁର୍ଗତି ଯେତେ ନ ବାଧଇ
ତୁମ୍ଭ ନିନ୍ଦା-ଲାଜେ ମରୁଅଛି
ପୂର୍ବର କରୁଣା ଏବେ ଦେଖି ଊଣା
ଦିବାନିଶି ମନେ ଗୁଣୁଅଛି ।

ନାନାରୂପ ଶାସ୍ତି ଦେଇ ଦୁଃଖ ହସ୍ତୀ
ଦନ୍ତରେ ଗୁନ୍ଥିବା ମନ କଲା
ବିପତ୍ତିକାରୀ ନାଶନ ତୁମ୍ଭ ବାନା
କିମ୍ପାଇଁ ନିଳାଦ୍ରି ସିଂହ ହେଲା ?

ଧୈର୍ଯ୍ୟ କମଳ ବନକୁ ମୋହର
ଧ୍ୱଂସି ପକାଉଛି ପ୍ରବଳରେ
ରଖ ରଖ ପ୍ରଭୁ ପ୍ରମତ୍ତ କେଶରୀ
ବୋଲି ଜଣାଉଛି ବିକଳରେ ।

କେବେହେଁ କରୁଣା ନଦୀ ନ ବହିଲା
ବଢ଼ିଲା ସଙ୍କଟ ଗିରିବର
କହେ ନିତ୍ୟାନନ୍ଦ କର୍ମ ହୀନମନ୍ଦ
ସଦୟ କୁଳିଶେ ନାଶ କର ।''

କବିଙ୍କର ଅନ୍ୟତମ ଜନପ୍ରିୟ ଭକ୍ତିଗୀତିକା ହେଉଛି "ପତିତଜନଙ୍କୁ ଉଦ୍ଧାରିବା ପାଇଁ ।" ଓଡ଼ିଆ ଭକ୍ତିଗୀତିକା ଜଗତରେ ଏହାର ସ୍ଥାନ ସ୍ୱତନ୍ତ୍ର । ଏହାର ରଚନାଶୈଳୀ, ପଦବିନ୍ୟାସ ଏବଂ ସାଙ୍ଗୀତିକତା ଜନମନ ହରଣ କରେ ଏବଂ ଅପୂର୍ବ ଭକ୍ତିଭାବନାରେ ମନ ଉଦ୍‌ବୁଦ୍ଧ ହୁଏ । କବି ଗାଇଛନ୍ତି-

"ପତିତଜନଙ୍କୁ ଉଦ୍ଧାରିବାପାଇଁ
ଉଡ଼ାଉଅଛ ପତାକା
ବାହୁଟେକି ତୁମ୍ଭେ ବସି ଚାହୁଁଚାହୁଁ
ବିପତ୍ତି କରୁଛି ଡ଼କା, ମହାପ୍ରଭୁ ହେ ।

ନାଶ ଗଲେ ତୁମ୍ଭେ ପରେ କି କରିବ
କରୁଣା ଭଣ୍ଡାର ଫେଇ
ଦୁଃଖୀ ଗଲେ ନାଶ ଅର୍ଜିବ କି ଯଶ
ପଛେ ଚଉବର୍ଗ ଦେଇ ମହାପ୍ରଭୁ ହେ ।

Source: Author, Digitized by PPRACHIN, SOA

ଘୋର ନବଘନ ଥାଉଁ ଯେବେ ଦୀନ
ଘାତକ ଜୀବନ ହରାଇବ
ସମୁଦ୍ରେ ବରଷି ଘୋର ଜଳରାଶି
ଚାତକ ବନ୍ଧୁ କି ବୋଲାଇବ ?

ଥାଉଁ ଗଙ୍ଗା କୂଳେ ପରାଣ ବିକଳେ
ତୃଷାରେ ଯେବେ ହରିବ ପ୍ରାଣ
ଦିନମଣି ଥିବ ଅନ୍ଧାର ହୋଇବ
ଏକଥା ପ୍ରଭୁ ମନକୁ ଆଣ ।

ସାମନ୍ତ ଯେ ଚତୁର୍ବର୍ଗ ଅଧିକାରୀ
ଲକ୍ଷ୍ମୀ ପରିଚାରୀ ଥିବେ ହୋଇ ।
ଏମନ୍ତ ସାମନ୍ତ ଆଶ୍ରାକରି ଭୃତ୍ୟ
ଭିକ୍ଷା ମାଗୁଥିବ ଦୁଃଖପାଇ ।

ଏଥୁ ଅଧିକ କି ଅଛି ଲୋକହସା
ଆଉ କି ରହିଲା ପ୍ରଭୁଆଣି ।
ଝମକିଲା ସିଂହ ପ୍ରାୟ ଝମକିବ
ବିଅର୍ଥ ଧରିବା ଚକ୍ରପାଣି ।

ଆଉ ଭୁବନରେ ଠାକୁର ଖୋଜିବା
ତୁମ୍ଭ ପରି କେହି ଥିଲେ ଜଣେ ।
ଦୁଃଖୀ ଲୋକଙ୍କର ଦୁଃଖ ହରୁଥିବେ
କୃପା ବିଲୋକନ ନେତ୍ର କୋଣେ ।

ସୁଦର୍ଶନ ନାମେ ଚକ୍ର ବହିଥିବ
ଟେକି ବାହୁରେ ଦକ୍ଷିଣ କରେ ।
ବହେ ନିତ୍ୟାନନ୍ଦ ଅପରାଧୀ ମନ୍ଦ
ମୋହର ଶରଣ ତାଙ୍କଠାରେ ।''

ଓଡ଼ିଆ ଭକ୍ତି ସାହିତ୍ୟ ଜଗତରେ ଏହି ଭକ୍ତିଗୀତିକାଟିର ସ୍ଥାନ ସ୍ୱତନ୍ତ୍ର । ଏଥିରେ କବିଙ୍କର ହୃଦୟାବେଗ, ସମର୍ପିତ ହୃଦୟ ଏବଂ ଗଭୀର ଭକ୍ତିମତ୍ତା ନିହିତ ।

Source: Author, Digitized by PPRACHIN, SOA

ବିନାୟକ ସିଂହ ମାନଧାତା (ରାଜତ୍ୱକାଳ ୧୭୮୮ - ୧୮୦୮)

ବିନାୟକ ସିଂହ ମାନଧାତା ନୟାଗଡ଼ ରାଜବଂଶର ବିଂଶତମ ରାଜା । ସେ ଥିଲେ କବି ଯଦୁମଣିଙ୍କ ପୃଷ୍ଠପୋଷକ । ରାଜା ବିନାୟକ ଥିଲେ ସାହିତ୍ୟପ୍ରାଣ । ନୟାଗଡ଼ ରାଜଦରବାରରେ ସାହିତ୍ୟର ବିକାଶ ପାଇଁ ତାଙ୍କର ସଦୟ ହୃଦୟ ଥିଲା । ତାଙ୍କ ରାଜତ୍ୱକାଳରେ ନୟାଗଡ଼ ରାଜଦରବାର ସାହିତ୍ୟଚର୍ଚ୍ଚାର କ୍ଷେତ୍ରରୂପେ ପ୍ରସିଦ୍ଧି ଅର୍ଜନ କରିଥିଲା । ବିନାୟକ ସିଂହ ମାନଧାତାଙ୍କ ରାଜଦରବାର ଆଶୁକବି ଯଦୁମଣି ମହାପାତ୍ରଙ୍କୁ ମୋଗଲ ରାଜଦରବାରର 'ବୀରବଲ'ଙ୍କ ସହିତ ତୁଳନା କରାଯାଇପାରେ । ରାଜା ବିନାୟକ ଓ କବି ଯଦୁମଣିଙ୍କୁ ଭିତ୍ତିକରି ଅନେକ ରହସ୍ୟକଥା ଅଦ୍ୟାପି ଲୋକମୁଖରେ 'ଯଦୁମଣି ରହସ୍ୟ' ନାମରେ ପ୍ରଚଳିତ ।

ରାଜା ବିନାୟକ ସିଂହ ମାନଧାତା ଥିଲେ ଯଥାର୍ଥରେ ବିନାୟକ । ସେ କବିମାନଙ୍କୁ ପ୍ରୋତ୍ସାହନ ଯୋଗାଇବା ସହିତ ନିଜେ ମଧ୍ୟ କାବ୍ୟ କବିତା ସର୍ଜନା କରୁଥିଲେ । କବି ଯଦୁମଣି ମହାପାତ୍ର ରାଜା ବିନାୟକଙ୍କୁ 'ନବଦୁର୍ଗମଣ୍ଡନ' 'ଅଷ୍ଟଦୁର୍ଗ ଏକ ଶ୍ରେଷ୍ଠ ମୁକୁଟମଣି ସମ୍ରାଟ', 'ଶ୍ରୀବୀରାଧିରାଜ', 'ନବଦୁର୍ଗ ଭୂପାଳ', କ୍ଷିତିରକ୍ଷକ ବୀର ଶିରୋମଣି ମାନଧାତା', 'ବୀରାଧିଶ୍ରୀ ବୀରବର ବିନାୟକ ସିଂହ' 'ନବଦୁର୍ଗ ମଣ୍ଡନ ବୀରାଧିବୀରବର ଅଳଙ୍କୃତ ସର୍ବସୁଗୁଣର ଭୂପ ବିନାୟକ ସିଂହ' ଭାବରେ ବର୍ଣ୍ଣନା କରିଛନ୍ତି । ବିନାୟକ ସିଂହ 'ରସକଳ୍ପଲତା' କାବ୍ୟର ରଚୟିତା । ଏ କାବ୍ୟଟି ଅପ୍ରକାଶିତ । ଏହ କାବ୍ୟର ଏକକିତା ପୋଥି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସଂଗ୍ରହାଳୟରେ ଗଚ୍ଛିତ ରହିଛି । ପୋଥି ସଂଖ୍ୟା-୧୯୮ । ଏହା ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ରହିଛି । ଏହା ଏକ କାଳ୍ପନିକ କାବ୍ୟ । କାବ୍ୟର ନାୟିକା ରସକଳ୍ପଲତା । ତେଣୁ ନାୟିକାର ନାମାନୁସାରେ କାବ୍ୟଟିର ନାମକରଣ ହୋଇଛି । କାବ୍ୟଟିର ପ୍ରତ୍ୟେକ ଛାନ୍ଦର ଶେଷରେ ଭଣିତା ବିନାୟକ ସିଂହଙ୍କ ନାମରେ ରହିଛି । ଯେପରି-

(କ) ଭଣିଲେ ବିନାୟକ ସିଂହ ମାନଧାତା
ରସିକବର ଉଦାୟାରବିନ୍ଦ ପ୍ରମୁଦପଦକୁ ଏ ଛାନ୍ଦ ସବିତା ।

(ଖ) ରାଧାପତି ରୁଚିହାସ ରାମକୃଷ୍ଣ ପଦ
ଚିନ୍ତି ବିନାୟକ ସିଂହ କ୍ଷିତୀଶ ଆନନ୍ଦ ଯେ ।

(ଗ) ଭାବି ଲକ୍ଷ୍ମୀକାନ୍ତ ପାଦ ସାରସ୍
ରସେ ଭଣିଲେ ନବଦୁର୍ଗ ଈଶ
ବିନାୟକ୍ ସିଂହ ମାନଧାତା ଏ ଛାନ୍ଦ ଅଟି
ଅତି ରହସ୍ୟେ ହେ, ସୁଜନେ ।

Source: Author, Digitized by PPRACHIN, SOA

(ଘ) ଶୁଣି ବେନି କର କଞ୍ଜ କୋରକିତ କରି କରେ ଆଜ୍ଞପ୍ରମାଣି
ନିଶି ଅବଶେଷେ ଲୋକେଶ ନନ୍ଦନ ଛାମୁରେ ପରବେଶ ପୁଣି ।

ଦ୍ୱିବିଂଶ ଭୂପ ବିନାୟକ ଶ୍ରୀ ବିନାୟକ ସିଂହ ଭଣେ ଏ ରସ
ନବଦୁର୍ଗ ଭୂପ ବିନାୟକ ଶ୍ରୀ ବିନାୟକ ସିଂହ ଭଣେ ଏ ରସ ।

'ରସକଳ୍ପଲତା' ଏକ ଶୃଙ୍ଗାରଭିତ୍ତିକ କାବ୍ୟ । ଏଥିରେ ନାୟକ ଓ ନାୟିକାର ଯୌବନ ବର୍ଣ୍ଣନା, ପ୍ରେମ, ବିରହ, ମିଳନ ବର୍ଣ୍ଣନା ରହିଅଛି । ଏହି କାବ୍ୟଟି ରୀତିକାବ୍ୟ ଶୈଳୀରେ ରଚିତ ହୋଇଛି ।

କବିଙ୍କର ବର୍ଣ୍ଣନାଚାତୁରୀ ଓ କବିତ୍ୱ ନିମ୍ନ ପଂକ୍ତିରୁ ବିଚାର କରାଯାଇପାରେ-

''ଏହି ସମୟରେ କୁମାର ଛାମୁରେ ଜଣାଏ ତୋଟାପୁର ଦାଶ
ବିଦର୍ଭ ଦେଶରୁ ଆସିଛନ୍ତି ଏକ ଦଭହାସିନୀ ବାର ନାଶ । ଭେଟିବ ।
ଛାମୁରେ ତା'ର ଏକ ମନ । ଶୁଣି ମନ୍ତ୍ରୀଜ ବୋଲେ ଆସୁ କୁଞ୍ଜର ପାର୍ଶ୍ୱକୁ
କୁଞ୍ଜରଗମନା

ଯାହାର ଯୌବନ କାଳକୁ ରତିପତି ମୂର୍ତ୍ତିବନ୍ତେ ଧନୁ ଧଇଲା
ରମ୍ଭା ସମ୍ଭାବ ନ୍ୟାପ୍ୟକି ଶୋଭାଙ୍ଗି ଚରଣ ପ୍ରବେଶେ ରହିଲା । କହଏ ।
ସୁର ତରଙ୍ଗିଣୀ ସେପରା । ଘନରସେ ପରି ପୂରିତ ହୋଇଛି
ଶୀତଳ କରି ଜୀବଧରା ।

ବାଳ ଶଇବାଳ ବଦନ କମଳ ବାହୁ ମୃଣାଳ ମନୋହର
ନୟନ ମନ ପୀନସ୍ତନ ମିଥୁନ ଚକ୍ରବାକ ସେ କି ସୁନ୍ଦର । ସଂଘାତ ।
ନାଭିତ ସଲୀଳ ଭଉଁରୀ । ଜଘନ ସୁବର୍ଣ୍ଣ କସ୍ୟପେ ଶୋଭନ ।
ହାସ କଇରବ ମାଧୁରୀ ।"

ଏହି କାବ୍ୟରେ ବିଭିନ୍ନ ଅଳଙ୍କାରର ସଂଯୋଜନା କରାଯାଇଛି ।

ତେଣୁ ରାଜକବି ବିନାୟକ ଲେଖିଛନ୍ତି-

''ବିଦୂଷବୃନ୍ଦ ଏ ଛାନ୍ଦକୁ ବିଚାରକର
ରୂପକ ଯମକ ବ୍ୟାପକ ପଦ୍ୟବାକ୍ୟ ନିକର ।
ବହିର୍ଲିପି ଅନ୍ତର୍ଲିପିକା ଛଳ ଶ୍ଳେଷ ସୁରସ
ପଦ ପଦକରେ ଢାଳି ଏ ଦେବ କର୍ଣ୍ଣେ ପୀୟୂଷ ।

Source: Author, Digitized by PPRACHIN, SOA

ଚନ୍ଦ୍ରକ ମଣ୍ଡନ ଶ୍ରୀଧର ଅଘ ଖଣ୍ଡନକାରୀ
ଭାବି ଭଣିଲେ ଶ୍ରୀ ବିନାୟକ ସିଂହ ଦଣ୍ଡଧାରୀ ।''

ଏହି କାବ୍ୟରେ କଲ୍ୟାଣଆହାରୀ, ଘଣ୍ଟାରବ, ଚିନ୍ତାଭୈରବ, ପଞ୍ଚମବରାଡ଼ି, ଆହାରି, ରାମକେରୀ, ବସନ୍ତ, ରସକୋଇଲା, ବସନ୍ତବରାଡ଼ି, ଚୋଖି, କାମୋଦୀ, ଚିନ୍ତା ଭୈରବ, କୌଶିକ, ଚିତ୍ରଦେଶାକ୍ଷ, ଗୁଜ୍ଜରୀ, କନ୍ନଡ଼ା, ପାହାଡ଼ିଆକେଦାର, କେଦାର କାମୋଦ୍ରୀ ପ୍ରଭୃତି ରାଗରାଗିଣୀର ବ୍ୟବହାର କରାଯାଇଛି ।

'ରସକଳ୍ପଲତା' ରାଜକବି ବିନାୟକ ସିଂହ ମାନଧାତାଙ୍କର ଏକ ରସମୟ ରଚନା । ସଂପୂର୍ଣ୍ଣ କାବ୍ୟଟି ପ୍ରକାଶିତ ହୋଇପାରିଲେ ବିନାୟକ ସିଂହଙ୍କର ସର୍ଜନଶୀଳ ଦିଗଟି ଲୋକଲୋଚନକୁ ଆସିପାରନ୍ତା ନିଶ୍ଚୟ ।

ରାଜା ବିନାୟକ ସିଂହ ମାନଧାତାଙ୍କ ନାମରେ ଆଉ ଗୋଟିଏ ସମ୍ବୋଧନମୂଳକ ଗୀତିକା ପ୍ରାପ୍ତ ହୋଇଛି । ଏହା 'କ' ଆଦ୍ୟ ନିୟମରେ ରଚିତ, ଯଥା-

"କଳ୍ପକବୃନ୍ଦ ହୃଦକୁମୁଦକୁ ଏ ଛାନ୍ଦ ଘନ ଅନ୍ଧାର ବିଦାରକ
କମଳାନନ ବନ ଯିବାଂଶୁଣିଣ ଛନ୍ନ ଜନନୀ ଆବର ଜନକ ହେ
ସୁକଳ୍ପକ । କହନ୍ତି ମାତା କରି ଶୋକ
କର୍ମ ସୁଫଳ ବିଧାୟକ କହ ଜୀବଜୀବନଧନ ନୟନବନ ବନକୁ କିମ୍ପାଇ ଉତ୍ସୁକ

କଞ୍ଜ ଗଞ୍ଜନ ଚରଣକୁ ଦୂଷଣ ବଣ ତୃଣ ମସୃଣ ସୁକଣ୍ଟକ
କରି ଚାରଣେ ପଦ ବଦ କଣ୍ଟକେ ହୃଦ ଚିନ୍ତିବୁ ଜନନୀ ପଦକରେ
କଳାପିକ । କଥିତ ବୈକୁଣ୍ଠ ନାୟକ କରି କର୍ତ୍ତନ ପଦ୍ମାଧିକ ଦନୁଜ
କବନ୍ଧ ସ୍କନ୍ଧଧାର କଷ୍ଟକି ବସୁଧାର ମୁଞ୍ଚନେ ହେବୁ ସହାୟକ ହେ କଳାପିକ ।
କର୍ବୂରେନ୍ଦ୍ର ସୁଇନ୍ଦ୍ର ଚନ୍ଦ୍ରାଦିଶ ଦେବେନ୍ଦ୍ର ଦର୍ଶନାଭିଳାଷୀ କର୍ତ୍ତୃକ
କବନ୍ଧବୃନ୍ଦ ମଦ ମର୍ଦ୍ଦନେ ବିଶାରଦ ପାରଦ ସୁକର କଣ୍ଟକରେ କଳାପିକ
କଉଣପ କଂସକଟକ । କରଣେ ହୀନ ମାନସିକ
କଳାପ ଯୋଦ୍ଧା ମୁର୍ଦ୍ଧା ମୂର୍ଦ୍ଧା ବିଦଗ୍ଧ ମେଧା ବର୍ଦ୍ଧନେ ମନେ କଉତୁକ
ହେ କଳାପିକ ।
କଳିତ ବଳାହକ ରୂପଶ୍ରୀ ଅଲୌକିକ ତ୍ରୈଲୋକ ଲୋକ ବିମୋହନ
କକଡ଼ା କର୍କଟଧାର ଅର୍କ କର ପ୍ରଖର ଶ୍ରୀକର ହେଲେ ଅନର୍ଥକ
ରେ କଳାପିକ । କହିବୁ ଚିନ୍ତା ବିଶ୍ୱସ୍ତକ । କରାଇ ଶକ୍ତି ଉଦ୍ଦୀପକ

Source: Author, Digitized by PPRACHIN, SOA

କମନୀୟ ସୁକାନ୍ତି ରକ୍ଷଣରେ ବାସନ୍ତୀ, ଲକ୍ଷ୍ମୀର ହେବ ସହାୟକରେ, କଳାପିକ ।
କସ୍ତୁରୀ ଆଦିନାମା ଅଗୁରୁ ଗୋରଚନା ଲେପିଭାଲଚକ୍ରେ ଚିତ୍ରକ
କଲେ ରଞ୍ଜନ ବାଙ୍କ ଚୂଳଫାଙ୍କେ ଚନ୍ଦ୍ରକ ଇନ୍ଦ୍ରଧନୁରେ ଐକାନ୍ତିକ ।
ସେ କର୍ଣ୍ଣାଟକ । କରେ ଭାବନା ଭ୍ରମାନ୍ତକ । କଳଙ୍କ ରହିତ ଶଶାଙ୍କ
କପର୍ଦ୍ଦୀ ଜଟାମୁକ୍ତ । ଧବଳ ଜ୍ୟୋସ୍ନା ସ୍ନାତ
ଚନ୍ଦ୍ରକାନ୍ତରେ ଉଦ୍ଦୀପକରେ କଳାପିକ ।
କଟି କିଙ୍କିଣିମାନ ପଦ ନୂପୁର ସ୍ୱନ ନାଗରୀ କଳାପ ମୋହକ
କରେ ଯଷ୍ଟୀ କମ୍ବଳ ଘେନିଣ ଆଦିମୂଳ ଅଗ୍ରଜବରଜ
ବାଳକସେ କଦମ୍ବକ । କଲେ ଗମନ ଗୋପାଳକ । କରୁଣା କଳ୍ପ ବିଧାୟକ
କଦମ୍ବ ତରୁତଳେ ଉତ୍ତାଳ ନୃତ୍ୟସ୍ଥଳ ରଚିଲେ ଗୋବତ୍ସା ବାଳକ,
ରେ କଳାପିକ ।
କଳା କଲ୍ଲୋଳ ବିନାୟକ ସିଂହ ଭାବନା
ନବଦୁର୍ଗାଧିନାୟକ କଥିତ ଅଷ୍ଟାଦଶ ଶତ
ଅଠଚାଳିଶ ସମ୍ବତେ ହୋଇଲା ପ୍ରକାଶକ, କମଳ କ୍ଷିତିର ପାଳକ
କଥା ସଙ୍କେତେ ବିନାୟକ ।
କଞ୍ଜସୁନ୍ଦର ପଦ ସାରସରେ ମିଳିନ୍ଦ ମାନଧାତା ମାନସ ରଙ୍କ ।”

ଏହାବ୍ୟତୀତ ସଂଗୃହୀତ କେତୋଟି କବିତା ରାଜା ବିନାୟକ ସିଂହଙ୍କର କବିତ୍ୱର ନିଦର୍ଶନ ବହନ କରେ । ରାଜା ବିନାୟକ ନାମରେ ଭଣିତା ଥାଇ ଯେଉଁ କେତେଗୋଟି କ୍ଷୁଦ୍ର କବିତା ଉଦ୍ଧାର କରାଯାଇଛି, ସେଗୁଡ଼ିକ ହେଉଛି ‘କୃଷ୍ଣପ୍ରତି ସଖୀ’, ‘ଚୈତନ୍ୟ ରୂପ ବର୍ଣ୍ଣନା’, ‘ସଖୀ ପ୍ରତି ରାଧା’ (ସ୍ୱପ୍ନ ମିଳନ), ‘ସଖୀ ପ୍ରତି ରାଧା’ ଓ ‘ବିପରୀତ ରତି ଲାଗି ଚାଟୁ’ । ଏ ସମସ୍ତ ରଚନା ରାଧା-କୃଷ୍ଣଙ୍କ ଲୀଳା ବିଷୟକୁ ଭିତ୍ତିକରି ରଚିତ ।

‘କୃଷ୍ଣପ୍ରତି ସଖୀ’ କବିତାରେ ସଖୀ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ଶ୍ରୀମତୀଙ୍କ ବିରହ ଦଶାକୁ ବର୍ଣ୍ଣନା କରିଛନ୍ତି । ଶ୍ରୀରାଧା କୁଞ୍ଜବନରେ ସଖୀ ଗହଣରେ ରାତ୍ରି ଜାଗର ରହି ଶ୍ରୀକୃଷ୍ଣଙ୍କୁ ଅପେକ୍ଷା କରିଛନ୍ତି । କିନ୍ତୁ ରସରାଜ ଶ୍ରୀକୃଷ୍ଣ କୁଞ୍ଜବନକୁ ଆଗମନ କରି ନ ଥିବାରୁ ପ୍ରେମ ବିରହିଣୀ ଶ୍ରୀରାଧା ବିରହାନଳରେ ଦୁର୍ବଳ ହୋଇପଡ଼ିଛନ୍ତି । ତେଣୁ ବିଳମ୍ବ ନ କରି ଶ୍ରୀକୃଷ୍ଣ କୁଞ୍ଜବନକୁ ଗମନ କରିବା ପାଇଁ ସଖୀ ପରାମର୍ଶ ଦେଇଛନ୍ତି । କବିଙ୍କ ଭାଷାରେ-

Source: Author, Digitized by PPRACHIN, SOA

''ରସନାଗର !
ବସଯାଇ ବାରେ ରାଧା ଆଗର ।
ବାସର ନିଶିରେ ତାର ପାଶରୁ ନୋହୁ ବାହାର
ଛାଳିଅଛୁ ଆମ୍ଭେ ଜାଗର ହେ ।

ଆଶାରେ ଜୀବନ ରଖି ଆଶାରେ ନିବେଶି ଆଖି
ଅଛି ସଖୀ ଶୁଣ କୃପା ସାଗର ହେ ।
ବହେ ତା ନେତ୍ରୁ ଲୋତକ ଦହେ ତାକୁ ହରାନ୍ତକ
ନୋହେ ନିଦ୍ରା ହୋଇଛି ଉଜାଗର ହେ ।

ବିରହାନଳ ପ୍ରବଳ ହୋଇ କଲାଣି ଦୁର୍ବଳ
ଅଧିକ ଜଳଇ ହେଲେ ଅଗର ହେ
ନବଦୁର୍ଗ ପତିଭଣି କୁଞ୍ଜବନେ ବେଣୁପାଣି
ବିଳମ୍ବ ନ କର ଚଳ ବେଗର ହେ ।''

'ଚୈତନ୍ୟ ରୂପ ବର୍ଣ୍ଣନା' କବିତାରେ ଶ୍ରୀ ରାଧା ଓ ଶ୍ରୀ କୃଷ୍ଣଙ୍କର ରୂପର ସାମଞ୍ଜସ୍ୟ ଚୈତନ୍ୟଙ୍କ ଠାରେ ରହିଛି ବୋଲି କବି ବର୍ଣ୍ଣନା କରିଛନ୍ତି । ଏ ବର୍ଣ୍ଣନାର ଏକାନ୍ତ ହୃଦ୍ୟ । କବିଙ୍କ ଭାଷାରେ-

''ନବଘନ ବରନ ଶୋଭା ହୋଇଛି
ପୂରୂବେ ପରା ଗୋପରେ ଏ ନନ୍ଦ ନୃପତି ପୁରେ
ନଥିଲା ପରି ମୋତେ ପ୍ରତେ ହେଉଛି ।

ଚିନ୍ତିବାରୁ ଏ ସନ୍ତତ ଚିତ୍ତରେ ବ୍ରଜ ବୃତ୍ତାନ୍ତ
ପ୍ରେମାବେଶେ ରାଧାରୂପ ବହିଛି ।
ଭ୍ରୁରୁ ନର୍ତ୍ତନ ରଖିଛି ତ୍ରିଭଙ୍ଗିବା ଲୁଚାଇଛି
ନୟନ ବକ୍ରିମା କିଛି ରଖିଛି ।
ପୀତ କାଛରେ ନରସି ଏ ତ ନୀଳାମ୍ବରେ ରସି
ନଦୀୟା ନାଗରୀ ମନ ମୋହୁଛି ।
ସଖୀ ଏହାଙ୍କ ପାଶରେ ଥିବା ଗୋ ନିଶି ବାସରେ
ନବଦୁର୍ଗ ପତି ଏହା କହୁଛି ।''

'ସଖୀପ୍ରତି ରାଧା' (ସ୍ୱପ୍ନମିଳନ) କବିତାରେ ଶ୍ରୀରାଧାଙ୍କର ସ୍ୱପ୍ନରେ କୃଷ୍ଣ ମିଳନ କଥା ବର୍ଣ୍ଣନା କରାଯାଇଛି । ସ୍ୱପ୍ନରେ ଅନୁଭବ କରିଥିବା କୃଷ୍ଣ ମିଳନାନନ୍ଦ କିଶୋରୀ

Source: Author, Digitized by PPRACHIN, SOA

ଶ୍ରୀରାଧାଙ୍କୁ ବାତୁଳ ପ୍ରାୟ କରିଛି । ସେହି ସ୍ୱପ୍ନ ବୃତ୍ତାନ୍ତକୁ କବି ନିମ୍ନ ଭାବେ ବର୍ଣ୍ଣନା କରିଛନ୍ତି -

"ସ୍ୱପ୍ନେ ମୁଁ ଦେଖିଲି   କେଳିପୁର ଦେହଳୀ
ପାଶରେ ସେ ଗଲେ ଗୋ ମିଳି
କି କହିବି ତନୁଛଳି   କୋଟି ଚନ୍ଦ୍ର କରୁ ବଳି
ଉଜ୍ଜଳରେ ପଡ଼ିଲା ବଳି ।
ଆସିଲେ ବସିଲେ ପାଶେ   ଲାବଣ୍ୟବେଶେ
ମନ୍ଦେ ହସି ମନ ଉଲ୍ଲାସେ
ପୀତାମ୍ବର କଟିଦେଶେ   ନବଘନେ ବିଦ୍ୟୁତ୍ କିସେ ।
ନିରୀକ୍ଷଣ ନୟନେ ମିଶେ
ଭାସିଲେ ଯେ ମଧୁଭାଷ   ସେ ପୀତବାସ
ସର୍ବଜୀବ ସୁଖଦ ରସ
ଶୁଣି ମୁଁ ହେଲି ବିରସ   କରାଇଲେ ମୋତେ ତୋଷ
ଲଗାଇଣ ହୃଦ ଦେଶ ।"

ଏଭଳି ପ୍ରୀତିପ୍ରଦ ମଧୁକ୍ଷରା ସ୍ୱପ୍ନ ଶ୍ରୀ ରାଧାଙ୍କୁ ଆବେଶ କରିଛି । ଏହା ଜାଣିପାଣି ଦୂତୀ ସହାସ୍ୟ ବଦନରେ ବୃନ୍ଦାବନରେ ପ୍ରବେଶ ହେଲେ । ତେଣୁ କବିଙ୍କ ଭାଷାରେ-

''ବଦତି ଏ ସପନେ ରସ   ନବ ଦୁର୍ଗେଶ
ବିନାୟକ ସିଂହ ନରେଶ
ଠାକୁରାଣୀଙ୍କ ଆଦେଶ   ଜାଣି ଦୂତୀ ହସ ହସ
ବୃନ୍ଦାବନେ ହେଲେ ପ୍ରବେଶ ।''

ସ୍ୱପ୍ନ ଦର୍ଶନ ପରେ ଶ୍ରୀରାଧା ଶ୍ରୀକୃଷ୍ଣ ପ୍ରାପ୍ତି ପାଇଁ ସଖୀ ନିକଟରେ ବ୍ୟାକୁଳତା ପ୍ରକାଶ କରିଛନ୍ତି । 'ସଖୀ ପ୍ରତି ରାଧା' ଶୀର୍ଷକ କବିତାରେ ତାହାର ମାର୍ମିକ ବର୍ଣ୍ଣନା ରହିଛି । ଲୋକ ଅପବାଦକୁ ଭ୍ରୂକ୍ଷେପ ନ କରି କୃଷ୍ଣସଙ୍ଗ ଲାଭ କରିବାପାଇଁ ଶ୍ରୀରାଧା ଭୟ ତ୍ୟାଗ କରିଛନ୍ତି । ସେ ନୀଳମଣିଙ୍କ ସୁରତି ବିନା ବଞ୍ଚିପାରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି । କବିଙ୍କ ଭାଷାରେ-

''ଦେଲେ ଲୋକ ଅକୀର୍ତ୍ତି   କଲେ ପତି ଅପ୍ରୀତି
ଏଥିକି ନାହିଁ ଭୀତି   ଏକା କୃଷ୍ଣ ସଙ୍ଗତି
ଚିନ୍ତା କରେ ମୋ ମତି   ସନ୍ତେତେ ଦିବାରାତି
ଭାଷିଲେ ଭାଷ ଜରତୀ

Source: Author, Digitized by PPRACHIN, SOA

ନ ପାଇଲେ ତା’ ରତି
ନ ପାଇ ବରତି
ନୀଳମଣି ସୁରତି
ନ ଦେଲେ ଯଦୁପତି
ନ ଜୀଅଇ ଶ୍ରୀମତୀ
ଜାଣିଥାଅ ଗୋ ଦୂତୀ
ବିନାୟକ କେଶରୀ
ମାନଧାତା ବଦତି
ଦେଇ ରଖାଅ କୀରତି ।’’

କବିଙ୍କର ‘ବିପରୀତ ରତି ଲାଗି ଚାଟୁ’ କବିତାଟି କେଦାର ରାଗରେ ରଚିତ । ଏଥିରେ ନାୟକର ସମ୍ଭୋଗ ତଥା ବିପରୀତ ରତି ପାଇଁ ନିବେଦନ ପ୍ରସଙ୍ଗ ରହିଛି-

‘‘ଭସାଇ ଭାସିବୁ ଯେବେ ସୁଖ ପାରାବାରେ
ସୁନାଶିର ହୋଇବି ମୁଁ ରସିକ ସଂସାରେ ।
ଘୋର ମାର ଶର ମାରଣ କରେ ଉର
ଦାରୁଣ ହେଉଁ ତୁକି କାରଣେ ରାମାବର ।
ଶରଣଗତକୁ ତୁ ଉଦ୍ଧରଣ କର
ବିନାୟକ ସିଂହ ଭୂପତି ବଦତି ।’’

ରାଜା ବିନାୟକ ସିଂହ କବିମାନଙ୍କର ଓ ସାହିତ୍ୟର ପୃଷ୍ଠପୋଷକ । ଏହି ସାହିତ୍ୟପ୍ରାଣତା ପାଇଁ ସେ ଚିର ସ୍ମରଣୀୟ । ନୟାଗଡ଼ର ଏହି ପ୍ରତିଭା ମଧ୍ୟଯୁଗୀୟ ସାହିତ୍ୟାକାଶରେ ଧ୍ରୁବତାରା ।

ଯଦୁମଣି ମହାପାତ୍ର (୧୭୮୧-୧୮୬୬)

ଉତ୍କଳୀୟ ସାରସ୍ୱତ ଜଗତରେ କବି ଯଦୁମଣି ମହାପାତ୍ର ଏକ ଅମ୍ଳାନ ପ୍ରତିଭା । କବି ଭାବରେ ସେ ଶୁଭ୍ର କୀର୍ତ୍ତିରାଜିର ଅଧିକାରୀ । ଓଡ଼ିଆ କାବ୍ୟଯୁଗର ସେ ଅନ୍ୟତମ ଜ୍ୟୋତି । ଓଡ଼ିଶାର ଗଜପତି ମୁକୁନ୍ଦଦେବ ଓ ନୟାଗଡ଼ର ରାଜା ବିନାୟକ ସିଂହ ମାନଧାତାଙ୍କର ସମସାମୟିକ ଏହି କବି ଜଣେ ପ୍ରଖ୍ୟାତନାମା କାବ୍ୟକାର । କବି ଯଦୁମଣି ୧୭୮୧ ଖ୍ରୀଷ୍ଟାବ୍ଦ ଜାନୁୟାରୀ ମାସ ୮ ତାରିଖ (୧୧୧୮ ସାଲ, ପୌଷ ଶୁକ୍ଳ ତ୍ରୟୋଦଶୀ, ସୋମବାର) ଦିନ ଅବିଭକ୍ତ ଗଞ୍ଜାମ ଜିଲ୍ଲାର ଆଠଗଡ଼ ତାଲୁକାସ୍ଥିତ ମଥୁରା ଗ୍ରାମରେ ବର୍ଦ୍ଧକୀ (ବଢ଼େଇ) କୁଳରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ମୁକୁନ୍ଦ ମହାପାତ୍ର ଓ ମାତାଙ୍କ ନାମ ଶୋଭା ଦେଇ । ଯଦୁମଣିଙ୍କ ଦଶବର୍ଷ ବୟସ ସମୟରେ ତାଙ୍କ ପିତା ମୁକୁନ୍ଦ ମହାପାତ୍ର ନୟାଗଡ଼ ରାଜା ବିନାୟକ ସିଂହ ମାନଧାତାଙ୍କ ନିମନ୍ତ୍ରଣ କ୍ରମେ ସପରିବାରରେ ଆଠଗଡ଼ ତ୍ୟାଗକରି ନୟାଗଡ଼ର ଇଟାମାଟି ଗ୍ରାମରେ

Source: Author, Digitized by PPRACHIN, SOA

ଅବସ୍ଥାନ କରିଥିଲେ'। ଏହି ଇଟାମାଟି ଗ୍ରାମ ହେଉଛି ଯଦୁମଣିଙ୍କର କର୍ମଭୂମି ଓ ସାହିତ୍ୟ ସାଧନାର କ୍ଷେତ୍ର । ନୟାଗଡ଼ର ମାନଧାତାପୁର ଗ୍ରାମର ବ୍ୟାକରଣଜ୍ଞ ପଣ୍ଡିତ ବିଦ୍ୟାକର ମହାପାତ୍ର କବି ଯଦୁମଣିଙ୍କ ଶିକ୍ଷାଗୁରୁ ଥିଲେ । ଯଦୁମଣି ନୟାଗଡ଼ ରାଜ୍ୟର ତତ୍କାଳୀନ ରାଜା ବିନାୟକ ସିଂହ ମାନଧାତାଙ୍କର ରାଜ ପୃଷ୍ଠପୋଷକତା ଲାଭ କରିଥିଲେ । ସେ କବିଙ୍କୁ ଅନେକ ନିଷ୍କର ଭୂସମ୍ପତ୍ତି ପ୍ରଦାନ କରିଥିଲେ । ଯଦୁମଣି ଥିଲେ ରାଜାଙ୍କର ପରାମର୍ଶଦାତା ବାୟସ୍ୟ । ନୟାଗଡ଼ ରାଜସଭାରେ କବି ଯଦୁମଣି ପ୍ରମୁଖ ସ୍ଥାନ ଗ୍ରହଣ କରିଥିଲେ । ନୟାଗଡ଼ ରାଜସଭାରେ କବି ଯଦୁମଣି ବକ୍ରବାକ ଚକ୍ରପାଣି ପଟ୍ଟନାୟକ ଓ କବିସୂର୍ଯ୍ୟ ବଳଦେବ ରଥଙ୍କ ସଖ୍ୟ ଲାଭ କରିଥିଲେ । ଏହି କବିମାନଙ୍କୁ ଘେନି ନୟାଗଡ଼ ରାଜଦରବାର କାବ୍ୟଚର୍ଚ୍ଚାର ଏକ ପ୍ରଧାନ କ୍ଷେତ୍ର ହୋଇ ପାରିଥିଲା । କବି ଯଦୁମଣି ମଧ୍ୟ ନୟାଗଡ଼ର ପାର୍ଶ୍ୱବର୍ତ୍ତୀ ରାଜ୍ୟ ଖଣ୍ଡପଡ଼ା ଏବଂ ରଣପୁରଗଡ଼ ରାଜାମାନଙ୍କର ଆଶ୍ରୟରେ ରହି ଆପଣାର ପ୍ରତ୍ୟୁତ୍ପନ୍ନମତିତା ଓ କବିତ୍ୱ ଶକ୍ତିର ପରିଚୟ ଦେବାପାଇଁ ଅପୂର୍ବ ସୁଯୋଗ ଲାଭ କରିଥିଲେ । ନିଜର ପ୍ରତ୍ୟୁତ୍ପନ୍ନମତିତା ଗୁଣଯୋଗୁଁ ସେ ବକ୍ରବାକ ଚକ୍ରପାଣି ପଟ୍ଟନାୟକ ଏବଂ କବିସୂର୍ଯ୍ୟ ବଳଦେବ ରଥଙ୍କଠାରୁ ମଧ୍ୟ ବଳିଯାଇଥିଲେ ।

କବି ଯଦୁମଣି ହୟଗ୍ରୀବ ମହାପ୍ରଭୁଙ୍କ ପ୍ରସାଦରୁ ଦିବ୍ୟକବିତ୍ୱ ଲାଭ କରିଥିଲେ । ଏହି ଦୁର୍ଲ୍ଲଭ କବିତ୍ୱ ଲାଭକରି ସେ ନିଜକୁ 'ଉତ୍କଳଘଣ୍ଟ' ନାମରେ ପରିଚିତ କରାଇଛନ୍ତି-

''ହୟଗ୍ରୀବ ମହାପ୍ରଭୁ ପ୍ରତାପେ
ଥୋଡ଼ା ନୁହେଁ ଲୋଡ଼ା କରନ୍ତି ନୃପେ ।
ଯୋଡ଼ା ହେବା ମୋ ପ୍ରୌଢ଼ି କବିତାକୁ
ବଳିବଳି ରସଦାନୀ କର୍ଣ୍ଣକୁ
ଭଲେ ଭଲ, ଖଣ୍ଟେ ଖଣ୍ଟ ଯେ
ନବଦୁର୍ବାଦଳ ଶ୍ୟାମଳ କୃପାରୁ
ମୋ ନାମ ଉତ୍କଳ ଘଣ୍ଟ ଯେ ।''

କବି ଯଦୁମଣି ତାଙ୍କର କାବ୍ୟ ସାଧନା ଦ୍ୱାରା ଯେଉଁ ମହାନ୍ ସାରସ୍ୱତ ଅର୍ଘ୍ୟ ଉତ୍କଳ ଭାରତୀଙ୍କୁ ପ୍ରଦାନ କରିଯାଇଛନ୍ତି, ତାହା ହେଉଛି 'ରାଘବ ବିଳାସ' ଓ 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' କାବ୍ୟ । 'ରାଘବ ବିଳାସ' ରାମକାବ୍ୟ ଏବଂ 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' କୃଷ୍ଣକାବ୍ୟ । ଏହାବ୍ୟତୀତ କବି ଯଦୁମଣି ବହୁ ଚଉପଦୀ, ଭଜନ ଓ ନାମମାଳା ରଚନା କରିଛନ୍ତି । 'ରାଘବ ବିଳାସ' ଓଡ଼ିଆ ରାମସାହିତ୍ୟ ଧାରାରେ ଏକ ଅତୁଳନୀୟ କାବ୍ୟ । ଶ୍ରୀରାମଚରିତକୁ ଭିତ୍ତିକରି 'ରାଘବ ବିଳାସ' କାବ୍ୟ ରଚନା କରାଯାଇଛି । କାବ୍ୟର ଛାନ୍ଦଗୁଡ଼ିକ ନୟାଗଡ଼

Source: Author, Digitized by PPRACHIN, SOA

ରାଜ୍ୟର ଯଶସ୍ୱୀ ସାହିତ୍ୟପ୍ରାଣ ରାଜା ବିନାୟକ ସିଂହ ମାନଧାତାଙ୍କ ନାମରେ ଭଣିତା ରହିଛି । ରାଜ ପୃଷ୍ଠପୋଷକତା ଲାଭ କରିଥିବାରୁ କବି ଏହି କାବ୍ୟକୁ ରାଜାଙ୍କ ନାମରେ ଭଣିତା କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ-

କ) ନବୀନ ଦୁର୍ଗେଶ ପ୍ରତାପୀ
ବୀରାଧିବୀରବର
ବିନାୟକସିଂହ ଶ୍ରୀମାନ-
ଧାତାଗ୍ରନ୍ଥେ ପ୍ରଚାର ।

ଖ) ସେ ପ୍ରଭୁ କମଳ ପାଦପଦ୍ମ ହୃଦେଧ୍ୟାୟି
ନୃପ ବିନାୟକସିଂହ ମାନଧାତା କହି
ଅବିଘ୍ନରେ ଛାନ୍ଦପୂର୍ଣ୍ଣ
କରନ୍ତୁ ଶ୍ରବଣ ସର୍ବେ ଦେଇ ମନକର୍ଣ୍ଣ ।

ଗ) ବିନାୟକ ସିଂହ ବିନାୟକ ହୃଦେ ଧ୍ୟାୟି
ବିନାୟକ ରାଘବ ବିଳାସ ଛାନ୍ଦେ କହି ।

ଘ) ଶୁଣିଣ ତୋଷ ବୀର ରାମଚନ୍ଦ୍ର
ଭାଷନ୍ତି ବିନାୟକ ନରଇନ୍ଦ୍ର ଯେ
ମାନଧାତା ବୀରବର ଯେ
ନବୀନ ଦୁର୍ଗେଶ ହୋଇ ମହାତୋଷ
ଛାନ୍ଦେ କରଇ ପ୍ରଚାର ଯେ ।

ଙ) ନବଦୁର୍ଗ ମଣ୍ଡନ ବୀରାଧି ବୀରବର
ଅଳଂକୃତ ସର୍ବଗୁଣର
ଭୂପବିନାୟକ ସିଂହ ମାନଧାତା କରିରମ୍ୟ
ଧ୍ୟାୟୀ ବିନାୟକ ଶ୍ରୀପୟର ସେ ।

ଚ) ହିରଣ୍ୟଗର୍ଭ ଯହିଁତ ହରି ମୁଖ ହରହରି କାନ୍ତି ସୁନ୍ଦର
ବିନାୟକ ପାଶେ ଆରତି ଭାରତୀ ନୃସିଂହଙ୍କୁ ଚିନ୍ତି ମନର
କ୍ଷିତିରକ୍ଷକ
ବୀର ଶରୋମଣି ମାନ୍ଧାତା
ବିନାୟକ ସିଂହ ବୋଲି ବେନି ମୂର୍ତ୍ତି ତାପ ତମକୁ ମୁଁ ସବିତା ।”

ପ୍ରସିଦ୍ଧ ରଘୁବଂଶର ଶ୍ରେଷ୍ଠ ପୁରୁଷୋତ୍ତମ ରାଘବଙ୍କ ଚରିତକୁ ଆଧାର କରି କବି ଯଦୁମଣି ‘ରାଘବ ବିଳାସ’ କାବ୍ୟ ଲେଖିଥିବାରୁ ସେ ସ୍ୱୀକାର କରିଛନ୍ତି-

Source: Author, Digitized by PPRACHIN, SOA

''ରାଘବେ ରାଘବ ତୋଷ   ନାମ ରାଘବ ବିଳାସ
ଭାବ ଲାଭ ପ୍ରକାଶ ବିଦୂଷଶ୍ରେଣୀ
ଧ୍ୟାୟି ସାର ନଗ୍ର ଅଗ୍ରଣି
ତରଣି ବଂଶ ଉଦ୍ଭବ ଏ ରସେ ଭଣି ।''

କବି ଯଦୁମଣି 'ଆଦୌ ନମସ୍କ୍ରିୟାର୍ଶୀବା' ରୀତିରେ 'ରାଘବ ବିଳାସ' କାବ୍ୟର ପ୍ରାରମ୍ଭରେ ବ୍ରାହ୍ମଣମାନଙ୍କୁ ସ୍ତୁତି କରିଛନ୍ତି । କୁହାଯାଇଛି ବ୍ରାହ୍ମଣମାନଙ୍କୁ ଅସନ୍ତୋଷ କରିଥିବାରୁ ସେ ତାଙ୍କର ଏକମାତ୍ର ପ୍ରିୟତମ ପୁତ୍ରକୁ ହରାଇଥିଲେ । ଏହାପରେ କବି ସୀତାପତି ଶ୍ରୀରାମଚନ୍ଦ୍ରଙ୍କର ଅସୁର ବିନାଶନ ତଥା ସଜ୍ଜନ ପାଳନ ଅନନ୍ତ ଶୟନ ମୂର୍ତ୍ତିଙ୍କୁ ଧ୍ୟାନ କରି ବନ୍ଦନା କରିଛନ୍ତି-

''ପ୍ରଥମୁଁ ବନ୍ଦଇ ଭୂଦେବ ଅଂଘ୍ରି ଅଘାରି ବକ୍ଷେ
ସପତ ସାଗର ଶୋଷକ ବଂଶ ଧ୍ୱଂସି ଅଲକ୍ଷ୍ୟେ ।

ବନ୍ଦେ ରସାସୁତା ପତିର ଧରାଧର ଶୟନ
ନିର୍ଜରା ପର ବିନାଶନ ସଜ୍ଜନ ପାଳନ ।

ଗରିଷ୍ଠ ଦଶା ଏ ରାଷ୍ଟ୍ରର କଷ୍ଟ ଫେଡ଼ ଦୁସ୍ତର
ଚକ୍ରପେକ୍ଷି ଶକ୍ର-ବାହନ ଭ୍ରାତ ଅରି ସଂହାର । xxxx

ରମ୍ୟନଗ୍ରେ ବାମପାର୍ଶ୍ୱରେ ବାମା ଶ୍ରେଷ୍ଠ ଘେନିଣ
ଅଭିଷିକ୍ତ ହୋଇ ରାଜ୍ୟରେ ପ୍ରଜାଚୟ ପାଳିଣ ।

କଳ୍ପି କଳ୍ପି କେତେ ଜଳ୍ପିଲା ଶିଳ୍ପୀକାର କୁମର
କଳ୍ପେ କଳ୍ପତରୁ ଭଜିଲି ଦୁଃଖ ନ ଗଲା ମୋର ।

ସୀତାରାମ ଅଂଘ୍ରି ଅବ୍ଜକୁ ହୃଦୟରେ ଧ୍ୟାୟିଣ
ରାଘବ ବିଳାସ ପ୍ରବନ୍ଧ ରଚନାକୁ କରିଣ ।''

'ରାଘବ ବିଳାସ' କାବ୍ୟରେ ବର୍ଣ୍ଣିତ ବିଷୟ ଗୁଡ଼ିକ ହେଉଛି ଶ୍ରୀରାମଙ୍କୁ ସ୍ତୁତି, ରାବଣର ଜନ୍ମ ଓ ଦିଗ୍‌ବିଜୟ, ଜରତାର ବିଭାଣ୍ଡକାଶ୍ରମ ଗମନ, ଋଷ୍ୟଶୃଙ୍ଗ ଦ୍ୱାରା ଯଜ୍ଞ, ରାମଜନ୍ମ, ସୀତାସମ୍ଭବ, ଯଜ୍ଞରକ୍ଷା, ଗଙ୍ଗାପାରି ଓ ମିଥିଳା ଯାତ୍ରା, ସୀତାଙ୍କ ବେଶ, ଧନୁଭଙ୍ଗ, ସୀତା ସ୍ୱୟମ୍ବର ଓ ଦଶରଥଙ୍କ ଆଗମନ, ଦଶରଥଙ୍କ ମିଥିଳା ପ୍ରବେଶ, ବିବାହ ଯାତ୍ରାର ଶୋଭା, ସୀତା ବିବାହ, ମଧୁଶଯ୍ୟା ବର୍ଣ୍ଣନା, ବାହୁଡ଼ା ବରକନ୍ୟା

Source: Author, Digitized by PPRACHIN, SOA

ଓ ପରଶୁରାମ ବିଜୟ, ଶ୍ରୀରାମଙ୍କ ବନଗମନ, ଚିତ୍ରକୂଟ ବିହାର, ସୂର୍ପଣଖାର ନାସାକର୍ଣ୍ଣ ଛେଦନ, ପଞ୍ଚବଟୀରେ ରାକ୍ଷସବଧ, ରାବଣ ସମ୍ମୁଖରେ ସୂର୍ପଣଖାର ପ୍ରବେଶ, ସୀତା ହରଣ, ସୀତାଙ୍କ ଅମୃତ ଭକ୍ଷଣ ଓ କବନ୍ଧ ବଧ, ଶ୍ରୀରାମଙ୍କ ଜଟାୟୁ ସହିତ ଭେଟ, ଶ୍ରୀରାମଙ୍କ ଦୁଗ୍ଧପାନ, ରାମଙ୍କ ଋଷ୍ୟମୂକ ପ୍ରବେଶ, ସୁଗ୍ରୀବ ନିକଟକୁ ଲକ୍ଷ୍ମଣଙ୍କ ଯାତ୍ରା, ସୀତା ଅନ୍ୱେଷଣ, ଅଶୋକବନରେ ସୀତାଠାବ, ରାବଣକୁ ହନୁମାନର ଉକ୍ତି, ଲଙ୍କାଦଗ୍ଧ, ଶ୍ରୀରାମଚନ୍ଦ୍ରଙ୍କ ସୈନ୍ୟ ସହିତ ସିନ୍ଧୁକୂଳରେ ପ୍ରବେଶ, ବିଭୀଷଣ ଶରଣ, କୁମ୍ଭକର୍ଣ୍ଣବଧ, ନାଗଫାଶ ବନ୍ଧନ, ସୀତାଙ୍କର ନାଗଫାଶ ବନ୍ଧନ ଦର୍ଶନ, ମାୟାସୀତା ବଧ, ଇନ୍ଦ୍ରଜିତ ବଧ, ରାବଣର ବିଳାପ ଇତ୍ୟାଦି ।

'ରାଘବ ବିଳାସ' ଏକ ଉଚ୍ଚକୋଟୀର ରାମକାବ୍ୟ । ଏଥିରେ କବିଙ୍କର କବିତ୍ୱ, ପାଣ୍ଡିତ୍ୟ, ଅର୍ଥଗୌରବ, କଳ୍ପନା ବିଳାସ, ଦୀର୍ଘ ସମାସାନ୍ତ ପଦପ୍ରୟୋଗ, ଆଳଙ୍କାରିକତା ଶବ୍ଦ-ପାଣ୍ଡିତ୍ୟ, ଭକ୍ତିମତ୍ତା, ବର୍ଣ୍ଣନା ବିଳାସ ଦେଖିବାକୁ ମିଳେ । 'ରାଘବ ବିଳାସ' କାବ୍ୟରେ ଅପୂର୍ବ ଶବ୍ଦ-ପାଣ୍ଡିତ୍ୟ ବିଳସିତ । ଦୃଷ୍ଟାନ୍ତ ସ୍ୱରୂପ, ସୂର୍ପଣଖାର ନାସାକର୍ଣ୍ଣ ଛେଦନ ପ୍ରସଙ୍ଗରେ କବି ଲେଖିଛନ୍ତି-

''ରାମରେ ରାମରେ ରାମ ବଇରୀ   ରାମରାମ ରାମନେତ୍ରୀ ବିହରି
ରାମ ରାମା ରାମ ପ୍ରସିଦ୍ଧି ବଶ   ରାମ ରାମା ରାମ ଘେନିଣ ତୋଷ
ବନ ବନ ବନ
ସୁମନା ସୁମନ ସୁମନା ଘେନ ।

ତରୁ ତରୁଣୀଙ୍କି ଚିହ୍ନାନ୍ତି ଧରି   ବୈଦେହୀବୈଦେହୀ ! ଦେଖ ଶେଫାଳୀ
ବାରଣ ବାରଣ ଦନ୍ତୀଗୋ ଅନା   ସୁନାରୀ ସୁନାରୀ ପରି ଶୋଭନା
ଭ୍ରମରେ ଭ୍ରମରେ
କକୁଭ କକୁଭ କି ମନୋହରେ ।

ସୁରଭି ଫୁଟିଣ ସୁବାସ ହୋଇ   ସୁରଭିରେ ଚିତ୍ତ ହରି ନିଅଇ
ସୁରଭି ବିକଶି ଶୋଭାକୁ ପାଇ   ସୁରଭି କୁସୁମ ଚିତ୍ତ ହରଇ
ସୁରଭି କାଳରେ
ସୁର-ଭୀ-ଦାରଣ ଚିହ୍ନାନ୍ତି ଧୀରେ ।''

'ରାଘବ ବିଳାସ' କାବ୍ୟରେ ତତ୍ସମ ଶବ୍ଦର ବହୁଳ ପ୍ରୟୋଗ ରହିଛି । ଏହା ସହିତ ଅର୍ଦ୍ଧ ତତ୍ସମ ଓ ତଦ୍ଭବ ଶବ୍ଦର ବ୍ୟବହାର ରହିଛି । ଅନେକତ୍ର କ୍ଲିଷ୍ଟ ଶବ୍ଦର ବ୍ୟବହାର ଦେଖିବାକୁ ମିଳେ । ଦୃଷ୍ଟାନ୍ତ ସ୍ୱରୂପ-

Source: Author, Digitized by PPRACHIN, SOA

''ଗୁଣୀଗଣାଗ୍ରଣୀଗଣ୍ୟ ପାଣିନିରେ ଯେ ପ୍ରବୀଣ
ତର୍କେ ତର୍କାଳଙ୍କାର ଭୂଷଣ
ଜ୍ୟୋତିର୍ବିଦ ସର୍ବସାର ରସଶାସ୍ତ୍ରରେ ପ୍ରବୀର
ସେ ଗମନ ପ୍ରବନ୍ଧ ମାର୍ଗେଣ, ହେ ବିଦ୍ୱଜ୍ଜନ
ଶବ୍ଦାର୍ଥକେ କରିବେ ଗ୍ରହଣ
ଅନ୍ୟେ ଯଥା ଦର୍ଶନ ବହୀନ ହେ ।

କର୍ବୁରକୂଳ ମଣ୍ଡନ ବୀରେନ୍ଦ୍ର ସେ ଦଶାନନ
ଭୂସୁତା ଦର୍ପକେ ଦର୍ପହୀନ ହେ
ଲଙ୍କା ବିହର୍ଗଣକାରୀ ଲଙ୍କା ବିହରଣ କରି
ନିଶଙ୍କାରେ ଗମେ ଶଙ୍କା ଦେଇ
ବଳେ ବଳିଷ୍ଠ ଦାନବ କୀନାଶ ପ୍ରାୟେ ମାନବ
ହରିସଙ୍ଗରେ ଅଛି ଘେନାଇ ସେ ପ୍ରତାପରେ
ତାପାନଳେ ଦହନ କରାଇ
ପ୍ରଚଣ୍ଡରେ ଦଣ୍ଡକୁ ମଣ୍ଡାଇ ସେ
ସ୍ୱରାଜପତ୍ର ଦର୍ଶନ ଉତ୍ପାଟନ ସମର୍ଥନ
ବିଚେଷ୍ଟାକୁ ନଷ୍ଟ ଚେଷ୍ଟା ଯାଇ ସେ ।''

'ରାଘବ ବିଳାସ' କାବ୍ୟ ଅନ୍ତର୍ଗତ ଅନେକ ଛାନ୍ଦରେ କବିଙ୍କର ଚମତ୍କାର ବର୍ଣ୍ଣନାପାଟବ ଦେଖିବାକୁ ମିଳେ । ଏହା ଯେପରି କାବ୍ୟିକ, ସେହିପରି ହୃଦୟଗ୍ରାହୀ । ଉଦାହରଣ ସ୍ୱରୂପ, ତ୍ରୟତ୍ରିଂଶ ଛାନ୍ଦ (ବିଭୀଷଣ ଶରଣ) ଟିରେ ମନୋରମ ବର୍ଣ୍ଣନାଶୈଳୀ ଓ ଅର୍ଥଗୌରବ ରହିଅଛି । ଅନୁପ୍ରାସ ଅଳଙ୍କାରର ସମାବେଶରେ ଏହି ଛାନ୍ଦଟି ବିବୁଧରଞ୍ଜନ ହୋଇପାରିଛି । ଯଥା-

''ପୂର୍ବ ଦେବତା ଶର୍ବରୀ ଭର୍ତ୍ତା ଆଗେ
ଦୂତବାର୍ତ୍ତା କଲା ପ୍ରକାଶ
ଅଶୋକ ବନେ ସଶୋକେ ଥିବା ବଧୂ
ବନ୍ଧୁସିନ୍ଧୁ କୂଳେ ପ୍ରବେଶ ।

ହାସ୍ୟରସରେ, ଭାସି ଭାଷିଲା ଦଶଗ୍ରୀବ
ନାରୀବିହୀନେ ବାରିଧି ଝାସେ ତନୁ
ନାଶିବ ବୋଲି ଆସିଥିବ ।

Source: Author, Digitized by PPRACHIN, SOA

ବଦତି ଅନୁଜ ପବନ ତନୁଜ
ଗମନୁ ଯାଇଛି ଦେଖା ଯେ ।
ଟେକିଲା ଏଥର ନେତ୍ର ଗୋତ୍ରାନ୍ତକ
ପ୍ରଜ୍ୱଳ ଜ୍ୱଳନ ଶିଖା ଯେ ।
କୋପଲଙ୍କେଶ, କମ୍ପି ଅନାଇଲା ନିନ୍ଦନେ
ପ୍ରଶସ୍ତ ହସ୍ତ ମସ୍ତକେ ନ୍ୟସ୍ତ କରି
ଶାନ୍ତି କଲା ଭାଷା ଚନ୍ଦନେ । ×××

ଦୁର୍ଗ ପ୍ରାକାର ପାରି କରି ଦିଅନ୍ତେ
ଅନନ୍ତେ ବିଶ୍ରବା କୁମର
ରହି ଭାବିଲା ରଥାଙ୍ଗ ଶଙ୍ଖଯବ
ଧ୍ୱଜରେଖା ତ ପତ୍ରାମ୍ବର
ଚାରୁ ଚରଣେ, ଶରଣ ପଶିବି ଯାଇ ଯେ
ଦୟା ନିକେତନ କେତନ ଉଡୁଛି
ଚିନ୍ତାହେବ କାହିଁପାଇଁ ଯେ ।

କପି ସୃଷ୍ଟିଙ୍କ ଦୃଷ୍ଟି ବୃଷ୍ଟି ଏ କାଳେ
ହେଲା ବିଭୀଷଣ ପିଣ୍ଡେ ଯେ
ଭାବିଲେ ରାବଣାନନ୍ଦ ଦଗ୍‌ଧାଗ୍ନିର
ଧୂମକେତୁସମ ଖଣ୍ଡେ ଯେ
ନଭେ ଶୋଭନ, ହୋଇଅଛି ଦେଖ ରାଜ ହେ
ଶ୍ରୀରାମେ ଶରଣ ପଶି ବି ଡ଼ାକିଲା
ଦନୁଜରାଜ ଅନୁଜ ଯେ ।

କର ପ୍ରସାରି ଆସ ଆସ ଉଚ୍ଚାରି
ମର୍କଟ ମୁକୁଟାଳଙ୍କାର
ପୁଣ୍ୟଜନ ବାଣୀ ପୁଣ୍ୟଜନ ଶୁଣି
ପ୍ରବେଶ ହୋଇଲେ ସତ୍ୱର
ରମୀରମଣ, ପ୍ରେମାନନ୍ଦେ କଲେ ଆଶ୍ଲେଷ
ରାବଣାନୁଜ ଚଳିଲେ ହେ କିଷ୍କିନ୍ଧା-
ପୁର ହରି ବୀରାବତଂସ ।”

Source: Author, Digitized by PPRACHIN, SOA

କବି ଯଦୁମଣି 'ରାଘବ ବିଳାସ' କାବ୍ୟରେ ବିଭିନ୍ନ ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାରର ପ୍ରୟୋଗ କରିଛନ୍ତି । ଅନୁପ୍ରାସ, ଯମକ, ଶ୍ଳେଷ, ଉପମା, ଉତ୍ପ୍ରେକ୍ଷା, ପ୍ରତୀପ, ବ୍ୟତିରେକ, ଦୀପକ, କାବ୍ୟଲିଙ୍ଗ, ଭ୍ରାନ୍ତିମାନ, ପ୍ରଭୃତି ଅଳଙ୍କାର ଗୁଡ଼ିକର ସଫଳ ବିନ୍ୟାସରେ ଏହି କାବ୍ୟର ଛାନ୍ଦଗୁଡ଼ିକ ଅପୂର୍ବ କାବ୍ୟିକ ସୌନ୍ଦର୍ଯ୍ୟ ଲାଭ କରିଛନ୍ତି । ଦୃଷ୍ଟାନ୍ତସ୍ୱରୂପ-

ଆଦ୍ୟାନୁପ୍ରାସ:

ବିଭାକର ଅସ୍ତାଚଳ ଭଜୁତ   ବିଭାବରୀ ପ୍ରବେଶନ୍ତେ ତୁରିତ
ବିଭାଣ୍ଡକ ତପ-ସ୍ଥାନୁ ଆଗତ   ବିଭାବମଣି ପୁତ୍ରଙ୍ଗ ସର୍ଶେତ
ବିଭାତ କେମନ୍ତ ? ବିଭାଷକଲେ କୋଳରେ ଘେନିତ ।

ପ୍ରାନ୍ତ୍ୟାନୁପ୍ରାସ:

ମୁନିରତାରେ ଜରତା ନିରତ   କାମମୋହିନୀଙ୍କି ପୁଚ୍ଛେ ଗୀରତ
ହେଲାଟି ସଫଳ କହି ତ୍ୱରିତ   ମୁନିଜ ଦେଖିବା ଅର୍ଥେ ଆରତ
ବିନୟ ଗୀରତ, ଶୁଭ ବେଳାରେ ଗମନକରତ ।

ଆଦ୍ୟ ଯମକ:

ସୀତା ଶୀତାମ୍ବୁଜ ମୁଖୀ ଘେନି ହରଷରେ
ସରସରେ ହରଷରେ ଚିତ୍ରକୂଟ ପରେ ।

ବନେ ବନେ ଭ୍ରମନ୍ତି ସେ ହୋଇଣ ଆନନ୍ଦ
ବର ବରଣୀର କର ଧରିଣ ପ୍ରମୋଦ ।

କୁନ୍ଦ କୁନ୍ଦଦନ୍ତୀ ! ଦେଖ ଫୁଟିଣ ସୁବାସ
ମଲ୍ଲି ମଲ୍ଲି ହାସି ! ଶୁକ୍ଳ ପ୍ରକାଶ ପ୍ରକାଶ ।

ରୁରୁ-ରୁରୁ ନେତ୍ରୀ ! ଅନା ଶାବକ ଖେଳାଇ
ଦନ୍ତୀ ଦନ୍ତୀ ରତି ଦେଖି ଚିତ୍ତ ତୋଷ ବହି ।

ମଧ୍ୟଯମକ:

ଦେଖ ଗୋ ଅଶୋକ ଶୋକ ହୃଦୁଁ ହେବ ଦୂର
ଅଧୀରା ନହୋଇ ଧୀରା ଧୀର ଗତିକର ।

ଆଗରେ ନକୁଳ କୁଳ କରନ୍ତି ଗମନ
ତା'ପଛେ ନେପାଳୀ ପାଳି ଘେନି ତା' ନନ୍ଦନ ।

Source: Author, Digitized by PPRACHIN, SOA

ଭ୍ରମଣ କରନ୍ତି ଗଣ୍ଡା ଗଣ୍ଡା ଗଣ୍ଡା ହୋଇ
ବରଙ୍ଗୀ ବରଙ୍ଗ ରଙ୍ଗ କିପରି ଗୋ ସହୀ ?

ଫୁଟିଣ ସୁବାସେ ବାସେ ମାଳତୀ କୁସୁମ
କି ସୁନ୍ଦର ଗୋ ସୁନାରୀ ! ସୁନାରି ବରଣ ।

ପ୍ରାନ୍ତ ଯମକ:

ଫୁଟିଣ ବାସୁ ଅଛନ୍ତି ସୁମନା ! ସୁମନା
ଆନନ୍ଦରେ ଦେଖ ସଖି ନବୀନା ନବୀନା ।

ଫୁଲେ ଫୁଲେ ଉଡ଼ି ବସେ ଭ୍ରମରେ ଭ୍ରମରେ
ମକରନ୍ଦ ପାନ କରେ ଭ୍ରମରେ ଭ୍ରମରେ ।

ଶରଦ ଚନ୍ଦ୍ରମା ମୁଖି ! ଆସି ଦେଖ ଦେଖ
ଶୁକସାରୀଙ୍କର ସ୍ୱନ ମନେ ରଖ ରଖ ।

ଖର୍ଜ୍ଜୁର ଦାରାକ୍ଷ ଫଳ ହୋଇ ପେଣ୍ଠି ପେଣ୍ଠି
ଲେମ୍ବୁ ନାରଙ୍ଗେ ବିଟପ ହୋଇ ମଣ୍ଡି ମଣ୍ଡି ।

ଆଦ୍ୟପ୍ରାନ୍ତ ଯମକ:

ମୃଗାଙ୍କ ଲପନୀ ସମାଦରରେ ମୃଗାଙ୍କଜ ତୋଷ ସମାଦରରେ
ମୃଗାଙ୍କ ଶାସ୍ତ୍ର ଭାବୁ ସେ ହୃଦରେ ମୃଗାଙ୍କ ବିଭ୍ରମ କରୁ ମୁଦରେ
ମୃଗାଙ୍କ ଧୃତାରି, ମୃଗାଙ୍କ ହେଲେ ସେ ଯେ ବନଚାରୀ
ଜରତା ରତାରେ ରତ ମୁନିଜ ଜର ଜର ଭାବେ ହର୍ଷ ହୃଦାବ୍ଜ
ଜରତୀ କୋଳରେ ନ ଘେନି ଲାଜ ଜରଜନି ତହିଁ ହୋଇ ଔଦାର୍ଯ୍ୟ
ଜରଜ ସରୋଜ, ଜରତା ଦେଇ ମୁନିରେ ଉରଜ ।

ସର୍ବଯମକ:

ଅମ୍ବର ନୀଳରଙ୍ଗରେ ହୋଇ ସୁମଣ୍ଡିତ
ଅମ୍ବର ନୀଳରଙ୍ଗରେ ହୋଇ ସୁମଣ୍ଡିତ ।

ଯୋଡ଼ି ଯମକ:

ତରଣୀ ତରଣି ପ୍ରାୟେ ସ୍ରୋତଯାଏ ଭାସି ।
ତରଙ୍ଗ ତରଙ୍ଗ ଉଠେ କୂଳକୁ ବିଶେଷି ।

Source: Author, Digitized by PPRACHIN, SOA

ଉପମା:

ବନଜାରୀରଦ କଙ୍କତିକା ଭେଦ ଶଳାକା କରିଣ
କେଶ କୁରୁଳାନ୍ତେ ଉପମା ଶୋଭନ୍ତେ କରନ୍ତୁ ଶ୍ରବଣ ।

କବି ଯଦୁମଣି 'ରାଘବ ବିଳାସ' କାବ୍ୟରେ ପଦଗୁଡ଼ିକର ଗମ୍ଭୀରତା ପାଇଁ ଶବ୍ଦ ପ୍ରୟୋଗରେ ଅପୂର୍ବ କୌଶଳ ଅବଲମ୍ବନ କରିଛନ୍ତି । ତେଣୁ କବି ସ୍ୱୟଂ ଲେଖିଛନ୍ତି-

"କଷରସ ଶ୍ଳେଷ ଭାଷ କବିତ୍ୱ ସକଳ
କଳା କଳନା କରହେ ପଦର କୌଶଳ ।"

ସେହିପରି ପଞ୍ଚଦଶ ଛାନ୍ଦରେ ଶ୍ରୀରାମ ଓ ସୀତାଙ୍କ କେଳିଗୃହରେ ମିଳନ ଏବଂ ଅନ୍ତର୍ଲିପି ଓ ମଧ୍ୟାକ୍ଷରରେ ଗୁପ୍ତୋକ୍ତି ବେଶ୍ ଉପଭୋଗ୍ୟ ଓ ହୃଦ୍ୟ । କବି ସୀତା ଓ ଶ୍ରୀରାମଙ୍କ ମିଳନକୁ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି-

"ନାଗର କେଶରୀ କେବା ସରି ?
କେଶରୀ ମଧ୍ୟାକୁ ଧୀରେ ଧରି
ଅତନୁ ସମରେ ସୁତନୁ ଭ୍ରମରେ
କେବେ ନ ପୀଡ଼ିବ ବଳକରିଗୋ, ସୁମନାକୁ
ତୁମ୍ଭେ ଭୃଙ୍ଗ ମଧୁ ଚାଖିବାକୁ
ସେ ସୁବାସେ ମନ ମୋହିବାକୁ ଗୋ ।

ଅଭିନବ ବୟସୁବେଶୀକି
ଶ୍ୟାମଳସୁନ୍ଦର ସେ ବିଲୋକି
ଦ୍ୱିପୀରଦନ-ସୁପାତି ତେଜିଛନ୍ତି
ହୋଇ ବଳାତ୍କାରେ ନେଲେ ସେ କି ଗୋ, ରଙ୍କ ହୋଇ
ଅଙ୍କରେ ମଣ୍ଡନ କରୁନେଇ
ପଙ୍କେରୁହ ନେତ୍ରୀ ତ୍ରପାବହି ଗୋ ।"

ଏହାପରେ ଶ୍ରୀରାମ ଅନ୍ତର୍ଲିପିରେ ସୀତାଙ୍କୁ ସୂଚନା ଦେଇଛନ୍ତି-

"ଅଶ୍ୱର କି ନାମ ଅଛି ସହି (ବାଜୀ)
ନୂତନା ବୟସୀ କି ବୋଲାଇ (ନବ)
ସିଂହ କାହିଁ ବାସ ବୁଝ ନାରୀ ଈଶ (ବନ)
ଟେକ ଚନ୍ଦ୍ରାନନ ତୋଷ ବହିଗୋ, ଯଦି ନାମ ? (ସିନ୍ଧ)

Source: Author, Digitized by PPRACHIN, SOA

ପିକଧ୍ୱନି କି କି ବୋଲି ଜନ ? (ସ୍ୱନ)
ଜଗ୍ରତ ଲୋକେ ଶୁଣି କା ଗାନ ଗୋ (କୁଆ)
ରବିତାପନାମ ହୁଏ କିସ ? (ତେଜ)
କୃଷ୍ଣକାନନ୍ଦ ପାଇଁ କା ରସ ? (ଘନ)
ମନ୍ଦେକେ ପାଳିତ ଛନ୍ଦ ନ ଘେନତ ? (ପିକ)
ହୃଦାନନ୍ଦେ ଘେନ ହୋଇ ତୋଷ ଗୋ, କାମଧର ? (ଶର)
କି ନାମ ବୋଲନ୍ତି ନାରୀବର ? (ରାମା)
ତପୀକି କରନ୍ତି ହୋଇ ସ୍ଥିର ଗୋ ? (ଧ୍ୟାନ)

ଅର୍ଥାତ୍ ଅନ୍ତର୍ଲିପିରେ ଶ୍ରୀରାମଚନ୍ଦ୍ର ସୀତାଙ୍କୁ କହିଲେ- ଜୀବନ ଧନ ଆଜ ନକର ମାନ । ସୁଚତୁରା ସୁକୁମାରୀ ମୈଥିଳୀ ଏହାର ଅର୍ଥ ବୁଝିପାରି ଆଦ୍ୟପ୍ରାନ୍ତ ବର୍ଣ୍ଣଲୋପ ମଧ୍ୟାକ୍ଷରରେ ସ୍ୱାମୀଙ୍କୁ ବୁଝାଇଥିଲେ-

''ବାର୍ତ୍ତା ଶ୍ରବଣାନ୍ତେ କି ବୋଲାନ୍ତି ? (ଉତ୍ତର)
ଅନିଳର ନାମ କି ପ୍ରବର୍ତ୍ତି ? (ପବନ)
ହୁରିଖେଳ ନାମ କିସ ବୋଲି ଜନ ? (ଅବିର)
ବର୍ଣ୍ଣନାଶେ ଦେଇଥିବ ମତି ହେ, ଜୀବହତେ ? (ବିନାଶ)
ଆଦି ପକ୍ୱଶାଳୀ କେହୁ ମର୍ତ୍ତ୍ୟେ ? (ବିଆଳି)
ମୃଗେନ୍ଦ୍ରକୁ ଜନେ କି ଭାଷନ୍ତେ ହେ ? (ବନେଶ)
ଅମାନିତା ନରେ କିସ ଭାଷି ? (ଘେନାଇ)
ବଦାନ୍ୟରେ କେଉଁ କଥା ଘୋଷି ? (ଅହିଂସା)
ସୁବାସରେ କିଏ ହୁଅଇ ପ୍ରକାଶ ? (ଆମୋଦ)
ବିରସ ନ ହୋଇ ଏଥିରସ ହେ, ବୀଣାଧାରୀ (ନାରଦ)
ଅଦ୍ଭୁତର ନାମ କି ପ୍ରଚାରି ? (ବିଚିତ୍ର)
ବିପଦାର୍ଥେ କେଉଁ ନାମ ସ୍ମରି ହେ ? (କାତର)

ଅର୍ଥାତ୍ ମଧ୍ୟାକ୍ଷରରେ ମୈଥିଳୀ ଶ୍ରୀରାମଙ୍କୁ ଜଣାଇଲେ- ''ତବବିନା ଆନେ ନାହିଁ ମୋର ଚିତ୍ତ ।''

Source: Author, Digitized by PPRACHIN, SOA

'ରାଘବ ବିଳାସ' କାବ୍ୟର ପ୍ରତ୍ୟେକ ଛାନ୍ଦରେ ଅପୂର୍ବ ସାଙ୍ଗୀତିକତା ରହିଛି । ଏଥିରେ କବି ରାମକେରୀ, ଶଙ୍କରାଭରଣ, କଳସା, କଳହଂସ କେଦାର, ଆହାରୀ ରସକୁଲ୍ୟା, ଧନାଶ୍ରୀ, କୁମ୍ଭକାମୋଦୀ, ଆଶାବରୀ, ବିଭାସଗୁର୍ଜରୀ, ମାଳବ, କାଳୀ, ମଙ୍ଗଳ ଗୁର୍ଜରୀ, ଲଳିତକାମୋଦୀ, ଚିନ୍ତାଭୈରବ, ବସନ୍ତ ଆହାରୀ, ଶୋକକାମୋଦୀ, ଚୋଖି, ରଣବିଜେ, ହରିଚଉତିଶା, କୁମ୍ଭକାମୋଦୀ ଏବଂ ପଞ୍ଚମବରାଡ଼ୀ, ପ୍ରଭୃତି ରାଗରାଗିଣୀର ବ୍ୟବହାର କରିଛନ୍ତି । 'ରାଘବ ବିଳାସ' କାବ୍ୟରେ ଶବ୍ଦର ଗାମ୍ଭୀର୍ଯ୍ୟ ଏବଂ ସାଙ୍ଗୀତିକ ଗୁଣଯୋଗୁଁ ଓଡ଼ିଶାର ପାଲାକାରମାନେ ଏହାର ଛାନ୍ଦଗୁଡ଼ିକୁ ପାଲା ଅଭିନୟ କଲାବେଳେ ପରିବେଷଣ କରିଥାନ୍ତି ।

'ରାଘବ ବିଳାସ' କାବ୍ୟରେ ବିଭିନ୍ନ ରସର ଅବତାରଣା କରାଯାଇଛି । ଭକ୍ତିରସ ଏହାର ମୁଖ୍ୟ ଆବେଦନ । ତେଣୁ କବି କହିଛନ୍ତି-

''ବୁଦ୍ଧି ବିଚକ୍ଷଣେ ରସେ ରସ
ରସ ସରିତାର୍ଣ୍ଣବରେ ଭାସ ।''

କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ 'ବୈଦେହୀଶ ବିଳାସ' ପରି ଉତ୍କଳଘଣ୍ଟ ଯଦୁମଣିଙ୍କର 'ରାଘବ ବିଳାସ' ଏକ ଉଚ୍ଚକୋଟୀର ରାମକାବ୍ୟ । ଏହି ପ୍ରସିଦ୍ଧ 'ରାଘବ ବିଳାସ' କାବ୍ୟରେ ରଘୁକୁଳଈଶ ରାଘବଙ୍କର ଶୁଦ୍ଧ ଚରିତ ବର୍ଣ୍ଣିତ । ତେଣୁ ଏହା ନିଶ୍ଚିତ ଭାବରେ ବୁଧ ବୋଧକ । ଏହାର ଶ୍ରବଣରେ ସମସ୍ତ ପାପ ଓ ଅମଙ୍ଗଳ ନାଶଯାଏ । ମନରେ ଅପାର ଆନନ୍ଦ ଜାତହୁଏ । ତେଣୁ କବି ଯଦୁମଣି ଲେଖିଛନ୍ତି-

(କ) ''ବୁଧ ଶୁଦ୍ଧବୋଧ ଚରିତ ପ୍ରସିଦ୍ଧ ରାଘବ ବିଳାସ
ଶ୍ରବଣେ ଦୂତ ବିନାଶ ଦୁରିତ ଆନନ୍ଦ ମାନସ ।''

(ଖ) ''ଶୁଣ ସୁବିଦୂଷ ସକଳ କିଲ୍‌ବିଷ ଅଙ୍ଗରୁ ହୋଇବ ଦହନ ।''

(ଗ) ''ରସ ବିଦଗ୍ଧ ଏ ରସ ସିଦ୍ଧ ଶ୍ରବଣେ ତାପଦୂର
ସୁଗତିପଥ ହେବ ପ୍ରାପତ ମିତ୍ରଜ ଦଣ୍ଡଦୂର ।''

ଓଡ଼ିଆ ରାମକାବ୍ୟ ଧାରାରେ 'ରାଘବ ବିଳାସ' କାବ୍ୟ ଏକ ମହିମ୍ନ ସୃଷ୍ଟି । ପାଣ୍ଡିତ୍ୟପୂର୍ଣ୍ଣ ଭାଷା, ଶବ୍ଦର ଗମ୍ଭୀରତା, ପଦର ଔଜଲ୍ୟ, କଳ୍ପନା ବିଳାସ, ଦିବ୍ୟ କବିତ୍ୱ, ବିବିଧ ଅଳଙ୍କାର, ନାନା ରାଗରାଗିଣୀ ଏବଂ ବିବିଧ ରସର ସମାବେଶ 'ରାଘବ ବିଳାସ' କାବ୍ୟକୁ କାଳଜୟୀ କରିପାରିଛି । ଉତ୍କଳର ଏହି ଘଣ୍ଟକବି ମହାପାତ୍ରଙ୍କ କାବ୍ୟ ମାନସର ଏହା ଏକ ରସମୟ ମଞ୍ଜୁଳ କଳାଶିଳ୍ପ ।

Source: Author, Digitized by PPRACHIN, SOA

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଏହି ସମୟରେ ନବଦୁର୍ଗ ରାଜ୍ୟକୁ କୌଣସି ସଂକଟ ମାଡ଼ି ଆସିଥିଲା, ଯାହାକୁ କି କବି ସ୍ପଷ୍ଟ ଭାବରେ ସୂଚାଇ ନାହାଁନ୍ତି । କେବଳ ଏତିକି ମାତ୍ର ଉଲ୍ଲେଖ କରିଛନ୍ତି –

"ଗରିଷ୍ଠ ଦଶା ଏ ରାଷ୍ଟ୍ରର କଷ୍ଟଫେଡ ଦୁସ୍ତର
ଚକ୍ରପେଶି ଶକ୍ରବାହନ ଭ୍ରାତ ଅରି ସଂହାର ।"

'ରାଘବ ବିଳାସ' କବିଙ୍କର ବାଉନଛାନ୍ଦ ବିଶିଷ୍ଟ କାବ୍ୟ । କବି ଏହାର ମୂଳ ପାଣ୍ଡୁଲିପି ତାଳପତ୍ରପୋଥିରେ ଲେଖିଥିଲେ ଓ ଏଥିରେ ସ୍ୱହସ୍ତରେ ରାମାୟଣ ବିଭିନ୍ନ ଚରିତ୍ର ଓ ଦୃଶ୍ୟକୁ ସୁନ୍ଦର ଭାବରେ ଚିତ୍ରଣ କରିଥିଲେ । ଏହି କାବ୍ୟକୁ କବି ରାଜା ବିନାୟକଙ୍କୁ ଅର୍ପଣ କରିଥିଲେ । ରାଣୀ ରାଘବ ବିଳାସ କାବ୍ୟକୁ ନିଜ ଠାକୁର ଘରେ ରଖି ପୂଜା କରୁଥିଲେ । ପ୍ରତ୍ୟେକ ବର୍ଷ ଚୈତ୍ରମାସର ରାମନବମୀଠାରୁ ଏକୋଇଶି ଦିନ ପର୍ଯ୍ୟନ୍ତ ଏହା ଲୀଳା ଆକାରରେ ପଠିତ ହେଉଥିଲା ଏବଂ ନୟାଗଡ଼ରେ ଅଗଣିତ ଶ୍ରୋତା ଏହାକୁ ଉପଭୋଗ କରୁଥିଲେ । ଏହି କାବ୍ୟର କେତେଗୋଟି ଛାନ୍ଦ ଏତେ ଲୋକପ୍ରିୟ ହୋଇଥିଲା ଯେ ଲୋକମାନେ ଏହାକୁ ଶୁଣି ଶୁଣି ମୁଖସ୍ଥ କରିପାରୁଥିଲେ ।

'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' କାବ୍ୟ ଯଦୁମଣି କାବ୍ୟ ପ୍ରତିଭାର ଅମ୍ଳାନ ସ୍ମାରକୀ । ଆଠ ଛାନ୍ଦ ବିଶିଷ୍ଟ ଏହି କାବ୍ୟ ଏକ ପାଣ୍ଡିତ୍ୟପୂର୍ଣ୍ଣ ରଚନା । ଶ୍ରୀକୃଷ୍ଣ ଓ ରୁକ୍ମଣୀଙ୍କର ବିବାହ ପ୍ରସଙ୍ଗକୁ ଭିତ୍ତିକରି ଏହା ରଚିତ ହୋଇଛି । 'ରାଘବ ବିଳାସ' ଅପେକ୍ଷା 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ରେ ଶବ୍ଦକ୍ଳିଷ୍ଟତା ଅନୁଭବ କରିହୁଏ । କବି ଯଦୁମଣି ଏହି କାବ୍ୟ ରଚନାପାଇଁ ଯେଉଁ କାବ୍ୟିକ ପ୍ରେରଣା ଲାଭ କରିଛନ୍ତି, ତାହା ତାଙ୍କର କାବ୍ୟରୁ ଅବଧାରଣା କରିହୁଏ । କବି କହିଛନ୍ତି-

''ଏମନ୍ତ ଗୁରୁ ଗୀର୍ବାଣଙ୍କ ଗୀରୁ । କୃଷ୍ଣ ବର୍ଣ୍ଣ ମୋର କର୍ଣ୍ଣେ ସଞ୍ଚରୁ
ସେତ ସୁଧାରସ ଆମୋଦ ଦାୟୀ । ହୃଦୟରେ ପରିପୂରଣ ହୋଇ ସେ
ମୁଖୁ ହେଲା ଉଚ୍ଛଳିତ ଯେ ।
ଦ୍ୱିବିଧି ପୂର୍ଣ୍ଣଚନ୍ଦ୍ର ସିଦ୍ଧ ନିର୍ବନ୍ଧେ ପ୍ରବନ୍ଧ ହୋଇଲା ଖ୍ୟାତ ଯେ ।
ଜାତବେଦେ ଭୂତିବନ୍ତ ସୁବର୍ଣ୍ଣ । ଗ୍ରନ୍ଥ ମୁଖେ ହୋଇଅଛି ଉତ୍ପନ୍ନ
ଶଙ୍କର ମୁକୁଟେ ଅର୍ଜ୍ଜୁନ ପ୍ରଭା । ବିହରି ପର୍ବରେ ପ୍ରକାଶେ ବିଭାଯେ ।
ଏହି ଚରିତେ ଏ ଗ୍ରନ୍ଥ ଯେ ।
ଗ୍ରନ୍ଥ ନ ହେବାରୁ ଗ୍ରାନ୍ଥିକ ବିହିଲା ପୂର୍ଣ୍ଣଚନ୍ଦ୍ର ପୁରୁଷାର୍ଥ ଯେ ।''

Source: Author, Digitized by PPRACHIN, SOA

କବି ଯଦୁମଣି ଜାତିରେ ବର୍ଦ୍ଧକୀ ଥିବାରୁ କାଳେ ହେଁ ତାଙ୍କର ଗ୍ରନ୍ଥ ବ୍ରାହ୍ମଣ ପଣ୍ଡିତଙ୍କ ଦ୍ୱାରା ଅଗ୍ରାହ୍ୟ ହେବ, ସେହି ହେତୁରୁ ସେ ଅତ୍ୟନ୍ତ ବିନୟର ସହିତ ଉପସ୍ଥାପନା କରିଛନ୍ତି-

''ଶୁଦ୍ର ମୁଖୁ ଏ ହୋଇଛି ବାହାର । ରୌଦ୍ରତା ବହି କେହି ନ ବିଚାର ।
ବିଧୁ ବିଧୁନ୍ତୁଦ ଉଚ୍ଛିଷ୍ଟ ଜଣା । ଶିବେ ବାଜେ ଚନ୍ଦ୍ରଚୂଡ଼ ବାଜଣା ସେ
ପଦ୍ମାପତିଙ୍କର ପଦ ଯେ ।
ସମ୍ଭବ ସମ୍ପଦ ପଦାର୍ଥରେ ବ୍ୟର୍ଥ ଖଣ୍ଡିବାର ଅପବାଦ ଯେ ।''

'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' ରେ ଆଠକଳା ବା ଅଧ୍ୟାୟ ରହିଛି । ଏହି କାବ୍ୟର ମୂଳ ପ୍ରେରଣା ହେଉଛି ମାଘ କବିଙ୍କର 'ଶିଶୁପାଳ ବଧ' କାବ୍ୟ । ଏଥିରେ କବିଙ୍କର କବିତ୍ୱ, ପାଣ୍ଡିତ୍ୟପୂର୍ଣ୍ଣ ଭାଷା ଓ ମୌଳିକତା ନିହିତ । କାବ୍ୟର ନାୟିକା, ରୁକ୍ମିଣୀଙ୍କ ରୂପଶୋଭା ବର୍ଣ୍ଣନାରେ କବି ଚମତ୍କାରିତା ପ୍ରଦର୍ଶନ କରଛନ୍ତି । ଦୃଷ୍ଟାନ୍ତସ୍ୱରୂପ, ରୁକ୍ମିଣୀଙ୍କ ହାସ୍ୟ ବର୍ଣ୍ଣନାରୁ କବିଙ୍କର ବର୍ଣ୍ଣନାପାଟବ ଓ କଳ୍ପନାମାନସ ଅନୁଭବ କରିହୁଏ । ଯଥା-

''କ୍ଷୀରସାଗର ଉଦର ଆଦରିଛି ନବମୁଦିର ଜ୍ୟୋତିସଙ୍ଗ
ଚଣ୍ଡୀ ନିଶିଧବଧବଳେ ମିଶିଛି ଅଧବଳ ବିମ୍ବ କୁରଙ୍ଗ ।
ହାସେ ରାମାର । ନୀଳିମାର ନାହିଁ ସଞ୍ଚାର
ଏପରି ବିଦଗ୍ଧ କୀର୍ତ୍ତିଯାର ଶୁଦ୍ଧ ସେହି ଏହି କଳା ବିଚାର ।''

ରୁକ୍ମିଣୀ ପଦ୍ମିନୀ ଜାତୀୟା ନାୟିକା । ସେ ବିଦର୍ଭରାଜା ଭୀଷ୍ମକଙ୍କର ପୁତ୍ରୀ । ସେ ଅତ୍ୟନ୍ତ ରୂପବତୀ ଓ ସର୍ବଗୁଣ ସମ୍ପନ୍ନା ନାୟିକା । କବି ଯଦୁମଣି ରୁକ୍ମିଣୀଙ୍କୁ 'କୁଞ୍ଚିତକୁନ୍ତଳା', 'ଅମ୍ବୁଜକଳିଉରଜା', 'ଚୂର୍ଣ୍ଣ କୁନ୍ତଳା', 'ଶୀର୍ଣ୍ଣମଧକୁଳ', 'ପଦ୍ମ-ପଳାଶନେତ୍ରୀ', 'ମଧୁର ଭାଷିଣୀ', 'ପଦ୍ମଗନ୍ଧା', 'ଚକୋରନୟନୀ', 'ଶିରୀଷ ସୁକୋମଳ ତନ୍ୱୀ' ଭାବରେ ବର୍ଣ୍ଣନା କରିଛନ୍ତି । କାବ୍ୟର ନାୟକ ଦ୍ୱାରାକାର ଅଧୀଶ୍ୱର ଯୋଗେଶ୍ୱର ଶ୍ରୀକୃଷ୍ଣ । ଦ୍ୱାରକାପୁରୀର ଐଶ୍ୱର୍ଯ୍ୟ ବର୍ଣ୍ଣନା କରିବାକୁ ଯାଇ କବି ଲେଖିଛନ୍ତି-

''ସୁମତି ଦେଇ ବିଚାର ସୁମତି, ଅମ୍ବୁଧି ମଧ୍ୟବର୍ତ୍ତୀ ଦ୍ୱାରାବତୀ
ପୁରର ଆଶ୍ଚର୍ଯ୍ୟ କଳ୍ପନାଶିଳ୍ପ, ସଂକଳ୍ପ କର୍ତ୍ତାର ପ୍ରଶଂସା କଳ୍ପଯେ
ବସିକରି କଳ୍ପକଳ୍ପ ଯେ ।
ରମା କାମକଳ୍ପ ପାଦପଙ୍କ ତଳ୍ପ ପ୍ରକଳ୍ପନେ ହେବ ଅଳ୍ପ ଯେ ।

Source: Author, Digitized by PPRACHIN, SOA

ଶତକୋଟି କି ଶତକୋଟି ଗୁଣେ, ବଳି ବଳିଷ୍ଠ ହୋଇବା ପାଷାଣେ
ଘଟଣା ହୋଇଛି ଦୁର୍ଗ ପ୍ରାକାର, ରୁଚିତର ସୂଚୀକମ ନିକର ଯେ ।
ତା କପାଟ ପାତଧ୍ୱନି ଯେ ।
ବିଳସୁଁ କୈଳାସେ ମୟୂର ବିଳାସେ ଭଜନ୍ତି ଭୟ ସେନାନ୍ୀ ଯେ ।''

କାବ୍ୟର ପ୍ରଥମ ଛାନ୍ଦରେ ଦ୍ୱାରକାନଗରୀର ଶ୍ରୀ ବର୍ଣ୍ଣନା କରାଯାଇଛି । ଦ୍ୱିତୀୟ ଛାନ୍ଦରେ ଦ୍ୱାରକାର ଭାଟ ବିଦର୍ଭର କୁଣ୍ଡୀନଗ୍ରରେ ପ୍ରବେଶ କରି ରାଜା ଭୀଷ୍ମକଙ୍କ ନିକଟରେ ଶ୍ରୀକୃଷ୍ଣଙ୍କ ପ୍ରସଙ୍ଗ ଉପସ୍ଥାପନ କରିବା ବିଷୟ ବର୍ଣ୍ଣିତ । ପୁନଶ୍ଚ ଏଥିରେ କବି ବର୍ଣ୍ଣନା କରିଛନ୍ତି ଯେ ରାଜାଙ୍କ ନିକଟରେ ଭାଟର ଶ୍ରୀକୃଷ୍ଣଙ୍କ ପ୍ରସଙ୍ଗ ଉପସ୍ଥାପନ କରିବା ବିଷୟ ନାୟିକା ଶିରୋମଣି ରୁକ୍ମିଣୀଙ୍କ ଶ୍ରୁତିଗୋଚର ହେଲା । ତେଣୁ ନାୟିକା ରୁକ୍ମିଣୀଙ୍କର ନାୟକ ଲାଭର ଆଶା ଜାଗ୍ରତ ହେଲା । ତୃତୀୟ ଛାନ୍ଦରେ ଶ୍ରୀକୃଷ୍ଣଙ୍କୁ ସ୍ୱାମୀ ଭାବରେ ଲାଭ କରିବାପାଇଁ ମହର୍ଷି ନାରଦ ରୁକ୍ମିଣୀଙ୍କୁ ଆଶୀର୍ବାଦ ପ୍ରଦାନ କରିଛନ୍ତି । ଚତୁର୍ଥ କଳାରେ ନାରଦ ଶ୍ରୀକୃଷ୍ଣଙ୍କୁ ରୁକ୍ମିଣୀଙ୍କ ସମ୍ବନ୍ଧରେ ଜଣାଇଛନ୍ତି ଏବଂ ନାୟିକାଙ୍କ ପ୍ରତି ଶ୍ରୀକୃଷ୍ଣଙ୍କର ଆବେଗ ଓ ଆଗ୍ରହକୁ ବର୍ଦ୍ଧିତ କରାଇଛନ୍ତି । ପଞ୍ଚମ କଳାରେ ରାଜା ଭୀଷ୍ମକ ଶ୍ରୀକୃଷ୍ଣଙ୍କ ସହିତ ନିଜ ପୁତ୍ରୀ ରୁକ୍ମିଣୀଙ୍କୁ ବିବାହ କରିବାକୁ ସ୍ଥିର କରିଛନ୍ତି । କିନ୍ତୁ ଭୀଷ୍ମକଙ୍କ ପୁତ୍ର ରୁକ୍ମଣ ପିତାଙ୍କ ପ୍ରସ୍ତାବକୁ ପ୍ରତିବାଦ କରି ଶ୍ରୀକୃଷ୍ଣଙ୍କର କୁତ୍ସାରଟନା କରିଛି ଏବଂ ଭଗିନୀର ବିବାହ ଦମଘୋଷ ରାଜାଙ୍କ ପୁତ୍ର ଶିଶୁପାଳ ସହିତ କରାଇବାକୁ ସ୍ଥିର କରିଛି । ତେଣୁ ଚେଦିରାଜ ଦମଘୋଷ ନିଜପୁତ୍ର ଶିଶୁପାଳ ସହିତ ବିଦର୍ଭ ରାଜ୍ୟରେ ପ୍ରବେଶ କରି ବିବାହ ତିଥି ପର୍ଯ୍ୟନ୍ତ ଚାତକ ପ୍ରାୟ ଅପେକ୍ଷାରେ ରହିଲେ । ରୁକ୍ମିଣୀଙ୍କର ସଖୀମାନେ ଏ ଖବର ନେଇ ରୁକ୍ମିଣୀଙ୍କୁ କହିଲେ ।

ଷଷ୍ଠ ଛାନ୍ଦରେ ରୁକ୍ମିଣୀ ସଖୀମାନଙ୍କ ପରାମର୍ଶ ଅନୁସାରେ ଶ୍ରୀକୃଷ୍ଣଙ୍କ ନିକଟକୁ ସାତପଦ ବିଶିଷ୍ଟ ଚିଠିଟିଏ ଲେଖିଥିଲେ । ଚିଠିର କିୟଦଂଶ ଏଠାରେ ଉଲ୍ଲେଖ କରାଯାଇଛି -

''ନିଗମ ବନିତାର ଫୁଲ ଗଭା ଶିଖର ମଞ୍ଜୁ ବଞ୍ଜୁଳ କଳିଗୁଚ୍ଛ ।
ପଦାଙ୍ଗୁଳିରୁ ଢାଳି ବ୍ରହ୍ମସଳିଳ ଶୂଳୀ ଗରଳ ଜ୍ୱାଳା କଲ ତୁଚ୍ଛ ହେ ।
ଯଦୁବତ୍ସ । ଧାତା ଚିନ୍ତାକୁ ହେଲ ମତ୍ସ୍ୟ । ସିନ୍ଧୁ ସିନ୍ଧୁକ ହେଲା ପୁଚ୍ଛ
ଶୁକ୍ର ଆର୍ତ୍ତ କର୍ତ୍ତନ କର୍ତ୍ତରୀ କଲ ବନ ନର୍ତ୍ତନକାରୀ ହରିଅଛ ହେ ।

ଏହାଙ୍କ ପରିତ୍ରାଣ ବିନୋଦେ ବିଚକ୍ଷଣ ହେଲ ତନୁ ତନୁଜ ଭାଇ
ଘୁଞ୍ଚିଗଲା ପ୍ରଳୟ ବଞ୍ଚିଲେ ମାର୍କଣ୍ଡେୟ ଉଦ୍ଧାରି ଅଛ ନୁହଁ ଦୁଇ ହେ ।

Source: Author, Digitized by PPRACHIN, SOA

ବ୍ରଜସ୍ଥାୟୀ । ମାନେ ତୁମ୍ଭର ସୁଖଦାୟୀ । ଧର ଧାରଣ କଲେ ବାଇ
କୁମ୍ଭୀର ହିଂସାରମ୍ଭେ ତୁମ୍ଭ ପ୍ରଶଂସା ଧ୍ୱଂସା କାହିଁକି ଗଲେ ଦେଇ ।''

ରୁକ୍ମିଣୀ ସପ୍ତପଦ ବିଶିଷ୍ଟ ସେହି ଚିଠିର ସପ୍ତପଦାନ୍ତେ ଚତୁରତାର ସହିତ ଲେଖିଲେ- ''ଛଇଳେନ୍ଦ୍ର ଆଗଛ'' ଏହିପତ୍ର ଲେଖି ସେ ବ୍ରାହ୍ମଣଙ୍କୁ ପତ୍ରବାହକ ରୂପେ ଦ୍ୱାରକାକୁ ପଠାଇଛନ୍ତି । ସପ୍ତମ କଳାରେ ବ୍ରାହ୍ମଣ ଦ୍ୱାରକାରେ ପହଞ୍ଚି ଶ୍ରୀକୃଷ୍ଣଙ୍କୁ ରୁକ୍ମିଣୀଙ୍କର ପତ୍ର ପ୍ରଦାନ କରିଛନ୍ତି । ଏହାପରେ ଶ୍ରୀକୃଷ୍ଣ ଶିଶୁପାଳର ଦର୍ପଦଳନ କରି ରୁକ୍ମିଣୀଙ୍କୁ ବିବାହ କରିବେ ବୋଲି ବ୍ରାହ୍ମଣଙ୍କ ପାଦସ୍ପର୍ଶ କରି ଶପଥ କରିଛନ୍ତି । ଅଷ୍ଟମ କଳାରେ ଶ୍ରୀକୃଷ୍ଣ ବିବାହ ଦିବସରେ ବିଦର୍ଭରେ ପହଞ୍ଚି ଅପେକ୍ଷା କରିଛନ୍ତି । ରୁକ୍ମିଣୀ ବିବାହବେଦୀକୁ ଯିବା ପୂର୍ବରୁ ଦେବୀ ଦର୍ଶନ କରିବା ପାଇଁ ଚଣ୍ଡୀ ମନ୍ଦିରକୁ ଯାଇ ଲେଉଟିଲା ବେଳକୁ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କ କରଧାରଣ କରି କ୍ଷିପ୍ରଗତିରେ ଯାଇ ରଥ ଉପରେ ଚଢ଼ି ନିଜ କ୍ରୋଡ଼ରେ ବସାଇଲେ । ଏହା ଦେଖି ଭୀଷ୍ମକ ତୃପ୍ତି ଲାଭ କଲେ ଏବଂ ଶିଶୁପାଳ ଲଜ୍ଜାରେ ପଳାଇଗଲା । ରୁକ୍ମଣ ଶ୍ରୀକୃଷ୍ଣଙ୍କ ସହ ଗୋଳ କରିବାରୁ ଶ୍ରୀକୃଷ୍ଣ ତାର ଚୁଟି ଓ ନିଶ କାଟି ତାକୁ ରଥଖମ୍ବରେ ବାନ୍ଧିଦେଲେ । ସେହି ସମୟରେ ବଳରାମ ସୈନ୍ୟବଳ ଘେନି ସେଠାରେ ଉପସ୍ଥିତ ହେଲେ ଏବଂ ରୁକ୍ମଣଙ୍କୁ ବନ୍ଧୁ ବୋଲି କହି ବନ୍ଧନମୁକ୍ତ କଲେ । ଏହାପରେ ଦ୍ୱାରକାରେ ଦ୍ୱାରକାଧିଶ ଶ୍ରୀକୃଷ୍ଣ ଓ ରୁକ୍ମିଣୀଙ୍କର ଶୁଭ ବିବାହ ସମ୍ପନ୍ନ ହେଲା ।

'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' କାବ୍ୟ ଯଦୁମଣି ସ୍ରଷ୍ଟା ମାନସର ପୂର୍ଣ୍ଣଚନ୍ଦ୍ର । ଏଥିରେ ତତ୍ସମ ଓ ଅର୍ଦ୍ଧ ତତ୍ସମ ଶବ୍ଦର ବ୍ୟବହାର କରାଯାଇଛି । ଏଥିରେ କବିଙ୍କର ଶବ୍ଦପାଣ୍ଡିତ୍ୟ ବିଳସିତ । ଏହି କାବ୍ୟକୁ ସଂସ୍କୃତ କାବ୍ୟ ସହିତ ସମକକ୍ଷ କରାଇବାପାଇଁ ତାଙ୍କର ସମସ୍ତ ପ୍ରଯତ୍ନ ଏଥିରେ ନିହିତ । କାବ୍ୟଟିରେ ନଗର ବର୍ଣ୍ଣନା, ଋତୁ ବର୍ଣ୍ଣନା, ପର୍ବତ ବର୍ଣ୍ଣନା ଏବଂ ନାୟକ ଓ ନାୟିକାଙ୍କର ପରସ୍ପରପ୍ରାପ୍ତି ପାଇଁ ପ୍ରତ୍ୟାଶା ଅତ୍ୟନ୍ତ କଳାତ୍ମକ ଶୈଳୀରେ ବର୍ଣ୍ଣିତ ।

ଏହା ବ୍ୟତୀତ ନୟାଗଡ଼ ରାଜାଙ୍କ ଭଣିତା ଥାଇ କବି ଯଦୁମଣି କେତେଗୋଟି ଚଉପଦୀ ରଚନା କରିଛନ୍ତି । ସେଗୁଡ଼ିକ ହେଉଛି- 'ରଚିଥିଲା ଏହା ବିରଞ୍ଚି', 'ସୁନ୍ଦରୀ, ଭାଲେ ସିନ୍ଦୂର ବିନ୍ଦୁ', 'ନୂଆ ଛଇଳା ମହିଳା କାହାର ଏ', 'ସଞ୍ଜଉଞ୍ଜ ପୀବର ଉରଜା ଗଭା ଚାହିଁରେ', 'ସେ କି ରସିକରେ ଗଣାରେ', 'ରହି ଯା'ରେ ବନ୍ଧୁ ରହି ଯା'ରେ' ଇତ୍ୟାଦି ।

ବିଦଗ୍ଧ କବି ଯଦୁମଣି ନୟାଗଡ଼ର ରାଜଦରବାରକୁ ସାହିତ୍ୟ ଓ ସଙ୍ଗୀତରେ ଉଦ୍ଭାସିତ କରିଥିଲେ । ଏବେ ନୟାଗଡ଼ର ପୁରୁଣା ସହର ନିକଟସ୍ଥ ରୁକ୍ଷୀ ପାହାଡ଼ର ପାଦଦେଶରେ ଜୀର୍ଣ୍ଣ ରାଜବାଟୀକୁ ଦେଖିଲେ ପ୍ରିୟକବି ଯଦୁମଣିଙ୍କ କଥା ମନେପଡ଼େ ।

Source: Author, Digitized by PPRACHIN, SOA

ଗଡ଼ ନିକଟବର୍ତ୍ତୀ ଇଟାମାଟି ଗ୍ରାମକୁ ଦେଖିଲେ ଯଦୁମଣି ସର୍ବଦା ସ୍ମରଣକୁ ଆସିଥାଆନ୍ତି । ସାରସ୍ୱତ ସାଧକ ଏବଂ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ପ୍ରାଣ ସେହି ମହାନ୍ କବି ଉତ୍କଳର ଘଣ୍ଟ ଯଦୁମଣି ମହାପାତ୍ରଙ୍କର ସେହି ଛଳୋକ୍ତି ଭଜନ ସ୍ୱତଃ ମନକୁ ଆସିଥାଏ-

"ନୀଳାଚଳ କଳାକର ! ସତକିଏ ମିଛ
ନେଲ ଯାହା ଦେଲ ତାହା ଏଥକୁ କିମ୍ପାଇଁ ମହା
ଦାତାପଣେ ପତାକା ବାନ୍ଧିଛ ?
ଓଜଶୀଳ ଭୋଜଗଜ ଜୀବନ ହରଣେ ତେଜ
ଅର୍ପଣ କଲ କୃପଣ ନୋହି
ଗଭୀର ଜଳେ କୁମ୍ଭୀର ଗଳ ଗ୍ରହଣେ କୁମ୍ଭୀର
ଜୀବରକ୍ଷା କଲ କକ୍ଷା ବହି ।
ଗୋକୁଳ କଳଧଉତ ଗଉରାଙ୍ଗିକ ମହତ୍ତ୍ୱ
ନେଇଥିବା ସକାଶରୁ କରି
ଦ୍ରୁପଦ ନୃପନନ୍ଦନା ମହତ୍ତ୍ୱ ହର ବେଦନା
ବିନାଶନେ ହେଲ ଧନ୍ୱନ୍ତରି ।
\+ \+ \+
ପାତକୀ ମୁକୁଟ ଶ୍ରେଣୀ ଶିରୋମଣି ଯଦୁମଣି
ମନ ତିଳେ ନେଇ ନ ପାରିବ
ଏହା ଉଦ୍ଧାରଣେ ଯେବେ ଚିତ୍ତ ଦେଇପାର ଲବେ
ତେବେ ସିନା ଦାତା ବୋଲାଇବ ।"

କବି ଯଦୁମଣି ମହାପାତ୍ର ଏକ କାଳଜୟୀ ପ୍ରତିଭା । ଓଡ଼ିଆ କାବ୍ୟ ସାହିତ୍ୟକୁ ସେ ଯଥାଯଥ ଭାବରେ ଋଦ୍ଧିମନ୍ତ କରିଛନ୍ତି । ଦାରିଦ୍ର୍ୟର କଷାଘାତ ଭିତରେ ଥାଇ ମଧ୍ୟ ଏହି ସର୍ଜନଶୀଳ ପ୍ରତିଭା ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରନ୍ତି । ଯଦୁମଣି କେବଳ ନୟାଗଡ଼ରେ କାହିଁକି, ସମଗ୍ର ଓଡ଼ିଆ ଜାତିର ପ୍ରିୟ କବି । ଜଣେ ପଣ୍ଡିତ କବି, ପ୍ରତ୍ୟୁତ୍ପନ୍ନମତିତା, ଅକୁତୋଭୟ କବି ଭାବରେ କବି ଯଦୁମଣିଙ୍କର ସ୍ୱାତନ୍ତ୍ର ଯଥାର୍ଥରେ ପ୍ରଣିଧାନଯୋଗ୍ୟ ।

Source: Author, Digitized by PPRACHIN, SOA

ବ୍ରଜବନ୍ଧୁ ସିଂହ ମାନଧାତା

ନୟାଗଡ଼ ରାଜବଂଶର ଏକବିଂଶତମ ରାଜପୁରୁଷ ହେଉଛନ୍ତି ବ୍ରଜବନ୍ଧୁ ସିଂହ ମାନଧାତା । ସେ ବିନାୟକ ସିଂହଙ୍କ ପୁତ୍ରଥିଲେ । ବ୍ରଜବନ୍ଧୁ ସିଂହ ସାହିତ୍ୟର ପୃଷ୍ଠପୋଷକ ଥିଲେ । ତାଙ୍କ ଦରବାରରେ କବି ଯଦୁମଣି, କବି କାମପାଳ ମହାପାତ୍ର, କବି ହରେକୃଷ୍ଣ ପଟ୍ଟନାୟକ ପ୍ରଭୃତି ସ୍ଥାନ ପାଇଥିଲେ । ରାଜା ବ୍ରଜବନ୍ଧୁ ସିଂହ 'ଶରଦ ରାସ' ଶୀର୍ଷକ ରାସଲୀଳା ରଚନା କରିଥିଲେ । ବ୍ରଜବନ୍ଧୁ ସିଂହ ଲେଖିଛନ୍ତି-

''ନବଦୁର୍ଗ ମହୀପାଳ ବିନାୟକ ସିଂହ
ମାନଧାତା ତନୟ ଧୀର ବ୍ରଜବନ୍ଧୁ ସିଂହ ହେ ।

ଭନିଲେ ଶ୍ରୀକୃଷ୍ଣଚନ୍ଦ୍ର ରାସଲୀଳା ଗୀତ
ରାଧା ମଦନମୋହନ ପାଦଦେଇ ଚିତ୍ତ ହେ ।''

'ଶରଦ ରାସ' ଲୀଳାର କଥାବସ୍ତୁ ଭାଗବତର ଉନତ୍ରିଂଶ ଅଧ୍ୟାୟରୁ ତେତ୍ରିଂଶ ଅଧ୍ୟାୟ ପର୍ଯ୍ୟନ୍ତ ବିଷୟକୁ ନେଇ ପରିକଳ୍ପିତ । ବ୍ରଜବନ୍ଧୁ ସିଂହ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି-

''ଶ୍ରୀମତ୍ ଭାଗବତର ଦଶମ ସ୍କନ୍ଧରେ
ରାସ ଚରିତ ବର୍ଣ୍ଣନେ ଉନତ୍ରିଂଶ ଅଧ୍ୟାୟରେ ହେ ।''

ସୁତରାଂ ବ୍ରଜବନ୍ଧୁ ସିଂହଙ୍କ 'ଶରଦ ରାସ'ର ବିଷୟବସ୍ତୁ ସମ୍ପୂର୍ଣ୍ଣ ରୂପେ ଭାଗବତରୁ ଆହରଣ କରିଛନ୍ତି । ଏହି 'ଶରଦରାସ'ରେ ମିଶ୍ର ଭାଷାର ବ୍ୟବହାର ଲକ୍ଷ୍ୟ କରାଯାଏ । ମିଶ୍ର ଭାଷାର ପ୍ରୟୋଗ ହେଲେ ହେଁ ଭାବବୋଧ ପାଇଁ କୌଣସି ପ୍ରତିବନ୍ଧକତା ନାହିଁ । 'ଶରଦ ରାସ'ର ଆଙ୍ଗିକ ପକ୍ଷ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ ଏଥିରେ ଗୀତ, ପୟାର ଓ ତ୍ରିପଦୀର ବ୍ୟବହାର ରହିଛି ।

'ଶରଦ ରାସ' ରେ ଗୋପୀମାନଙ୍କର ମନସ୍ତତ୍ତ୍ୱକୁ କବି ସଫଳ ରୂପେ ରୂପାୟନ କରିଛନ୍ତି । ଦୃଷ୍ଟାନ୍ତସ୍ୱରୂପ, କୌଣସି ଏକ ଗୋପୀଙ୍କୁ ଘେନି ଗୋପୀନାଥ ଶ୍ରୀକୃଷ୍ଣ ରାସସ୍ଥଳୀ ମଧ୍ୟରୁ ଅନ୍ତର୍ହିତ ହୋଇଯିବା ପରେ ଗୋପୀମାନଙ୍କର ମନର ଭାବନାକୁ କବି ନିମ୍ନୋକ୍ତ ଭାବରେ ପ୍ରତିପାଦନ କରିଛନ୍ତି-

''ପୂର୍ବେ ସମୟରେ ଭଗବାନଙ୍କୁ ଏ ନାରୀ
ଆରାଧନା କରିଥିଲେ ଶୁନ ସର୍ବନାରୀ
ଏ ଘେନି ଆମ୍ଭମାନଙ୍କୁ ତେଜିଲେ ଶ୍ରୀହରି
ଏକାନ୍ତ ସ୍ଥାନକୁ ଘେନିଗଲେ ବ୍ରଜେଶ୍ୱରୀ ।

Source: Author, Digitized by PPRACHIN, SOA

ଧନ୍ୟ ଗୋବିନ୍ଦ ନଳିନ ଚରନର ଧୂଳି
ବ୍ରହ୍ମା ଶିବ ରମା ଯାର ଯଶକୁ ବିସ୍ତାରି ।''

ଏହି ଶରଦ ରାସରେ କବି ମହାରାସକୁ ବର୍ଣ୍ଣନା କରିଛନ୍ତି । ଏହାପରେ ଜଳକ୍ରୀଡ଼ା ଓ ଉପବନ ବିହାର ଦୃଶ୍ୟ ବର୍ଣ୍ଣିତ ହୋଇଛି । ଶେଷରେ ବ୍ରହ୍ମରାତ୍ରିର ପରିସମାପ୍ତି ପରେ ଗୋପାଙ୍ଗନାମାନେ ସ୍ୱପୁରୀକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏ ବର୍ଣ୍ଣନା ବେଶ୍ ମନୋଜ୍ଞ ହୋଇପାରିଛି । ଗ୍ରନ୍ଥଟିର ସମାପ୍ତିରେ କବି ବ୍ରଜବନ୍ଧୁ ପୁରାଣ ପରମ୍ପରାକୁ ଅନୁସରଣ କରି ଫଳଶ୍ରୁତିର ବର୍ଣ୍ଣନା କରିଛନ୍ତି । କବି ବ୍ରଜବନ୍ଧୁ ସିଂହଙ୍କର 'ଶରଦ ରାସ' ଏକ ରସମୟ ରଚନା । ଏଥିରେ କବିଙ୍କର ବର୍ଣ୍ଣନାବିଳାସ, ଭକ୍ତିପ୍ରାଣତା ଏବଂ ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରତି ସମର୍ପିତ ପ୍ରାଣର ପରିଚୟ ନିହିତ ।

କାମପାଳ ମହାପାତ୍ର

କବି କାମପାଳ ମହାପାତ୍ର ନୟାଗଡ଼ର ଏକ ବିସ୍ମୃତ ପ୍ରତିଭା । ସେ ନୟାଗଡ଼ର ରାଜା ବ୍ରଜବଲ୍ଲଭ ସିଂହ ମାନଧାତାଙ୍କ ସମସାମୟିକ ଓ ନବଦୁର୍ଗ ରାଜସଭାର ଅନ୍ୟତମ ପଣ୍ଡିତ କବି । ବନଫୁଲ ବନରେ ମଉଳିଲାପରି କବି କାମପାଳ ମିଶ୍ର ଲୋକଲୋଚନକୁଁ ନ ଆସି କାଳ ଗର୍ଭରେ ବିସ୍ମୃତ ହୋଇ ଯାଇଛନ୍ତି । କାମପାଳ ମହାପାତ୍ର ଉତ୍କଳ ଘଣ୍ଟ ଯଦୁମଣି ମହାପାତ୍ରଙ୍କ ସମସାମୟିକ କବି । ଉଭୟ କବିଙ୍କ ମଧରେ ପ୍ରଗାଢ଼ ବନ୍ଧୁତ୍ୱ ରହିଥିଲା । ଆଶୁକବି ଯଦୁମଣି ଯେପରି କଥାକଥାକେ କବିତା ରଚନା କରିପାରୁଥିଲେ, ସେହିପରି ମଧ କବି କାମପାଳ ତୁରନ୍ତ ପଦ ସଂଯୋଜନା କରି ପାରୁଥିଲେ । ପ୍ରଭୁ ଡଙ୍କନାଶନ ଠାକୁରଙ୍କ ବିରାଜିତ କ୍ଷେତ୍ର କୋମଣ୍ଡ ଗ୍ରାମରେ ଏକ ବ୍ରାହ୍ମଣ କୁଳରେ କାମପାଳ ଜନ୍ମଲାଭ କରିଥିଲେ । ତାଙ୍କ ପିତାଙ୍କ ନାମ ନାରାୟଣ ଖାଡ଼ଙ୍ଗା । ବର୍ତ୍ତମାନ କୋମଣ୍ଡ ଗ୍ରାମରେ କବିଙ୍କ ବଂଶଧରମାନେ ବାସବାସ କରି ଆସୁଛନ୍ତି ।

କବି କାମପାଳଙ୍କ କୃତି ସମୂହ ପ୍ରାୟ ବିଲୁପ୍ତ । ବାରମ୍ବାର ଅଗ୍ନିକାଣ୍ଡ ଫଳରେ କବିଙ୍କ ଦ୍ୱାରା ରଚିତ ତାଳପତ୍ର ପୋଥିଗୁଡ଼ିକ ଭସ୍ମୀଭୂତ ହୋଇଛି । ନଷ୍ଟବିନଷ୍ଟ ପୋଥିପୁସ୍ତାରୁ କିଛି ପଦ୍ୟାଂଶ ଏବେ ସଂଗୃହୀତ ହୋଇପାରିଛି । ଲେଖକ ସ୍ୱୟଂ କବିଙ୍କ ବଂଶଧର ମାଟିକୃଷ୍ଣ ମହାପାତ୍ରଙ୍କ ଠାରୁ ନିମ୍ନ ପଦ୍ୟାଂଶ ସଂଗ୍ରହ କରିଅଛି। (ତାରିଖ- ୪.୪.୧୯୮୮)

''କହନ୍ତି ଶ୍ରୀପତି ଶୁଣ ଆଗୋ ଦୂତୀ ଦୂତୀ ଅଙ୍ଗନାକୁ କହିବ
କ୍ଷିତିଧର ଧର ପତି ପତି ପତି ପରେ ମୋ ତନୁ ନ ଦହିବ ।

ଅମ୍ବୁଦ ଅପାଙ୍ଗୀ ଜମ୍ବୁଜଳ ଅଙ୍ଗୀ ଅଙ୍ଗୀକାର ଯେବେ ନୋହିବ
ରଙ୍ଗେ ତା'ର ତା'ର ସାର ସାର ସାର ସାରଙ୍ଗେ କି ସାର ଥୋଇବ ।''

Source: Author, Digitized by PPRACHIN, SOA

ପ୍ରସୂନ ପରାଗ ବାସନା ସରାଗ ସରାଙ୍ଗନା ଯଦି ହୋଇବ
କି ସାରଥ ରଥା ନବ ନବ ନବ ନବୀନ ଭାବ ଭିଆଇବ ।

ସୁନାଶିର ଶିବ ଜାଣି ବରଷିବ ଶିବ ହୃଦରତ୍ନ ଦହିବ
ସଦା ରାତି ରାତି ରାତି ହରି ହରି ହରି ହେଲା ପରି ହିମ ରହିବ ।

ଭାଷେ ଦ୍ୱିଜ କାମ ଭାଷିତ ଏସନ ଏସନ ମତ ସୁହାଇବ
କୃତ୍ତିବାସ ବାସ ବାସ ଚାରି ଚାରି ଚିରାଳକୀର୍ତ୍ତି ଗୁହାଇବ ।''

ଏହା ହେଉଛି ଏକ ଚିଟାଉ କବିତା । କବି କାମପାଳ ମହାପାତ୍ର ଶ୍ରୀରାଧାଙ୍କ ନିକଟକୁ ଶ୍ରୀକୃଷ୍ଣଙ୍କର ଏହି ଚିଟାଉ ରୂପକ କବିତା ରଚନା କରିଥିଲେ । କୋମଣ୍ଡ ଅଞ୍ଚଳରେ କବି କାମପାଳଙ୍କ କିଛି କିଛି ପଦ୍ୟାଂଶ ଲୋକ ମୁଖରୁ ଶୁଣାଯାଏ ।

କବି କାମପାଳ ଯଦୁମଣିଙ୍କ ପରି ପ୍ରତ୍ୟୁତ୍ପନ୍ନମତି ଥିଲେ । ଏକଦା ରାଜା ବ୍ରଜବନ୍ଧୁ ସିଂହ ଶ୍ରୀରାମ ନବମୀ ସମୟରେ ଓଡ଼ଗାଁ ରଘୁନାଥଙ୍କୁ ଦର୍ଶନ କରିଯିବା ବାଟରେ ଦେଖିଲେ ସଙ୍ଗୀତ ନାଚ ହେଉଛି । ପାଖରେ ଅଛନ୍ତି କବି ଯଦୁମଣି ଓ କାମପାଳ । ଯେତେବେଳେ ନାଚୁଆଣୀଟି ପାନପିକ ପକାଇଲା ସେତେବେଳେ ରାଜା ଯଦୁମଣିଙ୍କୁ କହିଲେ ''ମହାପାତ୍ରେ, ପଦେ ଆସୁ'' । ଏ ଦୃଶ୍ୟଟିକୁ ଦେଖିଥିବା ଯଦୁମଣି କହିଥିଲେ- ''ତାମ୍ବୁଲବୋଳରେ ବିକଶେ କ୍ଷିତି ।'' କାମପାଳ କହିଥିଲେ ''ତାହା ନୁହେଁ, ରାହୁ ବାହୁ ବଳ ଦେଖିଣ ପ୍ରବଳ ପୂର୍ଣ୍ଣେନ୍ଦୁ ରୁଧିର କରିଲା ବାନ୍ତି ।''

କବି କାମପାଳ ବହୁ ଛାନ୍ଦ, ଚଉପଦୀର ସ୍ରଷ୍ଟା ଥିଲେ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଯେପରି ଚିତ୍ରକାବ୍ୟ ରଚନା କରିଥିଲେ, କବି କାମପାଳ ମଧ୍ୟ ସେହିପରି ବନ୍ଧକାବ୍ୟ ରଚନା କରିଥିବାର ପ୍ରମାଣ ମିଳେ । ମାତ୍ର ଦୁଃଖର ବିଷୟ ଏହି ଯେ ତାଙ୍କର ସମୁଦାୟ ଚିତ୍ରକାବ୍ୟ ସୁରକ୍ଷିତ ଭାବରେ ରହିପାରି ନାହିଁ । ତାଳପତ୍ର ପୋଥିରେ ରଚିତ ଆଠଗୋଟି ବନ୍ଧ କବିଙ୍କ ବଂଶଧରଙ୍କ ନିକଟରେ ରହି ତାଙ୍କ କବିତ୍ୱର ପରାକାଷ୍ଠା ପ୍ରଦର୍ଶନ କରୁଅଛି । ଏହି ଆଠଗୋଟି ବନ୍ଧ ହେଉଛି- 'ମୟୂରବନ୍ଧ', 'ଶୁକବନ୍ଧ', 'ଦୋଳିବନ୍ଧ', 'ମେଷବନ୍ଧ', 'ଚକ୍ରବନ୍ଧ', 'ପିଷ୍ଟକବନ୍ଧ', 'କରତବନ୍ଧ' ଓ 'ତରଣିବନ୍ଧ' । ବନ୍ଧ କାବ୍ୟ ସାଧାରଣତଃ ବୁଧବୋଧକ ଅଟେ । ତେଣୁ କବି ବିଦଗ୍ଧ ପାଠକମାନଙ୍କୁ ଏଥିରେ ଅବଗାହନ କରିବାପାଇଁ ସୂଚନା ଦେଇଛନ୍ତି । ଏହି ରଚନାଗୁଡ଼ିକ ଶୃଙ୍ଗାର ରସ ଭିତ୍ତିକ । କବି ଶୃଙ୍ଗାର ରସର ମହନୀୟତା ବିଷୟରେ ନିମ୍ନ ସୂଚନା ପ୍ରଦାନ କରିଛନ୍ତି-

Source: Author, Digitized by PPRACHIN, SOA

''ପ୍ରବନ୍ଧ ରୂପକ ବର୍ଣ୍ଣ ଭେଦ ବିହିତକୁ
ରସବସେ ତୋଷେ ଭେଦ ବିଚାରି ଚିତ୍ତକୁ ହେ ।

ଚାରୁ ରସ ବିଦିତ ଅଟଇ ଯେଧୁ ବିଧି
ସୁରସିକ ଜନକୁ ଅମିୟ ସୁଖ ନିଧି ହେ ।

ବର୍ଣ୍ଣ ବର୍ଜିତ ଜନଙ୍କୁ ଦରସକାମିନି
କର୍ଣ୍ଣ ଗ୍ରହଣକୁ ଏ ଅଟଇ ସୁଖଦାନୀ ହେ ।''

(ମୟୂର ବନ୍ଧ) (ଜୀର୍ଣ୍ଣ ତାଳପତ୍ରରୁ ସଂଗୃହୀତ)



ମୟୂର ବନ୍ଧ (ବନ୍ଧ ଗୀତ)

ନାଗରୀ ନାରୀ ସୁରସକୃତ୍ୟ ଆନନ୍ଦରେ
ଘେନ ସୁରସିକ ନୃତ୍ୟ ମୟୂର ବନ୍ଧରେ ହେ ।୧ ।

ନ୍ୟାସ-କଣ୍ଠରସନାଗୋରିତୁ ରସନା କ୍ଷିତିରେ
ମୋଦେହେତିରତୋ ନାକଂଶରୁ ଗରବେରେ ।୨ ।

ବିହଙ୍ଗତୀ ମଣ୍ଡନାପୁରୁ ସମାଗୁଣି
ପୁଚ୍ଛ ମଣ୍ଡଳ ଓମର ପ୍ରିୟବତ ବାଣି ଯେ ।

Source: Author, Digitized by PPRACHIN, SOA

ତରଣି ବନ୍ଧ



(ତରଣୀ ବନ୍ଧ)

ଧରଣି ମଣ୍ଡନାବାଳା ସୁରସ ବିଦିତ
ତରଣି ବନ୍ଧରେ ନେଇ ଲୟେ କର ଚିତ୍ତ ହେ ।୧।
ନ୍ୟାସ-
ନତ ରକସରବଦ ଉଚକର ତନ
ନଧର କସରସବରବରତ କରଧନ ହେ ।୨ । (ରସ)

ତରଣି ଉର୍ଦ୍ଧ ମଙ୍ଗରେ ରସକେ ରଙ୍ଗ ଭଙ୍ଗରେ ଭାସୁଥିବ ଧନ ତ ଧରକକର
ତହିଁରେ ବାମା ଉତ୍ତର ବୋଲିବ ତନ ନ ଧର
ରକ ରକ ସରସ ବିସ ରସକର ।
ଉଚିତରେ ଉତ୍ତର ବଦ
ର କ ଚ ବର୍ଣ୍ଣକୁ ଛାଡ଼ି କରିବ ଏ ଭେଦ ।୩ ।
ଉତ୍ତର-ନ ତ ସ ବନ ଉତନ

ବିଭିନ୍ନ ବନ୍ଧଗୁଡ଼ିକରେ ଚିତ୍ତକୁ ମଜାଇବା ପାଇଁ କବି କାମପାଳ ସୂଚନା ଦେଇଛନ୍ତି । କବିଙ୍କର କୃତିଗୁଡ଼ିକ ଲୁପ୍ତ ହୋଇଥିବାରୁ ତାଙ୍କ କବି ପ୍ରତିଭାର ଯଥାର୍ଥ ମୂଲ୍ୟାୟନ ସମ୍ଭବ ନୁହେଁ । ଯଦି ତାଙ୍କ କୃତିଗୁଡ଼ିକ ଅକ୍ଷତ ଅବସ୍ଥାରେ ରହିଥାନ୍ତା ତେବେ ତାଙ୍କପାଇଁ ଆଣି ଦେଇଥାନ୍ତା ଅନାହତ ପ୍ରତିଷ୍ଠା । ଭଗ୍ନ କୋଣାର୍କର ବିଖଣ୍ଡିତ ଶିଳାଗୁଡ଼ିକରେ ଭାସ୍କର୍ଯ୍ୟ ଉତ୍‌କୀର୍ଣ୍ଣ ହେଲାପରି ତାଙ୍କ ବିଲୁପ୍ତ ପ୍ରାୟ ଏହି ରଚନାଗୁଡ଼ିକରେ ଦିବ୍ୟ କବିତ୍ୱର ସଙ୍କେତ ଭାସ୍ୱର ।

ହରେକୃଷ୍ଣ ପଟ୍ଟନାୟକ

କବି ହରେକୃଷ୍ଣ ପଟ୍ଟନାୟକ ଉତ୍କଳଘଣ୍ଟ ଯଦୁମଣି ମହାପାତ୍ରଙ୍କ ସମସାମୟିକ କବି । ସେ ୧୭୮୭ ଖ୍ରୀଷ୍ଟାବ୍ଦରେ ନୟାଗଡ଼ର ଶରଣକୁଳ ନିକଟବର୍ତ୍ତୀ ଗୁଞ୍ଜାବାରଣ ଗ୍ରାମରେ

Source: Author, Digitized by PPRACHIN, SOA

ଜନ୍ମଗ୍ରହଣ କରିଥିଲେ । କବି ଯଦୁମଣିଙ୍କ ସହିତ ସେ ଉତ୍ତମ ବନ୍ଧୁତା ସ୍ଥାପନ କରିଥିଲେ । ଉଲ୍ଲେଖ ରହିଛି ସେ ଥିଲେ ଯଦୁମଣିଙ୍କ ସଙ୍ଗାତ । ରାଜକବି ବିନାୟକ ସିଂହ ମାନଧାତାଙ୍କ ରାଜ ସଭାର ସେ କବି ଥିଲେ । ଯଦୁମଣିଙ୍କ ପରି ସେ ରାଜା ବିନାୟକ ସିଂହଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ବର୍ତ୍ତମାନ ଗୁଞ୍ଜବାରଣ ଗ୍ରାମରେ କବିଙ୍କର ବଂଶଧର କେହି ନାହାନ୍ତି । କବି ହରେକୃଷ୍ଣ ପଟ୍ଟନାୟକ ରାଜା ବିନାୟକ ସିଂହ ମାନଧାତା ଓ ତାଙ୍କ ପୁତ୍ର ବ୍ରଜବଲ୍ଲଭ ସିଂହ ମାନଧାତାଙ୍କ ସମସାମୟିକ କବି । ନୟାଗଡ଼ ରାଜାଙ୍କର ପୃଷ୍ଠପୋଷକତା ଲାଭ କରି ସେ କବିତା ରଚନା କରୁଥିଲେ ।

କବି ହରେକୃଷ୍ଣ ପଟ୍ଟନାୟକଙ୍କର ରଚନାଗୁଡ଼ିକରେ ପ୍ରାୟ ଲୁପ୍ତ ହୋଇଯାଇଛି । କିନ୍ତୁ ଜନମୁଖରେ ତାଙ୍କର ସଙ୍ଗୀତ ଏବେ ଶୁଣାଯାଏ । କବି ହରେକୃଷ୍ଣଙ୍କ ସୃଷ୍ଟି ମଧ୍ୟରୁ କେବଳ 'ଘୁମୁସର ଓ ନୟାଗଡ଼ ଯୁଧ ଗୀତ'ଟି ସଂଗୃହୀତ ହୋଇପାରିଛି ।

ଏହି ଯୁଦ୍ଧଗୀତ ଏକଶତ·ସାତ ପଦ ବିଶିଷ୍ଟ ଏକ ରଚନା । ଏହା କଲ୍ୟାଣ ଆହାରୀ ରାଗରେ ରଚିତ । ଏହି ଗୀତରେ ନୟାଗଡ଼ ରାଜା ବ୍ରଜବଲ୍ଲଭ ସିଂହ ମାନଧାତାଙ୍କ ବୀରତ୍ୱ ପ୍ରତିପାଦନ କରିବା ହେଉଛି କବିଙ୍କର ଆଭିମୁଖ୍ୟ । 'ଘୁମୁସର ଓ ନୟାଗଡ଼ ଯୁଧଗୀତ' ଏକ କ୍ଷୁଦ୍ର ସମର ଗୀତିକା । ଘୁମୁସର ରାଜା ଶ୍ରୀକର ଭଞ୍ଜ ଓ ନବଦୁର୍ଗ ରାଜା ବ୍ରଜବଲ୍ଲଭ ସିଂହ ମାନଧାତା ଉଭୟଙ୍କ ମଧ୍ୟରେ ଘଟିଥିବା ଯୁଦ୍ଧ ଏବଂ ଏହି ଯୁଦ୍ଧରେ ନୟାଗଡ଼ ରାଜା ମାନଧାତାଙ୍କ ବିଜୟ କଥାଟି ବର୍ଣ୍ଣିତ ହୋଇଛି ।

କବି ହରେକୃଷ୍ଣ ନୟାଗଡ଼ ରାଜାଙ୍କୁ ପ୍ରବଳ ପ୍ରତାପୀ ରାଜା ଭାବରେ ବର୍ଣ୍ଣନା କରିଛନ୍ତି । ରାଜା ବ୍ରଜବଲ୍ଲଭ (ବ୍ରଜ ବନ୍ଧୁ) ସିଂହଙ୍କ ରାଜ୍ୟ ଅଭିଷେକ ପରେ ନୟାଗଡ଼ ରାଜ୍ୟର ଶତ୍ରୁ ରାଜାମାନେ କିପରି ଆତ୍ମଗୋପନ କଲେ ତାହା କବି ନିମ୍ନ ପଂକ୍ତିରେ ଉଲ୍ଲେଖ କରିଛନ୍ତି-

"ଯୁଦ୍ଧତର କବିତ୍ୱକୁ ବୁଧବର ଶ୍ରବଣକର ଡେରିକର୍ଣ୍ଣ
ବଧୂର ଓଷ୍ଠରୁ ମଧୁର ହୋଇବ ତାଠେ ବସିବ ଯେତେବର୍ଣ୍ଣ
ସମର ବୃତାନ୍ତ ବର୍ଣ୍ଣନା ହୋଇବ ।
କମର କସିକେ ଲଢ଼ିନାହିଁ କେତେ ଆଡମ୍ବର ଯେବେ ନୋହିବ ।
ପ୍ରଭା ପ୍ରଭାକରୁଂ ବଳି ସର୍ବ ସନମତେ ତ ନୂଆଗଡ଼ ଟେକ
ଶ୍ରୀବନ୍ତ ଶ୍ରୀବଜ୍ରବନ୍ଧୁସିଂହ ମାନଧାତା ହୁଅନ୍ତେ ଅଭିଷେକ
ମହୀର । ଉଲ୍ଲାସ ହେଲେ ଅତିଶୟ
ଅହିର ଆଗେ ମଣ୍ଡୂକ ବ୍ରାତ ବତ ଦେଖା ନ ଦେଲେ ଅରିଚୟ ।

Source: Author, Digitized by PPRACHIN, SOA

ଜୁମୁସ ଘୁମୁସରର ରଖିବାକୁ ଶ୍ରୀ ଶ୍ରୀକର ଦାସ ଗୋସାଇଁ
ବିଗତ ହୋଇ ଦ୍ୱିଗଡ଼ ନେବେ ବୋଲି ନୂଆଗଡ଼ ଦର୍ପ ଲଗାଇ ।
ଯେମନ୍ତ ମନରେ କରିଣ କପଟ
ହେମନ୍ତ କରି ବସିଲେ କଳିକି ରାତିକି ତେଜ ହୋଇ ଲମ୍ପଟ ।''

କବି ନୟାଗଡ଼ ଓ ଘୁମୁସର ରାଜ୍ୟ ମଧ୍ୟରେ ଘଟିଥିବା ଯୁଦ୍ଧର କାରଣ ଦର୍ଶାଇ କହନ୍ତି ଯେ ଭଞ୍ଜ ରାଜାଙ୍କ ଦର୍ପ ଅତିଶୟ ଅସହ୍ୟ ହେବାରୁ ଏହି ଯୁଦ୍ଧର ଆବଶ୍ୟକତା ଥିଲା । କବି ଏହି ଯୁଦ୍ଧ ଗୀତରେ ନୟାଗଡ଼ ରାଜାଙ୍କ ସୈନ୍ୟ ବାହିନୀକୁ ପ୍ରଳୟ ଅମ୍ବୁଧି ସହିତ ତୁଳନା କରିଛନ୍ତି । ଯୋଦ୍ଧାମାନଙ୍କର ମସ୍ତକରେ ଥିବା ପଗଡ଼ିକୁ ଅମ୍ବୁଧିର ଫେଣ ସହିତ ତୁଳନା କରିଛନ୍ତି । କବି ଏହି ଯୁଦ୍ଧର ପ୍ରତ୍ୟକ୍ଷ ଦ୍ରଷ୍ଟା ଥିଲେ । ତେଣୁ 'ଦେଖିବା କଥା ଗୀତ ହେଲା' ଉକ୍ତିଟି ତାହା ପ୍ରତିପାଦନ କରେ ।

ଭାଷା, ଭାବ, ଶବ୍ଦ ସଂଯୋଜନା ଓ ପରିବେଷଣ ରୀତି ଦୃଷ୍ଟିରୁ କବି ହରେକୃଷ୍ଣ ପଟ୍ଟନାୟକଙ୍କର 'ଘୁମୁସର ଓ ନୟାଗଡ଼ ଯୁଦ୍ଧଗୀତ' ଏକ ସାର୍ଥକ ରଚନା ।

ଗୋବିନ୍ଦ ଚନ୍ଦ୍ର ଶୂରଦେଓ (୧୮୮୪-୧୯୩୯)

ନାଟ୍ୟରଥୀ ଗୋବିନ୍ଦ ଚନ୍ଦ୍ର ଶୂରଦେଓ

ନାଟ୍ୟରଥୀ ଗୋବିନ୍ଦ ଚନ୍ଦ୍ର ଶୁରଦେଓ ଓଡ଼ିଆ ନାଟ୍ୟ ଜଗତରେ ଏକ ବିସ୍ମୟକର ପ୍ରତିଭା । ଜଣେ ସମର୍ପିତ ପ୍ରାଣ ନାଟ୍ୟକାର ଭାବରେ ସେ ବହୁ ଗୌରବର ଅଧିକାରୀ । ଓଡ଼ିଆ ନାଟ୍ୟକଳାର ବିକାଶ, ଓଡ଼ିଆ ଲୀଳାଯାତ୍ରାର ସଂସ୍କାର ଏବଂ ମଞ୍ଚକଳାର ଅଭିବୃଦ୍ଧି ସାଧନରେ ଶୂରଦେଓଙ୍କ ଅବଦାନ ଅବିସ୍ମରଣୀୟ । ଶୂରଦେଓ ଗଞ୍ଜାମର ତରଳା ରାଜବଂଶରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଗୋପୀନାଥ ଶୂରଦେଓ ଓ ମାତାଙ୍କ ନାମ ଲକ୍ଷ୍ମୀମାଳୀ ଦେବୀ । ମାତ୍ର ଶୂରଦେଓ ପାଳିତ ହୋଇଥିଲେ ନୟାଗଡ଼ ରାଜବାଟୀରେ । ନୟାଗଡ଼ର ତତ୍କାଳୀନ ରାଜା ରଘୁନାଥ ସିଂହ ମାନଧାତା ଗୋବିନ୍ଦ ଶୂରଦେଓଙ୍କର ମାମୁଁ ଥିଲେ । ଶୂରଦେଓ ଥିଲେ, ନୟାଗଡ଼ ରାଜବାଟୀର ଅତି

Source: Author, Digitized by PPRACHIN, SOA

ଆଦରର 'ଭଣଜା ସାଆନ୍ତ' । ରାଜା ରଘୁନାଥ ସିଂହ ମାନଧାତା ତାଙ୍କର ଅଭିଭାବକତ୍ୱ ଗ୍ରହଣ କରିଥିଲେ । ନୟାଗଡ଼ର ଏହି ରାଜାଙ୍କର ପୃଷ୍ଠପୋଷକତାରେ ଗୋବିନ୍ଦ ଚନ୍ଦ୍ର ଶୂରଦେଓ କଟକ ରେଭେନ୍ସା କଲେଜରେ ଉଚ୍ଚଶିକ୍ଷା ଲାଭ କରିଥିଲେ । ରାଜା ରଘୁନାଥ ସିଂହ ପୁତ୍ରହୀନ ଭାବରେ ପ୍ରାଣତ୍ୟାଗ କଲେ । ରାଜା ରଘୁନାଥ ସିଂହଙ୍କ ମୃତ୍ୟୁବେଳକୁ ଗୋବିନ୍ଦ ଚନ୍ଦ୍ର ଶୂରଦେଓ କଟକ ରେଭେନ୍ସା କଲେଜରେ ଅଧ୍ୟୟନ କରୁଥିଲେ । ରାଜାଙ୍କ ମୃତ୍ୟୁପରେ ଗୋବିନ୍ଦ ଚନ୍ଦ୍ର ଶୂରଦେଓ ନୟାଗଡ଼ର ରାଜସିଂହାସନ ଅଳଙ୍କୃତ କରିଥାନ୍ତେ, ମାତ୍ର ସେ କଟକରୁ ନୟାଗଡ଼କୁ ଆସି ପହଞ୍ଚିଲା ସମୟକୁ ଅଭିଷେକ କ୍ରିୟା ସମାପ୍ତ ହୋଇଯାଇଥିଲା । ନାରାୟଣ ସିଂହ ମାନଧାତାଙ୍କୁ ରାଜଗାଦିରେ ଆସୀନ କରାଗଲା । ସୁତରାଂ ସେ ଆଉ ରାଜା ହୋଇ ପାରିଲେ ନାହିଁ । ତେଣୁ ଶୂରଦେଓ ରାଜମୁକୁଟ ପ୍ରତ୍ୟାଖ୍ୟାନ କଲେ ଏବଂ କଳାକାରର ଜୀବନ ବାଛିନେଲେ । ଗୋବିନ୍ଦ ଶୂରଦେଓଙ୍କ ପୁତ୍ର ପୂର୍ଣ୍ଣଚନ୍ଦ୍ର ଶୂରଦେଓ ତାଙ୍କ ପିତାଙ୍କ ସମ୍ପର୍କରେ ଲେଖିଛନ୍ତି - ସ୍ୱର୍ଗୀୟ ଗୋବିନ୍ଦଚନ୍ଦ୍ର ଶୂରଦେଓଙ୍କ ଆର୍ବିଭାବ ଊନବିଂଶ ଶତକର ଶେଷଭାଗ ଖ୍ରୀଷ୍ଟୀୟ ୧୮୮୪ ଏପ୍ରିଲ୍ ୧୨ ତାରିଖରେ । ଓଡ଼ିଶାର ଦକ୍ଷିଣ ବିଚ୍ଛିନ୍ନାଞ୍ଚଳ (ବର୍ତ୍ତମାନ ଆନ୍ଧ୍ରପ୍ରଦେଶ) ଶ୍ରୀକାକୁଳମ ଜିଲ୍ଲାର ପ୍ରସିଦ୍ଧ ତରଳା ରାଜବଂଶରେ ତାଙ୍କର ଜନ୍ମ । ତାଙ୍କ ପିତାଙ୍କ ନାମ ଗୋପୀନାଥ ଶୂରଦେଓ ଏବଂ ମାତାଙ୍କ ନାମ ଲକ୍ଷ୍ମୀମାଳୀ ଦେବୀ । ଗୋବିନ୍ଦ ଚନ୍ଦ୍ର ତରଳାଗଡ଼ରେ ତାଙ୍କର ବାଲ୍ୟଜୀବନ ଅତିବାହିତ ଓ ପ୍ରାଥମିକ ଶିକ୍ଷା ସମାପ୍ତ କରିଥିଲେ ।

ବାଲ୍ୟାବସ୍ଥାରେ ପିତୃମାତୃହୀନ ହୋଇପଡ଼ିବାରୁ, ସାନଭାଇ ଦାଶରଥୀଙ୍କ ସହିତ ଗୋବିନ୍ଦଚନ୍ଦ୍ର ଆସିଲେ ନୟାଗଡ଼ ମାମୁଘରକୁ । ପୁରୀଜିଲ୍ଲା ନୟାଗଡ଼ ରାଜବଂଶର ଚତୁଃବିଂଶ ପୁରୁଷର ରାଜା ରଘୁନାଥ ସିଂହ ମାନଧାତା - ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ ମାତୁଳ । ମାମୁଙ୍କ ତତ୍ତ୍ୱାବଧାନରେ ୧୮୯୮ ଖ୍ରୀଷ୍ଟାବ୍ଦରେ ନୟାଗଡ଼ରେ ମାଧ୍ୟମିକ ଶିକ୍ଷା ସମାପ୍ତ କରି ଉଚ୍ଚଶିକ୍ଷା ନିମନ୍ତେ ଗୋବିନ୍ଦ ଚନ୍ଦ୍ର ଓ ଦାଶରଥି ଆସି କଟକ କଲିଜିଏଟ୍ ସ୍କୁଲ୍‌ରେ ନାମ ଲେଖାଇଲେ । ୧୯୦୭ କଲିଜିଏଟ୍ ସ୍କୁଲରୁ ଏଣ୍ଟ୍ରାନ୍ସ ପାସ୍ କରି ୧୯୦୮ରେ ରେଭେନ୍ସା କଲେଜରେ ପ୍ରଥମ ଏଫ.ଏ. ଶ୍ରେଣୀରେ ନାମ ଲେଖାଇଲେ ଏବଂ ୧୯୦୮ରୁ ୧୯୦୯ ପର୍ଯ୍ୟନ୍ତ ବି.ଏ. ଶ୍ରେଣୀରେ ଅଧ୍ୟୟନ କଲେ । କଟକରେ ଛାତ୍ର ଅବସ୍ଥାରେ ଗୋବିନ୍ଦ ଚନ୍ଦ୍ର ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ ଗୃହ ଶିକ୍ଷକ ରୂପେ ପାଇବାର ସୌଭାଗ୍ୟଲାଭ କରିଥିଲେ ।"

ଗୋବିନ୍ଦ ଚନ୍ଦ୍ର ଶୂରଦେଓ ଅସାମାନ୍ୟ ସର୍ଜନଶୀଳ ପ୍ରତିଭାର ଅଧିକାରୀ ଥିଲେ । ଜଣେ ସୁପରିଚିତ ନାଟ୍ୟକାର ଏବଂ ରାସଲୀଳାର ଲେଖକ ଭାବରେ ତାଙ୍କର ସ୍ୱତନ୍ତ୍ର ପ୍ରତିଷ୍ଠା । ନୟାଗଡ଼ର ପ୍ରଥମ ନାଟ୍ୟକାର ଭାବରେ ଗୋବିନ୍ଦଚନ୍ଦ୍ର ଶୂରଦେଓଙ୍କୁ ଗ୍ରହଣ

Source: Author, Digitized by PPRACHIN, SOA

କରାଯାଇଥାଏ । ଶୂରଦେଓ ବାଇଶି ଗୋଟି ନାଟକ ରଚନା କରିଥିଲେ । ତାଙ୍କ ଦ୍ୱାରା ଲିଖିତ ପୌରାଣିକ, ଐତିହାସିକ ନାଟକ ଓ ପ୍ରହସନମାନଙ୍କ ମଧ୍ୟରେ 'ମାନଭଞ୍ଜନ', 'ସୁବଳମିଳନ', 'ସାକ୍ଷୀଗୋପାଳ', 'ମିବାର ପୁତ୍ର', 'ଧ୍ରୁବ', 'ସୁଦାମା', 'ଗୋପେଶ୍ୱରପୂଜା', 'ଇନ୍ଦ୍ରସଭା', 'ନରମେଧଯଜ୍ଞ', 'ନରକାସୁର ବଧ', 'ମାୟାଶବରୀ', 'ଶ୍ରୀକୃଷ୍ଣମହିମା', 'ଉତ୍କଳ ରମଣୀ', 'ମୁକୁନ୍ଦଦେବ', 'ହିନ୍ଦୋଳ ବିଜୟ', 'ପାଠୋଇ ବୋହୂ', 'ମହନ୍ତ ଫାର୍ଶ', 'ହାଡୁବାବୁ ଫାର୍ଶ', 'ତାରାବାଈ ଫାର୍ଶ', 'କୁଳରକ୍ଷା ଫାର୍ଶ', 'ହସ କୌତୁକ' ପ୍ରଭୃତି ଉଲ୍ଲେଖଯୋଗ୍ୟ । ଏହାବ୍ୟତୀତ ସେ ଫକୀର ମୋହନଙ୍କ 'ଲଛମା' ଉପନ୍ୟାସ, ଉମେଶ ଚନ୍ଦ୍ର ସରକାରଙ୍କ 'ପଦ୍ମମାଳୀ' ଉପନ୍ୟାସକୁ ନାଟ୍ୟରୂପ ଦେଇଥିଲେ । ସେହିପରି ଫକୀର ମୋହନ ସେନାପତିଙ୍କ 'ପେଟେଣ୍ଟ ମେଡ଼ିସିନ୍' ଗଳ୍ପକୁ ନାଟ୍ୟରୂପ ଦେଇଥିଲେ । ଏହା 'ପେଟେଣ୍ଟ ମେଡ଼ିସିନ୍' ବା 'ତାରାବାଈ ଫାର୍ଶ' ନାମରେ ୧୯୩୯ ମସିହାରେ ପ୍ରକାଶିତ । ଏହା ଦାଶରଥି ପୁସ୍ତକାଳୟ କର୍ତ୍ତୃକ ପ୍ରକାଶିତ ହୋଇଥିଲା । ଏହାର 'ନିବେଦନ' ପୃଷ୍ଠାରେ ଲେଖାଅଛି- ''ଉତ୍କଳ-ସାହିତ୍ୟରେ 'ପେଟେଣ୍ଟ ମେଡ଼ିସିନ୍' ନାମାଙ୍କିତ ଗୋଟିଏ ହାସ୍ୟୋଦ୍ଦୀପକ ପ୍ରବନ୍ଧ ଲେଖିଥିଲେ । ତାହା ପ୍ରବନ୍ଧ ଲେଖକଙ୍କ ଅନୁମତି ଅନୁସାରେ ବର୍ତ୍ତମାନ ପ୍ରହସନାକାରରେ ପ୍ରକାଶ କଲି ।''

ଏ ସମ୍ପର୍କରେ ଉଲ୍ଲେଖ ରହିଛି – "ଏତିକିବେଳେ ପଶିଆସିଲେ ଫକୀର ମୋହନ ସେନାପତି । ସଙ୍ଗରେ ଗୋବିନ୍ଦ ଚନ୍ଦ୍ର ଶୂରଦେଓ । ଗୋବିନ୍ଦ ଚନ୍ଦ୍ରଙ୍କ ମୁହଁଟି ଦେଖିଲା ଭଳି । ସରୁ ନିଶ, ମଝି ସୁନ୍ଥା, ଆଖି ଦୁଇଟି ଢଳଢଳ । ଦେଖିଲେ ଜାଣିହେବ ଇଏ ଜଣେ ଅସଲ କଳାକାର । ମନ ସବୁବେଳେ ସ୍ୱର ଲହରରେ ଛନ୍ଦା । ସେହି ଠିଆଠିଆ ଆରମ୍ଭ କରିଦେଲେ ଫକୀର ମୋହନ । 'କହୁଥିଲେ ପରା ଭଲ ନାଟକ ନାଇଁ, ଏଇ ଦେଖନ୍ତୁ ମୋ 'ପେଟେଣ୍ଟ ମେଡିସିନ୍ ଗପଟାକୁ ଶୂରଦେଓ ବାବୁ ନାଟକରେ ବାନ୍ଧିଛନ୍ତି । ପଢ଼ନ୍ତୁ କେମିତି ମୁସୁମୁସିଆ ହୋଇଛି, ଆପେ ଜାଣିପାରିବେ । ମଧୁସୂଦନ କହିଥିଲେ- 'ପଢ଼ିବି ତ ନିଶ୍ଚୟ, ତେବେ ପ୍ରଥମେ ଶୂରଦେଓ ଆପଣଙ୍କୁ ଓ ଖୋଦ୍ ଆପଣଙ୍କୁ ମୁଁ ଅଭିନନ୍ଦନ ଜଣାଉଅଛି । ଶୂରଦେଓଙ୍କୁ ନାଟକ ପାଇଁ ଓ ଆପଣଙ୍କୁ ସରସ୍ୱତୀ ସମ୍ମାନ ପାଇଁ ।"

ଶୂରଦେଓ ଥିଲେ ସଂସ୍କାରଧର୍ମୀ । ତତ୍କାଳୀନ ସମାଜରେ ଦେଖା ଦେଇଥିବା ଅବିଗୁଣ ଗୁଡ଼ିକ ବିରୋଧରେ ସେ ଲେଖନୀ ଚାଳନା କରିଥିଲେ । ତାଙ୍କର 'ତାରାବାଈ ଫାର୍ଶ', 'ମହନ୍ତ ଫାର୍ଶ' ପ୍ରଭୃତିରେ ଏହି ସଂସ୍କାରଧର୍ମିତା ପ୍ରତିଫଳିତ । ଇଂରେଜୀ ପାଠ ପଢୁଆ ଯୁବକମାନେ ପାଠୋଇ କନ୍ୟା ବିବାହ କରି କିପରି ପିତାମାତାଙ୍କର ଅବାଧ୍ୟ ହେଉଥିଲେ ପାରିବାରିକ ଶାନ୍ତି ଭଙ୍ଗ କରୁଥିଲେ, ତାହା ଶୂରଦେଓ 'ପାଠୋଇ ବୋହୂ' ପ୍ରହସନରେ

Source: Author, Digitized by PPRACHIN, SOA

ଉପସ୍ଥାପିତ କରିଛନ୍ତି । 'କୁଳରକ୍ଷା' ଫାର୍ଶରେ ମଧ୍ୟ ସଂସ୍କାରଧର୍ମିତା ରହିଛି । ଗୋବିନ୍ଦ ଶୂରଦେଓଙ୍କ 'ନରମେଧ ଯଜ୍ଞ' ଏକ ସାର୍ଥକ ଯୁଗପୋଯୋଗୀ ନାଟକ । ଏଥିରେ ସେ ମଦ୍ୟପାନ, ନାରୀଧର୍ଷଣ, ପରାଧୀନତା, ମଣିଷର ସ୍ୱାର୍ଥପର ମନୋବୃତ୍ତିର ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି ।

ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ ନାଟକ ଓ ସଙ୍ଗୀତରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ସେ ଥିଲେ ଜାତୀୟବାଦୀ କବି । ତାଙ୍କର ନାଟକଗୁଡ଼ିକର ବିଭିନ୍ନ ଅଂଶରେ ଜାତୀୟତାବାଦର ସଙ୍କେତ ବାରିହୁଏ । ଯେପରି-

''ରଂଜିତ ଅସୀଧାରେ, ଶତ୍ରୁ ରକ୍ତ ଗାରେ
ଦେଖ ହେ ଆଜି ବିଜୟ ବିଭବ ଜନ୍ମଭୂମି ଭାଲେ ।''

ଗୋବିନ୍ଦ ଶୂରଦେଓଙ୍କ ରାସଗୀତ

ଗୋବିନ୍ଦ ଚନ୍ଦ୍ର ଶୂରଦେଓ 'ରାସଗୀତ' ର ରଚୟିତା । ତାଙ୍କଦ୍ୱାରା ବିରଚିତ 'ରାସଗୀତ' (ପ୍ରଥମ ଖେଳା) ପ୍ରଥମେ ୧୯୨୬ ମସିହାରେ ନୟାଗଡ଼ରେ ମାନଧାତା ପ୍ରେସ୍‌ରୁ ପ୍ରକାଶିତ ହୋଇଥିଲା । ଶୂରଦେଓଙ୍କ ରାସଗୀତକୁ ପ୍ରଥମ ପରିମାର୍ଜିତ ରାସ ରୂପେ ବିଚାର କରାଯାଇଛି । ତାଙ୍କ ପୂର୍ବରୁ ଅନେକ ରାସଗୀତ ରଚନା କରାଯାଇଥିଲା । ଏହି ରାସଗୀତରେ ରହିଥିବା ଗୀତଗୁଡ଼ିକ ହେଉଛି- 'ଶ୍ରୀଗୌରାଙ୍ଗ ବନ୍ଦନା', 'ଶ୍ରୀକୃଷ୍ଣଙ୍କ ବନ୍ଦନା', 'ଶ୍ରୀମତୀ ରାଧିକାଙ୍କ ବନ୍ଦନା', 'ଶ୍ରୀଯୋଗମାୟାଙ୍କ ବନ୍ଦନା', 'ଶରତ ବନ୍ଦନା', 'ଶ୍ରୀକୃଷ୍ଣ ବଂଶୀପ୍ରତି', 'ଗୋପୀଗଣ', 'ଶ୍ରୀକୃଷ୍ଣଙ୍କ ବଂଶୀପ୍ରତି', 'ଶ୍ରୀମତୀ ରାଧିକା ବଂଶୀସ୍ୱନ ଶୁଣି', 'ଶ୍ରୀମତୀ ରାଧିକା ପ୍ରତି ସଖୀଗଣ', 'ଗୋପୀଗଣଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ଭାବନା', 'ଶ୍ରୀମତୀ ରାଧିକା ପ୍ରତି ଲଳିତା', 'ଶ୍ରୀକୃଷ୍ଣଙ୍କ ଭାବନା', 'ଶ୍ରୀମତୀ ରାଧିକା ବଂଶୀସ୍ୱନ ଶୁଣି', 'ଶ୍ରୀମତୀ ରାଧିକା ପ୍ରତି ସଖୀଗଣ', 'ଗୋପିଗଣ ଶରତ ଋତୁ ଦେଖି', 'ମାଲୁଣୀ ଫୁଲ ପ୍ରତି', 'ଶ୍ରୀକୃଷ୍ଣଙ୍କ ଯୋଗମାୟା ପ୍ରତି', 'ବ୍ରଜାଙ୍ଗନାଗଣ ଶ୍ରୀକୃଷ୍ଣ ଦର୍ଶନେ', 'ଶ୍ରୀକୃଷ୍ଣଙ୍କ ପ୍ରତି ବ୍ରଜାଙ୍ଗନାଗଣ', 'ଗୋପାଙ୍ଗନାଗଣ ପ୍ରତି ଶ୍ରୀକୃଷ୍ଣ', 'ଶ୍ରୀକୃଷ୍ଣ ପ୍ରତି ବ୍ରଜରମଣୀଗଣ', 'ଶ୍ରୀକୃଷ୍ଣ ବ୍ରଜନାରୀଙ୍କ ପ୍ରତି', 'ବ୍ରଜନାରୀଗଣ', 'ନୃତ୍ୟରତା ଗୋପୀଗଣ', 'ଶ୍ରୀକୃଷ୍ଣ ଶ୍ରୀମତୀ ରାଧିକାଙ୍କ ପ୍ରତି', 'ସଖୀଗଣ', 'ସଖୀଗଣ', 'ସଖୀଗଣ', 'ସଖୀଗଣ', 'ଶ୍ରୀକୃଷ୍ଣଙ୍କ ଅନ୍ତର୍ଦ୍ଧାନରେ ଗୋପୀଗଣ', 'ଗୋପୀଗଣ', 'ଗୋପୀଗଣ', 'ଶ୍ରୀକୃଷ୍ଣ ରାଧାଙ୍କ ପ୍ରତି ଏକାନ୍ତରେ, 'ଶ୍ରୀମତୀ ରାଧିକା ଶ୍ରୀକୃଷ୍ଣଙ୍କ ପ୍ରତି', 'ଶ୍ରୀକୃଷ୍ଣ', 'ଶ୍ରୀରାଧା ଶ୍ରୀକୃଷ୍ଣଙ୍କ ପ୍ରତି', 'ଶ୍ରୀମତୀ ରାଧାପ୍ରତି ଶ୍ରୀକୃଷ୍ଣ', 'ଶ୍ରୀକୃଷ୍ଣ ପ୍ରତି ଶ୍ରୀମତୀ ରାଧିକା', 'ଶ୍ରୀକୃଷ୍ଣ ଶ୍ରୀମତୀ ରାଧିକା ପ୍ରତି', 'ଶ୍ରୀକୃଷ୍ଣ ପ୍ରତି ଶ୍ରୀମତୀ ରାଧିକା',

Source: Author, Digitized by PPRACHIN, SOA

'ଶ୍ରୀମତୀ ରାଧିକା ପ୍ରତି ଶ୍ରୀକୃଷ୍ଣ', 'ଶ୍ରୀମତୀ ରାଧିକା ଶ୍ରୀକୃଷ୍ଣଙ୍କ ଅନ୍ତର୍ଦ୍ଧାନରେ', 'ଶ୍ରୀମତୀ ରାଧିକା ଶ୍ରୀକୃଷ୍ଣଙ୍କୁ ନଦେଖି', 'ଶ୍ରମତୀ ରାଧିକା ଉନ୍ମାଦ ଅବସ୍ଥାରେ', 'ଶ୍ରୀକୃଷ୍ଣଙ୍କ ଅନ୍ତର୍ଦ୍ଧାନେ ଶ୍ରୀମତୀ ରାଧିକା', 'ଗୋପୀଗଣ ଶ୍ରୀକୃଷ୍ଣଙ୍କୁ ଖୋଜିବା', 'ଶ୍ରୀମତୀ ରାଧିକା ସଖିମାନଙ୍କୁ ଦେଖି', 'ଜଣେ ଗୋପୀ ଶ୍ରୀମତୀ ରାଧିକା ପ୍ରତି', 'ଶ୍ରୀମତୀ ରାଧିକା ଗୋପୀକା ପ୍ରୀତି', 'ଶ୍ରୀକୃଷ୍ଣ ଶ୍ରୀମତୀ ରାଧିକାଙ୍କୁ ଦୂରରେ ଦେଖି', 'ଶ୍ରୀକୃଷ୍ଣ ପ୍ରତି ସଖୀବୃନ୍ଦ', 'ଶ୍ରୀକୃଷ୍ଣ ଶ୍ରୀମତୀ ସହ ମିଳିତ ହୋଇ', 'ଶ୍ରୀରାଧାକୃଷ୍ଣ ମିଳନରେ ସଖୀବୃନ୍ଦ', 'ସଖୀଗଣ ଯୁଗଳ ମିଳନରେ', 'ନିକୁଞ୍ଜ ମିଳନରେ ସଖୀଗଣ', 'ଶ୍ରୀରାଧା ଗୋବିନ୍ଦଙ୍କ ଯୁଗଳ ଆରତି' ।

ରାସଗୀତର ପ୍ରଥମରେ ଗୋବିନ୍ଦ ଚନ୍ଦ୍ର ଶୂରଦେଓ 'ଶ୍ରୀ ଗୌରାଙ୍ଗ ବନ୍ଦନା' ପ୍ରସଙ୍ଗରେ ଗାଇଛନ୍ତି-

''ଜୟ ଗଉର ଗୋବିନ୍ଦ ଜଗତରଞ୍ଜନ
ଅଜ୍ଞାନ ଅନ୍ଧ ନୟନ ଅମୃତ ଅଞ୍ଜନ ।
ତପନ କନକକାନ୍ତି ପ୍ରେମିକର ଧନ
ଭକତ ହୃଦ-କୁମୁଦ ପ୍ରେମ ବରଧନ ।
ଶୋକ ସନ୍ତାପ ହରଣ ମୁକତି କାରଣ
ପାପୀ ପାପ ବିନାଶନ ବିପଦ ବାରଣ ।

ଭବ ସାଗର ତାରଣ ଦୀନ ଉଦ୍ଧାରଣ
ବନ୍ଦେ ତବ ଅରବିନ୍ଦ-ଯୁଗଳ ଚରଣ ।''

ଗୋବିନ୍ଦ ଚନ୍ଦ୍ର ଶୂରଦେଓ 'ଶ୍ରୀକୃଷ୍ଣଙ୍କ ବନ୍ଦନା' ନିମ୍ନମତେ ଗାଇଛନ୍ତି-

''ଶ୍ରୀକୃଷ୍ଣ ! ଜୟକୃଷ୍ଣ ! କୃଷ୍ଣ ଅମୂଲ୍ୟ ନିଧି
କୃଷ୍ଣମତି, କୃଷ୍ଣଗତି ସରବ ସିଦ୍ଧି ।
କୃଷ୍ଣରବି, କୃଷ୍ଣଶଶି, କୃଷ୍ଣ ଗଛ ପତର
କୃଷ୍ଣଧନ, କୃଷ୍ଣ ବନ, କୃଷ୍ଣ ପ୍ରାଣ ଜଗତର
କୃଷ୍ଣ ମନ୍ତର, କୃଷ୍ଣ ଯନ୍ତର, କୃଷ୍ଣ ପ୍ରେମ ବାରିଧି ।''

'ଶ୍ରୀମତୀ ରାଧିକାଙ୍କ ବନ୍ଦନା' ଗାନ ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ ଭାଷାରେ ଏହିପରି-

''ଜୟ ଶ୍ରୀମତୀ ରାଧିକା ପ୍ରେମରାଜ୍ୟ ରାଣୀ
ତବ ଶକତି ପ୍ରେମରେ ଗଢ଼ା ପ୍ରତି ପ୍ରାଣୀ ।

Source: Author, Digitized by PPRACHIN, SOA

ତୁମେ ଜଗତର ବହୁମୂଲ୍ୟ ନିଧି
ତୁମେ ମହାମାୟା ମହାଯୋଗ ସିଦ୍ଧି ।
ତୁମ ମହିମାର ସୀମା କେ ପାରିବ ଜାଣି ।''

'ଶ୍ରୀ ଯୋଗମାୟାଙ୍କର ବନ୍ଦନା'-

''ମହାଯୋଗେଶ୍ୱରୀ ! ମହାମାୟା କାତ୍ୟାୟନୀ
ଜଗତ ଜନନୀ, ଦେବୀ, ବିଶ୍ୱ ବିଧାୟିନୀ
ବ୍ରହ୍ମମୟୀ ଆଦିଶକ୍ତି
ପରକାଶ ମହାଶକ୍ତି
ଉଛୁଳାଅ ପ୍ରେମଭକ୍ତି, ପ୍ରେମ ପ୍ରଦାୟିନୀ ।୧ ।

ତୁହି ସମ୍ପଦ କାରିଣୀ
ତୁହି ବିପଦ ବାରିଣୀ
ତୁହି ପତିତ ତାରିଣୀ, ଶୁଭ ସହାୟିନୀ ।''

'ଶରତ ବର୍ଣ୍ଣନା' ଗୀତଟିରେ ଗୋବିନ୍ଦ ଚନ୍ଦ୍ର ଶୂରଦେଓ ଶରତଶୋଭାକୁ ନିମ୍ନ ଭାବରେ ବର୍ଣ୍ଣନା କରିଛନ୍ତି-

''ନୀରେ ଦେଖ ତୀରେ ଦେଖ ସୁନ୍ଦର ଶରତ ଶୋଭା
ସତେ ପୂଜିତ ରଞ୍ଜିତ ଛବିଟି ନୟନ ଲୋଭା ।
ପିନ୍ଧିଛି ଅବନୀ ନୀର ନୀଳଶାଢ଼ି ଫୁଲଧଡ଼ି ବକଧାଡ଼ି
ପ୍ରକୃତି ସୁଷମା ଦେଇଚି କି ବାଢ଼ି ପିନ୍ଧି ନାନା ଫୁଲ ଗଭା ।
ମୟୂରର ନାଟ ଡାହୁକ କୁହାଟ ମଣ୍ଡେ କିବା ବନ ଘାଟ
ଯହିଁ ଦେଖ ତହିଁ, ଦେଉଚି କି ମୋହି ଶରତର ଶ୍ୱେତପ୍ରଭା ।''

'ଶ୍ରୀକୃଷ୍ଣଙ୍କ ପ୍ରତି ବ୍ରଜରମଣୀଗଣ' ଗୀତରେ ବ୍ରଜନାରୀମାନେ କହୁଛନ୍ତି-

''ଚିତ୍ତଚୋରା ତବ ଚିତ୍ତେ ଦୟା ନାହିଁ କିଞ୍ଚିତ
ଆଶା ଦେଇ ନିରାଶିବା ହୋଇଲା କି ଉଚିତ ?
ତୁମେ ତ୍ରିଜଗତ ପତି, ଛାରତ ଆମ ପତି
ନ ଛିଣ୍ଡାଅ ପ୍ରେମଫାଶ, କରନାହିଁ ଲାଞ୍ଛିତ ।୧ ।
ଯାଉ ପଛେ ପ୍ରାଣ ଧନ, ତୁମେ ଆମ ଶରଣ
ଚରଣ ସେବାରୁ କେବେ କର ନାହିଁ ବଞ୍ଚିତ ।୨ ।

Source: Author, Digitized by PPRACHIN, SOA

'ଶ୍ରୀକୃଷ୍ଣ ବ୍ରଜନାରୀଙ୍କ ପ୍ରତି' କବିତାରେ ରସରାଜ ଶ୍ରୀକୃଷ୍ଣ କହୁଛନ୍ତି-

''ଆସ, ହାସମୟୀ ସର୍ବ ସଙ୍ଗିନୀ
ରାସରେ ରସି ନାଚ, ରାସରଙ୍ଗିନୀ ।
ନାଚଗୋ ଢଳି, ଭଳିକି ଭଳି
ଧରି ତାନମାନ ରାଗ ରାଗିଣୀ ।।୧।।
ନାଚୁ ଭୁବନ, ନାଚୁ ଜୀବନ
ନାଚୁ ପ୍ରେମେ ପ୍ରେମ ତରଙ୍ଗିଣୀ ।।୨।।"

ଗୋପୀଗଣ

"ମୋହନ ଦିଅ ଦରଶନ
ପ୍ରେମରାଜ ମୁରଲୀଧାରୀ !
କାନନ ଚାରି ! ମନ ବିହାରୀ !
ବିପଦହାରି ! ଦେବ ମୁରାରି !
ଜଗତ ସର୍ବମଙ୍ଗଳକାରୀ !
ଭକତ ପୂଜନ ! ଧ୍ୟାନ ଭଜନ !
ପତିତ ତାରଣ ! ଦୁଃଖ ଭଞ୍ଜନ !
ତୁମେ ସବୁ ଧନ, ତୁମେ ତ ଜୀବନ
ଦୟାକରି ଶୁଣ ଆମ ଗୁହାରି ।
ତବ ପ୍ରେମରେ ହେଲୁଣି ଘାରି
ଆଉ ମରମେ ନ ଦିଅ ମାରି
ମାଗୁଚୁ ଆମେ କାନି ପସାରି ।"

ଶ୍ରୀମତୀ ରାଧାପ୍ରତି ଶ୍ରୀକୃଷ୍ଣ

"ଜୟ ରାଧେ ! କୁହ ତୁହି ନାରୀ କିବା ଦେବୀ
କିପରି ମୁଁ କାହା ସଙ୍ଗେ କି ଉପମା ଦେବି
କିବା ତେଜରାଶି ଘେନି ସରଗର ଶିରି
ଉପନୀତ ମରତରେ ଆକାଶ କି ଚିରି ।
କହକହ ରାଧେ ମୁଁ ଅଜ୍ଞାନ
ମୋତେ ଦିଅ ଦିବ୍ୟ ଚକ୍ଷୁଦାନ ।
ଜୀବଥିବା ଯାଏ ତବ ପଦଥିବି ସେବି ।"

Source: Author, Digitized by PPRACHIN, SOA

ଶ୍ରୀକୃଷ୍ଣଙ୍କ ପ୍ରତି ଶ୍ରୀମତୀ ରାଧିକା

"ମୋର ଜୀବ ଜୀବନ ସେହି ମନ ମୋହନ
ସେହି ମୋର ଭଜନ ସେହି ମୋର ନୟନ
ଭାବିଲେ କି ଭାବ ହୁଏ ଉଦୟ
ନାଚିନାଚି ଉଠେ ପ୍ରେମେ ହୃଦୟ
ସେହି ମୋର ଧନମାନ ଜାଗରଣ ଶୟନ ।"

ଶ୍ରୀକୃଷ୍ଣ ଶ୍ରୀମତୀ ସହ ମିଳିତ ହୋଇ

"ଆରେ ମୋର ସୁନା-ବରନା !
ମୋରେ ମାନ କରନା ।
ତୁହି ମୋର ପ୍ରେମ ହାରା,
ତୁହି ମୋ ଶୁଭ ତାରା
ତୁହି ମୋର ଧ୍ୟାନ, ଭଜନ ପୂଜନ, ମନେ ଆନ ଧରନା ॥୧॥
ତୁହି ମୋର ସର୍ବସିଦ୍ଧି
ତୁ ମୋ ପ୍ରେମ ବାରିଧି
ନ ବିଚାର ପର, ତୁ ତ ଅଙ୍ଗ ମୋର
ଭଲମନ୍ଦ ବାରନା ॥୨॥"

ଶ୍ରୀରାଧା ଗୋବିନ୍ଦଙ୍କ ଯୁଗଳ ଆରତି

ଜୟଗୋବିନ୍ଦ ! ରାଧାଗୋବିନ୍ଦ
ପଦେ ଆନନ୍ଦେ ତବ ପଦାରବିନ୍ଦ ।
ଦେଖି ତବ ପ୍ରେମ ମୋହନ ମୂରତି
ପ୍ରେମ ଗଦଗଦେ ନ ଫୁଟେ ଭାରତି ।
ଉପୁଜେ ଅନ୍ତରେ ଅଜଣା ପୀରତି
କି ଜାଣି କି ବାଣେ ମରମ ବିନ୍ଧ ॥୧॥
ଧନ୍ୟଧନ୍ୟ ତବ ପ୍ରେମର ଶକତି
ଛାଏଁ ଉଚ୍ଛୁଳଇ ହୃଦୟେ ଭକତି
ଘେନ ମନପ୍ରାଣ - ମଙ୍ଗଳ ଆରତି
ସମ୍ପଦେ ବିପଦେ ରଖ ଗୋବିନ୍ଦ ॥୨॥

ଗୋବିନ୍ଦ ଚନ୍ଦ୍ର ଶୂରଦେଓ ଓଡ଼ିଆ ନାଟ୍ୟ ଜଗତରେ ଏକ ଅବିସ୍ମରଣୀୟ ପ୍ରତିଭା । ନୟାଗଡ଼ର ରାଜସିଂହାସନରେ ଅଭିଶିକ୍ତ ନହୋଇ ସେ ରଙ୍ଗମଞ୍ଚର ପଟଭୂମିରେ ବସି

Source: Author, Digitized by PPRACHIN, SOA

ବହୁ କାବ୍ୟ, କବିତା, ସଂଗୀତ, ନାଟକ ଓ ରାସ ପ୍ରଭୃତି ରଚନା କରିଛନ୍ତି । ତାଙ୍କ ପୁତ୍ର ପୂର୍ଣ୍ଣଚନ୍ଦ୍ର ଶୂରଦେଓ ଯଥାର୍ଥରେ ମତ ଦେଇଛନ୍ତି- 'ଶୂରଦେଓ ଥିଲେ କଳାର ଏକ ଦକ୍ଷ ପୂଜାରୀ ଓ ମାନବିକତାର ଚଳନ୍ତି ପ୍ରତିମା । ତାଙ୍କ ସଂଗୀତ, ନାଟକ ଓ ରାଗାଦିରେ ପ୍ରାଣପ୍ରାଚୁର୍ଯ୍ୟ ଭରି ରହିଥିଲା । ନାଟ୍ୟ ଆନ୍ଦୋଳନରେ ଜୀବନକୁ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗୀତ କରିବାରେ ସେ ଥିଲେ ଓଡ଼ିଶାର ପ୍ରଥମ ଉଚ୍ଚଶିକ୍ଷିତ ବ୍ୟକ୍ତିତ୍ୱ । କାନ୍ତକବି ଲକ୍ଷ୍ମୀକାନ୍ତ, କବିମଞ୍ଜୁଳ କୃଷ୍ଣପ୍ରସାଦ ବସୁ, କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ ଏ ଦିଗରେ ଶୂରଦେଓଙ୍କ ଉତ୍ତର ସାଧକ ଏବଂ ଶୂରଦେଓ ହିଁ ଏମାନଙ୍କର ପଥପ୍ରଦର୍ଶକ ।" ଏହା ଯଥାର୍ଥ ।

ଲଡୁକେଶ୍ୱର ସିଂହ ମାନଧାତା (ରାଜତ୍ୱକାଳ ୧୮୫୧ରୁ ୧୮୮୯)

ରାଜା ଲଡୁକେଶ୍ୱର ସିଂହ ମାନଧାତା

ନୟାଗଡ଼ ଦ୍ୱାବିଂଶତମ ରାଜା ଲଡୁକେଶ୍ୱର ସିଂହ ମାନଧାତା କେତେଗୁଡ଼ିଏ ଚଉତିଶା ରଚନା କରିଛନ୍ତି । 'ବିରହୀ ନାୟକର ଅନୁଚିନ୍ତା' ଓ 'ପତ୍ନୀ ଉପଭୋଗାଦି ସ୍ମୃତି ସମ୍ବଳିତ କାମଦୁଘା ଚଉତିଶା' ସେ ରଚନା କରିଛନ୍ତି । ଏହାବ୍ୟତୀତ ସେ କେତୋଟି ଚଉପଦୀ ରଚନା କରିଛନ୍ତି । 'ଭାଗ୍ୟ ବିଡ଼ମ୍ବନା' ଚଉପଦୀଟି ମଧ୍ୟ ତାଙ୍କର ଏକ ସ୍ମରଣୀୟ କୃତି । ଭାଗ୍ୟ ପ୍ରତିକୂଳ ହେଲେ ମନୁଷ୍ୟକୁ କିପରି ବିପରୀତ ଫଳ ମିଳିଥାଏ, ତାହା ଏହି ଚଉପଦୀରେ ପ୍ରତିପାଦିତ । କବି ଲେଖିଛନ୍ତି-

"କରମକୁ ମୋର
   କନକ ବନିଗଲା କି ପଥର
କରକଶ ନବନୀତ ହୋଇଲା
କପିଳା ଦାନେ କଳୁଷ ଜନ୍ମିଲା
କରୀକୁମ୍ଭସ୍ତନା ସହାୟ ଥିଲା
କୋପେ ମନସିଜ ବ୍ୟାକୁଳ କଲା ।
କୁସୁମ କାର୍ମୁକପର ଅର୍ଚ୍ଚନ
କରିଥିବା ଜନ ନପାଏ ଅନ୍ନ
କଳ୍ପତରୁ ତଳେ କରି ସଦନ
କରିବା ସଂକଳ୍ପ ନୋହିଲା ପୂର୍ଣ୍ଣ ।

Source: Author, Digitized by PPRACHIN, SOA

କଂସ ଅରାତିକି କରି ସ୍ମରଣ
କୃତାନ୍ତ ଦଣ୍ଡକୁ ହେଲି କାରଣ
କରି ନଉକାବର ଆରୋହଣ
କାଳିନ୍ଦୀରେ ବୁଡ଼ିଯାଉଛି ପ୍ରାଣ ।
କନ୍ଦମିଶାସର ଅଶନୁ ଜାତ
କରାଉଅଛି ଯେ କଟଉ ତିକତ
କଳାକର ମୁଖୀ ଅଙ୍କରେ ସ୍ଥିତ
କରିଥିଲି କାମ ନେଲା ଜୀବିତ ।
କରି ଅବଗାହ ଜାହ୍ନବୀ ତୀରେ
କଣ୍ଠ ନାଶ ଯାଉଅଛି ତୃଷାରେ
କର୍ପୂର ଚନ୍ଦନ ଥାଇ ଅଙ୍ଗରେ
କନ୍ଥାନ୍ତ ଖରା ସମ ବ୍ୟଥାକରେ ।

କର କଳିତେ ଥିଲା ଚିନ୍ତାମଣି
କ୍ଲେଶ ମାତ୍ର ତେବେ ନ ଗଲା ପୁଣି ।
କହି କର୍ଣ୍ଣ ପ୍ରିୟ ମଧୁର ବାଣୀ
କି କଲେ ଲଡୁକେଶ ନରମଣି ।''

ରାଜା ଲଡୁକେଶ୍ୱର ସିଂହ ମାନଧାତାଙ୍କ ନାମରେ ଭଣିତା ଥାଇ କୌଣସି ରଚନା ପ୍ରାପ୍ତ ହୋଇନାହିଁ । ଏଠାରେ ଉଲ୍ଲେଖଯୋଗ୍ୟଯେ, ଏକଦା କଲିକତା ହୁଗୁଳି ଷ୍ଟେସନ୍‌ରେ ରାଜା ଲଡୁକେଶ୍ୱର ସିଂହ ମାନଧାତା ଏବଂ କବିବର ରାଧାନା ରାୟଙ୍କର ସାକ୍ଷାତ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା ।

କୃଷ୍ଣଚନ୍ଦ୍ର ସିଂହ ମାନଧାତା (୧୯୧୮ - ୧୯୮୩)

ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତା ନୟାଗଡ଼ର ଛବିଶତମ ରାଜା । ସେ ଜଣେ ସାହିତ୍ୟପ୍ରାଣ ନରେଶ । ସେ ମଧ୍ୟପ୍ରଦେଶ ରାୟପୁରର ରାଜକୁମାର କଲେଜରୁ ଶିକ୍ଷାଲାଭ କରିଥିଲେ । ସେ ମଧ୍ୟ ଇଂଲଣ୍ଡ ଭ୍ରମଣରେ ଯାଇଥିଲେ । ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତା ରାମାୟଣର କଥାବସ୍ତୁକୁ ଇଂରାଜୀ ଭାଷାରେ "The Foot-prints of Shri Ram" ପୁସ୍ତକରେ ଲିପିବଦ୍ଧ କରିଛନ୍ତି । ଓଡ଼ିଆ ଭାଷାରେ ସେ "ଅନୁଭୂତ କାହାଣୀ-ମାଳା"

Source: Author, Digitized by PPRACHIN, SOA

ପୌତ୍ରଙ୍କ ସହିତ ରାଜା ସାହେବ
ଶ୍ରୀ କୃଷ୍ଣଚନ୍ଦ୍ର ସିଂହ ମାନଧାତା

ପୁସ୍ତକଟିଏ ରଚନା କରିଛନ୍ତି । ଏହା ନୟାଗଡ଼ ନାରାୟଣ ପ୍ରେସ୍‌ରୁ ୧୯୭୪ ସାଲରେ ପ୍ରକାଶିତ ।

ଏହି ପୁସ୍ତକରେ 'ମୋର କହିବାର କଥା' ପ୍ରସଙ୍ଗରେ ରାଜାସାହେବ ଲେଖିଛନ୍ତି- "ଜୀବନରେ ଦୁଇପ୍ରକାର ଶାସନର ଦାୟିତ୍ୱ ଭିତରେ ମୁଁ ଯାହା କିଛି ଅଙ୍ଗେ ଲିଭାଇଛି ତା'ର ବିସ୍ତୃତ ବର୍ଣ୍ଣନା କରି ଏ ପୁସ୍ତକରେ ପ୍ରକାଶ କରିବା ସମ୍ଭବ ନୁହେଁ । ୧୯୩୩ ମସିହାରୁ ବ୍ରିଟିଶ୍ ଶାସନରେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରି ୧୯୫୧ ମସିହାରୁ ୧୯୬୦ ପର୍ଯ୍ୟନ୍ତ ଯେତେବେଳେ ମୁଁ ଓଡ଼ିଶା ବିଧାନସଭାକୁ ଲୋକପ୍ରତିନିଧି ଭାବରେ ନିର୍ବାଚିତ ହୁଏ, ସେତେବେଳେ ଅନେକଗୁଡ଼ିଏ ଦାୟିତ୍ୱ ଭିତରୁ ମୁଁ ନିଜକୁ ମୁକ୍ତ କରିପାରି ନାହିଁ । ତଥାପି ମୋର ସ୍ୱଳ୍ପ ଅବସର ଭିତରେ ବିଭିନ୍ନ ଲୋକଙ୍କଠାରୁ ଶୁଣିଥିବା ସତ୍ୟକାହାଣୀ ଓ ମୋର ନିଜ ଜୀବନରେ ଅନୁଭବ କରିଥିବା କେତେକ ଘଟଣାକୁ ନେଇ "ଅନୁଭୂତ କାହାଣୀମାଳା" ପୁସ୍ତକଟି ରୂପାୟିତ ହୋଇଅଛି ।" ରାଜା ସାହେବ ପୁନଶ୍ଚ ଲେଖିଛନ୍ତି- "ଅନୁଭୂତ କାହାଣୀମାଳା" ପୁସ୍ତକରେ ସନ୍ନିବେଶିତ ଗଳ୍ପଗୁଡ଼ିକୁ କାହାଣୀ ପର୍ଯ୍ୟାୟଭୁକ୍ତ କରିବା ସମୀଚୀନ ନୁହେଁ । ସେଥିମଧ୍ୟରୁ ଅଧିକାଂଶ ଅଙ୍ଗେ ଲିଭାଇଥିବା ସତ୍ୟ କାହାଣୀ ।" ବୋଧହୁଏ ସେହି ଦୃଷ୍ଟିରୁ ଗପଗୁଡ଼ିକ ବେଶ୍ ସୁଖପାଠ୍ୟ ହୋଇପାରିଛି । ରାଜାସାହେବ ଲେଖିଛନ୍ତି- "ଗଳ୍ପଗୁଡ଼ିକ ପୂର୍ବତନ ଗଡଜାତ ନୟାଗଡକୁ କେନ୍ଦ୍ରକରି ରଚିତ ହୋଇଛି ।"

ଏହି କାହାଣୀ ପୁସ୍ତକରେ ଦଶଗୋଟି ବିଷୟ ରହିଛି । ଏହି ବିଷୟଗୁଡିକ ହେଉଛି- 'ଗଙ୍ଗା ସତ କହୁଛି', 'ଅକୃତଜ୍ଞ ପୁତ୍ର', 'ବ୍ୟାଘ୍ର', 'ସାହାଯ୍ୟକାରୀ ମେସିନ୍', 'ବିଶ୍ୱାସର ଆଶୀର୍ବାଦ', 'ଓକିଲଙ୍କ ମହନୀୟତା', 'ଦୁଇବନ୍ଧୁ', 'ସତ୍ୟବାଦୀତାର ପୁରସ୍କାର', 'ହୀରାର ସନ୍ଧାନ' ଓ 'ପ୍ରତିଶୋଧ' ।

'ଗଙ୍ଗା ସତ କହୁଛି' ଗଳ୍ପରେ ଗଙ୍ଗା ନାମଧାରୀ ଜଣେ କନ୍ଧଲୋକ ଏକଦା ଗୋଟିଏ ହାତୀର କ୍ଷତକୁ ଶୁଶ୍ରୂଷା କରିଥିବାରୁ ପ୍ରତିଦାନରେ ଜଙ୍ଗଲୀ ହାତୀଟି କିପରି ଗଙ୍ଗାକୁ

Source: Author, Digitized by PPRACHIN, SOA

ଏକାଧିକବାର ସାହାଯ୍ୟ କରିଛି, ତାହା ବର୍ଣ୍ଣିତ । 'ଅକୃତଜ୍ଞ ପୁତ୍ର' ଗଳ୍ପରେ ଅକୃତଜ୍ଞ ପୁତ୍ର ହେଉଛି ରଘୁନାଥ । ରାମେଶ୍ୱର ଶର୍ମା ନାମକ ଜଣେ ଗରିବ ବ୍ରାହ୍ମଣ ବହୁ କଷ୍ଟ ସ୍ୱୀକାର କରି ପୁଅ ରଘୁନାଥକୁ ପାଠ ପଢ଼ାଇ ବଡ ଓକିଲ କରାଇଛି । ମାତ୍ର ଅକୃତଜ୍ଞ ପୁତ୍ର ରଘୁନାଥ ନିଜ ବାପକୁ 'ହଳିଆ' କହି ଅସମ୍ମାନିତ ଓ ଅପମାନିତ କରିଛି । 'ବ୍ୟାଘ୍ର' ଗଳ୍ପଟି ମଧ ସତ୍ୟ ଘଟଣା ଆଧାରିତ । ଏକଦା ନୟାଗଡ଼ ଜଙ୍ଗଲରୁ ଧରା ହୋଇଥିବା ଗୋଟିଏ ହିଂସ୍ର ବ୍ୟାଘ୍ରକୁ କିପରି ଆମେରିକାର ଗୋଟିଏ ବଡ ଚିଡ଼ିଆଖାନାକୁ ପଠାଇ ଦିଆଯାଇଥିଲା ତାହା ଏଥିରେ ବର୍ଣ୍ଣିତ । ରାଜାସାହେବ ଲେଖିଛନ୍ତି- "ଆଜକୁ ଅନେକ ବର୍ଷ ହେଲା ସେ ତା'ର ଜନ୍ମଭୂମିରୁ ଚାଲିଗଲେ ମଧ ଯଦି କେହି କେବେ ଦର୍ଶକ ଭାବରେ ଆମେରିକାର ସେଇ ଖ୍ୟାତନାମା ଚିଡିଆଖାନା ଦେଖିବାକୁ ଯାଆନ୍ତି, ତେବେ ବୋଧହୁଏ ଓଡ଼ିଶାର ଏକ ଅଖ୍ୟାତ ଅଞ୍ଚଳର ଜଙ୍ଗଲରୁ ଧରା ହୋଇଥିବା ସେହି ବ୍ୟାଘ୍ରଟି ଅଗଣିତ ଦର୍ଶକମାନଙ୍କୁ ଆମୋଦ ଦେଉଥିବ । ନଚେତ୍ ଯଦି ବାର୍ଦ୍ଧକ୍ୟ ହେତୁ ତାର ମୃତ୍ୟୁ ଘଟିଥାଏ, ତଥାପି ମଧ ତାର ଇତିହାସ ତାର ରକ୍ଷଣାବେକ୍ଷଣକାରୀ ଚିଡିଆଖାନାର ବୃଦ୍ଧ କର୍ମଚାରୀଠାରୁ ନିଖୁଣ ଭାବରେ ଶୁଣିପାରିବେ ।"

'ସାହାଯ୍ୟକାରୀ ମେସିନ୍' ଏକ ଚମତ୍କାର କ୍ଷୁଦ୍ରଗଳ୍ପ । ଭାଙ୍ଗିଯାଉଥିବା ଗୋଟିଏ ପରିବାରକୁ ଏଥିରେ ସଜାଡି ଦିଆଯାଇଛି । 'ବିଶ୍ୱାସର ଆଶୀର୍ବାଦ' ଗଳ୍ପରେ ରାଜାସାହେବ ବର୍ଣ୍ଣନା କରିଛନ୍ତି ଯେ ନୟାଗଡ଼ ରାମଚନ୍ଦ୍ରପୁରର ହରିଦାଶ ଏକଦା ମରୁଡି ସମୟରେ ଗାଁ ଲୋକକୁ ଏକତ୍ରିତ କରି ଓଡ଼ଗାଁ ଶ୍ରୀରଘୁନାଥଜୀଉଙ୍କୁ ଭକ୍ତିପୂତ ଭାବରେ ଦୁଃଖ ଜଣାଇଲାବେଳେ ଅପାଳକ ଗାଇଜରେ ବର୍ଷାର ପ୍ରବାହ ଝରିବାକୁ ଲାଗିଲା । 'ଓକିଲଙ୍କ ମହନୀୟତା' ଗଳ୍ପରେ କଲିକତାର ଜଣେ ପ୍ରସିଦ୍ଧ ଓକିଲ ଅଭିଯୁକ୍ତ ଶଙ୍କରକୁ ଖଲାସ କରି ତା' ଦ୍ୱାରା ପ୍ରଦତ୍ତ ଲକ୍ଷେ ଟଙ୍କାର ଚେକ୍‌କୁ ଓକିଲ ମହାଶୟ ଗ୍ରହଣ କରି ନଥିଲେ । କାରଣ ଶଙ୍କର ପ୍ରତି ତାଙ୍କର ଗୋଟାଏ ଭଲ ଧାରଣା ଥିଲା । ଏହାହିଁ ଗଳ୍ପଟିର ସାରମର୍ମ । 'ଦୁଇବନ୍ଧୁ' ଗଳ୍ପଟି ମଧ ବେଶ୍ ଚିତ୍ତାକର୍ଷକ । ଜ୍ୟାକ୍ ଏବଂ କରିମ ଦୁଇ ବନ୍ଧୁ । ଦୈବକ୍ରମେ ଜ୍ୟାକ୍ ହୋଇଛି ବିଚାରପତି ଏବଂ କରିମ୍ ହୋଇଛି ଅଭିଯୁକ୍ତ । ତେବେ ଯେଉଁଦିନ ମକଦ୍ଦମା ବିଚାର ହେବ, ତା' ପୂର୍ବଦିନ ଜ୍ୟାକ୍ ବିଚାରପତି ପଦରୁ ଇସ୍ତଫା ଦେଇ ବାର୍‌ରେ ଓକିଲ ଭାବରେ ଯୋଗ ଦେଇଛି । ମକଦ୍ଦମା ବିଚାରଦିନ ସେ କରିମ୍ ପାଇଁ ଓକିଲାତି କରି ତାକୁ ମକଦ୍ଦମାରୁ ମୁକୁଳାଇଛନ୍ତି । ରାଜାସାହେବ ଲେଖିଛନ୍ତି- "ଶେଷରେ ବିଚାରପତି କରିମ୍‌କୁ ନିର୍ଦ୍ଦୋଷ ସାବ୍ୟସ୍ତ କଲେ । ଜ୍ୟାକ୍ ଓ କରିମ୍ ପୂର୍ବପରି ଦୁଇ ଘନିଷ୍ଠ ବନ୍ଧୁ ହୋଇ ରହିଲେ । ଜ୍ୟାକ୍ ଓ କରିମ୍ ଜୀବନର ଶେଷ ପର୍ଯ୍ୟନ୍ତ ସେହି ବାରରେ ଜଣେ ଜଣେ ଅପରାଜେୟ ଓକିଲ ଭାବରେ ପ୍ରତିଷ୍ଠିତ ହେଲେ ।"

Source: Author, Digitized by PPRACHIN, SOA

'ସତ୍ୟବାଦୀତାର ପୁରସ୍କାର' ଗଳ୍ପରେ ରାଜାସାହେବ ଲେଖିଛନ୍ତି ଯେ ରାମ ନାମକ ଜଣେ ଛାତ୍ର କ୍ରିକେଟ ଖେଳିବା ସମୟରେ ବ୍ୟାଟିଂ କରି ସ୍କୁଲ ଝରକାର ଗ୍ଲାସ ଭାଙ୍ଗିଦେଇଛି । ତେବେ ପ୍ରଧାନ ଶିକ୍ଷକଙ୍କୁ ଏହି ସତ୍ୟ ଘଟଣା କହି ସେ ସତ୍ୟବାଦୀତା ଯୋଗୁଁ ପ୍ରଶଂସିତ ହୋଇଛି । 'ହୀରାର ସଂଧାନ' ଗଳ୍ପରେ କଲମ୍ବୋ ସହରର ସ୍ୱତନ୍ତ୍ର ଶାନ୍ତିଶୃଙ୍ଖଳା ରକ୍ଷା ସଂସ୍ଥାର ଅଧକ୍ଷ ମିଃ ଆୟଙ୍ଗରଙ୍କର ନିଭୃତ କୋଠରୀରେ ଥିବା ବିଲ୍‌ମୋରିଆ ହୀରାର ହଠାତ୍ ଚୋରି ହୋଇଯାଇଛି । ତେବେ ଅନୀଲ ଓରଫ ମି. ସେନାନାୟକ ହୀରାର ସନ୍ଧାନ କରିଛନ୍ତି କାମିନୀ ନିକଟରୁ । ସେ କାମିନୀ ସହିତ ସହଯାତ୍ରୀ ହୋଇ ଇଉରୋପର ନେପ୍‌ଲସ୍ ସହରଠାରୁ ହୀରାକୁ କରଗତ କରିଛନ୍ତି । ଏଥିରେ ତାଙ୍କର ଦକ୍ଷତା ଓ ଚତୁରତା ପ୍ରତିପାଦିତ । 'ପ୍ରତିଶୋଧ' ଗଳ୍ପରେ ମାୟା ନାମ୍ନୀ କିଶୋରୀର ବୃଦ୍ଧ ପିତା କିପରି ମାୟା ସହିତ ପ୍ରେମସଂପର୍କ ସ୍ଥାପନ କରି, ତାକୁ ଅନ୍ତଃସତ୍ତ୍ୱା କରି, ପ୍ରତାରଣା କରିଥିବା ମୋହନକୁ ହତ୍ୟାକରି ପ୍ରତିଶୋଧ ନେଇଛନ୍ତି ଏବଂ ପୋଲିସ୍ ସମ୍ମୁଖରେ ନିଜେ ସାଇନାଏଡ୍ ଖାଇ ଆତ୍ମହତ୍ୟା କରିଛନ୍ତି, ତାହା ବର୍ଣ୍ଣିତ ।

'ଅନୁଭୂତି କାହାଣୀମାଳା'ରେ କେତୋଟି ଉତ୍କୃଷ୍ଟ ବାକ୍ୟର ନମୁନା-

(୧) ପୌଷମାସର ଗୋଟିଏ ଚିତ୍ରିତ ସକାଳ । (ସାହାଯ୍ୟକାରୀ ମେସିନ୍)

(୨) ସରଳ ବିଶ୍ୱାସୀ ଗଙ୍ଗା ଏହା ଭଗବାନଙ୍କର ଦାନ ବୋଲି ଭାବି ମନେ ମନେ ଈଶ୍ୱରଙ୍କୁ ଧନ୍ୟବାଦ ଦିଏ । (ଗଙ୍ଗା ସତ କହୁଛି)

(୩) ସହର ଯେତେ ଯେତେ ପାଖ ହେଉଥାଏ, ରାମେଶ୍ୱରର ଦେହରେ ପୁଅକୁ ଦେଖିବାର ନିଶା ପ୍ରବଳ ହୋଇ ତା'ର ଶକ୍ତି ସେତିକି ସେତିକି ବଢୁଥାଏ । (ଅକୃତଜ୍ଞ ପୁତ୍ର)

(୪) ହଠାତ୍ ଗୋଟାଏ ଶବ୍ଦରେ ତା'ର ସ୍ତ୍ରୀ ଯେତେବେଳେ ବାରଣ୍ଡାକୁ ଦେଖିବାକୁ ଆସିଲା, ସେତେବେଳକୁ ତା'ର ପ୍ରାଣପକ୍ଷୀ ବହୁଦୂରକୁ ଉଡ଼ିଯାଇଥିଲା । (ଅକୃତଜ୍ଞ ପୁତ୍ର)

(୫) ଅସ୍ତସୂର୍ଯ୍ୟର ମେଞ୍ଚାଏ ଲାଲ୍ କିରଣ ଜଙ୍ଗଲର ଯେଉଁ କଣରେ ସବୁଜ ରଙ୍ଗର ଘାସର ଗାଲିଚା ଉପରେ ଅଳସ ଭାଙ୍ଗୁଥିଲା ଜଙ୍ଗଲର ରାଜା ସେଇ ମହାବଳ ବ୍ୟାଘ୍ରଟି ସେଇଠି ନିଜର କ୍ଳାନ୍ତି ନିମନ୍ତେ କ୍ଷଣକପାଇଁ ବିଶ୍ରାମ ନେଉଥିଲା । (ବ୍ୟାଘ୍ର)

(୬) କଥାରେ ଅଛି ଆଳସ୍ୟ ପରାୟଣ ଲୋକ ମନରେ ରାକ୍ଷସ ବସାବାନ୍ଧେ । (ସାହାଯ୍ୟକାରୀ ମେସିନ୍)

(୭) ବୃଦ୍ଧ ଦାସବାବୁ ଅଶ୍ରୁ ଛଳ ଛଳ ଆଖିରେ ଯେତେବେଳେ ଆକାଶକୁ ଚାହିଁଲେ ସେତେବେଳକୁ ଶୁକ୍ରତାରା ଅସ୍ତ ହେବାକୁ ଯାଉଥିଲା । (ସାହାଯ୍ୟକାରୀ ମେସିନ୍)

Source: Author, Digitized by PPRACHIN, SOA

(୮) ସେ କହିଲା- ବାପା ହେଉଛନ୍ତି ଗୋଟିଏ ବଡଟ୍ରେନ୍‌ର ଇଞ୍ଜିନ୍‌ପରି । ସେ ପରିବାରକୁ ଦୁର୍ଗମ ଗିରି, କାନ୍ତନ, ପ୍ରାନ୍ତର ଓ ନଦୀ ପାର କରାଇ ଇଞ୍ଜିନ୍ ଡବାକୁ ଟାଣିଲାପରି ଚଳାଇଛନ୍ତି । (ସାହାଯ୍ୟକାରୀ ମେସିନ୍)

(୯) ଉପସ୍ଥିତ ସମସ୍ତ ଭଦ୍ରଲୋକ ଏହି ପରିବାରରୁ ପାରସ୍ପରିକ ସ୍ନେହ ଓ ମମତାର ଉଚ୍ଚପ୍ରଶଂସା କରି ଫେରିବାବେଳକୁ ପ୍ରଭାତର ଏହି ପରିବାର ପାଇଁ ଉପହାର ତୁଲ୍ୟ ସଂଭାର ସହ ପୂର୍ବଦିଗରେ ଅପେକ୍ଷା କରୁଥିଲା । (ସାହାଯ୍ୟକାରୀ ମେସିନ୍)

(୧୦) ସେଠାରେ ଜୀବନର ବିଭୀଷିକା ନାହିଁ, ଯାନ୍ତ୍ରିକ ସଭ୍ୟତାର ଉନ୍ମାଦନା ନାହିଁ, କିମ୍ବା ଅଭାବବୋଧର ଗ୍ଲାନି ନାହିଁ । ଅନ୍ୟପକ୍ଷରେ, ସବୁଜ ଧରଣୀର ଶ୍ୟାମଳି ଶୋଭା, ବନପକ୍ଷୀର ନିର୍ଭୟ କାକଳି, ନୀଳାକାଶର ଅଫୁରନ୍ତ ପ୍ରଶାନ୍ତି, ସଂଘବଦ୍ଧ ଜୀବନରେ ଆହ୍ଲାଦନିସ୍ୱାଦ ଗାଁଟିରେ ପରିପୂର୍ଣ୍ଣ । ବ୍ୟକ୍ତିଗତ ଉପଭୋଗର ଦାନବୀ ଲିପସା, ପରଶ୍ରୀକାତରତାର କ୍ୟାନ୍‌ସରୀ କୀଟଠାରୁ ବିମୁକ୍ତ ଏହି ପଲ୍ଲୀଟିରେ ଗ୍ରାମବାସୀଗଣ ଗିରିଦନୀର ଚଞ୍ଚଳତା ଓ ପରିପୂର୍ଣ୍ଣତାର ମୌସୁମୀ ପ୍ରବାହ ଉପଭୋଗ କରୁଥାନ୍ତି । (ବିଶ୍ୱାସର ଆଶୀର୍ବାଦ)

(୧୧) ହରିଦାସ ତା'ର ସ୍ୱଚ୍ଛ ଶିକ୍ଷାଭିତରୁ ଜାଣେ କାମନା ଏକ ଦିଗ୍‌ବଳୟ । ତା'ର ପଛରେ ଅନୁସରଣ କଲେ ଦିଗବଳୟ ତ ହାତରେ ଧରା ପଡିବ ନାହିଁ, କିନ୍ତୁ ନିଜର ମାୟାବିନୀ ନିର୍ଲ୍ଲଜ ରୂପ ପ୍ରଦର୍ଶନରୁ କେବେ କ୍ଷାନ୍ତ ହେବନାହିଁ । (ବିଶ୍ୱାସର ଆଶୀର୍ବାଦ)

(୧୨) ପାଚିଲା କ୍ଷେତରେ ଯେତେବେଳେ ଉତ୍ତରା ପବନ ଅଳସ ଭାଙ୍ଗେ, ସେତେବେଳ ନିକଟବର୍ତ୍ତୀ ଗ୍ରାମର ଆଳସ୍ୟ ପରାୟଣ, ଚୌର୍ଯ୍ୟଗଣଙ୍କ ଆକସ୍ମିକ ଶସ୍ୟ-ଅପହରଣ ଜନିତ କ୍ଷତି ମଧ୍ୟ ବେଳେବେଳେ ତାକୁ ସହିବାକୁ ହୁଏ । (ବିଶ୍ୱାସର ଆଶୀର୍ବାଦ)

(୧୩) ଆଷାଢ଼ର ପ୍ରାରମ୍ଭରେ ଯେଉଁକବି ମେଘମେଦୁର ଆକାଶର ଶ୍ୟାମଳଗିରୀରେ ବିମୁଗ୍ଧ ହେଉଥିଲେ, ସେହି ଆଷାଢର ଶେଷଭାଗରେ ବର୍ଷାତ ଦୂରର କଥା, ଆକାଶର ଅଙ୍ଗନରେ ଶ୍ୱେତମେଘର ଉଡ୍‌ଡୀୟମାନ ଅବିକ ଦେଖିବା ସ୍ୱପ୍ନ ହେଲା । (ବିଶ୍ୱାସର ଆଶୀର୍ବାଦ)

(୧୪) ମନୁଷ୍ୟ ଦେବତା ଗଢିଛି ନିଜର ଭଲମନ୍ଦ ବୁଝିବାକୁ । (ବିଶ୍ୱାସର ଆଶୀର୍ବାଦ)

(୧୫) ଗୋଟିଏ ଭାବନା, ଗୋଟିଏ ଲକ୍ଷ୍ୟ ଓ ଗୋଟିଏ ନିଷ୍ପତ୍ତି ସମସ୍ତଙ୍କର 'ରଘୁପତିରାମ' ସେମାନଙ୍କର ଆରାଧ୍ୟ ଦେବତା । (ବିଶ୍ୱାସର ଆଶୀର୍ବାଦ)

(୧୬) ହରିଦାସଙ୍କର ଏହି ବିଶ୍ୱାସ ଓ ବିଶ୍ୱାସର ଦେବତାଙ୍କ ଆଶୀର୍ବାଦ କାହାଣୀ ଏବେ ବି ବୃଦ୍ଧ ଲୋକଙ୍କ ତୁଣ୍ଡର ସତ୍ୟଘଟଣାପରି ଶୁଣାଯାଏ । (ବିଶ୍ୱାସର ଆଶୀର୍ବାଦ)

Source: Author, Digitized by PPRACHIN, SOA

(୧୭) ଗୋଟିଏ ନିକଟରେ ବସି ଗ୍ଲ' ପାତ୍ରରେ ଚୁମ୍ବନ ଦେଉ ଦେଉ ଅତୀତର ଗୋଟିଏ ଘଟଣା ହଠାତ୍ ତାଙ୍କର ମନେ ପଡ଼ିଲା । (ଓକିଲଙ୍କ ମହନୀୟତା)

(୧୮) ଅଧିକ ମନୋନିବେଶ ନିମନ୍ତେ ମୁଁ ସୁଗାରେଟରେ ନିଆଁ ଲଗାଇଲି । ସିଗାରେଟରୁ ଧୂଆଁ ଯାଇ ଛାତ ଛୁଉଥାଏ । ଧୂଆଁର କୁଣ୍ଡଳୀ ଭିତରେ ମୋର ଭାବନା ଗୁଡ଼ିକ ହଜିଯାଉଥାନ୍ତି । (ଓକିଲଙ୍କ ମହନୀୟତା)

(୧୯) ବିଶ୍ରାମ ସମୟ ପରେ ତା' ମକଦ୍ଦମା ପଡିଲା । ମୁଁ ଶ୍ରୀରାମଙ୍କୁ ସୁମରଣା କରି କୋର୍ଟକୁ ଗଲି । ସେଦିନ ମୁଁ କ'ଣ କ'ଣ କହିଲି; ପ୍ରତିପକ୍ଷ ତରଫରୁ କ'ଣ ପ୍ରଶ୍ନ ଆସିଲା, ମୋର କିଛି ମନେନାହିଁ । କିନ୍ତୁ ଶଙ୍କର ବିରୁଦ୍ଧରେ ସମସ୍ତ ପ୍ରତିଷ୍ଠିତ ଅଭିଯୋଗ ସତ୍ତ୍ୱେ ସେ ନିର୍ଦ୍ଦୋଷ ବୋଲି ହାକିମ ରାୟଦେଲେ । (ଓକିଲଙ୍କ ମହନୀୟତା)

(୨୦) ତା'ର ପ୍ରଦତ୍ତ ଲକ୍ଷେ ଟଙ୍କାର ଚେକ୍‌ଟିକୁ ମୁଁ ପ୍ରତ୍ୟାଖ୍ୟାନ କରି ସେଦିନ ଯେଉଁ ଆନନ୍ଦ ପାଇଲି ବୋଧହୁଏ ସେଇ ଟଙ୍କା ଗ୍ରହଣ କରିଥିଲେ ଏତେ ଖୁସି ହୋଇ ନଥାନ୍ତି । (ଓକିଲଙ୍କ ମହନୀୟତା)

(୨୧) ତାର ସୁସ୍ଥ ସବଳ ସ୍ୱାସ୍ଥ୍ୟ, ମର୍ମସ୍ପର୍ଶୀ ଭାଷଣ, ସର୍ବୋପରି ତାର ପାରିବାରିକ ଆଭିଜାତ୍ୟ ସଂଗେସଂଗେ ସର୍ବୋଚ୍ଚ ଶିକ୍ଷା ଓ ତ୍ୟାଗରେ ଅଭିଭୂତ ହୋଇ ପରାଧୀନତାର ଶୃଙ୍ଖଳାବଦ୍ଧ ଜନତା ତା' ପଛରେ ଦୃଢ଼ ସମର୍ଥନ ଜଣାଇଲେ । (ଦୁଇବନ୍ଧୁ)

(୨୨) ଏକ ନିରୋଳା ମୁହୂର୍ତ୍ତରେ ସେ ପୁଅକୁ ନିଜର ସୁପ୍ତ କାମନା ପ୍ରକାଶ କରି ସ୍ଥାନୀୟ ବାର୍‌ରେ ଯୋଗଦେବାକୁ ପରାମର୍ଶ ଦେଲେ, କିନ୍ତୁ ଏ କ'ଣ ହେଲା; ତାଙ୍କର ସମସ୍ତ ଆଶାକୁ ଧୂଳିସାତ୍ କରି କରିମ୍ ମାତୃଭୂମିର ସ୍ୱାଧୀନତା ଲାଗି ଜୀବନକୁ ଉତ୍ସର୍ଗ କରିବା ପାଇଁ ସ୍ଥିର କରିଥିବା ବିଷୟ ପିତାଙ୍କୁ କହିଲା । (ଦୁଇବନ୍ଧୁ)

(୨୩) ରାମକୁ ଆଶ୍ୱାସନା ଦେଇ ତାର ବାପା କହିଲେ, ସତ୍ୟର କେବେ ପରାଜୟ ହୁଏନାହିଁ । (ସତ୍ୟବାଦୀତାର ପୁରସ୍କାର)

(୨୪) ସବୁଠାରୁ ବଳି ଅଦ୍ଭୁତଯୋଜନା ଦ୍ୱାରା ଯେତେବେଳେ ସେ ଗୋଟିଏ ବିବାହିତା ମହିଳାର ଛଦ୍ମବେଶରେ ଗୋଟିଏ ମୃତ ଶିଶୁକୁ କାନ୍ଧରେ ଘୋଡାଇ ଶ୍ରୀଲଙ୍କାର ସୀମାନ୍ତ ଅତିକ୍ରମ କରୁଥାଏ କେହିହେଲେ ତାକୁ ସନ୍ଦେହ କରିପାରିଲେ ନାହିଁ । (ହୀରାର ସନ୍ଧାନ)

(୨୫) ନିଜ କ୍ୟାବିନ୍‌ର ନିଭୃତ କୋଣରେ ବସି କାମିନୀ କେତେବେଳେ କେମିତି ତାର ହୀରକଖଣ୍ଡିକୁ ଦେଖେ । ଅନ୍ୟ ସମୟରେ ଅନୀଲର ମନଲୋଭା ଆଖି,

Source: Author, Digitized by PPRACHIN, SOA

ସୁନ୍ଦର ଗ୍ରୀବା ଓ ସୁକ୍ଷମ ଚାହାଣି ମନେପଡ଼ି ତାର କୁମାରୀ ଜୀବନର ନିରୀହ ପକ୍ଷୀଟି ବସାବାନ୍ଧିବା ପାଇଁ ବ୍ୟାକୁଳ ହୋଇଉଠେ । (ହୀରାର ସନ୍ଧାନ)

(୨୬) ଭୋଗବିଳାସ, ଧନଦୌଲତ ନିକଟରେ ମାତୃତ୍ୱ ବଡ଼ । ସେ ନାରୀ, ଜୀବନର ଏତେବଡ଼ ସତ୍ୟକୁ ସେ ଅସ୍ୱୀକାର କରିପାରିବ ନାହିଁ । (ହୀରାର ସନ୍ଧାନ)

(୨୭) ସ୍ତ୍ରୀ ଓ ପିଲାମାନଙ୍କୁ ଛାଡ଼ି ମୁଁ ମୋର ଏଇ ବିପଦପୂର୍ଣ୍ଣ ପଦବୀ ପ୍ରତି ଅନୁରକ୍ତି ପ୍ରକାଶକରି କର୍ତ୍ତବ୍ୟ ମାତ୍ର କରିଛି । (ହୀରାର ସନ୍ଧାନ)

(୨୮) ଦିନେ ମାୟା ନିଜେ ଅନ୍ତଃସତ୍ତ୍ୱା ହୋଇଥିବା ବିଷୟ ମୋହନକୁ କହିଲା ଓ ଶୀଘ୍ର ବିବାହର ଆୟୋଜନ କରିବାକୁ ଅନୁରୋଧ କଲା । (ପ୍ରତିଶୋଧ)

(୨୯) ହଠାତ୍ ଦିନେ ରାତିରେ ମାୟା ଏକାକୀ ମୋ ଘରେ ପହଞ୍ଚିଲା । ତା'ର ପୂର୍ବର ସେହି ଦୀପ୍ତି ନାହିଁ, ହୃଦୟରେ ପ୍ରଫୁଲ୍ଲତାର ପ୍ରକାଶ ନାହିଁ । ସେ ମୋତେ କୌଣସି ସଂକୋଚ ନକରି ତାକୁ ଯେକୌଣସି ଲୋକ ହାତରେ ସମର୍ପଣ କରିଦେବାକୁ ଅନୁରୋଧ କଲା । (ପ୍ରତିଶୋଧ)

(୩୦) ଶେଷରେ ମାୟାର ସମସ୍ତ ଭାର ଗ୍ରହଣ କରି, ସମାଜରେ ମୋହନର ପୁତ୍ରକୁ ପାଞ୍ଚଜଣରେ ଜଣେ କରି ଠିଆ କରାଇବା ପାଇଁ ମୁଁ ମାୟାକୁ ମୋର ସ୍ତ୍ରୀ ବୋଲି ସବୁଆଡ଼େ ପ୍ରଚାର କଲି । କିନ୍ତୁ ମାୟା ସହିତ କୌଣସି ନୀଚ ସମ୍ପର୍କ ମୁଁ ରଖିନାହିଁ । ତା'ର ଶୟନ କକ୍ଷ ଅଲଗା କରି ମୁଁ କୌଣସି ଦିନ ତା'ପ୍ରତି ଆସକ୍ତି ପ୍ରକାଶ କରିନାହିଁ । (ପ୍ରତିଶୋଧ)

ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତା ସାହିତ୍ୟ ଓ ସଂସ୍କୃତିର ପୃଷ୍ଠପୋଷକ ଥିଲେ । ସେ ରାମାୟଣର କଥାବସ୍ତୁକୁ ଇଂରାଜୀ ଭାଷାରେ ରଚନା କରି ଯଶସ୍ୱୀ । ଏହି ପୁସ୍ତକଟି 'The Foot Prints of Sri Rama' ଶିରୋନାମାରେ ପ୍ରକାଶିତ । ଏ ଗ୍ରନ୍ଥ ପ୍ରକାଶନ ସକାଶେ ରାଜା ସାହେବେ ୧୯୭୮ ସାଲରେ ଇଂଲଣ୍ଡ ସରକାରଙ୍କଠାରୁ ଦୁଇ ଲକ୍ଷ ଟଙ୍କା ପୁରସ୍କାର ଲାଭ କରିଥିଲେ ।

ଆନନ୍ଦଚନ୍ଦ୍ର ମିଶ୍ର (୧୯୧୦ - ୧୯୯୬)

ଆନନ୍ଦଚନ୍ଦ୍ର ମିଶ୍ର ଜଣେ ପ୍ରତିଭାବାନ ସାରସ୍ୱତ ସାଧକ । ସାହିତ୍ୟ ସାଧନାରେ ଯେ ନିରନ୍ତର ବ୍ୟାପୃତ ଥାଇ ନିଜର ଅସାଧାରଣ ସର୍ଜନା ଶକ୍ତି ବଳରେ ସ୍ୱକୀୟ ପ୍ରତିଭାର ପରିଚୟ ଦେଇଛନ୍ତି, ସେ ହେଉଛନ୍ତି ଆନନ୍ଦ ଚନ୍ଦ୍ର ମିଶ୍ର । ସେ ବହୁମୁଖୀ ପ୍ରତିଭାର ଅଧିକାରୀ । ସାହିତ୍ୟର ବିଭିନ୍ନ ବିଭାଗରେ ସେ ଲେଖନୀ ଚାଳନା କରି ଯଶସ୍ୱୀ ହୋଇଛନ୍ତି । ଦାରିଦ୍ର୍ୟ ତଥା ପ୍ରତିକୂଳ ପରିବେଶରେ ସେ ନିଜର ନିଷ୍ଠା ଓ ସାଧନା ବଳରେ ତାଙ୍କର ସର୍ଜନାଶୀଳତାର ପରିଚୟ ଦେଇଛନ୍ତି । କବିଙ୍କର ଜନ୍ମସ୍ଥାନ ଅବିଭକ୍ତ

Source: Author, Digitized by PPRACHIN, SOA

(କବିଭୂଷଣ ଆନନ୍ଦଚନ୍ଦ୍ର ମିଶ୍ର)

ପୁରୀ ଜିଲ୍ଲାର ନୟାଗଡ଼ ଅନ୍ତର୍ଗତ ଚାହାଳୀ ଗ୍ରାମ । ଶିକ୍ଷକତାରୁ ତାଙ୍କର କର୍ମମୟ ଜୀବନ ଆରମ୍ଭ ହୁଏ । କିନ୍ତୁ ଭାଗ୍ୟଲକ୍ଷ୍ମୀ ତାଙ୍କର ସହାୟକ ଥିଲେ । ତେଣୁ ରାଜ ଅନୁଗ୍ରହରୁ ସେ ମାଷ୍ଟରରୁ ମାଜିଷ୍ଟ୍ରେଟ୍ ହୋଇ ପାରିଥିଲେ । ନୟାଗଡ଼ର ତତ୍କାଳୀନ ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତା ଥିଲେ କବିଙ୍କର ସହୃଦ ଓ ଶୁଭାନୁଧ୍ୟାୟୀ । ରାଜ ଶୁଭଦୃଷ୍ଟି ଶ୍ରୀ ମିଶ୍ରଙ୍କର ପ୍ରତିଭାର ବିକାଶରେ ସହାୟକ ହୋଇଥିଲା । କବିଙ୍କ ପ୍ରତିଭାକୁ ସ୍ୱୀକୃତି ପ୍ରଦାନ କରିବାକୁ ଯାଇ ନୟାଗଡ଼ ରାଜ ଦରବାର ତାଙ୍କୁ 'କବିଭୂଷଣ' ଉପାଧିରେ ଭୂଷିତ କରିଥିଲେ । ପୁନଶ୍ଚ କବିଭୂଷଣ ଶ୍ରୀ ମିଶ୍ରଙ୍କୁ ସାତ ଏକର ଭୂ-ସମ୍ପତ୍ତି ଓ ଏକ ସହସ୍ର ମୁଦ୍ରା ଭେଟି ଆକାରରେ ରାଜାଙ୍କ ତରଫରୁ ମିଳିଥିଲା । (କବି ଶ୍ରୀ ମିଶ୍ରଙ୍କୁ ଲେଖକର ସାକ୍ଷାତକାର, ତା.୫.୪.୧୯୮୮)

କବି ନିଜର ଜନ୍ମସ୍ଥାନ, ଶିକ୍ଷା ଏବଂ ସବିଶେଷ ପରିଚୟ ଇତ୍ୟାଦି ପ୍ରସଙ୍ଗରେ ଲେଖିଛନ୍ତି-

''ପୁରୀ ଜିଲ୍ଲା ନୟାଗଡ଼ ଚାହାଳୀ
ଡାହୁକା ଯେ ଠାରେ ଫୁଙ୍କେ କାହାଳୀ
ମୋ ପ୍ରିୟ ପାହାଡ଼ ନାମ କାଞ୍ଜିଆ
ମୋର ସୁଖ ଦୁଃଖର ସେ ପାଞ୍ଜିଆ ହେ
ସବୁ ଶ୍ରୀକୃଷ୍ଣ ପ୍ରସାଦୁ ହେ
ପାଇଛି ଜୀବନେ ମୋ ଭାଗ୍ୟ ସାଧନେ
ଦକ୍ଷ ଧନ୍ୟ ତା'ର ଯାଦୁ ହେ ।

ଗରିବ ବଳଦ ଚରାଗୁ ଉଠି
ତାଙ୍କ ବଳେ ହେଲି ମାଟ୍ରିକ୍ ସିଟି
କଲେଜ ନ ଛୁଇଁ ଜୀବନେ କେବେ
ଏମ୍.ଏ.ପି.ଏଲ୍. ଉପାଧି ସେବେ ହେ
କବିଭୂଷଣ ମୋ ପଦ ହେ
ଦୁଇବାର ବକ୍ତା ମଧ୍ୟେ ଶ୍ରେଷ୍ଠ କର୍ତ୍ତା
କଲେ ନମେ ତାଙ୍କ ପଦ ହେ ।

Source: Author, Digitized by PPRACHIN, SOA

ଶିକ୍ଷକତା କଲି ଚଉଦ ବର୍ଷ
ଯୋଗ ସାଧନାରେ ହରାଇ ହର୍ଷ
ଦିନରାତି ବସି ପଢ଼ଇ ବହି
ଟିଉସନ ଦୁଃଖ ନ ପାରେ କହି
ଗଦ୍ୟ ପଦ୍ୟ ଲେଖୁଥାଇ ହେ
ସ୍କୁଲ୍ ମାଗାଜିନ୍ ସମ୍ପାଦକ ବନି
ଶାଗ ପଖାଳକୁ ଖାଇ ହେ ।''

ପୁନଶ୍ଚ କବି ଲେଖିଛନ୍ତି-

''ହେଲା ଜମି ଘର କୂଅ ବଗିଚା
ଗ୍ରାମରେ ବଢ଼ିଲେ ଲଡ଼କୀ ବଚା
ବ୍ରିଜ ଚେସ୍ ଖେଳ କରିଲି ଚର୍ଚ୍ଚା
ରାଜାଙ୍କର ହେଲି ସାଥି ମୁଁ ସଚ୍ଚା,
ମାଷ୍ଟରରୁ ମାଜିଷ୍ଟ୍ରେଟ୍ ହେ
ହୋଇ ଲ' ପଢ଼ି ଭାଗ୍ୟ ଦୋଷେ ସଢ଼ି
ପାଇଛି ପ୍ରବଳ କଷ୍ଟ ହେ ।''(ରତ୍ନାବଳୀ-ରତ୍ନାକର, ୫ମ ଛାନ୍ଦ)

କବି ଆନନ୍ଦ ମିଶ୍ର ବହୁପାଠୀ ଥିଲେ । ସେ ନିଜର ସାଧନା ବଳରେ ଇଂରାଜୀ ଓ ସଂସ୍କୃତ ସାହିତ୍ୟ ଅଧ୍ୟୟନ କରିଥିଲେ । ତାଙ୍କର ଜ୍ଞାନାର୍ଜନ ପିପାସା ବଳବତ୍ତର ଥିଲା । ସେ ଇଂରାଜୀ କବି ବାଇରନ୍, ସେଲୀ, ଓ୍ୱାର୍ଡ଼ସ୍‌ୱାର୍ଥ, କଲରିଜ୍, ସେକ୍ସପିୟର ପ୍ରଭୃତିଙ୍କ ସାହିତ୍ୟ ଅଧ୍ୟୟନ କରିଥିଲେ । ଜୀବନରେ ସେ କଲେଜ ବାରଣ୍ଡା ନମାଡ଼ି ଏମ୍.ଏ. ଓ ପି.ଏଲ୍. ଡିଗ୍ରୀ ହାସଲ କରିଥିଲେ । ଶ୍ରୀ ମିଶ୍ରଙ୍କର ଇଂରାଜୀ ସାହିତ୍ୟରେ ଅନୁପ୍ରବେଶ ଥିବାରୁ ସେ କେତେକ କବିତା ଇଂରାଜୀ କବିତାର ଛାୟାରେ ରଚନା କରିଥିଲେ । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ The Half-Naked Fakir ଶୀର୍ଷକ ଇଂରାଜୀ କବିତା ରଚନା କରି ସେ ବ୍ରିଟେନ୍ ରାଣୀଙ୍କଠାରୁ ଏକ ସ୍ୱର୍ଣ୍ଣାଭରଣ ପାର୍କର ଫାଉଣ୍ଟେନ୍ ପେନ୍ ଓ ପ୍ରଶଂସାପତ୍ର ଲାଭ କରିଥିଲେ । କବିତାଟିର କିୟଦଂଶ ଏଠାରେ ଉଲ୍ଲେଖ କରାଯାଇଛି-

"A half naked Fakir is he, aged and old
without a shirt he moves, in heat and cold
A calm in from, but a volcano in heart
Though simple in birth, yet well up in art.

Source: Author, Digitized by PPRACHIN, SOA

A lion is he of Gujrat deserts
Posseses kindness and sympathy of all sorts
A moving spirit is he in our country
Crulity and bloodshed to his heart have no entry.
A second Christ or Budha has come to us
So he has purchased the mind of the mass
+ + +
Long Live he to steer our ship to shore
For him our reverence we must store."

(The Half Naked Fakir)

କବି ଆନନ୍ଦ ଚନ୍ଦ୍ର ମିଶ୍ରଙ୍କ କାବ୍ୟ କବିତାରେ କବିଙ୍କର ବିବିଧ ଅନୁଭୂତିକ୍ଷହ ରସାଣିତ । ପ୍ରକୃତି ପ୍ରାଣତା, ଜାତୀୟତାବୋଧ, ବିଭୁପ୍ରାଣତା, ମାନବବାଦୀ ଦୃଷ୍ଟିଭଙ୍ଗୀ ତାଙ୍କ କାବ୍ୟ କବିତାର ମୁଖ୍ୟ ସ୍ୱର । କବିଙ୍କର ପ୍ରକାଶିତ କାବ୍ୟ କବିତାଗୁଡ଼ିକ ହେଉଛି-

(୧) କଳ୍ପନା ଯାତ୍ରୀ (୧୯୫୧)
(୨) ଉତ୍ସ (୧୯୫୧)
(୩) ରଣତାଣ୍ଡବ (୧୯୫୧)
(୪) କଳ୍ପନାକୁଞ୍ଜେ (୧୯୫୨)
(୫) ଚନ୍ଦ୍ରାବତୀ (୧୯୫୫)
(୬) ରତ୍ନାବଳୀ-ରତ୍ନାକର (୧୯୫୬)
(୭) ଫୁଲଫଳ (୧୯୫୭)

କବିଭୂଷଣ ଆନନ୍ଦଚନ୍ଦ୍ର ମିଶ୍ରଙ୍କର ଏହି କାବ୍ୟକବିତା ଗ୍ରନ୍ଥଗୁଡ଼ିକ ନୟାଗଡ଼ର ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କ ସାହଚର୍ଯ୍ୟରେ ନୟାଗଡ଼ ସରକାରୀ ପ୍ରେସ୍‌ରେ ମୁଦ୍ରଣ କରାଯାଇଛି । କବି ଶ୍ରୀ ମିଶ୍ରଙ୍କର ଆଦ୍ୟ ସୃଜନ ହେଉଛି 'କଳ୍ପନା ଯାତ୍ରୀ' କାବ୍ୟ । ଏହା କବିଙ୍କର ଭ୍ରମଣ ଅନୁଭୂତି ଉପରେ ଆଧାରିତ ଏକ ମନୋଜ୍ଞ କାବ୍ୟ । ଏଥିରେ ନୟାଗଡ଼ର ବିଭିନ୍ନ ପ୍ରସିଦ୍ଧପୀଠ ଏବଂ ଓଡ଼ିଶାର ଦର୍ଶନୀୟ ସ୍ଥାନମାନଙ୍କର ଭ୍ରମଣ ଅନୁଭୂତିକୁ କବି ଲିପିବଦ୍ଧ କରିଛନ୍ତି । କବି ଏହି କାବ୍ୟଟିକୁ ଦଶପଲ୍ଲା ରାଜା ଶ୍ରୀ କିଶୋରଚନ୍ଦ୍ର ଭଞ୍ଜଦେଓଙ୍କ ନାମରେ ଉତ୍ସର୍ଗ କରିଛନ୍ତି । ଏଥିରେ କବି ପାଟଣା, ସୋନପୁର, ବୌଦ୍ଧ, ବଲାଙ୍ଗୀର, ସାତକୋଶିଆ, ଆଠମଲ୍ଲିକ, ଧଳପୁର, ବଡ଼ମୂଳଘାଟୀ, କୋଣାର୍କ, ଚନ୍ଦ୍ରଭାଗା, ହରଚଣ୍ଡୀ,

Source: Author, Digitized by PPRACHIN, SOA

ରମ୍ଭା, ଦଶପଲ୍ଲା ଏବଂ ନୟାଗଡ଼ ବିଭିନ୍ନ ସ୍ଥାନର ଭ୍ରମଣାନୁଭୂତି ବର୍ଣ୍ଣନା କରିଛନ୍ତି । ଏହା କଳହଂସ କେଦାର ରାଗରେ ରଚିତ । କବିଙ୍କର ଏ ବର୍ଣ୍ଣନା ବେଶ୍ ହୃଦୟସ୍ପର୍ଶୀ ଓ ଆବେଗଧର୍ମୀ । ମହାନଦୀ ତଟରେ ଅବସ୍ଥିତ ନୀଳମାଧବ ପୀଠ କଣ୍ଟିଲୋ କ୍ଷେତ୍ରର ବର୍ଣ୍ଣନା ପ୍ରସଙ୍ଗରୁ କବିଙ୍କର ବର୍ଣ୍ଣନା ନୈପୁଣ୍ୟ ଲକ୍ଷ୍ୟ କରାଯାଇପାରେ-

''ଅରଣ୍ୟ ରୋଦନେ କିବା ଅଛି ଫଳ
କଣ୍ଟିଲୋ ଗମନ କର ହେ ଚଞ୍ଚଳ ।

ପ୍ରକୃତି ପଲ୍ଲୀର ପଣତ କଣ୍ଟିଲ
ନଦୀ ଧଡ଼ି ଯହିଁ ଦିଶେ ଝଲମଲ ।

ପ୍ରତୀଚ୍ଚୀ-ଉଦୀଚୀ-ପ୍ରାଚୀ ସୀମାସାଦି
ବହେ ମହାନଦୀ କାଳେ କାଳେ ରାଜି ।

କଳ କଳ ନଦୀ ଗୀତ ଯହିଁ ଗାଏ
ଶୁଣ ମନମୃଗ ମନ୍ତ୍ରମୁଗ୍ଧ ପ୍ରାୟେ ।

ଶ୍ରୀନୀଳମାଧବ ବୈକୁଣ୍ଠ ବିଳାସ
ଛାଡ଼ି ଯହିଁ ବାସ ଆଶାରେ ମାନସ ।

ପୁନଶ୍ଚ କଣ୍ଟିଲୋଠାରେ ମହାନଦୀ ଦୃଶ୍ୟ ଅତ୍ୟନ୍ତ ମନୋରମ । ବିଭିନ୍ନ ଋତୁରେ କଣ୍ଟିଲୋର ଶୋଭା ବେଶ୍ କମନୀୟ । କବିଙ୍କ ଭାଷାରେ-

''ଜଳାର୍ଣ୍ଣବ ମଧ୍ୟେ ବୈକୁଣ୍ଠ ପ୍ରାବୃଟେ
ଚାରୁଛବି ଯା'ର ଚୌଦିଗେ ପ୍ରକଟେ ।

ବାଲୁକା ମଧ୍ୟରେ ଦ୍ୱାରକା ଗ୍ରୀଷ୍ମେ
ରୂପେ ଚିତ୍ର ଯାର ଦେବ ଚିତ୍ତ ରମେ ।

ରକ୍ତ କିଶଳୟ ମଳୟ କୁସୁମ
ଅଶୋକାଦି ସହ କୋକିଳ ପଞ୍ଚମ ।
ସ୍ୱରେ ଯେବେ ଋତୁରାଜ କରେ ବିଜେ
ବୃନ୍ଦାବନ ଦୃଶ୍ୟ ଏଥିରେ ବିରାଜେ ।
କ୍ରମନିମ୍ନ ହୋଇ ପାବଚ୍ଛ ନିଃଶ୍ରେଣୀ
ଶୈଳ ଶିରୁ ଛୁଇଁ ଅଛି ନୀରବେଣୀ ।''

Source: Author, Digitized by PPRACHIN, SOA

ଏହାପରେ କବି ନୟାଗଡ଼ର ସାରସ୍ୱତ ସାଧକଙ୍କ ମହିମାକୁ ସ୍ମରଣ କରିଛନ୍ତି । ତାଙ୍କ ଭାଷାରେ –

"ପୂରୁବେ ଶୁକରମଲ୍ଲ ମଲ୍ଲ ହୋଇ
ଶତ୍ରୁ ସୈନ୍ୟେ ଦେଶେ ନ ଦିଏ ପୂରାଇ ।
ଏହି ପାଦେ ଇଟାମାଟି ପୁଣ୍ୟଗ୍ରାମ
ଯହିଁ ଯଦୁମଣି ସୁକ୍ଷଣେ ଜନମ ।
ଲଭି ଚାତୁରୀରେ ମୋହିଲେ ଜଗତ
ନବଦୁର୍ଗ ହେଲା କାଳେ କାଳେ ଖ୍ୟାତ ।
ନିରକ୍ଷର କବି ରକ୍ମିଣୀ ବିଳାସ
ପାଠେ ପୂର୍ଣ୍ଣହୁଏ କାବ୍ୟ ଅଭିଳାଷ ।
କଳ୍ପନା ଚତୁର ପ୍ରତ୍ୟୁତ୍ପନ୍ନ ମତି
ଥିଲେ ବିଜ୍ଞବର ମୋହି ଜନମତି ।
ଶ୍ରୀଗୋପାଳଭାଣ୍ଡ ବୀରବଲ ପରେ
ଜନ୍ମିଲ ହେ ବିଜ୍ଞ ବିଦୂଷ ଏଠାରେ ।
ନବଦୁର୍ଗ-ପ୍ରଜା-ରାଜା-ରାଜବଂଶ
ଅଟ ସୁଧୀ ଆଜି ମୋତି ଅବତଂସ ।
'ବସନ୍ତମୁହାଁକୁ ଉପମା ଖଟୁ
କାମ କାକରାର ଛଣା ଜାଳିଚଟୁ ।'
ଏପରି ଚାତୁରୀ ଆଉ କେ ଲେଖିବ
ଆଜିକା ଲେଖାରେ ମନକି ଲାଖିବ ?
× × ×

ସୁକବି-ଜନନୀ ନବଦୁର୍ଗ-ଭୂମି
କବିସୂର୍ଯ୍ୟ ବ୍ରହ୍ମା ଏ ଦେଶେ ଜନମି
ସାମନ୍ତସିଂହାରେ କଲେ ମନ୍ତ୍ରଦାନ
କବିତା-ଚାତୁରୀ ଯାର ମୋହେ କାନ ।
ଗୁଣ୍ଡିଚା ଚମ୍ପୂର ଲେଖକ ପଣ୍ଡିତ
ଏହି ପୁଣ୍ୟ ଦେଶେ ହୋଇଥିଲେ ଜାତ
ଭଣ୍ଡାର ଗହ୍ୱରେ ଭଞ୍ଜ ବୀରବର
ଲେଖନୀ ଚଳାଇ ହୋଇଲେ ଅମର ।

Source: Author, Digitized by PPRACHIN, SOA

ଛନ୍ଦବନ୍ଧ ବ୍ୟୂହ ସାହିତ୍ୟ ସମରେ
ରଚି କଳା ନେଇ ରଖିଲେ ଶିଖରେ ।
ଯେ ପାଟସାହାଣୀ କରଣ କୋବିଦ
ତାଙ୍କ ଜନ୍ମସ୍ଥାନ ଏ ଦେଶଟି ମଧ ।”

ଏହାପରେ କବି ଆନନ୍ଦ ଚନ୍ଦ୍ର ମିଶ୍ର ନୟାଗଡ଼ ମାଟିର କୃତୀ ସନ୍ତାନ । ପଣ୍ଡିତ ବିନାୟକ ମିଶ୍ରଙ୍କୁ ସ୍ମରଣ କରିଛନ୍ତି । ସେ ଲେଖିଛନ୍ତି -

“ଓଡ଼ିଆ ଭାଷାର ଇତିହାସ କର୍ତ୍ତା
ଓଡ଼ିଆ ଜାତିର ନିନ୍ଦା ଗ୍ଳାନି ହର୍ତ୍ତା ।
ତମ୍ବାପଟା ଶୈଳ-ଖୋଳା ପାଲି ଲିପି
ଉଦ୍ଧାରି ଯେ ବିଜ୍ଞ ଦୁର୍ନାମକୁ ଲିପି ।
ଦେଇଛନ୍ତି ତାଙ୍କ ସୂତିକା ଆଗାର
ଏହି ନବଦୁର୍ଗ ସୌନ୍ଦର୍ଯ୍ୟ ଆକର ।”

ଏହାପରେ କବି ଆନନ୍ଦ ଚନ୍ଦ୍ର ମିଶ୍ର ନୟାଗଡ଼ର ପ୍ରଜାବତ୍ସଳ ରାଜା ଶ୍ରୀ କୃଷ୍ଣଚନ୍ଦ୍ର ସିଂହଙ୍କର ମହିମା ଗାନ କରିଛନ୍ତି । ସେ ଲେଖିଛନ୍ତି -

“ଏ ରାଜ୍ୟ ଶାସକ କୃଷ୍ଣଚନ୍ଦ୍ର ସିଂହ
ସିଂହବିକ୍ରମରେ ପ୍ରକାଶି ଆଗ୍ରହ
ନ୍ୟାୟ-ଦୟା-କ୍ଷମା ରାଜଦଣ୍ଡ ଧରି
ପାଳନ୍ତି ପରଜା କିଏ ତାଙ୍କ ସରି ?
ତଡ଼ିତ ଆଲୋକ ଟେଲିଫୋନ୍ ତାର
ହାଇସ୍କୁଲ୍-ପାର୍କ-କ୍ଲବ-ଶିକ୍ଷାଗାର ।
ପ୍ରଦର୍ଶନୀ ଫାର୍ମ-ଗୋଶାଳା ସମେତ
ସମସ୍ତ ବିଧାତା କୃଷ୍ଣଚନ୍ଦ୍ର ସତ ।
ଚନ୍ଦ୍ର ଉଦୟରେ ଯଥା ଅନ୍ଧକାର
ପଳାଏ ବିକଳେ ହୋଇ ତରତର ।
ତଥା ବେଠିପ୍ରଥା ଅନ୍ୟାୟ ଶାସନ
ଏହାଙ୍କ ଶାସନେ ହେଲେ ଅବସାନ
ସୁଯୋଗ୍ୟ ଦେୱାନ ମନ୍ତ୍ରୀ ନନ୍ଦ ବାବୁ
ଅଧର୍ମ ଶାସନେ କରିଛନ୍ତି କାବୁ ।
ସେ ଦୁହିଁଙ୍କୁ ନମ୍ରେ ଅର୍ପି ରାଜଭକ୍ତି
ଲକ୍ଷ୍ୟସ୍ଥଳେ ଗମ ଲଭି ନବଶକ୍ତି ।”

Source: Author, Digitized by PPRACHIN, SOA

'କଳ୍ପନା ଯାତ୍ରୀ' କାବ୍ୟଟି କବିଭୂଷଣ ଶ୍ରୀ ମିଶ୍ରଙ୍କର ଏକ କାଳଜୟୀ କୃତି । ଏହା କବିବର ରାଧାନାଥଙ୍କର ଚିଲିକା ଖଣ୍ଡକାବ୍ୟର ଆଦର୍ଶରେ ରଚିତ ହେଲାପରି ମନେହୁଏ ।

'ଉତ୍ସ' ଏକ କବିତା ସଙ୍କଳନ । ଏହା ୧୯୫୧ ସାଲ୍‌ରେ ଓଡ଼ିଶା ଗଭର୍ଣ୍ଣମେଣ୍ଟ ପ୍ରେସ୍, ନୟାଗଡ଼ରୁ ପ୍ରକାଶିତ । ଏଥିରେ ଚୌରାଅଶୀ ଗୋଟି ଓଡ଼ିଆ କବିତା ଏବଂ ଗୋଟିଏ ଇଂରାଜୀ କବିତା ସ୍ଥାନିତ । ଏହି ସଙ୍କଳନର କେତେଗୋଟି ଉଲ୍ଲେଖଯୋଗ୍ୟ କବିତା ହେଉଛି 'ଭୃତ୍ୟ ସ୍ତୁତି', 'ତୋଳା ଗୋଲାପ', 'କଲେଜ ହତାର ଫୁଲ ବଗିଚା', 'ଆଜିର ହୃଦୟ', 'ସୌନ୍ଦର୍ଯ୍ୟ ରାଣୀ', 'ଭଦଭଦଳିଆ', 'ରୁକ୍ଷୀ', 'ଅଭିମାନ', 'କବି ମାନସିଂହ', 'ସଜନୀ ଆଜି ଏ ବିଧୁର ରଜନୀ', 'ଜାଗ ହେ ଜାଗ ଭଗବାନ', 'ହେ ରୁଦ୍ର ସୁନ୍ଦର', 'ତ୍ରିସନ୍ଧ୍ୟା', 'ରେଙ୍ଗୁନ୍ ଫେରନ୍ତା', 'ତୁମେ କେଉଁଠାରେ ଅଛ ଦେବତା', 'ଗୁହାରି', 'ପାନ', 'ସ୍ୱାଧୀନତା', 'ମୁଁ ପରା ଆଜି ଧର୍ମ ଅବତାର', 'ବାପୁଜୀ', 'ବୀର କଣ୍ଢୁରୀ', 'ମୂଲିଆ ଘର ଝିଅ', 'କବିବର ଚିନ୍ତାମଣି', 'ମିତ୍ର ଶକ୍ତିର ଜୟ', 'ଶୁଭଦିନ ସଙ୍ଗୀତ', 'ଜୟକୃଷ୍ଣଚନ୍ଦ୍ର', 'ମହତାବଙ୍କ ପ୍ରତି', 'ରାଜା ଶ୍ରୀକୃଷ୍ଣଚନ୍ଦ୍ର', 'ଖଣ୍ଡପଡ଼ା ଜେମା', 'ନୟାଗଡ଼ ରାଜା', 'ଓଡ଼ିଶା ଲାଟ୍ ଡକ୍ଟର କାଟ୍‌ଜୁଙ୍କ ସଭା ଉପଲକ୍ଷେ', 'ପ୍ରକୃତି ଦେବୀ', 'ଜୀବନ ମନ୍ତ୍ର', 'ଆତ୍ମଚିନ୍ତା', 'ପାଟଣା ମହାରାଜାଙ୍କ ଦରବାର', 'ଡିଆଁପଡ଼ା ଭ୍ରମଣ' ଓ 'ବିଚିତ୍ର ଉଦ୍ୟାନ' । ଏଥିରେ ସ୍ଥାନିତ 'ବନ୍ଦେ ମାତରଂ' କବିତାରେ କବି ନବଦୁର୍ଗ ଜନନୀଙ୍କର ବନ୍ଦନାଗାନ କରିଛନ୍ତି । ଯଥା-

"ବନ୍ଦେ ମାତରଂ-

ସୁଜଳା, ସୁଫଳା, ନୀଳଗିରିମାଳା, ବିଶୋଭିନୀ ଚାରୁ ଶରୀରାଂ
ଧୀର, ବୀର, କବି ପ୍ରସବିନୀ, ଜନନୀ ଉପଇନ୍ଦ୍ର ଯଦୁମଣି ନାମ ବିକାଶିନୀ
ଗମ୍ଭୀର ମାନଧାତା ବଂଶ ଉଭାସିନୀ, ପୁଣ୍ୟମୟୀ ଚିର ରୁଚିରାଂ,
ବନ୍ଦେ ମାତରଂ ।

× × ×

ଶ୍ରୀରାଜା ପରଜା ଦୀର୍ଘାୟୁ ଦାୟିନୀ ସଦାକ୍ଷମାଶୀଳାଂ ସ୍ୱାସ୍ଥ୍ୟ ପ୍ରଦାୟିନୀ;
ନବଦୁର୍ଗ ଜନନୀ, ବରାଭୟ ଦାୟିନୀ; ଚରଣ ଚାରୁ ନୂପୂରଂ ।"

'ରାଜଗିରି ଝର' କବିତାରେ କବି ଶ୍ରୀ ମିଶ୍ର ରାଜଗିରି ପର୍ବତରୁ ସୃଷ୍ଟ ରାଜଗିରିଝରର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିଛନ୍ତି-

"ପାର୍ବତ୍ୟ ତଟିନୀ ସ୍ୱଚ୍ଛଜଳବେଣୀ
ସଜାଇ ସବୁଜ ପାଟ ଆବରଣୀ ।

Source: Author, Digitized by PPRACHIN, SOA

ବେଶେ ହସି ହସି କରିଲା ଆଦର
ତା’ ପ୍ରେମ ଆତିଥ୍ୟ ଭୋଗିଲୁ ନିକର ।

ସେ ସମୟେ ରାଜଗିରି ଝରରାଣୀ
ଖଣ୍ଡିତା ପରାଏ ମରମର ବାଣୀ ।

ପ୍ରକାଶି ଡାକିଲା ଧନ୍ୟ ହେ ରସିକ
ରସଗୋଲା ଛାଡ଼ି ମୁଢ଼ିର ଗ୍ରାହକ ।

ହୋଇ ତାଙ୍କ ପ୍ରେମେ ମାତିଛ କିପରି
ଦିଶୁଛି ମୋତେ ତ ଅରସିକ ପରି ।

ତା’ ଡାକ ଶ୍ରବଣେ ଚାହିଁଦେଲୁ କ୍ଷଣେ
ତା’ ପରି କାହାକୁ ଦେଖିନାହିଁ ଜଣେ ।

ସାତ୍ତ୍ୱିକ ଧବଳ ବରଫ ଆନନେ
ଚକ୍ ଚକ୍ ଦିଶି ରଶ୍ମିର ପତନେ ।

ଲକ୍ଷ ଇନ୍ଦ୍ରଧନୁ କରୁଥିଲା ସୃଷ୍ଟି
ଶୋଭାଶ୍ରୀ ସମ୍ପଦ କରିସଦା ବୃଷ୍ଟି ।’’

× × ×

ଏହାପରେ କବି କଳ୍ପାର କଳ୍ପଲୋକରେ ଘୂରିବୁଲିଛନ୍ତି । ସେ ଗାଇଛନ୍ତି -

“ସେ ସମୟେ କଳ୍ପ ଲୋକକୁ କଳ୍ପନା
ଉଡ଼ିଗଲେ ହୋଇ ବଡ଼ ଉନ୍ମନା ।
ଦେଖିଲି ଝରର ପ୍ରପାତ ତଳରେ
ବସିଛନ୍ତି ନାନା ଗୁଣୀଙ୍କ ମେଳରେ ।
ଏକ ଦିବ୍ୟବପୁ ବିଶିଷ୍ଟ ଦେବତା
ଭାବ ବିହ୍ୱଳରେ ନିମୀଳିତ ପତା ।
ଟାଙ୍ଗରା ମସ୍ତକେ ଝରଣା କୁନ୍ତଳ
ଆଚ୍ଛାଦିଛି ସୃଜି ସୁ ଆଭା ମଣ୍ଡଳ ।
ବକ୍ଷ ଆବୋରିଛି ଦୀର୍ଘ ଶ୍ମଶ୍ରୁ ଜାଳ
କଦମ୍ବ ଫୁଲର ପିନ୍ଧି ରୂପମାଳ ।
ସୁଦୀର୍ଘ ନାସିକା ଗୋଲାପୀ ସୁଗଣ୍ଡ

Source: Author, Digitized by PPRACHIN, SOA

ଦରପଣ କରି ଦୀର୍ଘ ଭାଲଖଣ୍ଡ ।
ପଦ୍ମାସନେ ସେହୁ ବସି ସ୍ନାନକର୍ମ
କରୁଛନ୍ତି ଗାଇ ଓଁକାରର ମର୍ମ ।
ମତେ ଦେଖି ଟେକି ତାଙ୍କ ଦକ୍ଷକର
ଆଶୀର୍ବାଦ କରି ଆସ ଆସ ଠାର ।
ପ୍ରକାଶିଲେ ଯେଣୁ ମୃଦୁ ମନ୍ଦ ହାସେ
ଅଜ୍ଞାତେ ନମିଲି ତାଙ୍କ ପାଦଦେଶେ ।
ମୋତେ ସେହୁ ଆଶୀର୍ବାଦ ଉଚ୍ଚାରିଲେ
ଦୀର୍ଘାୟୁ ସୁକବି ହୁଅହେ ବୋଇଲେ ।
କିଏ ବୋଲି ଟିକେ ଚାହିଁଲି ତରାଟି
ଚିହ୍ନି ଭୟେ ମୋର ବନ୍ଦ ହେଲା ପାଟି ।
ଚାହିଁଲେ ମତେ ସେ ବିରାଟ ପୁରୁଷ
ଓଝା ପାଖ ଚାଟ ପରି କାପୁରୁଷ ।
ତହିଁ ମୋର ସବୁ କବିତା ଚାତୁରୀ
ମନେ ଉଦି ମନେ ଗଲେ କ୍ଷଣେ ମରି ।
ଦେଖିଲି ପାଖରେ ବୈଦେହୀ ବିଳାସ
ଲାବଣ୍ୟବତୀ ଓ ଛାନ୍ଦର ବିଳାସ ।
ଚିହ୍ନିଲି ସେ କବିସମ୍ରାଟ ଉପେନ୍ଦ୍ର
ବସିଛନ୍ତି ସ୍ନାନେ ଶୁଣି ଝରମନ୍ଦ୍ର ।"

ଏହି ପ୍ରସଙ୍ଗରେ କବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା, ଯଦୁମଣି ମହାପାତ୍ର ପ୍ରମୁଖ କବିମାନେ ଏଠାରେ ଉପସ୍ଥିତ ଥିବାର ଦର୍ଶାଇଛନ୍ତି ।

'ରାଜା ଶ୍ରୀ କୃଷ୍ଣଚନ୍ଦ୍ର' କବିତାରେ ଆନନ୍ଦ ଚନ୍ଦ୍ର ମିଶ୍ର ରାଜାସାହେବଙ୍କର ସୁଗୁଣ କୀର୍ତ୍ତନ କରିଛନ୍ତି –

"ଆଜି ସରଗପୁରୁ
ଆସ ସୂର୍ଯ୍ୟମଣି ଚନ୍ଦ୍ରମଣିଙ୍କ ସଙ୍ଗେ
ଦିଅ ଆଶିଷ ଧାରା ଶୁଭ ଦିବସେ
ଆମ ରାଜାଙ୍କ ଶ୍ରୀଅଙ୍ଗେ
ବଘେଲ ବଂଶୀୟ ଯେତେ ଅଛ ସରଗେ
ଶୁଭ ଆଶୀର୍ବାଦ କର ବଂଶ ଗରବେ ।

Source: Author, Digitized by PPRACHIN, SOA

ନବଦୁର୍ଗେ ଲକ୍ଷ୍ମୀ ମିଳି		ନାଚୁଛନ୍ତି ଢଳିଢଳି
ଦେଖ ଏ ଦିବ୍ୟ ଶୋଭା
ମନ ହୋଇବ ଲୋଭା		ମନ ନାଚୁଅଛି ରଙ୍ଗେ
ଆସ ଗୋକୁଳଚନ୍ଦ୍ର
ମାନଧାତା ପଦ ପାଇ		ସ୍ୱର୍ଗୀୟ ବେଶେ
ଅବତରଣ କର ।
ହେ ଦାନବୀର, ଲଡ୍ଡୁକେଶ୍ୱର ଏ ଦେଶେ
ଦେଖ କୃଷ୍ଣଚନ୍ଦ୍ର ଆଜି ପାଳନ୍ତି ମହୀ
ସୁଖ, ଶାନ୍ତି, ଶିକ୍ଷା, ସ୍ରୋତ ଯାଉଛି ବହି ।”

'ଓଡ଼ିଶା ଲାଟ୍ ଡକ୍ଟର କାଟ୍‌ଜୁଙ୍କ ସଭା ଉପଲକ୍ଷେ' କବିତାରେ କବି ଆନନ୍ଦ ଚନ୍ଦ୍ର ମିଶ୍ର ଲେଖିଛନ୍ତି -

"ଅତିଥି ରାଜ ଆଜି ଆସିଛ ଦୟାବହି
ଧୀର ବୀର ବିଜ୍ଞ କେତେ ହେ ଦୁଃଖ ସହି ।
ଭାରତର ଯେଉଁ ସ୍ୱଦେଶ ଭକତ
ବହୁବାର ଯେହୁ ଦେଇଛ ରକତ ।
ତୁମେ ସେମାନଙ୍କ ସାଥେ		ଏକଇ ସୁବୀର ହୋଇ
ଗରିବ ଓଡ଼ିଆ ଦୁଃଖ		ପୁରିଲା ହେ ପରାଣେ ।
ଆସିଛ ସୁଦୟା ବହି		ନୟାଗଡ଼ କାରଣେ
ସକଳ ଏ ଦେଶର		ଅଧିବାସୀ ସମ୍ମାନେ
ଅରପେ ଭକତି		ଆନନ୍ଦ ମମେନେ
ଋତୁରାଜ ଏହା ଦେଖି		ଆସିଛି ଦୂରରୁ ବହି ।”

'ଉତ୍ସ' କବିତା ସଙ୍କଳନଟି କବିଙ୍କର ବିଭିନ୍ନ ଅନୁଭୂତିର ଏକ ମାର୍ମିକ ପରିପ୍ରକାଶ ।

'ରଣ ତାଣ୍ଡବ' (୧୯୫୧) ଏକ ମହାସମର କାବ୍ୟ । ଏହା ୧୯୫୧ ସାଲ୍‌ରେ ଓଡ଼ିଶା ଗଭର୍ଣ୍ଣମେଣ୍ଟ ପ୍ରେସ୍, ନୟାଗଡ଼ରୁ ପ୍ରକାଶିତ । ଏହା ଅମିତ୍ରାକ୍ଷର ଛନ୍ଦରେ ରଚିତ । ଏଥିରେ ନଅଗୋଟି ସର୍ଗ ରହିଛି । ପ୍ରଥମ ସର୍ଗରେ 'ଉପକ୍ରମ-୧୯୧୮-୧୯୩୯', ଦ୍ୱିତୀୟ ସର୍ଗରେ ଜର୍ମାନୀର ଯୁଦ୍ଧ ଜୁଆର ଓ ପଶ୍ଚିମ ଦେଶ ବିଜୟ, ତୃତୀୟ ସର୍ଗରେ ଆଫ୍ରିକା ଓ ପୂର୍ବ ବଲ୍‌କାନ ଯୁଦ୍ଧ, ଚତୁର୍ଥ ସର୍ଗରେ ଜାପାନର ଯୁଦ୍ଧ ଜୟ, ପଞ୍ଚମ ସର୍ଗରେ ଋଷ ଅଭିଯାନ, ଷଷ୍ଠସର୍ଗରେ ମନ୍ତ୍ରଣା ଓ ଯୁଦ୍ଧଭଙ୍ଗା, ସପ୍ତମ ସର୍ଗରେ ଜର୍ମାନୀ ପରାଜୟ, ଅଷ୍ଟମ ସର୍ଗରେ ଜାପାନ ପରାଜୟ

Source: Author, Digitized by PPRACHIN, SOA

ଓ ପୂର୍ଣ୍ଣାହୂତି ଏବଂ ନବମ ସର୍ଗରେ ଉପସଂହାର ରହିଛି । କାବ୍ୟଟିର ଆରମ୍ଭରେ କବିଭୂଷଣ ଶ୍ରୀ ମିଶ୍ର ବ୍ୟାସଦେବ, ବାଲ୍ମିକୀ ଓ କଳ୍ପନା ଦେବୀଙ୍କୁ ଆବାହନ କରିଛନ୍ତି-

"ଅବତାର ବ୍ୟାସେଦେବ ବାଲମିକୀ ସହ
କଳ୍ପନା ଦେବୀଙ୍କ ଯୋଗ୍ୟ ନନ୍ଦନ ଯୁଗଳ ।

କରବାରେ ଦୟା; ଛାଡ଼ି ଅମର ଭୂବନ
ଦିଅ ହେ ସାହାଯ୍ୟ ଏହି କାବ୍ୟ ଲିଖନରେ ।

ସ୍ୱାଗତ କଳ୍ପନା ଦେବୀ ଅଜ୍ଞାନ ନାଶିନୀ
କାବ୍ୟ-ପାଣି ବୀଣାପାଣି ସୁଯୋଗ୍ୟ ନନ୍ଦିନୀ ।

ବସ ହୃଦ ସିଂହସନ ଆନନ୍ଦ ବିଭୋଳେ
ମସ୍ତିଷ୍କ କାନନ ପୁଷ୍ପ କରି ଗୋ ଆଘ୍ରାଣ ।

ତହୁଁ ମଧୁ ସ୍ରୋତେ ଦେବୀ କର ମୁଦେ ପାନ
କରମା ସାହାଯ୍ୟ ତବ ଦୟା ମସୀ ଗାରେ
ଲେଖିବି ଏ ଗୁରୁବାକ୍ୟ ହେବ ଜଗଜ୍ଜିଣା ।"

ଏହାପରେ କବି ଦ୍ୱିତୀୟ ବିଶ୍ୱଯୁଦ୍ଧର୍ ସମସ୍ତ ଘଟଣା ଏଥିରେ ବର୍ଣ୍ଣନା କରିଛନ୍ତି । 'ରଣ ତାଣ୍ଡବ' କାବ୍ୟ କବିବର ରାଧାନାଥ ରାୟଙ୍କ 'ମହାଯାତ୍ରା' ମହାକାବ୍ୟ ଢାଞ୍ଚାରେ ଲିଖିତ । ୧୯୧୮ ମସିହାଠାରୁ ୧୯୪୫ ମସିହା ପର୍ଯ୍ୟନ୍ତ ବିଶ୍ୱର ରାଜନୀତି, ଯୁଦ୍ଧନୀତି ଓ ଇତିହାସ ଏଥିରେ ବର୍ଣ୍ଣିତ । ମୋଟ ଉପରେ କବିତ୍ୱ ଅପେକ୍ଷା ଏଥିରେ ଇତିହାସର ଘଟଣାବଳୀ ବର୍ଣ୍ଣନା ମୁଖ୍ୟପରି ମନେହୁଏ ।

'କଳ୍ପନା କୁଞ୍ଜେ' କବିତା ଗ୍ରନ୍ଥଟି ଏକ ଶତ କବିତାର ମନୋଜ୍ଞ ସମାହାର । ଏହା ୧୯୫୨ ସାଲ୍‌ରେ ଓଡ଼ିଶା ଗଭର୍ଣ୍ଣମେଣ୍ଟ ପ୍ରେସ୍, ନୟାଗଡ଼ରୁ ପ୍ରକାଶିତ । ଏଥିରେ ସ୍ଥାନିତ କେତେଗୋଟି ଉଲ୍ଲେଖଯୋଗ୍ୟ କବିତା ହେଉଛି- 'ହେ ଚିର ସୁନ୍ଦର', 'ବଡ଼ କପଟୀ ସେ', 'ନବଦୁର୍ଗ ରାଜାଙ୍କର ଅଭିଷେକ', 'ସାନ ବଡ଼ ନିଜପର', 'ସୁକ୍‌ତେଲ ତୀରେ', 'ସ୍ଥଳପଦ୍ମ', 'ଶେଫାଳୀ', 'ବିରହେ', 'ଆଜି ଖୁସୁରୁକୁଣୀ', 'କଳା ଭଅଁର', 'ସୁଷମା', 'ଉଷା', 'ବହୁରୂପା', 'ନିରାଶେ', 'ବିଜୁଳି ଅବାହନ', 'ସମାପିକା', 'ଆସ ହେ ବରଷା ତାତ', 'ଆସ ଆଶିଣ ମେଘ', 'ଭୋଦେଇ ଖରା', 'କଳ୍ପନା ସୁନ୍ଦରୀ', 'ଚିତ୍ରୋତ୍ପଳା', 'ବଲ୍ଲରୀ', 'ଚିନ୍ତା ଦେବୀ', 'ନବଦୁର୍ଗ ପରିଚୟ', 'ଆସ ମୃତ୍ୟୁ', 'ମୋର ଏଇ ଜନ୍ମଭୂମି', 'ଗୋ ଧୂଳି', 'ପଖାଳ', 'ବିଚ୍ଛେଦ', 'ପୁରୀରେ ବ୍ରାହ୍ମମୁହୂର୍ତ୍ତ', 'ମୋ ଧନ', 'ସମୁଦ୍ର କୂଳ', 'କଉତୁକୀ' ଇତ୍ୟାଦି ।

Source: Author, Digitized by PPRACHIN, SOA

'ନବଦ୍ଦୁର୍ଗ ରାଜାଙ୍କର ଅଭିଷେକ' କବିତାଟି ନୟାଗଡ଼ର ତତ୍କାଳୀନ ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କର ଅଭିଷେକ ଉଦ୍ଦେଶ୍ୟରେ ରଚିତ । କବି ଲେଖିଛନ୍ତି-

''ନାଚି ଉଠ, ଦେଶ ଭାଇ ହେ ମୋହର
କାଳ ଶୀତ ଗଲାଣି ହେ ଚଳି ଆଉ କି ଭୟ ତୁମର !

ଥୁରୁ ଥୁରୁ ହୋଇ ଅଙ୍ଗେ ଲୁଗା ଦେଇ ଆଉ କି କାଟିବା ଦିନ
ଦେଶ ପ୍ରଭୁ ଏବେ ଲେଉଟି ଅଇଲେ ଆବର ନୋହିବା ଦୀନ ।

ସୁଦିନରେ ଆଜି ହୋଇଛି ପ୍ରକୃତି ଦେଖ ହେ ବିବିଧ ବେଶ
ମଙ୍ଗଳ ସଙ୍ଗୀତ ଗାଇ ବିହଙ୍ଗମ ବୁଲୁଅଛି ଦେଶ ଦେଶ ।

\+ \+ \+

ନବଦୁର୍ଗ ଇନ୍ଦ୍ର ଏବେ କୃଷ୍ଣଚନ୍ଦ୍ର ବିହାର କରିବେ ଏଥି
ଶୋଭା ସମ୍ପଦରେ ଦୟାକ୍ଷମା ଦାନେ ଇନ୍ଦ୍ରପଦ ଦେବ ମଥି ।''

'ଶେଫାଳୀ' କବିତାରେ କବି ଶେଫାଳୀ ଫୁଲର ସୁଷମାକୁ ବର୍ଣ୍ଣନା କରିଛନ୍ତି-

''କାଶ ହାସମୟୀ ଶରଦ କନ୍ୟା
ଜ୍ୟୋସ୍ନା ରାତେ ଆଣ ପ୍ରେମ ବନ୍ୟା

ପାସୋର କି ଯିବ ମନୁ
ଦେଖି ଫେରି ଉପବନୁ

ତମର ହୀରକ ସ୍ମିତ
ଯାହା ବୁକୁ କରେ ସ୍ଥିତ

ପ୍ରବାଳ ରଙ୍ଗମିଶା ବରାଙ୍ଗ ଭଙ୍ଗୀ
ଭୁଲିବ ଭଲାକେ କହ ଚାରୁ ଅପାଙ୍ଗୀ ।''

'ସୁଖୀ କିଏ' କବିତାଟି ଇଂରାଜୀ କବି Sir Henry Wotton ଙ୍କ 'Character of a happy man' କବିତାର ଓଡ଼ିଆ ଅନୁବାଦ । ଏଠାରେ କବି ସୁଖୀ ମଣିଷ କିଏ, ତାହା ପ୍ରତିପାଦନ କରିଛନ୍ତି-

'ଅଦୃଷ୍ଟ ପଡ଼ନା ସହି ଯେ ପାପ କେବେ ନ କରେ
ମଙ୍ଗଳ ସାଧନ ଭାବ ଯା ଥାଏ ସଦା ଅନ୍ତରେ ।

Source: Author, Digitized by PPRACHIN, SOA

ପର ଶୁଭଦିନ ଦେଖି ଯେ କରେ ଅଭିବାଦନ
ସାଧୁ ସଙ୍ଗେ ବଛା ପୁସ୍ତକ ପାଠେ ଦିଅଇ ମନ ।

ଯା'ର ନାହିଁ ଉଚ୍ଚାଭିଳାଷ ଅବା ପତନ ଭୟ
ନୀଚ ହୀନ କବଳରୁ ସେ ରକ୍ଷା ପାଏ ନିଶ୍ଚୟ ।

ଈଶ୍ୱର-ଭଜନ ମନ୍ତର ଯାର ଅଟଇ ମୂଳ
ଦେବତା ଦର୍ଶନେ ଯାହାର ନାହିଁ କାଳ ଅକାଳ ।

ନିଜେ ଅଟଇ ସେ ସମ୍ରାଟ ଭୂମି ନ ଥିଲେ ଗାରେ
କିଛି ନ ଥିଲେ ହେଁ ଅଛଇଁ ସବୁ ତାହା ପାଖରେ ।''

'ରାଜକୁମାରଙ୍କ କୋକମିନା' ଗୀତଟି ଇଂରାଜୀ କବି Sir Walter Scott ଙ୍କ Lullaby of an infant chief କବିତାର ଛାୟାରେ ଲିଖିତ । 'ତୁର୍ଯ୍ୟତାନ' କବିତାଟି ସାର୍ ୱାଲଟର୍ ସ୍କଟ୍ଙ୍କର Pibroch of Donial Dhu କବିତାର ଛାୟାରେ ଲିଖିତ । 'କବିଙ୍କ ପ୍ରୀତି' କବିତାଟି R.L.Stevenson ଙ୍କ 'Romance' ଶୀର୍ଷକ କବିତା ଛାୟାରେ ଲିଖିତ । କବି ଲେଖିଛନ୍ତି-

''ସଖୀ
ପ୍ରଭାତର ପକ୍ଷୀ ଗୀତେ ରାତ୍ରିର ତାରା ଆଲୋକେ
ସଜାଇବି ତମ ବେଶ   ଦେଖି ଚମକିବେ ଲୋକେ ।

ସାଗରର ନୀଳ ଜଳେ   ସ୍ଥଳ ଭାଗେ ଶ୍ୟାମ ବନେ
ବିରଚିବି ପ୍ରାସାଦ ଗୋ   ରହିବା ଆନନ୍ଦ ମନେ ।

ଝର ଝର ନିର୍ଝରିଣୀ   ଝରେ ଯହିଁ କଳ ଗୀତେ
ଫୁଟେ ଯହିଁ ତୋଫାଫୁଲ   ଗ୍ରୀଷମ ବରଷା ଶୀତେ ।

ତାହା ତୀରେ ତିଆରିବି ନିରିମଳ ପାକଶାଳା
ବିହରିବା ଆନନ୍ଦରେ   ତହିଁ ଗୋ ବିଜନ ବେଳା ।

ରାତ୍ରିର ଶିଶିର କଣା   ପ୍ରଭାତର ବର୍ଷାନୀରେ
ପରିଚ୍ଛଦ ପରିଷ୍କାରି   ରହେ ନିର୍ମଳ ଶରୀରେ ।

ବିଜନରେ ବୁଲିବେନି   କରିବା ସଂଗୀତ ଗାନ
ଅଦ୍ଭୁତ ସେ ଯାହା କେବେ   ଶୁଣିନାହିଁ ଯାହା କାନ ।

Source: Author, Digitized by PPRACHIN, SOA

ବିସ୍ତୃତ ଏ ପଥ ପାଶ୍ୱେ ପାକ କରି ନିତ୍ୟ ଅନ୍ନ
ବୁଲି ମୋଦେ ସଖୀ ସଦା ଆନନ୍ଦେ କାଟିବା ଦିନ ।"

ସେହିପରି 'ବାରବୁଲା' କବିତାଟି R.L.Stevenson ଙ୍କ 'Vagabond' ନାମକ କବିତା ଛାୟାରେ ଲିଖିତ । କବିତାଟିରେ ବାରବୁଲାର ବକ୍ତବ୍ୟ ଏହିପରି-

''ନ ଚାହେଁ ମୁଁ ଧନରତ୍ନ ଆକାଂକ୍ଷା ସ୍ନେହ ମମତା
ବନ୍ଧୁ ଦରକାର ନାହିଁ ନ ଜାଣୁକେ ମୋର କଥା ।

ଆସୁ ଶୀତ ଦିନ ଘେନି ହେମାଳ ପବନ ସଙ୍ଗେ
ପକ୍ଷୀ ଗୀତ କରି ବନ୍ଦ ତୁହିନ ବିଞ୍ଚାଇ ରଙ୍ଗେ ।

ଆସୁ ବୈଶାଖର ଖରା ଶ୍ରାବଣର ବାରି ଧାରା
ଗୃହେ ବନ୍ଦୀ କରୁ ଜୀବେ ବିଜନ ହେଉ ଏ ଧରା ।

ତଥାପି ମୁଁ ଆନନ୍ଦରେ ବୁଲିବଇଁ ଗାଇ ଗୀତ
ଘର ମୋର ଲୋଡ଼ା ନାହିଁ ଆସୁ ଖରା ବର୍ଷା ଶୀତ ।

ଲୋଡ଼ା ମୋର ନୀଳାକାଶ ଆବାର ଏ ଦୀର୍ଘ ପଥ
ଆସ ପ୍ରିୟେ ଆନନ୍ଦରେ ହେବା ରତି ମନମଥ ।''

କବିଙ୍କର ପ୍ରତ୍ୟେକଟି କବିତା ଭିନ୍ନଭିନ୍ନ ଭାବନା ବହନ କରେ ।

କବି ଆନନ୍ଦଚନ୍ଦ୍ର ମିଶ୍ରଙ୍କ 'ଫୁଲ ଫଳ' କବିତା ସଂକଳନରେ ସତୁରି ଗୋଟି ଓଡ଼ିଆ କବିତା ଓ ଚାରିଗୋଟି ଇଂରାଜୀ କବିତା ସ୍ଥାନିତ । ଏଥିରେ ସଙ୍କଳିତ କେତେଗୋଟି ଉଲ୍ଲେଖଯୋଗ୍ୟ କବିତା ହେଉଛି- 'ହରିବନ୍ଦନା', 'ସରସ୍ୱତୀଙ୍କ ପ୍ରତି', 'ଗୋପୀଙ୍କର କୃଷ୍ଣ ପ୍ରତି', 'ଲଳିତାଙ୍କର କୃଷ୍ଣ ପ୍ରତି', 'ରାଧାଙ୍କର କୃଷ୍ଣ ପ୍ରତି', 'କୃଷ୍ଣଙ୍କର ରାଧାଙ୍କ ପ୍ରତି', 'କୌଶଲ୍ୟାଙ୍କର ଶ୍ରୀରାମ ପ୍ରତି', 'ଆକୁଳ ଡାକ', 'ଉତ୍କଳ ପ୍ରତି', 'ଆଳସ୍ୟ ପ୍ରତି', 'ଭାରତ', 'ସାର୍ ଜନ୍ ମୂରଙ୍କର', 'କରୁଣାରେ ପତନ', 'ନରପ୍ରତି', 'ଶକୁନ୍ତଳା', 'ଅସାର ସଂସାର', 'କାକାଶ', 'ମାୟା ସଂସାର', 'ବସନ୍ତ ଉଷା', 'ସାଗର', 'ଯୌବନ ପ୍ରତି', 'କାହିଁ ଚାଲିଗଲ', 'ପ୍ରେମ', 'ଦୁଃଖିନୀ', 'ଭକ୍ତି', 'ବାଣୀ', 'ଆବାହନ', 'କୀର୍ତ୍ତନ ସଂଗୀତ', 'ଜାତୀୟ ସଂଗୀତ', 'ବିଦାୟ ସଂଗୀତ', 'ସ୍ୱ ଗ୍ରାମ', 'ଜନ୍ମାଷ୍ଟମୀ', 'ଶରତ ସଚିବ', 'ଗୁପ୍ତ ପ୍ରେମ', 'ପଦସେବା', 'ନାଉରୀ', 'ଗରମ', 'ପୁରୀ ଜଗନ୍ନାଥ', '୧୯୫୫' ଇତ୍ୟାଦି । 'ଖୋରଧା ଦୁର୍ଗ' କବିତାରେ କବି ଖୋରଧାର ଅତୀତ ଗୌରବକୁ ରୋମନ୍ଥନ କରିଛନ୍ତି । ଯେପରି-

Source: Author, Digitized by PPRACHIN, SOA

''କବି ମୋର ମନ ବ୍ୟାକୁଳ ହେଉଛି
ଏ ଦୁର୍ଗ ପ୍ରାଚୀର ଦେଖି
କାହିଁଗଲେ ସେହି ଓଡ଼ିଆ ଭୂପତି
ଯାହାଙ୍କ କୀର୍ତ୍ତି ବିରାଜେ ଅଦ୍ୟାପି
ସେହୁ ଚାଲିଗଲେ ନିଜ କୃତ କୀର୍ତ୍ତି
ଗଲେ ଏଥି ଏହା ରଖି ।

ନାହିଁ ଆରେ ଭାଇ ପୂର୍ବ ସୌଧମାନ
ନାହିଁତରେ ଆଉ ସେପରି ଉଦ୍ୟାନ ।
ଗଡ଼ ଅବଶେଷ ରହିଅଛି ଅରଜି
କର୍ତ୍ତାଙ୍କର ଯଶ ରଖି ।''

'ବସନ୍ତ ଉଷା' କବିତାରେ କବିଙ୍କର ପ୍ରକୃତି ପ୍ରାଣତା ପ୍ରକଟିତ ହୋଇଛି । ବସନ୍ତର ମନୋରମ ଉଷା କବି ଲେଖନୀରେ ସ୍ଥାନ ପାଇଛି-

''ଦେଖ ଦେଖ ଏବେ ପାଇଲା ଘୋର ନିବିଡ଼ ନିଶା
ସବୁ ଦୁଃଖ ଶେଷ ହୋଇଲା ମନେ ଆସେ ଭରସା ।

ଦେଖ ଏଇ ପ୍ରାଚୀନ ନଗରୀ ଦିଶେ ଅତି ସୁନ୍ଦର
ଆକାଶ ପୃଥିବୀ ଦିଶଇ ଆହା କି ମନୋହର ।

ତାରା ଗ୍ରହେ ଲୀନ ହେଲେଣି ଊର୍ଦ୍ଧ୍ୱ ଆକାଶ ଦେଶ
ଖବର ଉଦେ ହୁଏ ତପନ ଆହା କେଡ଼େ ଉଲ୍ଲସେ ।

ପ୍ରଭାତେ କୋକିଳ ବସିଣ ଗଛ ଡାଳରେ ମୁଦେ
କୁଉ, କୁଉ, କୁଉ ରାବଇ ସ୍ପଷ୍ଟ ପଞ୍ଚମ ନାଦେ ।''

ଏହି ସଙ୍କଳନରେ ଚାରିଗୋଟି ଇଂରାଜୀ କବିତା ମଧ୍ୟ ରହିଛି । ସେଗୁଡ଼ିକ ହେଉଛି, 'Beauty', 'A fare well', 'love' ଏବଂ 'where is that time' । 'ନାଉରୀ' କବିତାଟିରେ କବି ନାଉରୀକୁ ସାହା ଭରସା କରିଛନ୍ତି । ତେଣୁ କବି ଗାଇଛନ୍ତି-

''ନାଉରୀ ! ମୋତେ କର ନଈପାରି
କୂଳ ନାଇଁ, ଥଳ ନାଇଁ
ଖେଳେ ଜଳ ଭଉଁରୀ ।
ଆସେ ନଇଁ ସଞ୍ଜ କଇଁ
ଘୋଟେ ନିଦ କାଉଁରୀ ।

Source: Author, Digitized by PPRACHIN, SOA

ଝଡ଼ ଆସେ ଝଞ୍ଜା ବହେ
ତୁରେ ଯାଆ ନା ହାରି
ସାହା ତୁହି ବାହା ତୁହିଁ
ବାହା ନ କର ଡେରି ।''

'ଗଡ଼ଜାତୀ' କବିତାରେ କବି ଆନନ୍ଦଚନ୍ଦ୍ର ମିଶ୍ର ଚିର ନିଷ୍ପେସିତ ଗଡ଼ଜାତୀ ପ୍ରଜାମାନଙ୍କୁ ଜାଗି ଉଠିବା ପାଇଁ ପ୍ରେରଣା ଦେଇଛନ୍ତି-

''ହେ କଙ୍କାଳ ! ହସ କିରି କିରି ହସ ଆଜି
ପୂର୍ବରାତିର ଦୁର୍ଗପ୍ରାଚେରୀ ଦେଖରେ ପଡ଼ିଚି ଭାଜି ।

ଉଠରେ ଦର୍ପେ, ପତନ, ସର୍ପେ, ଦେଖା ତୋ ଚେତନା ଯଷ୍ଟି
ତ୍ରିରଙ୍ଗ ପତାକା ଉର୍ଦ୍ଧ୍ୱେ ଉଡାଇ ଟେକରେ ବଜ୍ର ମୁଷ୍ଟି ।''

'ବାପୁଜୀ' କବିତାଟି କବିଙ୍କର ଏକ ଉତ୍କୃଷ୍ଟ ସର୍ଜନା । ଏଥିରେ କବି ବାପୁଜୀଙ୍କୁ ଶ୍ରୀକୃଷ୍ଣଙ୍କ ସହ ତୁଳନା କରିଛନ୍ତି । କିନ୍ତୁ ବାପୁଜୀଙ୍କ ଅକାଳ ବିୟୋଗ କବିଙ୍କ ମନରେ ଘୋର ସନ୍ତାପ ସୃଷ୍ଟି କରିଛି । ବାପୁଜୀଙ୍କ ପ୍ରତି କବିଙ୍କର ଭକ୍ତି ଅର୍ଘ୍ୟ ନିମ୍ନୋକ୍ତ ଭାବରେ ପ୍ରତିପାଦିତ-

''ବାପୁଜୀ ପୂଜିବାକୁ ତବ ପୟର
ବାରେ ହେବାକୁ ଜନ୍ମେ ଭୃତ୍ୟ କୋୟର

ଦର୍ଶନ ଲଭିବାକୁ ଶେଷକୁ ଥରେ
ଭାବିଥିଲି ଆଜି ମୋ ଜୀବନ ଥରେ ।

ସବୁ ହୋଇଲା ସପନ
ଏପରି ଦୁର୍ଦ୍ଦିନ ଆସିବ ଏପରି କାର ଭାବିଥିଲା ମନ ହେ ।

କୃଷ୍ଣ ଜନ୍ମ ସ୍ଥଳ ଯମୁନା କୂଳେ
ଦ୍ୱାରକାରେ ମୃତ୍ୟୁ ସିଆରି ମୂଳେ

ତମର ଜନମ ଦ୍ୱାରକା ପାଖେ
ଶେଷ ନିଦ୍ରା ହେଲା ଯମୁନା କାଖେ

ତମେ ଛଦ୍ମବେଶୀ କୃଷ୍ଣ ହେ
ମୋହନ ମୁରଲୀ ଅହିଂସା ମନ୍ତର ପାପ କରିଦେଲା ଭସ୍ମ ହେ ।'' ॥

Source: Author, Digitized by PPRACHIN, SOA

କବି ଭୂଷଣ ଆନନ୍ଦଚନ୍ଦ୍ର ମିଶ୍ର 'ଚନ୍ଦ୍ରାବତୀ' ଓ 'ରତ୍ନାଞ୍ଜଳୀ ରତ୍ନାକର' ନାମକ ଦୁଇଗୋଟି କାଳ୍ପନିକ କାବ୍ୟର ସ୍ରଷ୍ଟା ଅଟନ୍ତି ।

କବିଭୂଷଣ ଆନନ୍ଦ ଚନ୍ଦ୍ର ମିଶ୍ର ନୟାଗଡ଼ର ଗର୍ବ ଓ ଗୌରବ । ତାଙ୍କର ସର୍ଜନଶୀଳତାର ପଟାନ୍ତର ନାହିଁ । ତାଙ୍କର ଅଧିକାଂଶ କାବ୍ୟଗ୍ରନ୍ଥ ନୟାଗଡ଼ ଷ୍ଟେଟ୍ ପ୍ରେସ୍‌ରୁ ପ୍ରକାଶ ପାଇଛି । ନୟାଗଡ଼ର ମହାନୁଭବ ରାଜା ଶ୍ରୀ କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କ ପୃଷ୍ଠପୋଷକତା ଲାଭ କରି କବି ଆନନ୍ଦଚନ୍ଦ୍ର ମିଶ୍ର ଓଡ଼ିଆ ସାହିତ୍ୟକୁ ଉଭୟ ଗୁଣାତ୍ମକ ଦୃଷ୍ଟିରୁ ଏବଂ ପରିମାଣାତ୍ମକ ଦୃଷ୍ଟିରୁ ସମୃଦ୍ଧ କରିଛନ୍ତି ।

ପୂର୍ଣ୍ଣଚନ୍ଦ୍ର ଶୂରଦେଓ (୧୯୧୭-୨୦୦୫)

ଓଡ଼ିଶାର ଖ୍ୟାତନାମା ନାଟ୍ୟଶିଳ୍ପୀ ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ ସୁପୁତ୍ର ପୂର୍ଣ୍ଣଚନ୍ଦ୍ର ଶୂରଦେଓ ସାହିତ୍ୟିକ ଭାବରେ ସୁପରିଚିତ । ସେ ଚିତ୍ରକଳା ଓ ସାହିତ୍ୟର ନିଷ୍ଠାପର ପୂଜାରୀ । ସାହିତ୍ୟକୁ ଆନ୍ତରିକ ଭାବରେ ଭଲ ପାଇବାର ପ୍ରବୃତ୍ତିଟିକୁ ସତେଯେପରି ସେ ତାଙ୍କ ପିତାଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ଲାଭ କରିଥିଲେ । ପୂର୍ଣ୍ଣଚନ୍ଦ୍ର ଶୂରଦେଓ ଚିତ୍ରଶିଳ୍ପୀ ଭାବରେ ମଧ୍ୟ ଖ୍ୟାତି ଅର୍ଜନ କରିଛନ୍ତି । ଓଡ଼ିଶା ଲଳିତକଳା ଏକାଡ଼େମୀ ତରଫରୁ ଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ଶୂରଦେଓଙ୍କୁ ସମ୍ମାନିତ କରାଯାଇଛି । ଜୀବନ ଓ ଜଞ୍ଜାଳରେ ସେ ଥିଲେ କଳାଶିକ୍ଷକ । ପାରମ୍ପରିକ ଚିତ୍ରକଳା ଶୈଳୀରେ ପ୍ରକୃତିର ଅଧ୍ୟୟନ, ପୋଟ୍ରେଟ୍ ଅଙ୍କନରେ ସେ ଥିଲେ ସିଦ୍ଧହସ୍ତ । ତୈଳଚିତ୍ର ଅଙ୍କନରେ ମଧ୍ୟ ସେ ବେଶ୍ ପାରଦର୍ଶିତା ଲାଭ କରିଥିଲେ ।

ପୂର୍ଣ୍ଣଚନ୍ଦ୍ର ଶୂରଦେଓଙ୍କ ସର୍ଜନଶୀଳ ପ୍ରତିଭା କେବଳ ତୂଳୀର ମୁନରେ ସୀମିତ ନ ଥିଲା । ପିତାଙ୍କର ଉତ୍ତରାଧିକାର ସୂତ୍ରରେ ସାହିତ୍ୟ ସର୍ଜନାରେ ମଧ୍ୟ ସେ ତାଙ୍କର ଯଥାସାଧ୍ୟ ପ୍ରତିଭା ପ୍ରଦର୍ଶନ କରିଛନ୍ତି । ପୂର୍ଣ୍ଣଚନ୍ଦ୍ର ଶୁରଦେଓ ମୁଖ୍ୟତଃ କବି । ତାଙ୍କର କବିତାଗ୍ରନ୍ଥ ମଧ୍ୟରେ ରହିଛି- (୧) ଦକ୍ଷିଣକାଳୀଙ୍କ ମାହାତ୍ମ୍ୟ, (୨) ମାନସୀ, (୩) ଜଗତ୍‌ଜନନୀ ମା' ଦକ୍ଷିଣକାଳୀ ଏବଂ (୪) ସମୟର ପୂର୍ଣ୍ଣଚ୍ଛେଦ । ଦକ୍ଷିଣକାଳୀଙ୍କ ମାହାତ୍ମ୍ୟ ଶୂରଦେଓଙ୍କ ପ୍ରଥମ ରଚନା । ଏଥିରେ ନୟାଗଡ଼ର ଆରାଧ୍ୟଦେବୀ ଦକ୍ଷିଣକାଳୀଙ୍କ ଇତିହାସ ଓ ମାହାତ୍ମ୍ୟ ବର୍ଣ୍ଣନା କରାଯାଇଛି । ନୟାଗଡ଼ର ରାଜା ଲଡ୍ଡୁକେଶ୍ୱର ସିଂହ ମାନଧାତାଙ୍କ ରାଜତ୍ୱକାଳରେ ବିଧାର ସାମନ୍ତ ନାମକ ଦେବୀ ସାଧକ କିପରି ମା' ଦକ୍ଷିଣକାଳୀଙ୍କୁ ଖଣ୍ଡପଡ଼ା ଗଡ଼ରୁ ଆଣି ନୟାଗଡ଼ରେ ପ୍ରତିଷ୍ଠା

Source: Author, Digitized by PPRACHIN, SOA

ମା' ଦକ୍ଷିଣକାଳୀ

କରାଇଲେ, ତାହା ଏଥିରେ ବର୍ଣ୍ଣିତ । କବି ପୂର୍ଣ୍ଣଚନ୍ଦ୍ର ଶୂରଦେଓ ଦକ୍ଷିଣକାଳୀଙ୍କ ନାମର ଯଥାର୍ଥତା ପ୍ରତିପାଦନ କରିବାକୁ ଯାଇ ଲେଖିଛନ୍ତି-

"ସମସ୍ତଙ୍କୁ ଦିଏ ଦକ୍ଷିଣାସ୍ୱରୂପ
ଧର୍ମ, ଅର୍ଥ, କାମ, ମୋକ୍ଷ
ତେଣୁ ତାର ନାମ ଦକ୍ଷିଣକାଳୀକା
ମୃତ୍ୟୁ ନିବାରିଣୀ ସଖ୍ୟ ।"

'ଦକ୍ଷିଣକାଳୀ ମାହାତ୍ମ୍ୟ' ଏକ ବର୍ଣ୍ଣନାଧର୍ମୀ କବିତା । କବି ପୂର୍ଣ୍ଣଚନ୍ଦ୍ର ଶୂରଦେଓଙ୍କର ଆଦ୍ୟ ପ୍ରତିଭାର ଏହା ଏକ ନିଦର୍ଶନ । 'ମାନସୀ' କବିତା ସଙ୍କଳନଟି କବି ଶୂରଦେଓଙ୍କ ବିକାଶୀଳ ପ୍ରତିଭାର ସଙ୍କେତ ବହନ କରେ । ୧୯୮୯ ମସିହାରେ ଏହା ପ୍ରକାଶ ପାଏ । ଏହା ଏକ ଆଧୁନିକ କବିତା ସଙ୍କଳନ । ଏଥିରେ ପଞ୍ଚତିରିଶିଗୋଟି କବିତା ରହିଛି । ଏହି କବିତା ଗୁଡ଼ିକରେ କବିଙ୍କର ଭାବାବେଗ ଗଭୀର ଭାବରେ ଉପଲବ୍‌ଧ । 'ଆଜିର କଥା', 'ମନର ବ୍ୟଥା', 'ଚାଲିଛି ଯେ ପଥେ', 'ଅନୁତାପ', 'ସତେ ସଖି', 'ପ୍ରେମର ମିଳନ', 'ଅଭିମାନ', 'ଅଶ୍ରୁ', 'ପଲ୍ଲୀଧାରେ', 'ଅନୁରାଗ', 'ଜୀବନ ସଉଦା', 'ବିରହିଣୀ', 'ମିଳନ', 'ପ୍ରକୃତଦାନ' ପ୍ରଭୃତି କେତୋଟି ସାର୍ଥକ କବିତା ଏଥିରେ ରହିଛି । କବି ପୂର୍ଣ୍ଣଚନ୍ଦ୍ର ଶୂରଦେଓ ଜଣେ ଦରଦୀପ୍ରାଣ ସ୍ରଷ୍ଟା । ସମାଜର ଅବହେଳିତ ମନୁଷ୍ୟ ଜାତି ପ୍ରତି ତାଙ୍କର ଗଭୀର ଦରଦ ରହିଛି । କବି ମାୟାଧର ମାନସିଂହଙ୍କ ପରି ସେ ଜୀବନର ସମସ୍ତ ଦୁଃଖ ଓ ଅଶ୍ରୁ ମଧ୍ୟରେ ପ୍ରେମାନୁଭୂତିକୁ ଶ୍ରେଷ୍ଠ ସିଦ୍ଧି ବୋଲି ସ୍ୱୀକାର କରିଛନ୍ତି । 'ସତେ ସଖି' କବିତାରେ କବିଙ୍କର ଅନ୍ତର୍ବେଦନା ପ୍ରତିଫଳିତ-

"ସେଦିନ ତୁମରି ପ୍ରଣୟ ଅର୍ଚ୍ଚନା ପାଇଁ ଗୋ
ଯାଇଥିଲି ତୁମ ଅଭିସାର କୁଞ୍ଜେ ଧାଇଁ ଗୋ ।
କଳାମେଘ ତଳେ ଚାନ୍ଦ ନିରେଖି
ଚାହୁଁଥିଲ କନକନ ଗୋ
ଭିଡ଼ିଥିଲି ସଖି ବାହୁ ବନ୍ଧନେ
ହେଉଥିଲ ଛନଛନଗୋ ।

Source: Author, Digitized by PPRACHIN, SOA

ପ୍ରେମ ରଙ୍ଗମଞ୍ଚେ ତୁମେ ଆଉ ମୁଁ ସଖି ଗୋ
ଅଭିନୟ ପରେ ଯବନିକା ଥିଲା ବାକି ଗୋ
ଭୁଲିଗଲ ମୋତେ ନୂଆ ସାଥୀ ପାଇ
ଚାଲିଗଲ ସାଥେ ସାଥେ ଗୋ ।

ମୁଁ ପ୍ରେମ ସନ୍ନ୍ୟାସୀ ବେଶ ସାଜି ବୁଲେ
ସଂସାର ପଥେ ପଥେ ଗୋ
ଯେତେ ଦୂରେ ରୁହ ଦୁଃଖ ନାହିଁ ମୋର ଆଉ ଗୋ
ସ୍ନେହାକର୍ଷଣ ଜୀବନେ ଏତିକି ଥାଉ ଗୋ ।

ନୟନୁ ଅଶ୍ରୁ ନିଗାଡ଼ିବି ନାହିଁ
ଅତୀତକୁ ଚାହିଁ ଚାହିଁ ଗୋ
ରାଜପଥ ନିତି ବୁଲିବି
ତୁମ ଆଗମନୀ ଗୀତ ଗାଇ ଗୋ ।''

'ପ୍ରାଚୀନ' କବିତାରେ କବି ଆଦ୍ୟଯୌବନର ଏକ ମଧୁକ୍ଷରା ସ୍ମୃତିକୁ ରୋମନ୍ଥନ କରିଛନ୍ତି-

''ଏଇତ ସେଦିନ ବର୍ଷା ମୁଖର ରାତେ
କାଲିପରି ଲାଗେ ପ୍ରତେ
ଆସିଥିଲା ଯେବେ ସୁନ୍ଦରୀ ଏକ ଆର୍ଦ୍ର ବସନ ପିନ୍ଧି
ଦରହାସ ମୁଖେ ସରମିତ ଭାବ ଥିଲା
ହସ୍ତେ ଶୋଭିତ ମାଳତୀ କୁସୁମ ମାଳା
ରକ୍ତରେ ଥିଲା ଉଗ୍ର ତାରୁଣ୍ୟ ତାତି
ବରଷା ରାତି ଉଠିଥିଲା ସେବେ ମାତି
ଥଣ୍ଡା ପବନ ସ୍ପନ୍ଦନ ଜାଗିଥିଲା
ଯୌବନ ତାର ଆର୍ଦ୍ର ବସନେ
ଉନ୍‌ମାନେ ହସୁଥିଲା ।''

'ବିରହିଣୀ' କବିତାଟି କବିଙ୍କର ପ୍ରେମୋଚ୍ଛଳ ଅନୁଭବର ଏକ ରସସିକ୍ତ ଅଭିବ୍ୟକ୍ତି । କବି ଏଥିରେ ବିହରିଣୀ ପ୍ରିୟାର ସନ୍ଦେଶ ପାଇଁ ବେଶ ବ୍ୟାକୁଳତା ପ୍ରକାଶ କରିଛନ୍ତି ।

Source: Author, Digitized by PPRACHIN, SOA

ଯେପରି-

"ଚୋରା ବସନ୍ତରେ କହି ପାରିବୁକି
ପ୍ରିୟତମା ମୋର କିପରି ଅଛି
ଫଗୁଣ ସଞ୍ଜରେ ମାଧବୀ କୁଞ୍ଜରେ
ପଚାରୁ ଥିଲା କି ମୋ କଥା କିଛି ?

ଆସୁ ଆସୁ ତାକୁ ନିରୋଳା ସଞ୍ଜରେ
ଦେଖୁଥିବୁ ତାକୁ ଚୋରା ବସନ୍ତ
ଚମ୍ପକ ବରନା ତନୁ ତଳେ ଲୁଚି
ଭିଡ଼ାଇଥିବ ତା' ନୀଳ ପଣତ ।

ଥରି ଉଠୁଥିବ କନକ ବରନା
ଛନ ଛନ ହୋଇଥିବ ତା' ମନ ।
ତୁମ ମୃଦୁମଧୁ ଚୋରା ପରଶରେ
ଶିହରି ଥିବ ତା' କୋମଳ ପ୍ରାଣ ।

ରଚିଥିବ ତୁମେ ଯୌବନ ବିଳାସ
ଖସାଇଥିବ ତା' ସ୍ତନ ଉତ୍ତରୀ
ଦେଖିଥିବ ତାର ଯୁଗଳ ଉରଜ
ଖେଳିଥିବ ସେଠି ଚକାଭଉଁରୀ ।

ବିରହିଣୀ ପ୍ରିୟା ମନ ତଳେ ତୁମେ
ଛୁଇଁ ଦେଇଥିବ ପ୍ରୀତି କାଉଁରୀ
ଖଞ୍ଜରୀଟ ଦୃଶା ଭଞ୍ଜ ଚଉପଦୀ
ଗାଇଥିବ ମନେ ବେଦନା ଭରି ।"

ଏହି କବିତାଟି ପାଠକଲେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ 'ବନ୍ଦୀର ସ୍ୱଦେଶ ଚିନ୍ତା' କବିତାଟି ମନେ ପଡ଼ିଯାଏ । କବିଙ୍କର 'ଜୀବନ ସଉଦା' କବିତାଟି ତାଙ୍କର ପ୍ରଣୟ ଭାବନାର ମୂର୍ତ୍ତ ରୂପ । ଏହା ମାନସିଂହଙ୍କ କବିତାର ଢାଞ୍ଚାରେ ଲିଖିତ । କବି ଲେଖିଛନ୍ତି-

"ଏହି ସହକାର କୁଞ୍ଜେ
କହିଥିଲ ପ୍ରିୟ ଅସିବାକୁ ପରା
ଫଗୁଣ ମଳୟ ସଞ୍ଜେ ।

Source: Author, Digitized by PPRACHIN, SOA

ଚାଲିଯିବ ତୁମେ କେଉଁ ଦୂର ଦେଶେ
ପର କରି ମୋତେ ଆଜି
ଗଢ଼ିଥିଲ ଯେଉଁ ଆଶାର ସଉଧ
ନିମିଷକେ ଗଲା ଭାଜି ।

ସେଦିନ ଫଗୁଣ ସଞ୍ଜେ
ଜୀବନ ସଉଦା ବାଢ଼ିଲା କାହିଁକି
ମୋ ଲାଗି ମାଧବୀ କୁଞ୍ଜେ ।

× × ×

ଆଶା ନାହିଁ ଆଉ ପ୍ରେମ ରଙ୍ଗମଞ୍ଚେ
କରିବାକୁ ଅଭିନୟ
ବୁଝିଲି ମୁଁ ଆଜି ଭଲ ପାଇବାର
ଶେଷଫଳ ବିଷମୟ

ଆସିବ ଯେବେ ଗୋ ଫେରି
ଲିଭାଇ ଦେବ ଗୋ ଭସ୍ମ ଚିତାକୁ
ଅଶ୍ରୁ ବର୍ଷଣ କରି ।''

'ମିଳନ' କବିତାଟିରେ କବିତାର ମାର୍ମିକ ଆବେଦନ ହେଉଛି ପ୍ରେମ ଓ ମିଳନ ।

ପ୍ରୀତିଛଳ ଛଳ ହୃଦୟରେ କବି ଗାଇଛନ୍ତି-

''ବାସର ମିଳନ ରାତି
ଆସ ପ୍ରିୟା ଆସ .ବାସର ଶେଯେ ଗୋ
ପାହି ଆସିଲାଣି ରାତି ।

ଲିଭି ଲିଭି ଆସେ କ୍ଷୀଣ ଦୀପ ଶିଖା
କୁହ ତାରେ ସାକ୍ଷୀ ରଖି
ସ୍ୱାମୀ ଗୁରୁ ସ୍ୱାମୀ ପରଂବ୍ରହ୍ମ ନିଜେ
ଭୁଲିଯିବ ନାହିଁ ସଖି ।

ମଧୁମୟ ଏଇ ବାସର ରଜନୀ
ପାହି ଯାଉଅଛି ସହୀ
ସ୍ୱାମୀ ରୂପ ଛବି ନେତ୍ର ତୁଳିକାରେ
ଆଙ୍କି ନିଅ ରଙ୍ଗ ଦେଇ ।

Source: Author, Digitized by PPRACHIN, SOA

ଲାଜକୁଳି ପ୍ରିୟା ମଥାପୋତି କିଆଁ
ବସିଛ ଗୁମାନ କରି
ଖୋଲିଦିଅ ତୁମ ମୁଖର ଓଢ଼ଣା
ଚାହଁ ମୋତେ ଜବାଧରୀ ।

× × ×

ଅତୀତର ସେଇ ଅଲିଭା ସ୍ମୃତିକୁ
ଅନ୍ତରୁ ପୋଛି ଦିଅ
ମଧୁମୟ ଏଇ ବାସର ସ୍ମୃତିକୁ
ମନତଳେ ଆଙ୍କିନିଅ ।

ମଧୁର ବସନ୍ତେ ମଧୁମୟ ସୃଷ୍ଟି
ମଧୁମୟ ଏ ରଜନୀ
ଜୀବନର ଏଇ ନିବିଡ଼ ବନ୍ଧନ
ଚିର ଦିନ ଥାଅ ରାଣୀ ।

ଏ ମଧୁ ବାସର ରଜନୀରେ ପ୍ରିୟା
କି ଅଛି କି ଦେବି କୁହ
ସ୍ନେହ ପ୍ରେମଠାରୁ ଜଗତରେ ରାଣୀ
ଆଉ କିଛି ବଡ଼ ନୁହଁ ।

ଆସ ରାଣୀ ଆସ ଦିଗମ୍ବରୀ ବେଶେ
ଲଜ୍ୟା ତେଜି ମନୁ ଥରେ
ଫୁଲ ଶଯ୍ୟାପରେ ତନୁ ପାରିବା ଗୋ
ତୁମେ ଓ ମୁଁ ଏକାଧାରେ ।''

'ମାନସୀ' କବିତା ସଂକଳନ ସମ୍ପର୍କରେ କବି ସଚ୍ଚିଦାନନ୍ଦ ରାଉତରାୟ ମତ ଦିଅନ୍ତି- ''ମାନସୀ କବିତା ସଂକଳନଟିର ଅନ୍ତର୍ଗତ କେତେକ କବିତାରେ କବିଙ୍କର ଆବେଗ ଓ ପ୍ରକାଶ ଭଙ୍ଗୀ ରସୋତ୍ତୀର୍ଣ୍ଣ ହୋଇପାରିଛି । କବିଙ୍କର ଭାଷା ସାବଲୀଳ, ...ଳୁ ଏବଂ ପରିଚ୍ଛନ୍ନ । କବିତା ଗୁଡ଼ିକ କ୍ଲିଷ୍ଟତା ଓ ଦୁର୍ବୋଧତାରୁ ମୁକ୍ତ ହୋଇଥିବାରୁ ସବୁ ଶ୍ରେଣୀର ପାଠକ ପାଠିକାଙ୍କୁ ଆନନ୍ଦ ଦେବାକୁ ସକ୍ଷମ ହେବ ବୋଲି ମନେହୁଏ ।''

Source: Author, Digitized by PPRACHIN, SOA

କବିଙ୍କର 'ସମୟର ପୂର୍ଣ୍ଣଛେଦ' କବିତା ଗ୍ରନ୍ଥରେ ତେପନ ଗୋଟି କବିତା ସ୍ଥାନିତ । ଏଥିରେ 'ଜଗନ୍ନାଥଙ୍କୁ' ଠାରୁ 'ଏକାକୀ କବି' ପର୍ଯ୍ୟନ୍ତ ବିଭିନ୍ନ ଭାବାବେଗର କବିତା ସଂକଳିତ । 'ଅସ୍ତସୂର୍ଯ୍ୟ' କବିତାରେ କବି ପୁଣ୍ୟଶ୍ଳୋକ ଗୋପବନ୍ଧୁଙ୍କର ମଧୁର ସ୍ମୃତିକୁ ରୋମନ୍ଥନ କରିଛନ୍ତି-

''ହେ ନିଖିଳ ନୟନର ତାରା
ତୁମର ତ ପଟାନ୍ତର ଇତିହାସେ ନାହିଁ
ଓଡ଼ିଆର ନଭୋମଣି ହେ ପ୍ରିୟ ମୁକ୍ତିର ତରଣୀ
ଏ କଥା ବି ତୁମେ କି ଜାଣନା ?
ସବୁ ଗଜ କପାଳରେ ମୁକୁତା ଥାଏନା
ସବୁ ନିମ ଗଛରେ ବି ମଳୟର ଚନ୍ଦନ ରହେନା
କୋଟି ପ୍ରାଣବନ୍ଧୁ ହେ ଗୋପବନ୍ଧୁ !
ତମସାର ସାଥୀ ହେ ସାରଥୀ
ତ୍ୟାଗ ଆଉ ପ୍ରତୀକ୍ଷାର ହେ ମହାସିନ୍ଧୁ ।''

'ତୁମ ପ୍ରତିଭାକୁ' କବିତାରେ କବି ଶୂରଦେଓ ପଣ୍ଡିତ ଗୋଦାବରୀଶ ମହାପାତ୍ରଙ୍କର ସାରସ୍ୱତ ପ୍ରତିଭାର ନିରାଜନା କରିଛନ୍ତି । ଗୋଦାବରୀଶଙ୍କ ପ୍ରତିଭା ପୂଜାରେ ଅବହେଳା ଲକ୍ଷ୍ୟକରି କବି ଗାଇଛନ୍ତି-

''ତୁମ ପ୍ରତିଭାକୁ ଚିହ୍ନିବା
ଆଉ ଚିହ୍ନାଇବାର ପାଇଁ
ଏ ଦେଶରେ କାହିଁ ଜନ୍ମ ହୋଇଚି ବୋଲି
ନିଃଶ୍ୱାସ ଖାଲି ମାରିବାର ବେଳେ
ବିଶ୍ୱାସ ମୋର ନାହିଁ
ପଚାଶ ବର୍ଷ ଧରି
ଏକ ସାହିତ୍ୟର
ଯେଉଁଭଳି ସେବା ସାଧନା ଯାଇଛ କରି
ତମର ଶ୍ରଦ୍ଧା ଶ୍ରାଦ୍ଧର ବେଳେ
ଗୁମୁରି ଉଠୁଛି କେବଳ ବେଦନା ବିଦ୍ଧ ପ୍ରାଣର
ଆକୁଳ ବାଣୀ କାହିଁକି କାହିଁକି
କଅଣ ପାଇଁକି ସବୁ ପାରୁଥିବ ଜାଣି

Source: Author, Digitized by PPRACHIN, SOA

ବାଣୀ ମୂଳକର ବାଣୀ ସେବକ ମୁଁ
ତବ ପ୍ରତିଭାର ଅବହେଳା ପାଇଁ ଅପଚାର ପାଇଁ
ହୃଦୟ ହେଉଛି କାହିଁକି କେଜାଣି ହାଣି ।''

'କିଏ ନାରୀ' କବିତାରେ କବି ନାରୀର ପ୍ରକୃତ ସ୍ୱରୂପକୁ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି-

''ଦେବତାର ହାଡ଼ଗଢ଼ା ନୁହେଁ କେଭେ ନାରୀ
ପୁରୁ ଗଢ଼ିଛି ତାକୁ ସୌନ୍ଦର୍ଯ୍ୟ ସଞ୍ଚାରି
କବିର ଭାବନା ରାଶି ଉଛୁଳେ ଅନ୍ତରେ
ନିରେଖି ଚାହିଁଲେ ସଖୀ ମୁରୁକି ହସରେ ।
ଅରପି ନାରୀଠାରେ କି ନୂତନ ମହିମା
ଅମର କହିଛି ଶିଳ୍ପୀ ତାହାରି ପ୍ରତିମା
କେତେ ରଙ୍ଗ ଢ଼ଙ୍ଗ ତାର ବେଶର ଭୂଷଣ
ପ୍ରିୟ କରେ ଯାଚି ହୋଇ କରେ ଅରପଣ
ବସନ୍ତ ବନେକି ଭାସି ଆସେ ସଜ ଫୁଲ
କିରଙ୍ଗେ ରଙ୍ଗାଏ ଶିଳ୍ପୀ କରି ସମତୁଲ
ତା'ର ଦେହରେ ରଖି ଲଜ୍ଜା ଆବରଣ
ଭରା ଯଉବନ ତା'ର କରିଛି ଗୋପନ ।
ଜାଗିଛି ସେ ନାରୀଠାରେ ପ୍ରେମିକ ବାସନା
ଅର୍ଦ୍ଧେକ ମାନବୀ ସେହୁ ଅର୍ଦ୍ଧେକ କଳ୍ପନା ।''

ଏହା ରବୀନ୍ଦ୍ରନାଥ ଠାକୁରଙ୍କ ଏକ ଅନୂଦିତ କବିତା ।

'ଧୂସର ସନ୍ଧ୍ୟା' କବିତାରେ କବିଙ୍କର ଅନୁଭବ ଏହିପରି-

''ଅସମାପ୍ତ ସ୍ମୃତିର ସାଗରେ
ମୁଁ ଯେ ଏକ କ୍ଳାନ୍ତ ନାବିକ
ଲୁହ ଲୁହ ମୋର ଯାଏ ବହି
ସାଗର କି ରଖେ ତା' ହିସାବ ?

ମୋ ଆଖିର ଅସରନ୍ତି ଲୁହେ
ଭିଜେ ଯଦି ସାରା ସାଗରଟା

Source: Author, Digitized by PPRACHIN, SOA

ସେଇ ଏକା ମୋର ଆଶ୍ୱାସନା
ସେଇ ମୋର ଏକଇ କାମନା ।''

'କବିତା ଓ ଜୀବନ' କବିତାରେ କବିଙ୍କର ପ୍ରତିପାଦ୍ୟ ବିଷୟ ହେଉଛି-

''ଦୁଃଖରେ ସନ୍ତୁଳିତ ନ ହେଲେ
ଲୁହକୁ କାଳି ନ କଲେ
କଲମ ମୁନରୁ ଧରା ଦିଏନି କବିତା
ଟୋପା ଟୋପା ରକ୍ତକୁ ଭୂଇଁରେ ନିଗାଡ଼ି ନ ଦେଲେ
ବିନ୍ଦୁ ବିନ୍ଦୁ ଲୁହରେ କଲମ ନ ଭିଜିଲେ
ଫୁଟେ ନାହିଁ କବିତାର କଅଁଳ ଫୁଲ ।
ସୁଖ ସକାଳର କଅଁଳ ଖରା ପରି
ମୁହୂର୍ତ୍ତକ ଭିତରେ ଯିଏ ପାଲଟିଯାଏ ଧାରୁଆ ଛୁରୀ
ତା'ପରେ ତ ଦୁଃଖ ଆଉ ଦୁଃଖ
ଏଇଠି ଦୁଃଖ ସହିତ ସାଲିସ କରି ନୁହେଁ
ଲଢ଼େଇ କରି ବଞ୍ଚିବା ହିଁ ଜୀବନ ।"

'ମରୀଚିକା' କବିତାରେ କବି ପୂର୍ଣ୍ଣଚନ୍ଦ୍ର ଶୂରଦେଓ ନିଜର ଏକ ସ୍ୱତନ୍ତ୍ର ଅନୁଭବକୁ ନିମ୍ନ ପଦପନ୍ତିରେ ପ୍ରତିପାଦନ କରିଛନ୍ତି-

''ସ୍ୱପ୍ନର ରାଜ୍ୟରେ ବୁଲୁଥିବା ବେଳେ
ତୁମକୁ ଭେଟି ଥିଲି
ଠିକ୍ ଏକ ଦିଗ୍‌ବଳୟ ପରି ।

ମନର ମନ୍ଦିରେ ଦିନେ
ତୁମକୁ ଭେଟିଲି, ଲାଗୁଥିଲ
ଠିକ୍ ଏକ ସ୍ମୃତି ପରି ।

ଭାବନାର ନଈ ସୁଅରେ ପହଁରୁ ପହଁରୁ
ତୁମକୁ ଭେଟିଲି
ଆଶାର ସମାଧି ପରି ।

ନିଜ ସମ୍ମୁଖରେ ଦିନେ
ତୁମକୁ ଭେଟିଲି ଲାଗୁଥିଲ
ମୃଗତୃଷ୍ଣା ପରି ।''

Source: Author, Digitized by PPRACHIN, SOA

'ଏକାକୀ କବି' କବିତାରେ କବି ପୂର୍ଣ୍ଣଚନ୍ଦ୍ର ନିଜର ଏକେଲା ଅନୁଭବକୁ ଜାହିର କରିଛନ୍ତି । ତାଙ୍କ ଭାଷାରେ-

''କହିଥିଲି ପ୍ରିୟା ଫଗୁଣ ଆସିଲେ ଲେଖିବି କବିତା ଦେବଗୋ ପଣତ ମେଲି ।
ତମେ ସେଇମିତି ନୀରବ ରହିଛ ଚାହୁଁ ଚାହୁଁ ଏବେ ଶ୍ରାବଣ ବି ଗଲା ଚାଲି ।
ଫଗୁଣ ଯେ କେତେ ରଙ୍ଗ ଖେଳିଗଲା ମୋ ମନ ରହିଲା ଫିକା
ଶ୍ରାବଣ ଯେ ଏବେ ଧୋଇଦେଇ ଗଲା ସହିଲି ମୁଁ ଏକା ଏକା ।''

'ସମୟର ପୂର୍ଣ୍ଣଛେଦ' କବିତା ଗ୍ରନ୍ଥ ସମ୍ପର୍କରେ ସଚ୍ଚିଦାନନ୍ଦ ରାଉତରାୟ ଲେଖିଛନ୍ତି- ''ନୟାଗଡ଼ ଜିଲ୍ଲା ଏବଂ ନୟାଗଡ଼ ଟାଉନ ନିବାସୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଶୂରଦେଓଙ୍କ ପ୍ରଣୀତ 'ସମୟର ପୂର୍ଣ୍ଣଛେଦ' ନାମକ କବିତା ସଙ୍କଳନଟି ପଢ଼ି ବିଶେଷ ଆନନ୍ଦିତ ହୋଇଛି । ଶ୍ରୀ ପୂର୍ଣ୍ଣଚନ୍ଦ୍ର ଶୂରଦେଓ ଓଡ଼ିଶାର ସ୍ୱନାମଧନ୍ୟ ନାଟ୍ୟକାର ଓ ସଙ୍ଗୀତଜ୍ଞ ସ୍ୱର୍ଗୀୟ ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ ପୁତ୍ର । ତେଣୁ କହିବା ବାହୁଲ୍ୟ ଯେ ସେ ନିଜର ସ୍ୱର୍ଗତ ପିତୃଦେବଙ୍କର ଉପଯୁକ୍ତ ସାରସ୍ୱତ ଅଧିକାରୀ ।''

ପୂର୍ଣ୍ଣଚନ୍ଦ୍ର ଶୂରଦେଓଙ୍କର କିଛି ଗଦ୍ୟ ରଚନା ମଧ୍ୟ ରହିଛି । 'ଦାୟୀ କିଏ' ଶିରୋନାମାରେ ଗୋଟିଏ ଉପନ୍ୟାସ ସେ ରଚନା କରିଛନ୍ତି । ନୟାଗଡ଼ ଜିଲ୍ଲାନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ଶରଣକୂଳ ଠାରେ ବିରାଜିତ ଲଡୁବାବାଙ୍କର ଆବିର୍ଭାବ, ପର୍ବପର୍ବାଣି, ନୀତିକାନ୍ତି ଇତ୍ୟାଦିକୁ ଉପଜୀବ୍ୟ କରି ସେ ''ଲଡୁକେଶ ମହେଶ'' ଶୀର୍ଷକ ଏକ ତଥ୍ୟଭିତ୍ତିକ ପୁସ୍ତକ ରଚନା କରିଛନ୍ତି ।

ଏହା ବ୍ୟତୀତ ଶିଶୁ-କିଶୋର ମାନଙ୍କ ପାଇଁ ସେ ରଚନା କରିଛନ୍ତି 'ପିଲାଙ୍କ କାହାଣୀ' । ଏଥିରେ ବାଇଶି ଗୋଟି ଶିକ୍ଷଣୀୟ ଗପ ରହିଛି । ଉଲ୍ଲେଖଯୋଗ୍ୟ କେତୋଟି ହେଉଛି- 'ବିଦ୍ୟା ଅଟଇ ମହାଧନ', 'ଗର୍ବକଲେ ଖର୍ବ ହୁଏ', 'ମିଛ କହିବା ମହାପାପ', 'ଅରକ୍ଷିତକୁ ଦଇବ ସାହା', 'ଆୟ ଦେଖି ବ୍ୟୟ କର', 'ପାପଧନ ପ୍ରାୟଶ୍ଚିତରେ ଯାଏ', 'ମାନବ ସେବା ହିଁ ଈଶ୍ୱର ସେବା', 'ଅକୁହା ରହସ୍ୟ', 'ଶକ୍ତକୋଠା' ଇତ୍ୟାଦି ।

ଭାଗବତ ପ୍ରଧାନ (୧୯୩୭)

କବି ଭାଗବତ ପ୍ରଧାନ ନୟାଗଡ଼ଠାରେ ଅଳ୍ପଦୂରରେ ଅବସ୍ଥିତ ମାଳିସର ଗ୍ରାମନିବାସୀ । ସେ ନୟାଗଡ଼ର ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କ ପୃଷ୍ଠପୋଷକତା ଲାଭ କରିଥିଲେ । ରାଜା ସାହେବଙ୍କ ପରିବାର ସହିତ ଉତ୍ତମ ସମ୍ପର୍କ ସେ ରଖିଆସିଛନ୍ତି । ଭାଗବତ ପ୍ରଧାନ, କବି । ସେ 'ପଦ୍ୟପ୍ରବନ୍ଧ ସେତୁବନ୍ଧ ପ୍ରତିଷ୍ଠା'

Source: Author, Digitized by PPRACHIN, SOA

(୧୯୬୮) ଶୀର୍ଷକ ସାତଛାନ୍ଦ ବିଶିଷ୍ଟ କାବ୍ୟ ରଚନା କରିଛନ୍ତି । ଏହି କାବ୍ୟଟିର ପ୍ରତ୍ୟେକ ଛାନ୍ଦର ଭଣିତା ନୟାଗଡ଼ ରାଜାଙ୍କ ନାମରେ କରାଯାଇଛି । ଯେପରି -

କ) "ସର୍ବେ ମିଳି ପ୍ରବୋଧି କରନ୍ତି ବଶ
ସ-ଅନୁପ୍ରାସେ ଭାଷେ ନବଦୁର୍ଗେଶ ।"

ଖ) "ଭାର୍ଗବ ବିଜୟୀ ପାଦପଦ୍ମେ ଧାୟୀ
ନବୀନ ଦୁର୍ଗର ଭୂପତି ଭଣିଲେ
କୃଷ୍ଣଚନ୍ଦ୍ର ସିଂହ ମାନଧାତା
ବର୍ଦ୍ଧନ କର ଜ୍ଞାନ ଭେଦ ଛେଦି ଏ ଭବବନ୍ଧନର ଅନ୍ଧତା ।"

ଗ) 'ପ୍ର' ଅନୁପ୍ରାସରେ ପ୍ରବନ୍ଧ ଏଠି ହେଲା ସମ୍ପୂର୍ଣ୍ଣ
ପ୍ରଜାପତି ନବଦୁର୍ଗର ଭାବି କଲେ ରଚନ ।
ପରମେଶ ଛାୟା ଦର୍ଶନେ ସର୍ବଦୁଃଖ ପାଶୋରି
ପଶିଲେ ଶରଣ ଚରଣେ କୃଷ୍ଣଚନ୍ଦ୍ର କେଶରୀ ।"

ଘ) "ଠିକେ ସେତୁବନ୍ଧ ପ୍ରତିଷ୍ଠାର ଛନ୍ଦ ପ୍ରବନ୍ଧେ ରଚନ
ଷ-ଠ ଯୁକ୍ତ ଅନୁପ୍ରାସେ ଧାୟି କମଳ ଲୋଚନ ।
ଶେଷକଲେ ଭାବ ସ୍ୱଭାବରେ·ନବଦୁର୍ଗର ରାଜନ
ସୁଜ୍ଞାନୀ ବିଦୂଷଗଣ୍ଡେ ଥିବା ଦୋଷ କରିବେ ବର୍ଜନ ।"

ଏହି କାବ୍ୟଗ୍ରନ୍ଥଟିକୁ ମଧ୍ୟ କବି ଭାଗବତ ପ୍ରଧାନ ନୟାଗଡ଼ର ରାଜା ସାହେବ ଶ୍ରୀ କୃଷ୍ଣଚନ୍ଦ୍ର ସିଂହ 'ମାନଧାତାଙ୍କୁ ଉତ୍ସର୍ଗ କରିଛନ୍ତି । କବି ଭାଗବତ ଲେଖିଛନ୍ତି -

"ନବଦୁର୍ଗେ ଭାଗ୍ୟାକାଶ ସବିତା — ଶ୍ରୀ କୃଷ୍ଣଚନ୍ଦ୍ର ସିଂହ ମାନଧାତା
ପ୍ରପୂଜ୍ୟ ବଘେଲ ବଂଶାବତଂଶ — ଯାହାଙ୍କ ପ୍ରତି ତବ ଶୁଭାଶିଷଗୋ ।
ତାଙ୍କ ଶ୍ରୀକର କମଳେଗୋ, ତାଙ୍କ ଶ୍ରୀକର କମଳେ,
ଅର୍ପଣ କରି ଏ ନଗଣ୍ୟ କାବ୍ୟଟି ଶ୍ରୀଚରଣେ ମଥା ଲୋଳେଗୋ ।"

ଏହି କାବ୍ୟଟିର ପ୍ରକାଶକ ହେଉଛନତି ନୟାଗଡ଼ର ତତ୍କାଳୀନ ରାଣୀ ସୌଭାଗ୍ୟ ମଞ୍ଜରୀ ଦେବୀ ଏବଂ ତାଙ୍କର ପୁତ୍ର ଓ ପୁତ୍ରୀଗଣ । କାବ୍ୟଟିର ପ୍ରାରମ୍ଭିକ ପ୍ରସଙ୍ଗଟି ହେଉଛି 'ଶ୍ରୀ ଶ୍ର ରାମଚନ୍ଦ୍ରଙ୍କ ଜଣାଣ' । କବି ଲେଖିଛନ୍ତି -

"ସୂତବଂଶ ମହତ୍ତ — ସୁତ ହେ ସୀତାକାନ୍ତ
ସୁତ କର୍ତ୍ତବ୍ୟେ ସୁବିଖ୍ୟାତ
ଶୁତେ ବିମାତା ସୁତେ — ବିଭୂତି ଦତ୍ତସତ୍ୟେ
ପ୍ରତିପାଳନେ ପିତୃସତ୍ୟହେ, ତତ୍ତ୍ୱବ୍ରତ ।

Source: Author, Digitized by PPRACHIN, SOA

ପର୍ବତ ନତପଥେଗତ,   ସାଥେ ସୁମିତ୍ରା ସୁତାସୁତ
ପୂଭ ପବିତ୍ର ଗାତ୍ର, ବିଭୂଷିତ
ଲୋକିତେ ଭୂତ ଭବିଷ୍ୟତ ହେ ॥"

ପ୍ରଥମ ଛାନ୍ଦରେ କବି କାବ୍ୟର ବିଷୟବସ୍ତୁ ସମ୍ପର୍କରେ ସୂଚନା ଦେଇଛନ୍ତି-

"ଶୁଣ ସୁବିଜ୍ଞବର ଶୁଦ୍ଧ ମାନସେ
ସେତୁବନ୍ଧ ପ୍ରତିଷ୍ଠା ଭାବ ପ୍ରକାଶେ ଯେ ।
ସୀତା ସନ୍ଦେଶେ ପେଷି ଦୂତ ସତ୍ୱରେ
ସୁଗ୍ରୀ ସଙ୍ଗତେ ରାମ ମାଲ୍ୟବନ୍ତରେ ଯେ ।
ସେବକ ବିଶାରଦ ସୁମିତ୍ରା ସୁତ
ସଦାଶୁଚି ରାଘବ ସେବାରେ ରତ ଯେ ।"

ଏହାପରେ କବି ରାମାୟଣ ପୁରାଣରେ ସେତୁବନ୍ଧ ପ୍ରତିଷ୍ଠା ବିଷୟକୁ ନେଇ କାବ୍ୟଟିକୁ ପୁଷ୍କଳ ଭାବରେ ରଚନା କରିଛନ୍ତି । ଏଥିରେ କବିତ୍ୱର ବର୍ଣ୍ଣବିଭା ବିଳସିତ । ଉନ୍ନତ କାବ୍ୟରୁଚିର ପରିଚୟ ଦେବାଲାଗି କବି ଭାଗବତ ପ୍ରଧାନ ସମସ୍ତ ପ୍ରଯତ୍ନ ପ୍ରୟାସ ଏଥିରେ କରିଛନ୍ତି । ଏହି କାବ୍ୟଟିର ଛାନ୍ଦଗୁଡ଼ିକ ଯଥାକ୍ରମେ 'ସ', 'ତ', 'ବ, 'ଧ', 'ପ', 'ତ', 'ଠ'- ଏହି ବର୍ଣ୍ଣାଦ୍ୟ ନିୟମରେ ରଚିତ । କାବ୍ୟଟିର ଭାଷା ଉନ୍ନତ ଓ ମାର୍ଜିତ । ଶବ୍ଦାଡମ୍ବର ପ୍ରୟୋଗ ରହିଛି । ରାମାୟଣର ସେତୁବନ୍ଧ ପ୍ରତିଷ୍ଠା କାହାଣୀକୁ ରସାଳ ଓ କାବ୍ୟିକ ରୂପ ପ୍ରଦାନ କରି କବି ଭାଗବତ ଯଶସ୍ୱୀ ହୋଇଛନ୍ତି।

ନିର୍ମଳ ଚନ୍ଦ୍ର ଶୂରଦେଓ (୧୯୬୧)

ନିର୍ମଳ ଚନ୍ଦ୍ର ଶୂରଦେଓ

ନାଟ୍ୟରଥୀ ଗୋବିନ୍ଦଚନ୍ଦ୍ର ଶୂରଦେଓଙ୍କ ପୌତ୍ର ଏବଂ ପୂର୍ଣ୍ଣଚନ୍ଦ୍ର ଶୂରଦେଓଙ୍କ ପୁତ୍ର ନିର୍ମଳ ଚନ୍ଦ୍ର ଶୂରଦେଓ ପିଲାଦିନରୁ ସାହିତ୍ୟ ପ୍ରତି ରୁଚି ରଖି ଆସିଛନ୍ତି । ସାହିତ୍ୟ ସଂଗଠନ ଜରିଆରେ ସେ ବିଭିନ୍ନ ସାରସ୍ୱତ କର୍ମ ଜାରି ରଖିଛନ୍ତି । ନୟାଗଡ଼ ପୁରୁଣା ରାଜବାଟୀ ନିକଟସ୍ଥ ରୁକ୍ଷୀପର୍ବତରେ ପାଦଦେଶରେ ଅବସ୍ଥିତ ଶୂରଶିଳ୍ପୀ ଭବନରେ ଅବସ୍ଥାନ କରି ରୁକ୍ଷିପର୍ବତର ସନ୍ଦର୍ଶନରେ ସେ ସାହିତ୍ୟର ନୂତନ କଳ୍ପ ସ୍ୱପ୍ନ ଦେଖନ୍ତି । ପରମ୍ପରା ସାହିତ୍ୟ ପରିଷଦର ସେ ପ୍ରତିଷ୍ଠାତା ସମ୍ପାଦକ । ଏହି ସାରସ୍ୱତ

Source: Author, Digitized by PPRACHIN, SOA

ସେବାୟତଙ୍କ ସୃଜନଶୀଳ ମାନସରୁ ସୃଷ୍ଟ ଦୁଇଗୋଟି କବିତାଗ୍ରନ୍ଥ ହେଉଛି- 'ରାଧିକା' ଏବଂ 'ଓଢ଼ଣା ତଳର ଗୀତ' । 'ରାଧିକା' କବିତା ସଂକଳନରେ ତେଇଶି ଗୋଟି କବିତା ସ୍ଥାନିତ । ଏଥିରେ ସଂକଳିତ କବିତା ଶୀର୍ଷକ ଗୁଡ଼ିକ ହେଉଛି- 'ଜନ୍ମ', 'କୃଷ୍ଣ', 'ବଂଶୀ', 'ଋତୁ', 'କ୍ଷୁଧା', 'ସଂଧ୍ୟା', 'ରାତ୍ରି', 'ଚିଠି', 'ମାନ', 'ପ୍ରୀତି', 'ଜହ୍ନ', 'ସୁଖ', 'ରତି', 'ସଖୀ', 'ସ୍ୱାମୀ', 'ଭାଷା', 'ସ୍ମୃତି', 'ନିଦ୍ରା', 'ବୃତ୍ତ', 'ପ୍ରଶ୍ନ', 'ଯାତ୍ରା', 'ମୃତ୍ୟୁ' ଓ ସ୍ୱପ୍ନ । ଏହି କବିତା ସଂକଳନ ସମ୍ପର୍କରେ କବି ନିର୍ମଳ ଚନ୍ଦ୍ର ଲେଖିଛନ୍ତି- 'ରାଧିକା ପ୍ରେମ ଓ ତ୍ୟାଗ, ଆନନ୍ଦ ଓ ନିରାନନ୍ଦ, ନିନ୍ଦା ଓ ପ୍ରଶଂସା, ଦେହ ଓ ଦେହାତୀତ ଜୀବନ ଓ ସନ୍ତ୍ରଣାର ଏକ ଅଭିବ୍ୟକ୍ତି । ରାଧା ଶ୍ରୀକୃଷ୍ଣଙ୍କର ପ୍ରେମରେ ଅଧୀରା । ସେ ବିବାହିତା, ତଥାପି ପରପୁରୁଷ ସହିତ ମଜ୍ଜିଯିବାପାଇଁ କାହିଁକି କେଜାଣି ତାର ମନ ଉଚ୍ଛନ୍ନ । ଘରେ ସ୍ୱାମୀର ତୀକ୍ଷ୍ଣ ନଜର, ସାଇ ପଡ଼ିଶାଙ୍କ ନିନ୍ଦା ଅପବାଦକୁ ଭୟ ନ କରି 'ରାଧିକା' ଧାଇଁଯାଏ କଦମ୍ବ ମୂଳକୁ, ଯମୁନା ପୁଲିନକୁ, ମାଳତୀ କୁଞ୍ଜକୁ, ନିଜର ଆଶାକୁ ଚରିତାର୍ଥ କରିବା ପାଇଁ । ସତେ ତ ଅବା ଯେମିତି କୃଷ୍ଣଙ୍କର ବଂଶୀସ୍ୱନ ରାଧାକୁ କରିଦିଏ ବିବସ୍ତ୍ର । ସଜ୍ଞାହୀନ ହୋଇଯାଏ ସେ । ସଖୀମାନଙ୍କ ପାଖରେ ସେ ସାହାଯ୍ୟ ଯୋଡ଼େ । ଅନ୍ଧାର ଭିତରେ ଗୋଡ଼ କାଢ଼ିଦିଏ ପଦାକୁ । ତା'ପରେ ପ୍ରକୃତି ଏକାକାର ହୋଇଯାଏ ପୁରୁଷ ସହିତ । ରାଧାର ଏପରି ଏକ କ୍ରମ ଉତ୍ତରଣ ଜୀବନକୁ ବାନ୍ଧି ରଖିବାର ପ୍ରୟାସ କରାଯାଇଛି ମାତ୍ର ଏଇ ରାଧିକା କାବ୍ୟଟିରେ ।''

ଏହି କବିତା ସଂକଳନର ପ୍ରଥମ କବିତାଟିର ଶୀର୍ଷକ ରହିଛି 'ଜନ୍ମ' । ଏହି କବିତାରେ କବି ପ୍ରତିପାଦନ କରିଛନ୍ତି ଯେ ରାଧାଙ୍କର ଜନ୍ମ କେବଳ କୃଷ୍ଣଙ୍କ ଉଦ୍ଦେଶ୍ୟରେ । ତେଣୁ ସେ ଲେଖିଛନ୍ତି-

''ତୁମ ପାଇଁ ମୋର ଜନ୍ମ
ମୋ ପାଇଁ ତୁମର
ଜନ୍ମ ଜନ୍ମାନ୍ତର ପାଇଁ
ମୁଁ ପ୍ରକୃତି
ତୁମରି ପୁରୁଷାକାରରେ
କିଏ କେତେ ନାଁ ଦେଲେ
ଜନ୍ମ ହେବାପରେ
ମୋ ରୂପରେ ଓ ମୋ ଶୋଭାର ଠାଣିରେ
କିନ୍ତୁ ମୁଁ ଭୁଲିଗଲି
ଦିନଦିନାନ୍ତରେ
ରାଧିକା ନାମରେ ।

Source: Author, Digitized by PPRACHIN, SOA

× × ×

ତୁମେ ନିଅ କି ନ ନିଅ
ମୁଁ କିନ୍ତୁ ଅର୍ପଣ କରିବି
ମୋର ଯାହା ଅଛି
ମୋ ନିକଟରେ
ଅକ୍ଷୟ ଅବ୍ୟୟ ରୂପରେ ।"

'କୃଷ୍ଣ' ଶିରୋନାମାରେ ରାଧାଙ୍କର ମନୋଭାବକୁ କବି ନିମ୍ନ ଭାବରେ ରୂପାୟନ କରିଛନ୍ତି-

''ତୁମେ ଯେବେ ଜନ୍ମ ନେଲ / ଗୋପପୁରରେ---
ଗୋପପୁରେ ଆନନ୍ଦ ଓ ଉଲ୍ଲାସ / ବଉଳର ସମାଗମେ
କୋଇଲିର କୁହୁକୁହୁ ତାନେ / ଦଶ ଦିଗର ଭିତରେ ବାହାରେ''

ପୁଣି-

''ତୁମ ଚିତ୍ରଭଙ୍ଗୀ ଯେବେ ମୁଁ ପ୍ରଥମେ ଦେଖିଲି/
ନିମିଷକେ ଆଖି ମୋର ବନ୍ଦ ହୋଇଗଲା/
ମୋ ଦେହରୁ ପ୍ରାଣ ଛାଡ଼ିଗଲା
ତୁମରି ମୋହନ ମନ୍ତ୍ରରେ
ଗାତ୍ର ମୋର ଥରିଗଲା କିଛି କ୍ଷଣପାଇଁ
ତୁମରି ଲାବଣ୍ୟ ଶୋଭାରେ ।

ବଂଶୀ କବିତାରେ ରାଧାଙ୍କର ଅନୁଭବ ହେଉଛି -
"ଗୋପ ଯେବେ ଶୋଇଯାଏ / ନିଘୋଡ ନିଦରେ
ନିଛାଟିଆ ରାତି ଭିତରେ / ମୁଁ ଗୀତ ଗାଏ
ମୋ ଅମାନିଆ ଆଖିର ସ୍ୱପ୍ନରେ / ଆକାଶକୁ ଚାହିଁଚାହିଁ
ମୋ ଘରର କବାଟ ଓ ଝରକା ମେଲାଇ /
ଫୁଙ୍ଗୁଳା ଦେହଟାରେ / ଲୁହ ଝରିଆସେ
ହାତଗୋଡ ମୋର ଜାକିଜୁକି ହୋଇଯାଏ / ଇଛାହୁଏ ଅନେକ କିଛି ପାଇବାକୁ / ହଜେଇ ଦେବାକୁ ନିସଙ୍ଗତାର ପଞ୍ଜୁରୀରେ ।"

ଏହି 'ବଂଶୀ' ସ୍ୱନ ସହିତ କବିତାରେ ରାଧିକାଙ୍କର ସମ୍ପର୍କ କାଳକାଳ ପାଇଁ । ସେଥିପାଇଁ ତାଙ୍କର ସ୍ୱୀକାରୋକ୍ତି ହେଉଛି-

Source: Author, Digitized by PPRACHIN, SOA

''ନିଜକୁ ମୁଁ ହଜାଇ ଦେଇଛି
ପାଇବାର ନିବିଡ଼ତା ଭିତରେ
ଚାହିଁ ରହିଛି
କାଳରୁ କାଳାନ୍ତର ପାଇଁ ।''

କବିଙ୍କର 'ଋତୁ' ଏ ଚମତ୍କାର ଅଭିବ୍ୟକ୍ତି । ଏଥିରେ ଷଡ଼ଋତୁରେ ରାଧିକାଙ୍କର ମନସ୍ତତ୍ତ୍ୱକୁ କବି ସଫଳ ଭାବରେ ରୂପାୟନ କରିଛନ୍ତି-

ଯେପରି-

ଗ୍ରୀଷ୍ମଋତୁରେ - ''ଗ୍ରୀଷ୍ମର ଅପରାହ୍ନ ବୟସରେ
ମାପି ବସେ ମୋ ପ୍ରୀତିର ଦୈର୍ଘ୍ୟ ଓ ପ୍ରସ୍ଥକୁ
ଭିଜା ଭିଜା ଆଖି ନେଇ
ମିଠା ମିଠା କଥା ଶୁଣି
ଘରୁ ପଦାକୁ ଆସେ
ମୋ ରୂପକୁ ଅରୂପରେ ସାମିଲ କରିଦିଏଁ ।"

ବର୍ଷାଋତୁରେ- ''ବୟସର ବର୍ଷାରେ ଭିଜି ଭିଜି
ମୋ ନିଜକୁ ନିଜେ ଦେଖେ
ସାଗର ବେଳାରେ ଅବା
ମୋ ଝାଉଁବଣରେ ।"

ଶରତଋତୁରେ- "ଶରତର ବୟସରେ
ମୋ ନାଁର ସଜଫୁଲ ନେଇ
ଅନ୍ତଃପୁରେ ଚାହିଁରହେ
ବୟସର ଯମୁନାରେ ବୁଡ଼ ଦେଇ
ନିଝୁମ୍ ନିଦରେ ଶୋଇରହେ
ଆପଣାର କୃଷ୍ଣ ପାଖେ ହଜିବାର ସ୍ୱପ୍ନ ନେଇ ।"

ଗ୍ରୀଷ୍ମଋତୁରେ - "ବୟସର ହେମନ୍ତ ଋତୁରେ
ମୋ ଯାଯାବରୀ ମନନେଇ
ଘନକୃଷ୍ଣ କବରୀରେ ମୋର ଚୁମା ଦିଏ
ରୂପର ଗୋଲାପିକୁ ଚିବୁକରେ ଚାପିରଖେ

Source: Author, Digitized by PPRACHIN, SOA

ଏଠି, ସେଠି ଓ ସବୁଠି ଖୋଜି ବସେ
ପରିଚିତ ସେ ମନଟିକୁ
ଯୌବନରେ ରଂଗ ଦେବାପାଇଁ ।"

ପୁଣି-

ଶୀତରତୁରେ - ''ଶୀତର ବୟସରେ ଶୋଇରହି
ଆଖି ମୋର ବୁଜି ଦିଏ
ନିବୁଜ କୋଠରୀ ଭିତରେ
ପରିଚିତ ପ୍ରୀତି ଓ ପ୍ରଣୟକୁ ନେଇ ।''

ବସନ୍ତରେ ରାଧିକାଙ୍କ ପ୍ରତିକ୍ରିୟା ଏହିପରି-

"ବୟସର ବସନ୍ତ ଋତୁରେ
କୃଷ୍ଣଚୂଡ଼କୁ ହସି ଦେଇ
ମୁଁ ଆଙ୍କିଯାଏ କାମନାର ଚିତ୍ର
ଅଳସ ଜାନୁରେ ମୋର
ନାଲି ନାଲି ମୁରୁଜ ପକାଏ
ସୋରିଷ ଫୁଲକୁ ଭୁଲିଯାଇ
ନିଜ ଦେହକୁ ଅନାଏଁ
ନରମ ପାଖୁଡ଼ାକୁ ମେଲିଦେଇ ମୋର
କହେ ଚାହାଣୀରେ ମୋ ଅନେକ କାହାଣୀ ରଖି
ବଗିଚାରୁ ତୋଳି ନେବାପାଇଁ
ଆକାଶର ସଡ଼କରେ ଠିଆ ହୋଇ ।"

'କ୍ଷୁଧା' କବିତାରେ କବିଙ୍କର ପ୍ରତିପାଦ୍ୟ ଏହି ଯେ ଶ୍ରୀକୃଷ୍ଣଙ୍କ ପ୍ରାପ୍ତି ପାଇଁ ରାଧିକାଙ୍କର କ୍ଷୁଧା ଚିରନ୍ତନ । କବିଙ୍କ ଭାଷାରେ-

''ମୋତେ ଭଲଲାଗେ
ଯମୁନାରେ ସ୍ନାନ ସାରି
ନୀଳ ନୀଳ ଶାଢ଼ୀ ପିନ୍ଧିବାକୁ
ଆଉ ବି ଇଚ୍ଛା ହୁଏ
ଢେଉ ଭାଙ୍ଗିବାକୁ ସମୁଦ୍ର କୋଳରେ
ବସନ୍ତର ପୂର୍ଣ୍ଣମୀ ତିଥିରେ ।

Source: Author, Digitized by PPRACHIN, SOA

ସମସ୍ତେ କହନ୍ତି
ତୁମର ଦୟା ଅଛି, ସ୍ନେହ ଅଛି
ମମତା ଅଛି
ଜଗତର ସଭିଙ୍କ ପାଇଁ
କିନ୍ତୁ ମୁଁ କିପରି ବିଶ୍ୱାସ କରିବି ଯେ
ମୁଁ ଯଦି...
ନିଃସ୍ୱ ରହିଯିବି
ଏ ଜୀବନରେ
ତୁମକୁ ଚାହିଁ ଚାହିଁ ।"

'ଜହ୍ନ' କବିତାରେ ରାଧିକାଙ୍କର ଅନୁଭବ ବେଶ୍ ମାର୍ମିକ । କବିଙ୍କ ଭାଷାରେ-

"ଗୋପ ସୁନ୍ଦର ଦିଶେ
ବୃନ୍ଦାବନ ବି
ଯମୁନା ସୁନ୍ଦର ଦିଶେ
ସୁନ୍ଦର ଦିଶେ ତୁମ ମୁହଁ
ଆଉ ମୋ ମୁହଁ
ଏଇ ଜହ୍ନ ଆଲୁଅରେ ।

ଏ ଜହ୍ନ-
ଜାଗ୍ରତ ପ୍ରହରୀ
ସନ୍ଧ୍ୟାଠାରୁ ସକାଳ ପର୍ଯ୍ୟନ୍ତ
ତୁମ ଆମ କୋଠରୀର
ସେ ପଥ ପ୍ରଦର୍ଶକ
ଯମୁନାରୁ କଦମ୍ବ ପର୍ଯ୍ୟନ୍ତ ।"

ପୁଣି-

"ଏ ଜହ୍ନ ଲୁଚିଗଲାପରେ
ସବୁ ଏକାକାର ହୋଇଯାଏ
ତୁମ ଆଉ ମୋ ଭିତରେ
ପାର୍ଥକ୍ୟ ରହେନି କିଛି
ଗଛ ଓ ପତ୍ରର ସମ୍ପର୍କ

ବର୍ଷାରେ ଭିଜି ଭିଜି
କଅଁଳି ଉଠେ
ମୁଁ ହଜିଯାଏ ତୁମରି ଭିତରେ
ତୁମେ ମଧ୍ୟ ହଜିଯାଅ
ମୋରି ରୂପରେ ।''

'ରତି' କବିତାରେ ରାଧିକାଙ୍କ ମୁଗ୍ଧ ଅନୁଭବ ଏହିପରି-

''ପ୍ରଥମରେ ତୁମେ ଯେବେ
ମୋ ହାତଧରି
ନେଇ ଯାଅ ତୁମରି ଭିତରକୁ
ସେତେବେଳେ
ମୁଁ ସବୁକିଛି ଭୁଲିଯାଏ
ଅତୀତ ଓ ଭବିଷ୍ୟତକୁ
ତୁମରି ଛାତିରେ ମୁହଁ ରଖି ଦେଇ
ତୁମ ବଂଶୀରେ, ମୁଁ ସୁର ଦିଏ
ଯୁଗ ଯୁଗ ଧରି
ହଜି ଯିବା ପାଇଁ ।''

'ସ୍ୱପ୍ନ' କବିତାରେ କବିଙ୍କର ବକ୍ତବ୍ୟ ବେଶ୍ ଆଶାବାଦୀତାର ସ୍ୱର ବହନ କରେ ।

ଯେପରି- "ରାଧିକା ଗୋ
ତୁ ଯେଉଁଠି ଅଛୁ ସେଇଠି ଥା'
କୃଷ୍ଣ ନାମକୁ ଜପୁଥା ନିତିଦିନ
ହୃଦୟର ପ୍ରତିଟି କୋଣ ନିକୋଣରେ
ଏଠାକୁ ଆସିବାର ବାସ୍ନା
ତୋ ମନରୁ ପୋଛି ଦିଏ ଚିର ଦିନ ପାଇଁ
ନିଜ ଦର୍ପଣରେ ନିଜକୁ ଦେଖି
ନିଜକୁ ନିଜେ ଖୁସି କର-
ତପସ୍ୟା କର ବଂଚିବା ପାଇଁ
ସେହି ଚନ୍ଦ୍ରସେଣା ପୁରରେ ଥାଇ
ଆଗାମୀ ଶୁଭ ଦିନଟିଏ ପାଇଁ ।''

Source: Author, Digitized by PPRACHIN, SOA

କବି ନିର୍ମଳ ଚନ୍ଦ୍ର ଶୂରଦେଓଙ୍କର ଦ୍ୱିତୀୟ କବିତା ସଂକଳନ 'ଓଢ଼ଣା ତଳର ଶୀତ' ଚଉରାଳିଶି ଗୋଟି କବିତାର ମନୋଜ୍ଞ ସମାହାର । ଏଥିରେ ବିଭିନ୍ନ ଭାବ ସମ୍ବଳିତ କବିତା ସ୍ଥାନିତ । ଏଥିରେ ସ୍ଥାନିତ କେତେଗୋଟି ଉଲ୍ଲେଖଯୋଗ୍ୟ କବିତା ହେଉଛି- 'ସପ୍ତରଙ୍ଗୀ', 'ଗୁଡ଼ି', 'କଳାବତୀ', 'ଖରା', 'ପଦ୍ମତୋଳା', 'ଅଶଢ଼ର ଶଢ', 'କଳାଦାଗ', 'ରୂପକାର', 'କବିର ସ୍ୱପ୍ନ', 'ଆପଣାକଥା', 'ଓଢ଼ଣା ତଳର ଶୀତ', 'ଜୀବନ ସମ୍ପର୍କରେ' ଏବଂ 'ସମ୍ପର୍କ' ଇତ୍ୟାଦି । 'ରୂପକାର' କବିତାରେ କବି ବିଶ୍ୱନିୟନ୍ତାଙ୍କୁ ହିଁ ପ୍ରକୃତ ରୂପକାର ଭାବରେ ବର୍ଣ୍ଣନା କରିଛନ୍ତି-

''ଜୀବନ
କୁମ୍ଭାର ଚକରେ ବୁଲୁଛି
କେତେବେଳେ କେଉଁରୂପ ନେବ
ରୂପକାର କେବଳ ହିଁ ଜାଣିଛି ।''

'ଓଢ଼ଣା ତଳର ଶୀତ' ଏକ ସାର୍ଥକ ସମୟୋପଯୋଗୀ କବିତା । ଶୀତଋତୁରେ ଶୀତ କିପରି ଘଟଣାକ୍ରମରେ ବିଳମ୍ବିତ, ତାହା ପ୍ରତିପାଦିତ । କବିଙ୍କ ଭାଷାରେ-

''ଶୀତର ଓଢ଼ଣା
ଏ ଯାଏଁ ଆସିନି ଆଖିପତାକୁ
ରମଣୀ ଏ ଯାଏଁ ଖୋଜିନି
ଶୀତରେ ପାଟବସ୍ତ୍ର ତା' ପାଇଁ
ବୁଢ଼ୀ ମା' ଉହ୍ଲେଇ ସଜାଡ଼ିନି
ଲକ୍ଷ୍ମୀ ପୂଜାରେ ତର ତର ହେଉଥିବା
ଗୃହଲକ୍ଷ୍ମୀ-
ଝାଳ ବିନ୍ଦୁ ପୋଛୁଛି ତା' କାନିରେ । × × ×
ଶୀତର ଆଗମନରେ
ସହର ମଫସଲର ଝର୍କା କବାଟ ସବୁ
ବନ୍ଦ ହୋଇଛି ଏ ଯାଏଁ
ସନ୍ଧ୍ୟା ହୋଇଯିବା ପରେ ।''

ପୁଣି- ''ନବ ଦମ୍ପତି
ଶୀତକୁ କୋଳେଇ ନେବାପାଇଁ
ରେଜେଇ ସଜେଇ ସାରିଥିଲେ ବି
ହଜିଯାଇଛି ଶୀତ
ଏ ଯାଏଁ ଫେରିନି ।''

Source: Author, Digitized by PPRACHIN, SOA

ସେହିପରି 'ସମ୍ପର୍କ' କବିତାରେ କବି ସମ୍ପର୍କର ପୂର୍ଣ୍ଣତା କାମନା କରିଛନ୍ତି-

''ମୁଁ ଏବେ ଫେରିଛି
ସମ୍ପର୍କ ଯୋଡ଼ିମାର ମାନଚିତ୍ର
ଅଙ୍କା ସରିଛି ମୋର
କେବଳ ଅପେକ୍ଷା
ଶୁଭବେଳାଟିଏ ପାଇଁ
କେଉଁଦିନ ଆମେ ଆମକୁ ଭେଟିବା
ସମ୍ପର୍କର ପୂର୍ଣ୍ଣତା ଭିତରେ ।''

ଏହା ବ୍ୟତୀତ ନିର୍ମଳ ଚନ୍ଦ୍ର ଶୂରଦେଓ 'ଭକ୍ତର ଭଗବାନ' ଶୀର୍ଷକ ନାଟକଟିଏ ରଚନା କରିଛନ୍ତି । ରବୀନ୍ଦ୍ର ମଣ୍ଡପଠାରେ ତା.୩୧/୮/୨୦୧୨ରେ ମଞ୍ଚସ୍ଥ ହୋଇସାରିଛି । ନିର୍ମଳ ଚନ୍ଦ୍ର ଶୂରଦେଓ ସାହିତ୍ୟପ୍ରାଣ । ସେ 'ପ୍ରାଚ୍ୟ ପରମ୍ପରା' ସାହିତ୍ୟ ପତ୍ରିକାର ନିୟମିତ ସମ୍ପାଦନ କରିଆସୁଛନ୍ତି ।

◆◆◆

Source: Author, Digitized by PPRACHIN, SOA

ଚତୁର୍ଥ ପରିଚ୍ଛେଦ

ସଂସ୍କୃତ ସାହିତ୍ୟ

ନୟାଗଡ଼ ରାଜଦରବାରରେ ସଂସ୍କୃତ ସାହିତ୍ୟ ଚର୍ଚ୍ଚାର ଏକ ଉଜ୍ଜ୍ୱଳ ପରମ୍ପରା ରହିଥିଲା । ରାଜଦରବାରରେ ସଂସ୍କୃତ କବିମାନଙ୍କର ସମ୍ମେଳନ ଆୟୋଜନ କରାଯାଉଥିଲା । ଉଲ୍ଲେଖଯୋଗ୍ୟ ଯେ, ପଣ୍ଡିତ ନିତ୍ୟାନନ୍ଦ ନୟାଗଡ଼ ରାଜଦରବାରର ଥିଲେ ଦରବାରୀ କବି । ସଂସ୍କୃତ ଭାଷାରେ ସେ ଦୁଇଗୋଟି କାବ୍ୟ ରଚନା କରିଛନ୍ତି । ତାହା ହେଉଛି - (୧) 'ଶିବଲୀଳାମୃତମହାକାବ୍ୟମ୍' ଏବଂ (୨) ଶ୍ରୀକୃଷ୍ଣ ଲୀଳାମୃତ ମହାକାବ୍ୟମ୍ । ପଣ୍ଡିତ ନିତ୍ୟାନନ୍ଦ ନୟାଗଡ଼ର ପ୍ରସିଦ୍ଧ ରାଜା ଗଦାଧର ସିଂହଙ୍କର ପୃଷ୍ଠପୋଷକତା ଲାଭ କରିଥିଲେ । ତେଣୁ କୃତଜ୍ଞତା ସ୍ୱରୂପ ସେ ଶିବଲୀଳାମୃତ ମହାକାବ୍ୟର ଭଣିତାରେ ଗଦାଧର ସିଂହଙ୍କର ନାମୋଲ୍ଲେଖ କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ –

(କ) "ଇତି ଧରବରଂତନୟାନୁନୟାକୁଳକୀର୍ତ୍ତିବାସସମୁଦାହୃତମ୍ ।
ଜୟତି ରସିକନବଦୁର୍ଗଧରାଧିପସୁକବିଗଦାଧରଗୀତମ୍ ॥"

(ଖ) "ଇତି ରମଣୀୟଗିରିଶରମଣୀଗଣରାସବିଳାସଚରିତ୍ରମ୍ ।
ସୁଖୟତୁ ରସିକଗଦାଧରକବିବରବର୍ଣ୍ଣିତମଖିଳପବିତ୍ରମ୍ ॥"

(ଗ) "ସାମାଦିନାପି ପରଭୂ ଭିଭୁ ଜାମଜେୟଃ
ନାମାକୃତଃ ସ ତୁ ଗଦାଧରନାମଧେୟଃ
ମାନ୍ଧାତୃତାନ୍ତସମତାମଧିଗମ୍ୟ ସମ୍ୟ
ଗ୍‌ଗା ଧତୃତା ବିଦିତପୌରୁଷମାପ ଭୂପଃ ॥"

(ଘ) ଇତି ରସିକମାନ୍ଧାତୃସରସଗୀତେ
ଲିଙ୍ଗରାଜଂ ନୌମି ରତିମନ୍ତମମରେଶଗୀତେ ॥

'ଶିବଲୀଳାମୃତ ମହାକାବ୍ୟ'ରେ ଦଶଗୋଟି ସର୍ଗ ଏବଂ ବୟାଳିଶି ଗୋଟି ଅଧ୍ୟାୟ ରହିଛି । ଏହି କାବ୍ୟର ପ୍ରଥମ ସର୍ଗର ବିଷୟ ହେଉଛି - **'ପାର୍ବତୀ ସମ୍ଭବଃ'** ।

Source: Author, Digitized by PPRACHIN, SOA

ପ୍ରଥମଃ ସର୍ଗଃ

କବି ନିତ୍ୟାନନ୍ଦ ଲେଖିଛନ୍ତି–

ସ୍ଥାଣୌ ରାଗେଣ ପାଣୌ କୃତବତି ନୟନେ କିଞ୍ଚିଦାକୁଞ୍ଚୟନ୍ତୀ
ରୋମାଞ୍ଚୋଦଞ୍ଚିତାଙ୍ଗୀ ବିଗଳଦବିରଳସ୍ୱେଦସାନ୍ଦ୍ରୋତ୍ତରୀୟା ।
ମଜ୍ଜନ୍ତୀ ହନ୍ତ ଲଜ୍ଜାସରିତି ଗୁରୁଜନେ ବୀକ୍ଷ୍ୟମାଣେ ସମକ୍ଷଂ
ପାୟାଦ୍‌ଭୁଷାହିଦୋଷାପ୍ଲୁ କଟିତକପଟତ୍ରାସଭାଜା ଭବାନୀ ॥

ମାୟାଭୋଗାମୟୋଧାକୁଳିତଜଗଦଲଙ୍କାରମାବୈକରକ୍ଷା-
ଦୀକ୍ଷାୟାଂ ଯାୟଜୂକଂ କ୍ଷିତିତଳ ଚଳନୋଦଗ୍ରପାଦାଗ୍ରଘାତମ୍ ।
ପ୍ରୋତ୍ସର୍ପଦ୍‌ଭୂରି ସର୍ପରୟଜୟନ୍ତାଣ୍ଡବୋ ଦୃଷ୍ଟବେଗଂ
ସମ୍ଭୋରମ୍ଭୋଜଶୋଭାହରଚରଣଯୁଗଂ ସୌଭଗଂ ନସ୍ତନୋନୁ ॥

ଶୋଣଂ ପାଣିତଳେ କଳେବରମିଦଂ ଗୌରଂ ଗଳେ ଶ୍ୟାମଳଂ
ବିଦ୍ୟୁତ୍ପିଙ୍ଗଳମୀକ୍ଷଣେ ନିଟିଳଗେ ନେତ୍ରଦ୍ୱୟେ ପାଟଳମ୍ ।
ରାଜକୁଣ୍ଡଳିରାଜକୁଣ୍ଡଳମଳଂ ସୀତାଂଶୁଖଣ୍ଡୋଜ୍ଜ୍ୱଳଂ
ବନ୍ଦେ କିଂଚନ ଶୈଳଭୂପତନୟାସୌଭାଗ୍ୟଭୋଗ୍ୟଂମହଃ ।

ବେଦାତ୍ମାନମିମଂ ନ ବେଦ କତମଃ ସ୍ତୁତ୍ୟର୍ଥ ଭାବୈର୍ବିଧେଃ
ସାମର୍ଥ୍ୟଂ ନିଜକାର୍ଯ୍ୟସମ୍ପଦି ଯତଃ ସମ୍ପଦ୍ୟତେଽବ୍ୟାହତମ୍ ।
ତସ୍ମାଦପ୍ରଶିବେ ସ୍ୱୟଂଭୁବି ପରଂ ଶବ୍ଦାର୍ଥୟୋର୍ଭାବନା-
ଭାବ୍ୟେନାନ୍ୱୟମେତି ସଂନିଧିମତାଂ ନାନାଫଳେନ ସ୍ୱୟମ୍ ॥

ଦୋଷାକରଃ ଖଲୁ କଳଙ୍କମଳଂ ଦଧାନୋ
ମିତ୍ରୋଦୟାସ୍ତମନୟୋର୍ବିପରୀତରୂପଃ ।
ଯସ୍ମିନ୍ନମ ପ୍ରସଜତି ପ୍ରସରଂ ଖଳଶ୍ଚେ-
ତ୍କାବ୍ୟେ ସ ଚନ୍ଦ୍ର ଇବ ନନ୍ଦୟତେ ତତୋ ମାମ୍ ॥

ସୁରଗିରିକୃତସଂଗମା ବୁଧ ଜନାନନ୍ଦଦାୟିନୀ ବିଶଦା ।
ଗୌରୀଶମନୁସରତି କବିତା ଗଙ୍ଗେବ ପାବୟତୁ ଲୋକମ୍ ॥

ସୁମନଃ ସଞ୍ଚୟଃ ସୁରଭିର୍ବାଣୀ ସଂଫୁଲ୍ଲମାଲତୀଲତିକା ।
କା ନାମୋଦୟତି ଦିଗନ୍ତଂ କଥମିବ ହନ୍ତ ସ୍ଫୁରୟନ୍ତୀୟମ୍ ॥

Source: Author, Digitized by PPRACHIN, SOA

ଆସିଦଖଣ୍ଡବଲଖଣ୍ଡଧରାପତିନାଂ ନାସୀରଗଣ୍ୟତମପୁଣ୍ୟଭୁଜପ୍ରତାପଃ ।
ପୂତାତ୍ମଚିନ୍ତନନିରନ୍ତରଧୀଃ ସ କୋଽପି ଧୂତାରିବର୍ଗନବଦୁର୍ଗମହୀ ମହେନ୍ଦ୍ର ।।

ନିତ୍ୟଂ ଶୋଭିତଲକ୍ଷ୍ମଣର୍ଚିତଗୁଣୋ ବିଶ୍ୱମ୍ଭରା ସଂଭବାଂ
ଲକ୍ଷ୍ମୀଂ ଭୂମିଭୁଜାଂ ବଳେନ ବୁଭୁଜେ ରକ୍ଷନ୍ତୟୋଧ୍ୟା ପୁରୀମ୍ ।
ସୂର୍ଯ୍ୟାନନ୍ଦବିଧାୟି ନିର୍ମଳକୁଳାମ୍ଭୋରାଜିରାକାଶଶୀ
ଲୋକେ ୟୋ ରଘୁନାଥ ନାମ ବିଦିତୋ ରେଜେ ନରେନ୍ଦ୍ରାଗଣୀଃ

କୃତଗମସମାହୁୟସ୍ତଦନୁ ତତନୂଜପ୍ରଭୁ-
ର୍ବିଭୂବ ତନୟାସ୍ତତସ୍ତୟ ଉଦୀତବନ୍ତସ୍ତତଃ ।
ପ୍ରତିତବଲପୌରୁଷପ୍ରଥମଜସ୍ତୁ ତେଷାଂ ଦ୍ୱିଷାଂ
ବିଷାଦଜନକଃ ପରୋ ହରିହରୋ ନରେନ୍ଦ୍ରୋଽଜନି ।।

ତତ୍ପୁତ୍ରୋ ଗୋକୁଳେନ୍ଦ୍ରସ୍ତଦନୁ ବସୁମତୋମଣ୍ଡଲାଖଣ୍ଡଳୋଽଭୂଦ୍
ୟସ୍ୟା ସ୍ଥାଲୀ ସୁଧର୍ମାଗୁରୁବୁଧକବିଭିର୍ଭାସମାନା ସଦୈବ ।
ୟୋଽସୌ ସଂ ଗ୍ରାମମୂର୍ଦ୍ଧନି ପ୍ରବଲପରବଲପ୍ରାଣଘାତୀ ପ୍ରତୀତୋ
ଲେଭେ ପୁତ୍ରଂ ଜୟନ୍ତଂ ସମୁଚିତମୁଦୟଂ ନନ୍ଦନାନନ୍ଦଲକ୍ଷ୍ମୀଃ ।।

କୀର୍ତ୍ତିର୍ୟସ୍ୟ ଦିଗମ୍ବରପ୍ରଣୟିନୀ ଗୌରୀଶରୀରଶ୍ରିୟା
ଯୁକ୍ତଂ ୟଦ୍ୱିପଦାଶୟାମପି ସଦା ଗଙ୍ଗାମତିକ୍ରାମତି ।
କାନ୍ତାରେ ହତବୀରବୈରରମଣୀ ସ୍ୱାନ୍ତାନିସନ୍ତାପୟ-
ତ୍ୟନ୍ତଃସ୍ଥାନଖିଳାନ୍ଦହନ୍ନିବ ପରଂ ୟସ୍ୟ ପ୍ରତାପାନଳଃ ।।

ମୁଦ୍ରୟତି ହୃଦୟପଦ୍ମା ସ୍ପନ୍ଦୟତି ଜନଂ ବଳାଦରିସ୍ତ୍ରୀରିଣା ।
ଅପି ଶଶିକାନ୍ତାଦ୍ୱଦନାଦକଳଙ୍କଃ କୀର୍ତ୍ତିଚନ୍ଦ୍ରମା ୟସ୍ୟ ।।

ଦୀନାନାଥଦୟାବଶମ୍ବଦତୟା ଖ୍ୟାତଃ କ୍ଷିତୌ ଜଗମୁଷୋ
ଦେଶେ ୟସ୍ୟ ବରୀବୃତୀତି ଭଗବାନ୍ ଶ୍ରୀଲଡୁକେଶ ଶିବଃ ।
ତିଦ୍ବାରାଧନସୁପ୍ରସନ୍ନମନସା ମାଙ୍ଗଲ୍ୟମୁନ୍ନୂଳୟ-
ନ୍ନିତ୍ୟଂ ରାଜ୍ୟଧୁରନ୍ଧରଦ୍ୱମୁଖ କୁର୍ବାଣ ଏଷ ପ୍ରଭୁଃ ।।

ସାମାଦିନାପି ପରଭୂ ଭିଭୁ ଜାମଜେୟଃ
ନାମାକୃତଃ ସ ତୁ ଗଦାଧରନାମଧେୟଃ ।
ମାନ୍ଧାତୃତାନ୍ତସମତାମଧିଗମ୍ୟ ସମ୍ୟ-
ଗ୍ଗାତୃତା ବିଦିତପୌରୁଷମାପ ଭୂପଃ ।।

Source: Author, Digitized by PPRACHIN, SOA

ଶ୍ରୁତିସମ୍ମତହୃଦ୍ୟପଦ୍ୟଗୀତଂ ଶିବଲୀଳାମୃତନାମତଃ ପ୍ରତୀତମ୍ ।
କରବୈ ପୁରବୈରିଣୋ ମୁଦେ ତନ୍ନିଜନାମାଙ୍କିତକାବ୍ୟବନ୍ଧମେତମ୍ ।।

କ୍ୱାହଂ ରାମ୍ଭୋଣ୍ଟ ଗୁଣାଃ କ୍ୱେତି ନ ସୀଦାମି ଚିନ୍ତୟୋନ୍ନତଃ ।
ଗଣୟତି କୃତିସାଧ୍ୟତ୍ୱଂ ନ ଖଳୁ ପୁମାନିଷ୍ଟସାଧନତ୍ୱମତଃ ।।

ପ୍ରଥମଃ ପ୍ରବନ୍ଧଃ

ଏହି ପ୍ରବନ୍ଧରେ କବି ଲେଖିଛନ୍ତି–

ଜୟ ଜୟ ଶାରଦଶଶଧରମଣ୍ଡଳଲଳିତାନନଚଳିତାକୁଣ୍ଡଳ ।
ନିରୂପମସୁଷମକପୋଳତଳାମଳସୁରତଟିନୀଜଳମୁକୁଳ ।।
ମୁନିଜନମାନସବତଂ ସକଦିତିସୁତମଂଶନୃଶଂ ସଦବାନଳ ।
କଂସମଥନସୁରଶଂସଦୁରୀତଗୁଣଗଣାଲେଶ ମହେଶ ।।
।। ଧ୍ରୁବପଦ ମିଦମ୍ ।।

ତ୍ରିଭୁବନଦହନକରାଳହଳାହଳକବଳନ ଜୀବିତରୁଚିରୁତ ସୁରାସୁର ।
ନିଗଦିତନାନାନୁତିତତିଳଜଳଦଳସଂକୁଳସକଳାଦିଗନ୍ତର ।।

କାମିତନିଜରଣୀ ସନ୍ଧିଧୁରନ୍ଧରକୁନ୍ଦକୁମୁଦରଜନୀକର ସୁନ୍ଦର ।
ବପୁରବନୀଧରବରତନୟାବର ହରପୁରହରଷବିହାରା ।।

ଦ୍ୱିତୀୟଃ ପ୍ରବନ୍ଧଃ

ଏହି ପ୍ରବନ୍ଧରେ କବି ନିତ୍ୟାନନ୍ଦ ଲେଖିଛନ୍ତି–

ହୃଦୟସରସିଜକୋଷ ସଞ୍ଚର ଦହରମହରହରଭିନବମ୍ ।
ଏକତାନବିମାନମୁନିଜନଚିତଗୋଚରବୈଭବମ୍ ।।

ପ୍ରଥମ ପୁରୁଷମମିତ ପୌରୁଷସିନ୍ଧୁମିନ୍ଦୁକଳାଧରମ୍ ।।

ପ୍ରଳୟକାଳକରାଳଲୋଚନଦହନକୃତଜନଦାହନମ୍ ।।

ତୃତୀୟଃ ପ୍ରବନ୍ଧଃ

'ତୃତୀୟଃ ପ୍ରବନ୍ଧଃ'ରେ କବି ଲେଖିଛନ୍ତି–

ସମ୍ଭୋ ଚଳଦମ୍ଭୋରୁହଦଳ ସହଜମିତ୍ର ନେତ୍ର ।
ସଂ ଚାରୟ ସଦୟଦୃଗଞ୍ଚଳମୟି ହର ମମ ପରିପୁରୟ ।
ଦୈବତମେତମଥ ମନୋରଥ ବିତଥ ଫଳଦାୟକ ।

Source: Author, Digitized by PPRACHIN, SOA

ଚଣ୍ଡୀଧବଚର୍ମାମ୍ବର ଭବ ଚନ୍ଦ୍ରହାସଖଣ୍ଡ ସଦାଶିବ ।
ଚଣ୍ଡରୋଚିରିନ୍ଦୁ ବିରୋଚନ ରୋଚମାନ ଲୋଚନ ।।

ଚୂର୍ଣ୍ଣ ଚୂର୍ଣ୍ଣ ରୁଚିର ତେନୋଚିତ ଭସ୍ମାଚିତରୁଚିର କଳେବର ।
ଚାମୀକର ପିଙ୍ଗଳ ନରୋଚ୍ଚୟ ଚକ୍ରିରଚିତ ବନ୍ଧନ ।।

ଚିର ସଞ୍ଚିତ ସୁଚରିତ ସଞ୍ଚୟକୃତ ଚିନ୍ତନ ଚରଣଚିରନ୍ତନ ।
ଚରାଚର ଚରମଗତିପ୍ରଦ ଚିତ୍ତ ତାପ ମୋଚନ ।।

ନିଗମାଞ୍ଚଳ ବଚନଗୋଚର ଚେତୋହର ଚିତ୍ର ଚରିତ୍ରକଖଣ୍ଡନ ।
ଶତ ଚିତ୍ରଶିଖଣ୍ଡିତ ଶିଖଣ୍ଡଜ ପଣ୍ଡିତଗୁରୁବର୍ଗକର କଙ୍କଣ ।।

ଚତୁର୍ଥଃ ପ୍ରବନ୍ଧଃ

ଏହି ପ୍ରବନ୍ଧର କିୟଦଂଶ ଏହିପରି–

ଦଳିତକୁନ୍ଦ କୁମୁଦ ମନ୍ଦ ହାସ ବିଷଦମାନମ୍ ।
ଲଳିତଶିଖରିଦନ୍ତନିକର ସନ୍ତତ କୃତମାନନମ୍ ।।

ବିଗଳିତାଙ୍କ ମୃଗଶଶାଙ୍କହାରି ଦଧତ ମୁତ୍ତମମ୍ ।।

ରଜତଶିଖରି-ତୁଙ୍ଗ-ଶୃଙ୍ଗ-ନିୟତନିଜନିକେତନମ୍ ।।
ସୌଭଗମଧୁରାଙ୍ଗ-ଭଙ୍ଗଣଦ୍ୱିର୍ଜିତ ଝଷକେତନମ୍ ।।

ପଞ୍ଚମଃ ପ୍ରବନ୍ଧଃ

ଏହି ପ୍ରବନ୍ଧର କିଛି ଅଂଶ ଏଠାରେ ଉଲ୍ଲେଖ କରାଯାଇଛି–

ଚରଣ ପରିଚରଣ ପରଗୋପନୃପନନ୍ଦନମ୍ ।।
ନଳିନ-ଭବକୃତ-ସତତ-ବନ୍ଦନମ୍ ।।

ନନ୍ଦୀଶନନ୍ଦନଂ ପ୍ରଣତହରିଚନ୍ଦନମ୍ ।
ସ୍କନ୍ଦସିନ୍ଦୂର ବଦନନଳିନମ୍ ।।

ସୁଖିତସୁରଲୋକକୃତଶଷ୍ଟଦଭିନନ୍ଦନମ୍ ।
ନମତ-ତାପିତ ହୃଦୟ-ଚନ୍ଦନମ୍ ।।

ବିଷୟ ବିଷପରିମୁଷିତ ଲୋକନିବନ୍ଧନମ୍ ।
ପରିଶମିତସୁଧନଭବବନ୍ଧନମ୍ ।।

Source: Author, Digitized by PPRACHIN, SOA

ଷଷ୍ଠଃ ପ୍ରବନ୍ଧଃ

ଏହି ପ୍ରବନ୍ଧର କିୟଦଂଶ ହେଉଛି–

ସାରଫଳନିଧିମପି ସମାଦୃତତୀବ୍ରୟୋଗସମାଧିକମ୍ ।
ଲୋକ-ସେତୁ-ଧୁରୀଣ-ଭାବ-ଗୁଣାଧିକଂ ନିରୁପାଧିକମ୍ ।।

ତ୍ୱାମୃତେ ବଳତେ ନ ମେ ମତିରନ୍ୟଦେବମୁପାରିତୁମ୍ ।
ତେନ ଲୋକପତେ ନ କିମୁ ଚିତ୍ରମତ୍ର ମାମନୁଶାସିତୁମ୍ ।।

ସପ୍ତମଃ ପ୍ରବନ୍ଧଃ

'ସପ୍ତମଃ ପ୍ରବନ୍ଧ'ର କିଛି ଅଂଶ ହେଉଛି–

ନୀଳାମ୍ବୁଜବନ୍ଧୁର-ଲୀଳାଳୟକନ୍ଧର ।
ହାରୟିତପନ୍ନଗ-ସାରାହିତସୌରଭ ।।
ମାଧବ ବିଧିସମ୍ଭବ ମମ ହର ଶରଣେଂ ଭବ ।
ନିର୍ଗୁଣଗୁଣନାୟକ ନିଃଶ୍ରେସଦାୟକ ।।

ଅଷ୍ଟମଃ ପ୍ରବନ୍ଧଃ

ଏଠାରେ କବି ନିତ୍ୟାନନ୍ଦ ଲେଖିଛନ୍ତି–

ସକଳନିଗମହିତଂ ସଦାଶିବ ସଜ୍ଜନପରସହିତମ୍ ।
ଶରଣଗତଜନତାପରିପାଳନ ସନ୍ତତସମବହିତମ୍ ।।

ସଦାଶିବଚରଣକମଳମୁଦିତଂ ତରୁଣମରୁଣମୁଦିତମ୍ ।
ଶରଣମୁପୈମି ତବାହମମଙ୍ଗଳମିହ ବିତନୁଦିତମ୍ ।।

ଲଳିତସଲିଳଗତଂ କଳିତମନୋଽଭିମତମ୍ ।
ଗଳିତପରାଗସୁରଭିତଦିଗନ୍ତମନନ୍ତମହିମବିତତମ୍ ।।

ତାପସହୃଦି ନିହିତଂ ତାପଶମନବିହିତମ୍ ।
ତାପତିମିରୟେ ଚଣ୍ଡକରାମଳମଣ୍ଡଳମନପିହିତମ୍ ।।

ନବମଃ ପ୍ରବନ୍ଧଃ

ଏଠାରେ କବି ନିତ୍ୟାନନ୍ଦ ଗାଇଛନ୍ତି–

ସାରଦସରସିଜସୋଦରବଦନମ୍ ।
ମୁକୁଳିତକୁନ୍ଦକଦମ୍ବକରଦନମ୍ ।।

Source: Author, Digitized by PPRACHIN, SOA

ଚିନ୍ତୟ ହୃଦୟ ଭବାୟ ଭବଂ ତମ୍ ।
ଦୀନଜନାବନ ନିୟମବନ୍ତମ୍ ।।

ଅରୁଣତମୋପହ-କରୁଣଦୃଗନ୍ତମ୍ ।
ସନ୍ତତମପି ଦିଶି ଦିଶି ବିକିରନ୍ତମ୍ ।।

ରସିକ-ମନୋରମ-ବଚନମୁଦୀତମ୍ ।
ଜୟତି ଗଦାଧର-କବିବରଗୀତମ୍ ।।

ବିଜ୍ଞାୟ ବିଜ୍ଞାନନିଧିଂ ସମାଧିଂ
ତମାସ୍ଥିତଂ ସୁସ୍ଥମଧିତ୍ୟକାୟାମ୍ ।
ଭକ୍ତ୍ୟୈବ ସାକଂ ସୁତୟା ସ ତସ୍ୟ
ସମାସସାଦାଶ୍ରମମାଦିପୁଂସଃ ।।
ସଂତୁତୋଷୟିଷନ୍ତେଷ ତଂ ତୁଷାରଧରାଧରଃ ।
ବବନ୍ଦେ ଗୀତବନ୍ଧେନ ସ୍ତୁବନ୍ଦେବ ମହାନଟମ୍ ।।

ଦଶମଃ ପ୍ରବନ୍ଧଃ

'ଦଶମଃ ପ୍ରବନ୍ଧଃ'ରେ କବି ଲେଖିଛନ୍ତି–

ଅମଳନଖକିରଣମଣିକେଶରାବଲିଲଳିତମଙ୍ଗୁଳିଦଳଚରଣକଞ୍ଜସାରମ୍ ।।
ସକଳସୁରଗଣମୌଳିମାଳତାଧୁଳିରଞ୍ଜିତମତିଦୁସ୍ତରଜଗଦମ୍ବୁନିଧିପାରମ୍ ।।
ସ୍ମରତି ହରରୂପଂ ଧ୍ୟେୟମ୍ମୁ । ସ୍ମରଣମଙ୍ଗଳମଖିଳନିଗମଗେୟମ୍ ।।

ତପସ୍ୟନ୍ତଂ ସାନ୍ତ୍ୱଂ ଗିରିଶମରିଦୋଷାନ୍ନ ବିଦୁଷା-
ମପିକ୍ଷେମଂକାର୍ଯ୍ୟଂ ସକରୁଣଦୃଶାର୍ଯ୍ୟାନୁଚରିତମ୍ ।
ନମସ୍ୟନ୍ତେତସ୍ମିନ୍ବତବରିବସିତୀଂ ଚରଣୟୋ
ଭବିତ୍ରୀଂ ସ୍ୱାଂ ପୁତ୍ରୀମତନୁତ ହିମାଦ୍ରିଃ କ୍ଷିତିଧରଃ ।।

ଅନୁମନ୍ୟତେ ସ୍ମ ତଦଭୀସ୍ତିତଂ ତତୋ
ଜଗତୋ ହିତଂ ଗିରିନୁତୋ ଗିରୀଶିତା ।।
ସ ପରଂ ନିମିତ୍ତମଭବଦ୍ଧ୍ରୁବଂ ଯତୋ
ଭବିତବ୍ୟ ଏବ ଶିବୟୋଃ ସମାଗମଃ ।।

ତପୋଭଙ୍ଗଂ ବିଦ୍ୱାନ୍ ସ ତୁ ସପାଦି ଭଙ୍ଗଂ ବରତନୋ-
ରସଙ୍ଗଂ ମନ୍ୱାନଃ ପରମପୁରୁଷାର୍ଥୈକପଦବୀମ୍ ।

Source: Author, Digitized by PPRACHIN, SOA

ଗିରୀଶଃ ପଶ୍ୟନ୍ମ୍ୟା ଗିରିବରଭୁବୋ ଭୂତନିବହୈଃ
ସମଂ କାମଂ ନିଧୂନ୍ନହହ ତତ ଏବାନ୍ତରଦଧାତ୍ ।।

ଦ୍ୱିତୀୟଃ ସର୍ଗଃ

ଦ୍ୱିତୀୟଃ ସର୍ଗଃର ବିଷୟବସ୍ତୁ ହେଉଛି - 'ଗୌରୀ ତପଃ ପରିପାକ' ।

ଏହି ସର୍ଗର କିୟଦଂଶ ହେଉଛି–

ଅଥାକସ୍ମାଦନ୍ତର୍ଦଧତି ଦୟିତେ ଲୋଚନପଥାଦ୍
ବ୍ୟଥାମନ୍ତର୍ଗାଢ଼ାଂ ମନସି ବିନିଗୂଢ଼ାଂ ଧୃତବତୀମ୍ ।
ଧରାଧ୍ୱଶଃ କନ୍ୟାଂ ବତ ବିଜନବନ୍ୟାଭୁବି ଭବଂ
ସ୍ମରନ୍ତୀଂ ସସ୍ନେହାଂ ସଚକିତମପଶ୍ୟଦ୍ଦଶଦିଶଃ ।।

ଅଥ ସା ସିକ୍ଷଣବଦନା ବନାନ୍ତରେ
ମଦନାଙ୍ଗନାଶନଂ-ବିନା-କୃତାଙ୍ଗନା ।
ଭୃଶମୁନ୍ମନା ଧରନରେନ୍ଦ୍ରନନ୍ଦନା
ବିନିନିନ୍ଦ ଦୁର୍ବିଧିମଧୀରଧୀଶିୟମ୍ ।।

ଏକାଦଶଃ ପ୍ରବନ୍ଧଃ

କବି ନିତ୍ୟାନନ୍ଦ ଲେଖିଛନ୍ତି–

ତବ ହତଦୈବାନଦୈବବିଗୀତମ୍
ରଚିତମିଦଂ ପଦମଞ୍ଚିତବାନସି-ପଞ୍ଚବିଶିଖମବିନୀତମ୍ ।
ଲାଳିତକୋକିଳପଞ୍ଚମବିଷମପଦଂ ରଚୟତି ଚ ନିକାମମ୍ ।
ଶ୍ରବଣପଥତିଥିରପି ଯଦୁପାହୃତବିହମରଣପରିଣାମମ୍ ।।

କଳୟସି କଳମଧୁପାବଳିଝଂକୃତହୁଂକୃତମପି ହୃଦି କୃନ୍ତମ୍ ।
ବିରହିତରୁଣତରୁଣୀଜନବିଶଂ ସନକାରଣସହଜ ଦୁରନ୍ତମ୍ ।।

ପୁରହରବିଜୟବିଜାମ୍ବିତପୌରୁଷମନଳଦବାତିକରାଳମ୍ ।
ରଚୟସି କୁସୁମଚୟଂ ଖଳୁ ଦିଶି ଦିଶି ବିଷୟବିଶିଖଶରଜାଳମ୍ ।।

ଦ୍ୱାଦଶଃ ପ୍ରବନ୍ଧଃ

'ଦ୍ୱାଦଶଃ ପ୍ରବନ୍ଧ'ରେ କବି ଲେଖିଛନ୍ତି–

ନ କୁରୁ ସିତିକଣ୍ଠ ମୟି କୁଣ୍ଠମୟମାନସମ୍ ।
ତବ ଚରଣଶରଣଜନ ଉଚିତକରୁଣାରସମ୍ ।।

Source: Author, Digitized by PPRACHIN, SOA

ଦେବ ମମ ହୃଦୟମେବମ୍
ତ୍ୱାମୁପଚରାମି ଚିରସୁଖାଦସେବମ୍ ।।

ସକଳହୃଦି ଗିରିଶ ଯଦି ସଂଚରସି ସନ୍ତତମ୍ ।
କିଂ ନୁ ମମ କଳୟସି ନ ଶୋକନିକରଂ ତତମ୍ ।।

ବିଦିତମିବ କିଂତବ ତବ ହୃଦୟମତିନୀରସମ୍ ।
ମାମହହ ବିରହୟସି ନାଥ ମଦନାଗସମ ।।

ମନସି ନ ଜହାମି ତବ ହାସନବଶୋଭନମ୍ ।
ମୁଖସକଳଶୀତରୁଚିମପି ନୟନଲୋଭମ୍ ।।

ଶିବଦ ତବ ପଦକମଳଗନ୍ଧମନୁରୁନ୍ଧତି
କା ନ ସୁଖଦ ମଭିନନ୍ଦତି କଳାବତୀ ।।

ଅଥ ତପଃପରିପାକମୁପାଗତଂ
ଧରଣିଭୃଦ୍‌ଭୁବି ଭୂତଚମୂପତିଃ
ସମୁପଗମ୍ୟ ପୁରଃ ସମୁପସ୍ଥିତଃ
ସ୍ଫୁଟଜଟାଜିନଦଣ୍ଡଧରୋ ବଟୁଃ ।।

ସବହୁମାନ ପୁରଃସରମାର୍ଚ୍ଚିତ-
ସ୍ତୁହିନଭୂଧରନନ୍ଦନୟାନୟା ।
ସମପନୀୟ ପୁରଃ ସୁଚିବାନୁଚି-
ତମବଦଦ୍‌ବଚନ ମତିମୋହନମ୍ ।।

ତ୍ରୟୋଦଶଃ ପ୍ରବନ୍ଧଃ

'ତ୍ରୟୋଦଶଃ ପ୍ରବନ୍ଧଃ'ରେ କବି ନିତ୍ୟାନନ୍ଦ ଲେଖିଛନ୍ତି-

ଅୟି ବରସୁନ୍ଦରି ତବ ବିଜନାୟ ବନାୟ ଶରୀରମୁଦାରମ୍ ।
ଅଭିନବଯୋବନମୁଚିତମିଦଂ ନ ଶିରୀଷକୁସୁମସୁକୁମାରମ୍ ।।
ବାଳେ ମମ ବଚନମ୍ । ଶୃଣୁ ହିତମୀତସାରମ୍ ।
ଦମୟସି କିଂ ନୁ ତନୁଂ ନୃପନନ୍ଦୀନୀ ପରିହୃତସୌଧବିହାରମ୍ ।।

ଅରୁଣଚରଣଋଗଳଂ ତବ ହନ୍ତ ବନେଷୁ କଥଂ ମୃଦୁଳାନ୍ତମ୍ ।
ବିଚରତି ବିକଟ ଝସଂତଳକଣ୍ଟକଦନ୍ତରିତେଷୁ ନିତାନ୍ତମ୍ ।।

Source: Author, Digitized by PPRACHIN, SOA

ପୃଥୁତରବିମ୍ବନିତମ୍ବମନୋହର ମୁକ୍ତରସନକଟିଦେଶମ୍ ।
ରୂପମିଦଂ ତବ ଭବତି ନ ଶୋଭନଭୁଜ୍‌ଜିତସମୁଚିତବେଶମ୍ ।।

ଇତିବ୍ରୁବାଣଂ ନଗରାଜନନ୍ଦନା
ତ୍ରପାସଖୀ ସାଥ ସଖୀମୁଖେନ ତମ୍ ।
ନିବୋଧୟାମାସ ନିଜଂ ମନୋରଥଂ
ଶଶାଙ୍କଚୂଡ଼ାଙ୍କତଳାଧିରୋହଣେ ।।

ନିନିନ୍ଦିଷନ୍ତଂ ପୁନରୋଷ୍ଠଚେଷ୍ଟୟା
ନିରୂପ୍ୟ ସା ବେଲ୍ଲିତଚିଲ୍ଲିବଲ୍ଲରୀ ।
ନିବାରୟାମାସ ବଟୁଂ କଦୂକ୍ତିଭିଃ
ସ୍ୱଧର୍ମମର୍ମାବିଧମାୟତେକ୍ଷଣା ।।

ପ୍ରତିପ୍ରତିକ୍ଷେପବଚଃ ଶ୍ରୁତିକ୍ଷମଂ
କଥଂ ଶ୍ରୁତୀୟାମିତି ଚିନ୍ତୟା ତତଃ ।
ଜବାଦୁଦସ୍ଥାଦନବସ୍ଥିତେ ହିତା
ରୁଷାଥ ସା ଗନ୍ତୁମନା ବନାନ୍ତରମ୍ ।।

ଅଥ ପୁରହରଃ ପିତ୍ରା ଦତ୍ତାଂ ଯଥାବିଧି ତାଂ ସୁତା-
ମନୁହୁତବହଂ ପାଣୌ କର୍ତ୍ତୁଃ ଯଦୋଦମନାଗତଃ ।
ବ୍ୟଦଧତ ତତଃ ପୁଷ୍ପସାରୈସ୍ତଦୈବ ସୁମଙ୍ଗଳଂ
ସ୍ନପନମନୟୋଃ ସର୍ବାଙ୍ଗୀଣାଂ ସୁରେନ୍ଦ୍ରଧନୋଧନାଃ ।।

ଆବ୍ୟାପ୍ତା ବୃଷଭଧ୍ୱଜେନ ତଦନୁ ପ୍ରୀତତ୍ମନା ସା ଖସା
ମୈନାକସ୍ୟ ମନାଗନୁନ୍ମୁଖମନା ବିଶ୍ଲେଷତଃ ପ୍ରେୟସଃ ।
ଯାନେ ନାଥ ହିରଣ୍ମୟେନ ନାଗରୀଂ ପ୍ରତ୍ୟାଗତା ଭୂଭୃତୋ ।
ରାଜଶ୍ରୀରିବ ନାଗରୀପରିଷଦାଂ ନେତ୍ରାମ୍ବୁଜୈଃ ପୂରିତା ।।

ତୃତୀୟଃ ସର୍ଗଃ

ତୃତୀୟ ସର୍ଗର ପ୍ରସଙ୍ଗ ହେଉଛି – 'ଶିବ ବିବାହଃ' ।

ଏହି ସର୍ଗର କିୟଦଂଶ ହେଉଛି–

ଅଥ ଖତାତାୟ ନଗେନ୍ଦ୍ରନନ୍ଦନା
ସଖୀଗିରା ଚନ୍ଦ୍ରମୁଖୀ ଯଥାତଥମ୍ ।

Source: Author, Digitized by PPRACHIN, SOA

ନିବେଦୟାମାସ ପିନାକିନଃ ପୁନ-
ର୍ମୁଖପ୍ରସାଦୋଦିତମପ୍ୟନୁଗ୍ରହମ୍ ॥

ଅଥ ସ୍ଫୁଟଂ ଚନ୍ଦ୍ରକିରୀଟଚୋଦିତାଂ
ସମାଗତାଃ ସପ୍ତମୁନୀଶ୍ୱରା ଦେବ ।
ଦିନତ୍ରୟାନନ୍ତରମମବ୍ରୁବତ୍ ଧ୍ରୁବ
ଗିରୀଶବୈବାହିକବାସରଂ ଗିରିମ୍ ॥

ତତଃ ସରସ୍ନାତରୁଚାରୁତ୍ୱରାଂ
ସୁସିକ୍ତସଂମାର୍ଜିତରାଜସଂ ଚରାମ୍ ।
ଚଳପତାକାବଳିଚାରୁତୋରଣାଂ
ପୁରୀମଳଙ୍କାରୟତି ସ୍ମ ଭୂଧରଃ ॥

ଅଥ ନିଜତନୟାଂ ତାଂ ହନ୍ତ ପୂର୍ବେଦ୍ୟୁରେବ
ଶ୍ରୁତିବିହିତହରିଦ୍ରାପିଷ୍ଟଗନ୍ଧାଧିବାସମ୍ ।
ପରିଣୟନଦିନାଦୌ ତୁଙ୍ଗମାଙ୍ଗଲ୍ୟଘୋଷୈଃ
ସହ କୁଳଯୁବତୀଭିଃ ସ୍ନାପୟାମାସ ମେନା ॥

ବିଚିତ୍ରଚିନାଂଶୁକସ ଭୃତଶ୍ରିୟଂ
ପ୍ରସାଧୟିଷ୍ୟନ୍ନଥ ତାଂ ସଖୀଜନଃ ।
ଜବାଦହଂପୂର୍ବିକୟା ସମାପତତ୍ ।
ପ୍ରତପ୍ତଚାମୀକରଚାରୁବିଗ୍ରହାଂ ॥

ଚତୁର୍ଦ୍ଦଶଃ ପ୍ରବନ୍ଧଃ

'ଚତୁର୍ଦ୍ଦଶଃ ପ୍ରବନ୍ଧଃ'ରେ କବି ଲେଖିଛନ୍ତି-

ତରୁଣ-ସରୋଜ-ସପତ୍ନମ୍ । କାଚିଦରୁଣ-ନସ୍ୱରତ୍ନମ୍ ।
ଚରଣଂମରସ୍ୟଦପି ବିଫଳଂ କୃତପାବକବିରଚନୟତ୍ନମ୍ ॥

କାଚନ ପଦମିଦମୀୟମ୍ । ସୁରଭିକମଳକମନୀୟମ୍ ।
ସମୁଚିତମେବ ସହଂ ସକମକୁରୁତ ଭୁବନତ୍ରୟମନନୀୟମ୍ ।
କାଚନ ନବମୁପନୀତମ୍ । କାଞ୍ଚନରୋଚିରୁଦୀତମ୍ ।
ଅତନୁତ ଗଣିରସନାଗୁଣମଧିଗୁଣମନୁକଟିତଟପରିନୀତମ୍ ॥

କାପି ବିମଳତରତାରମ୍ । ପ୍ରଣୟି ସଖୀବରହାରମ୍ ।
ଅନୁକୁଚକନକଧରଂ ସମଘଟୟତ ଚର୍ଚ୍ଚିତମଗମଦସାରମ୍ ॥

Source: Author, Digitized by PPRACHIN, SOA

ଇତୀୟମାବଦ୍ଧବିଭୂଷଣାମ୍ବର-
ସ୍ୱଗଙ୍ଗରାଗସ୍ଫୁରଙ୍ଗସହିତଃ ।
ଅଧାରୟତ୍କ୍ଷାମପି କାନ୍ତିସମ୍ପଦଂ
ତ୍ରିନେତ୍ରଚିତ୍ତଭ୍ରମଦାୟିବିଭ୍ରମା ।।

ବ୍ୟଞ୍ଜାପୟନ ବିଜ୍ଞା ସନ୍ତୁଂ ସପ୍ତରଷୟଃ ସମୁପାଗମ୍ୟ ।
ଅଦ୍ୟ ବିଭୋ ସମୟସ୍ତେ ହୈମବତୀପାଣିପିଡନାୟେତି ।

ଅଥବିବାହମହୋତ୍ସବମଣ୍ଡନଂ
ପ୍ରକୃତିଖଣ୍ଡିତଦର୍ପକଦର୍ପକଂ ।
ଅଧିତଲୋକମନୋନୟନୋତ୍ସବଂ
ସମାଧିକଂ ସମନୋରଥମାତ୍ରତଃ ।

ପଞ୍ଚଦଶଃ ପ୍ରବନ୍ଧଃ

'ପଞ୍ଚଦଶଃ ପ୍ରବନ୍ଧଃ'ରେ କବି ନିତ୍ୟାନନ୍ଦ ଲେଖିଛନ୍ତି–

ଏକଚରଣାଧୃଯାବକରାଗା । ଚନ୍ଦ୍ରମୁକୁଟମନୁଳସଦନୁରାଗା ।।
କାଚନ ଭବମଧିକମ୍ । ଅତନୁତ ଲୋଚନପଥପଣ୍ଡିକମ୍ ।।

ଏକପଦାହିତନୂପୁରବଳୟା । କଳିତା ମସି କୁତୂହଳକଳୟା ।
ଅପି ବପୁରପଗତଚୀନ-ନିଚୋଳା । ପୁରହର-ବଦନ-ବିଲୋକନଲୋଳା ।
ଏକନୟନଜୟଦଞ୍ଜନଲେଖା । ସାମିରଚିତକୁଚଚନ୍ଦନବେଶା ।।
ବସ୍ତୃତସହଜମଦାଳସଗମନା । ଅତ୍ରମାନିତନିଜଗୁରୁଜନବଦନା ।।
ବିପୁଳନିତମ୍ବଭରଂ ବହମାନା । ଅନୁପଦମପଟୁପଦାନି ଦଦାନା ।।
ସରସମସୃଣପଦସମ୍ପଦୁଦୀତମ୍ । ଜୟତି ଗଦାଧରକବିବରଗୀତମ୍ ।।
ସାମ୍ପ୍ରତଂ ଧରନଗେନ୍ଦ୍ରନନ୍ଦନା ଯତ୍ତପଃ ପରମମପ୍ୟତପ୍ୟତ ।।
ଅନ୍ୟଥା କଥମିମଂ ମନାସ୍ୱିନୀ କାନ୍ତମେବମତିକାନ୍ତମେତୁ ସା ।।

ବାଚମିତ୍ଥମବୟନ୍ ପ୍ରିୟଙ୍କରୀଂ
ପୌରପଙ୍କଜମୁଖୀପ୍ରଚାରିତାମ୍ ।।
ଆଚରତ୍ପରମନୁଗ୍ରହଂ ଦୃଶା
ତାଦୃଶା ଶିଶୁଶଶାଙ୍କଶେଖରଃ ।।

Source: Author, Digitized by PPRACHIN, SOA

ତତଃ ଖନତ୍ତୁଙ୍ଗମୃଦଙ୍ଗମଙ୍ଗଳୈଃ
ଶୁଭୈରୁଲୁଲୁଦ୍ୱନିଭିର୍ମୃଗୀଦୃଶାମ୍ ।
ପୁରୁସମାସନ୍ନଷଡ଼ର୍ଘ୍ୟସକ୍ରିୟୋ
ବିବେଶ ବୈବାହିକମଣ୍ଡପଂ ବିଭୁଃ ॥

ବେଦୋଦିତେନ ବିଧିନାଥ ଭବୋ ଭବାନ୍ୟା
ମାଙ୍ଗଲ୍ୟ ତନ୍ତୁମଧିକଣ୍ଠତଟ ବବନ୍ଧ ।
ସଦ୍ୟୋରଲଂଭବତି ଯତ୍ପ୍ରଭବାନୁଭାବା-
ତ୍ପ୍ରିତୋଽପି କାଳକଳନାୟ ନ କାଳକୂଟଃ ।

ତତସ୍ତୁ ତୌ କାମସମୃଦ୍ଧିକାମୁକୌ
ଚଧୂବରୌ ସ୍ମେରମୁଖୌ ପୁନଃ ପୁନଃ ।
କିରୀଟକୋଟୀତଟଧଚ୍ଚିତାଙ୍ଗୁଳିଂ
ବ୍ୟତିକ୍ଷିପେତେ ସ୍ମ ଶୁଭକ୍ଷତାଞ୍ଜଳିମ୍ ॥

ଅଥ ସମାପ୍ତବିବାହମହୋଦୟଂ
ସଦୃଶରୂପବଧୂବରଯୋର୍ଦ୍ୱୟମ୍ ।
ଅଭିନନନ୍ଦ ସରୋରୁହନନ୍ଦନଃ
ସହସୁରୈଷ୍ଟ ନନାମ ସନନ୍ଦନଃ ॥

ଷୋଡ଼ଶଃ ପ୍ରବନ୍ଧଃ

ଏଠାରେ କବି ପ୍ରତିପାଦନ କରିଛନ୍ତି—

ମନସିଜଗଞ୍ଜନ ଭବଭୟଭଞ୍ଜନ ମୋହତମୋଽପହଭରଣ ହରେ ।
ଜଗଦନୁରଞ୍ଜନ ଚରିତନିରଞ୍ଜନ ଦୁରିତମତଙ୍ଗଜସମଜ ହରେ ॥
ଜୟ ଜୟ ଭବ ଭବନାଧିପତେ ।
ପାଳୟ ପରମକୃପାଳୟ ଶଙ୍କର ଦନୁଜଭୟଙ୍କର ମନୁଜଗତେ ॥

ଭାସିତବିଭୂଷଣଂ ବିରହିତଦୂଣଣ ତନୁଜିତଶାରଦରଂଜନୀପତେ ।
ସହୃଦୟତୋଷଣା ସଜ୍ଜନପୋଷଣା ସୁନ୍ଦରକୁନ୍ଦରଦନାବିତତେ ॥

ଖଳଜନଦଣ୍ଡନ ଶଶଧରମଣ୍ଡନ ହୀରଳତାୟିତଭୁଜଗପତେ ।
ମଖବିଧିଖଣ୍ଡନ ନିଟିଳଗଚଣ୍ଡନୟନନିଜଜନହିତାନିହିତମତେ ॥

Source: Author, Digitized by PPRACHIN, SOA

ସପ୍ତଦଶଃ ପ୍ରବନ୍ଧଃ

କବି ନିତ୍ୟାନନ୍ଦ ଲେଖିଛନ୍ତି–

ସରସସାରସସହୋଦରନେତ୍ରେ ତନୁଲତିକାନବପଲ୍ଲବନେତ୍ରେ ।
କାଞ୍ଚନଚମ୍ପକଚଂପକକାନ୍ତେ କାମରିପୋରପି ଲୋଚନକାନ୍ତେ ।

କୁଣ୍ଡଳମଣ୍ଡିତଚାରୁକପୋଳେ । ସମ୍ମୁଖାମ୍ବୁଜଲୋଚନଲୋଳେ ।।
'ଚନ୍ଦନଚନ୍ଦ୍ରାବଲେପନସାନ୍ଦ୍ରେ । ସକଳକଳାନନଶାରଦଚନ୍ଦ୍ରେ ।।

ଉପବିଶୟନ୍ତି ଯେ ମାମୁମାମପ୍ୟନେନ ଗୀତେନ ।
ଭବତା ଗୀତେନ ନ ତେ ଭବତାପଭୟଂ ପ୍ରପଦ୍ୟନ୍ତେ ।।

ଚତୁର୍ଥଃ ସର୍ଗଃ

ଚତୁର୍ଥସର୍ଗର ବିଷୟ ହେଉଛି - "ସମ୍ପନ୍ନ ନନ୍ଦନାନନ୍ଦନଃ" ।

କବି ଲେଖିଛନ୍ତି–

ଅଥ ସ୍ୱସଂକଳ୍ପସୁରେନ୍ଦ୍ରଶିଳ୍ପିନା
ପିନାକିନା କଳ୍ପିତସୌଧରତ୍ନନା ।
ସୁଖଂ ସମୃଦ୍ଧାତ୍ମପରିଛଦଶ୍ରିୟା
ଧରାଧରାଜାତ୍ମଜାୟାଽନ୍ୱଭୂୟତ ।।

ଅଷ୍ଟାଦଶଃ ପ୍ରବନ୍ଧଃ

ଏଠାରେ କବି ଲେଖିଛନ୍ତି–

ସହଜସଲଜ୍ଜତୟାକୁଳିତା ବଳକଳିତଲଳିତବସନାନ୍ତମ୍ ।
ନିୟମିତମଞ୍ଜୁ ବଚନରଚନା ଚିରଲୋଲୁପମତ୍ର ନିତାନ୍ତମ୍ ।।
ବାଲା ସାଽରମୟତ ନିଜକାନ୍ତମ୍ ।
ତଦନୁକୂଳନଶୀଳପରାପି ତମନୁଦିନଂ ନୂତନକାନ୍ତମ୍ ।।

ଅଭିମତନାୟକସ୍ୟ ସଙ୍ଗସୁଖାପି କରେଣ କଳଂ କଳୟନ୍ତମ୍ ।
ଅଭିନବଂ ଦଧଦୀ ମଧୁରଂ ନନ୍ନେତି କୃତାପି ସମିବ ନିବସନ୍ତମ୍ ।।

ଅତିସଙ୍କୁଚିତତନୁଲତିକାହିତଦୃଢ଼ପରିରମ୍ଭଣଲୋଭମ୍ ।
ରତିରୁଚିଦ୍‌ମ୍ଭଳନସୁଷମାତନୁଜିତଶତମନ୍ମଥଶୋଭମ୍ ।

ଦୁଗ୍ଧଂ ସଂମୁଗ୍ଧଭାବାଦିବ କିମପି ପୁରାରାତିନାସୌ ପ୍ରଦତ୍ତଂ
ତନ୍ନାମୃଷ୍ୟାକ୍ତିମସ୍ୟ ତ୍ରିଭୁବନବିଜୟୋଉମ୍ଭିତାଖର୍ବଗର୍ବାଃ।

Source: Author, Digitized by PPRACHIN, SOA

ଗୌରୀନେତ୍ରୈକିକାଷ୍ଟେସ୍ତ୍ରିଭୁବନମଜୟଃ କାମ ଏବେତଦୀୟାନ୍
ଲୀଳାଧମୀର୍ଥମୋକ୍ଷାନ୍ୟଦାଧିହୃଦି ନରୀନୃତ୍ୟତି ସ୍ମ ସ୍ମରାରେଃ ।।

ମଧ୍ୟଂ ପୁରାପତ୍ତନୁମଦ୍ୟମାୟାଃ
ମୁହୁର୍ମୁହୁର୍ଭଙ୍ଗଭୟାସ୍ୱଦତ୍ୱମ୍ ।
ଅକ୍ଷାଳକ୍ଷଷ୍ଟ ପରମାସି ମାଦା-
ସମାକ୍ରମଂ କିଂ ବଳିଭିଃ କ୍ଷମେତ ।

ଏବଂ ନିର୍ଭରନିଃସହାଙ୍ଗଲତିକାଗର୍ଭାତିଭାରେଣ ସା
ତନ୍ୱଙ୍ଗୀଂ ଦୟିତସ୍ୟ ଚେତସି ମୁଦଂ ପୁତ୍ରୀୟତସ୍ତନ୍ୱ
ପୁତ୍ରଂ କଂଚିଦସୂତ ନାକନଗରୀସାମନ୍ତସୀମନ୍ତିନୀ
ଜୀର୍ଯ୍ୟନ୍ନଙ୍ଗଲତନ୍ତୁସନ୍ତତ ? ପୁନଃ ସଦ୍ମାନୁସନ୍ଧବ୍ରତମ୍ ।।

ଗନ୍ଧର୍ବବିଦ୍ୟାଧରଚାରଣାନାଂ ତଦୋପଗାୟନ୍ତି ଗଣାଃ ପ୍ରବୀଣାଃ
ଗର୍ବାୟ ଗୀର୍ବାଣଚମୁଭଟାନାମନନ୍ୟସାମାନ୍ୟମୁଦିତମେତମ୍ ।।

ଊନବିଂଶଃ ପ୍ରବନ୍ଧଃ

କବି ନିତ୍ୟାନନ୍ଦ ଲେଖିଛନ୍ତି–

ଜୟ ଜୟ ଖଣ୍ଡରଜନୀକରମଣ୍ଡନନନ୍ଦନସୁରଗଣବନ୍ଧୋ ।
ଅଗଣିତପରମପରାକ୍ରମପୌରୁଷକୃପଣକୃପାରସସିନ୍ଧୋ ।।

କାଞ୍ଚନସଞ୍ଚୟରୁଚିରୁଚିସନ୍ତନସରସିଜଷଣ୍ଡମ୍ ।
କୁଣ୍ଡଳମୁକୁଟକଟକରସନାଙ୍ଗଦଭୂଷିତମୁରୁଭୁଜଦଣ୍ଡମ୍ ।।

ଅମରଚମୁପତିସମରାବିମୁଢ଼ା ପାଳୟ ଭବସୁତଂ ଭବତି ।
ଲୋକୟ କରୁଣାଦୃଶା, ଲୋକମିମଂ ନବକୁବଳୟସଦୃଶା ।।

ଅଥ କଦାଚନ କାଞ୍ଚନସମ୍ପଦ
ସମବଲୋକୟିତୁଂ ପ୍ରମଥୈଃ ସହ ।
ଅପଗତେ ଦୟିତେ ନଗନନ୍ଦନା
ତନୁବିଲେପନମୈହତ କୁଙ୍କୁମୈଃ ।।

ଅଥ ଭୂତପତିମୁପାଗତଂ ବନାଦ୍-
ଭବନାୟ ନାୟମବୟନ୍ତୁମା ପ୍ରିୟମ୍ ।

Source: Author, Digitized by PPRACHIN, SOA

ନିଷିଷେଧ ଯାତୁମିମନ୍ତକପ୍ରଭ-
ପ୍ରତିମଂହିମାଂଶୁଜଟଂ ମହୋକ୍ଷଟମ୍ ।।

ଇଦମମଙ୍ଗଳମଙ୍ଗଜଶାସନଃ
ସ ନ ଶଶାକ ସମକ୍ଷମପେକ୍ଷିତୁମ୍ ।
ଧରନରେନ୍ଦ୍ରସୁତାସହିତସ୍ତତୋ
ରଜତପବେତପତ୍ତନମାୟୟୌ ।।

ଅଥ ତତ୍ର ବିଚିତ୍ରକାମଭୋଗୈ-
ର୍ଭଗବାନ୍ ଭୂମିଧରାତ୍ମଜାସହାୟଃ ।
ମୁମୁଦେ କୁମୁଦେନ୍ଦୁନନ୍ଦନଶ୍ରୀ
ସ୍ୱିଜଗନ୍ନନ୍ଦନନନ୍ଦନଦ୍ୱୟେନ ।।

ପ୍ରମଥାସ୍ତମଥଶରୁଢ଼ଂ ଗଣୀନାଥପଦଂ ମୁଦଂ ପରାମନ୍ତଃ ।
ତଂ ପ୍ରତିହନ୍ତ ବହନ୍ତଃ ସାମ୍ପ୍ରତମନ୍ତଃ ସ୍ତୁବନ୍ତି ସ୍ମ ।।

ବିଂଶଃ ପ୍ରବନ୍ଧଃ

ଏଠାରେ କବି ଲେଖିଛନ୍ତି–

ଚରଣନତଶ୍ଳୋକକୃତଶୋକନାଶମ୍ । ପୂଜନପ୍ରବଣଜନପୂରିତାଶମ୍ ।।

ଶରଣମୁପୟାମବହୁକାମଭୋଗମ୍ । ଗଣାଶମନୀତଭବଭୀତିଭୋଗମ୍ ।।
କିଙ୍କିଣୀରଣିତକାଞ୍ଚିସାରମ୍ । ପୀତପଟବିତକଟିତଟମୁଦାରମ୍ ।।
ତନୁଜଂ ସୈନାପତ୍ୟେ ତଦବରଜଂ ଗାଣପତ୍ୟେ ସା ।
ଅଧିକୃତମଧିଗଚ୍ଛନ୍ତୀ ଗୌରୀ ଲେଭେ ପରଂ ପରିତୋଷମ୍ ।।

ପଞ୍ଚମଃ ସର୍ଗଃ

ପଞ୍ଚମ ସର୍ଗର ବିଷୟ ହେଉଛି - **‘କାଶୀପ୍ରବେଶଃ’** ।

କବି ନିତ୍ୟାନନ୍ଦ ଲେଖିଛନ୍ତି–

ଏକଦା କିଲ ସଦାଶିବପ୍ରିୟା
ପ୍ରାଭବେନ ଦୟିତସ୍ୟ କଳ୍ପିତାମ୍ ।
କଳ୍ପଭୂରୁହବନୀମନୀନୟ-
ତ୍ସୌଭଗଂ ଚରଣଚାରୁବିଭ୍ରମୈଃ ।।

Source: Author, Digitized by PPRACHIN, SOA

ତଂ ବିଲୋକ୍ୟ ବିହରନ୍ତମନ୍ତିକେ
କେଳତୀ ରମଣରାମ୍ରଣୀୟକମ୍ ।
ଚନ୍ଦ୍ରଖଣ୍ଡମୁକୁଟ ଜୟା ସଖୀ
ହନ୍ତ କାମପି ବଭାର ଭାବନାମ୍ ॥

ଏକବିଂଶଃ ପ୍ରବନ୍ଧଃ

କବି ନିତ୍ୟାନନ୍ଦ ବର୍ଣ୍ଣନା କରିଛନ୍ତି–

ହରମୁଖଶଶଧରବିମ୍ବବଶମ୍ବଦସମ୍ମୁଖନୟନଚକୋରା ।
ପରିହୃତତଦିତରବିଷୟରସାଦରବିସ୍ମୃତନିଜ ପରିଚାରା ॥

ସା ସଦା ସବିକାରା ।
ସ୍ଥଗିତଭାରୋଜଦଳାୟତଲୋଚନନିର୍ଭରମନ୍ଥରତାରା ॥
ପୃଥୁଳପୟୋଧରକୁମ୍ଭଭରାଦିବ କମ୍ପିତଲଳିତନିତମ୍ବା
ଅଭିମତଦୁର୍ଲଭଗର୍ହିତତାପବିଧୂସରିତାଧରବିମ୍ବା ॥
ଅନୁଭବତିସ୍ମ ସକଳତନୁମଙ୍ଗତମପି କେ ଜଡ଼ିମାନମ୍
ପ୍ରଣୟୀସଖୀ ପରିହାର କଥାସୁ ତଥା ନ ବଦତି ବହୁମାନମ୍ ॥
ତଦୁପଲଭ୍ୟ ଧରେନ୍ଦ୍ରସୁତାଥ ତାଂ
ସପଦି କୋକନଦାରୁଣଲୋଚନା ।
ଅଶପଦାବିଶମାନୁଷଭୂମିକାଂ
ଦ୍ରୁତମିତୋଽନୁଚିତାଚରଣାଦତି ॥
ଏକଦାନଗନରେନ୍ଦ୍ରକନ୍ୟୟା
କା ତବାସ୍ତି ନଗରୀ ଭୁବି ପ୍ରଭୋ ।
ଦେବଦେବ ନିଗଦେତି ନୋଦିତୋ
ଜୀଦ୍ୱରୀଂ ହର ଉଦାହରପୁରୀମ୍ ॥
ତମୁତ୍ତରେଣାଚଳନାଥନନ୍ଦନେ
ପ୍ରତୀତମାନନ୍ଦବନାଭିଧାନତଃ
ମନୋରମ ନୋଽସ୍ତି ସମସପ୍ତାବନଂ
ବନଂ ମହୀମଣ୍ଡଳମଧମଣ୍ଡନମ୍ ॥
କଃ ଶ୍ରେୟସେ ନ ନିୟୁନକିତ ଧନଂ ଜନୋଽସ୍ୟାଂ
ନିଶ୍ରେୟସେ ନିଧନମପ୍ୟୁଚିତପ୍ରବୀଣଃ ।

Source: Author, Digitized by PPRACHIN, SOA

ଆଶାସ୍ୟତେ ସଖୀ ସୁଖାୟତି ମିତ୍ରବାସଂ
ଦୁଃଖାନ୍ତନାକନଗରୀନିଳୟାଧିବାସାଃ ॥

ବିଧାନମୁଚ୍ଚୈଃଶ୍ରବସାଂ ସୁଧାମୟଂ
ସମୁଦ୍ଭବସନ୍ତାନଚୟଂ ଗୃହେଗୃହେ ।
ଦୂରଂ ତଦେତନ୍ନ କଥଂ ସୁତନ୍ୱି ଭୋ
ପ୍ରଭୂତରତ୍ନାକରତାଂ ପ୍ରପଦ୍ୟତାମ୍ ॥

ଦ୍ୱାବିଂଶଃ ପ୍ରବନ୍ଧଃ

କବି ନିତ୍ୟାନନ୍ଦ ଲେଖିଛନ୍ତି–

ବ୍ରହ୍ମାସୁରମୁନିନିକରଯମନିୟମକର୍ମଭରକୁଶକୁମୁମାବଲିଲଲିତପୂତତୀରା ।
ହଂସସଦୁପଚିତସାରସାବଲିନିଚିତହୀରରୁଚିରୁଚିରପନୀରନୀରା ॥

କପିଳମୁନିକୋପଦବଦହନହୁତସଗରସୁତନାକପଦୟାନସୋପାନଲେଖା ।
ଜହ୍ନୁମୁନିନନ୍ଦିନୀ ନନ୍ଦୀତାନତନିଖିଳଦଶକଶତଲୋଚନପ୍ରମୁଖଲେଖା ।

ତୁହିନଧରଶୃଙ୍ଗବରରଙ୍ଗନବନର୍ତ୍ତକୀଶିରସି ସମସୁରଭିତକୁସୁମମାଳା ।
ଅଙ୍ଗସଙ୍ଗମସୁଲଭପରମପଦସମ୍ପଦାବଲୋକନାଦପି ଦଳିତତାପଜାଳା ॥

ତମାଗତାଂ ଗିରିସୁତାଂ ପ୍ରତିପଦ୍ୟ ଦୂରା-
ତ୍ପୌରାଃପ୍ରମୋଦଭରଲୋଚନବାରିପୂରାଃ ।
ପ୍ରତ୍ୟୁଦ୍ୟୟୁଃ କରସରୋରୁହକୋରକାଣାଂ
ବ୍ୟୁହୈର୍ଲଲାମକମକୃତ୍ରିମମାବହନ୍ତଃ ॥

ଧୀମନ୍ତଃ ପ୍ରସୃମରଭୀରତୀବିଳାସା
ମୃଦ୍ୱିକାଫଳପରିପାକକଳନ୍ଧବର୍ଣ୍ଣାଃ
ତାମେତାଂ ହରବରବର୍ଣ୍ଣିନୀମପର୍ଣ୍ଣାଂ
ବାକ୍‌ପୁଷ୍ପୈଃ ସୁରଭିଭିରର୍ଚ୍ଚୟାଂବଭୂବୁଃ ॥

ତ୍ରୟୋବିଂଶଃ ପ୍ରବନ୍ଧଃ

କବି ନିତ୍ୟାନନ୍ଦ ଗାଇଛନ୍ତି–

ଜୟ ଜୟ ଭବଭାବିନୀ ପାବୟ ଲୋକମ୍ ।
ଭବଦବଲୋକନପରିହୃତଶୋକମ୍ ॥

Source: Author, Digitized by PPRACHIN, SOA

ଚରଣଶରଣଜନପୂରିତକାମେ ।
ଚରିତବଶୀକୃତଚନ୍ଦ୍ରଲଲାମେ ॥

ତ୍ରିଭୁବନଜନପରିପାଳନଶୀଳେ
ଗିରୀଶହୃଦୟନୟନୋତ୍ସବଲୀଳେ ॥

ଇତି ହୈମବତୀମବତୀର୍ଣ୍ଣବତୀଂ
ଭବତୀବ୍ରଭୟାଦବିତୁଂ ଜଗତୀମ୍ ।
ସମମାନୟଦାନତମାନଶିର-
ସ୍ତ୍ରିପୁରାରିବଧୂମବଧୂତଜନଃ ॥

ବିଦ୍ୟାଂ ଚ ବିଜ୍ଞାୟ ପରା ପରାଖ୍ୟା
ଭେଦେନ ବେଦାନ୍ତ ପଥପ୍ରତୀତାମ୍ ।
ଶକ୍ତିଂ ଜଗତ୍କର୍ତ୍ତୁରଜାତଯାମାଂ
ଭେଜେ ପରିବ୍ରାଜକରାଜିରେନାମ୍ ॥

CHAPTER – LV ର ପ୍ରସଙ୍ଗ ହେଉଛି 'Hanuman First Author of Ramayana' । ରାଜା ଲେଖୁଛନ୍ତି –

"Hanuman was the first person who wrote the Ramayan. Since after his meeting with Rama in the forest, he spent his time as a constant companion and a staunch devotee, and would take pleasure to muse every phase of the life of Rama. Unable to resist his feelings he started to carve them in words with his Bajra nails, an act by action, on rocks. The production was so lively that plants and animals over the rocks seemed to act. Once the sage Valmiki appeared there. It was by accident. Hanuman was in the state of musing. He was so much absorbed that he was unable to detect the arrival of sage Valmiki. Standing behind Hanuman the sage noticed as it were the real actors and actresses on the stage. When Hanuman turned round he saw only Valmiki. Standing behind Hanuman the sage noticed as it were the real actors and actresses on the stage. When Hanuman turned round he saw only Valmiki standing. The rest of the figures vanished. Valmiki had by that time finished writing his great Epic. Now he felt his work was much inferior, but Hanuman could not appreciate the idea. He thought that however best he could do the work of his Master, he would always feel that it could be done better. Without a moment's delay Hanuman cast the rocks into the ocean."

Source: Author, Digitized by PPRACHIN, SOA

CHAPTER – LVII ର ପ୍ରସଙ୍ଗ ହେଉଛି 'The Wise Minister' । ରାଜା ଲେଖିଛନ୍ତି –

"In his childhood days Sri Rama was very obstinate child. He would keep on insisting on the object of his choice unless and until he secured it never minding the absurdity of having the object ready at hand. One evening while playing with his companions he looked up at the sky. The moon was up riding in all its glory in a cloudless sky casting its silvery beams on the earth below. Rama was overjoyed at the pretty sight of the full moon. He felt fascinated at heart and insisted on having the Chandmama (moon) in his hands. His cry sobbed everyone at heart. No earthly object could pacify him. His mother Kaushalya failed in all her attempts. One person after another strained his nerves to invent his skill that could please the child but to no avail. King Dasharatha and mother Kaushalya lost patience that they were going almost to lose the baby. The Prime Minister Sumanta was earnestly entreated to try his skill if he could come to their rescue. Suddenly appearing at the spot where Rama was crying bitterly, he cried aloud, "Wait Baba, why are you feeling so melancholy for the Chanamama (moon). It is such a trifle. You will be getting it just now. Wait, I am coming with it in a minute." He proceeded to his quarters and obtained a huge mirror, with the huge mirror. hidden under his cloak he appeared before child Rama, and placed the same in his hands. When Rama saw the reflection of his Chandmama (moon) in it at his hands he rejoiced immensely, and stopped crying."

Source: Author, Digitized by PPRACHIN, SOA

CHAPTER – LX ର ପ୍ରସଙ୍ଗ ହେଉଛି 'ସରଯୂ ନଦୀ' (The Saraju River) I ରାଜା ଲେଖିଛନ୍ତି –

"Men may come and men may go but I go on for ever. Rama may come and Rama may go but I go on for ever," says the river Saraju as it flows with gurgling sound day and night, in all seasons and out of seasons. There is an interesting story about this Saraju river regarding its origin.

In olden times there dwelt a Brahmin named Daneswar in the city of Abanti. In his early days he remained away from the thresh-hold of school and took to various sorts of ignoble acts in the company of undersirable friends. He would spend hours together under trees hunting birds, some he would captivate and tame them and never hesitate to destroy insects as many as were necessary for feeding them. He would pass his time in gambling, haunting notorious dances and games. The result was that he deteriorated for below the standard of morals Influence of evil company made him deride all noble acts. When he grew up he dealt in all sorts of articles ever failing even to sell salt, charcoal, fuel, wine, sulphur, lac, leather goods, dryfish and iron goods, ladir g the loads on old oxen and dragging them along regardless for their fatigue Besides he would buy and sell cows, sheep, goats, which were profiteering everyday. His greed would induce him for gambling, thieving, and contrive means to secure the wealth of others. He had a craving for the goods of others with no scruple for falsehood. He was very miserly and if at all he spent, he would spend on prostitutes. Days passed on and on. He went on with his business in a foreign land.

Source: Author, Digitized by PPRACHIN, SOA

He went to a place on the bank of river Narmada where people had gathered from all bounds for their holy bath in the month of Karika. As this festival was to continue for a month Dhaneswar built a hut, stored his goods in it for sale. He would mark with rapt attention their dawn-bath, observance of sanctity offering of flowers, Tapa, Ashama, Padasana, Dhupa, Dipa and their pious rites. He would also mark with rapt attention the way they would recite their prayers by the side of the Tulasi plant. Although he failed to understand the spirit of the utterances in Sankrit, Dhaneswar rejoiced at heart at that, not failing to have dawn-bath and apply sandal paste on his forehead. At the end of the month every one kept a wake the whole night, the night being over with different drumbeats hymns uttered to Lakshmi Narayana. This Dhaneswar did not fail to be one among them, but sine his programme was to go back home the following morning, he had a nap towards the latter part of the night. During his sleep he suffered from snakebite. All sorts of attempts failed to counteract the poison and poor Dhaneswar had to close his eyes for ever and ever in eternal sleep. His body was burnt according to the custom, but his Soul was taken captive by the messengers of the god of death. They never failed to inflict punishments of all kinds, thrashing, casting on thorns and the like on him while carrying him along to the domain of Yama. They tied him with leather rope by the neck and dragged him alone causing all sorts of pains on the way till their arrival by the side of the throne of Yama, the god of death.

Source: Author, Digitized by PPRACHIN, SOA

The god of death and his minister Chitragupta at the sight of Dhaneswar. flew into a rage and reproached him a lot causing him a world of pains. The minister Chitragupta opened up the records of his untold sins. He went on emphasizing that it would take a hundred years to come to the end of his vice and yet they would never finish. Merciless punishment was inflicted. He was cast into a vessel of boiling all after cutting him into a vessel of boiling oil after cutting him into mincements. Immediately Dhaneswar took an unexpected shape of exquisite beauty to the utter surprise of Chitragupta and his attendants. The god of death at this report immediately arrived at the spot accompanied by sage Narada. The latter accused Yama by saying that his verdict was erroneous. He couldnot be spared for his act of punishing a devotee of Lord Vishnu. To support his remark Narada went on saying, "This man spent a month along with the Vratees (devotes) of Kartika. If a sinner spends a single day with such Vratees (devotees) all his sins will be washed away, just as a piece of wet fuel in a bundle of dry fuel gets burnt by fire, So also the sinner Dhaneswara was pardoned of his sins along with the Kartika Vratees (devotees)" He threatened Yama the god of death that he was risking his throne by that, saying, "These messengers and the minister and this power of yours are not permanent. Hundres of Yamas hve passed away and hundreds will come one after another with the Palaka (in the twinkling of an eye) of Lord Vishnu" Now Yama was convinced of his folly and to redress his injustice ordered Dhaneswara to be brought before him. With a

Source: Author, Digitized by PPRACHIN, SOA

shinning appearance Dhaneswara came out of the hot oil vat and took his stand before Yama, who now besought his forgiveness. Yama then pointed out that there were four thousand Narakas, seven of them being great and two out of the seven namely Raurava and Kumbhipaka were considered greater, and he must have come across all such Narakas on his way. Only the devotees of Lord Vishnu are spared from such sufferings. Those who avoid good company preferring to evil ones, who deride their preceptors and offend them, show their vanity to their Guru, are cast into the Naraka of Kumhipaka spreading its unbearable smell. Here the sinners live like worms in the stool. Regarding Agni puja (worship of fire). Agni is considered to be Narayan himself who exists for the rescue of the world. This Agni is present in everybody as power of digestion. To satify Agni by food is to offer puja (worship) to God. The hungry have a right to be fed on. The guests also should be readily fed. If they go disappointed all good buck and virtues of the householder follow them. People accused of such crimes are cast into Raurava Naraka with dustfilled into their mouth. After the suffering is over he is made to be born as a tree, In that life he has to suffer the severity of the six seasons of the year and the fire in the forest. The sinner is then allowed to be born as a human being. So one should be generous to the needy. The ravages of Naraka (hell) are beyond ones conception.

The negligence shown to the cows causes severe punishment. The sinner in his old age suffers from sickness that cannot be spared. He is caused to be born as an Iguana

Source: Author, Digitized by PPRACHIN, SOA

and suffers intensely. If a cow gets lost and the owner remains unmindful about it, he is cast into Rourava Naraka. He remains suffering there for as many years s there are furs on the body of the cow. In the Naraka stones and iron balls of different kinds are showered upon him from above. Thereafter he takes the life of a cow to suffer the rest of his deeds. One has to reap the consequences of ones past deeds. In that domain sufferings are not to be told. Hunger and thirst are never responded to. A selfish fellow who stores his wealth neglecting pious acts has to suffer by feeding on the ashes of his stored wealth and is forced to remain their until a worthy son is born in the linage of his family. Again a master who punishes his servants without any reason is cast into Hema Naraka at the close of his life.Corcodiles, Crabs, Fishes and other acquatic animals feast on him. A man who kills animals just for fun or pleasure sake has to be given various thrashings in the next world where his punishments know no bounds, the leech get stuck to his body to suck up his blood. Again the iron Crows, the Jackals and such other wicked creatures continue to bite him. One who neglects one's cast and creed is made to remain upside down with his head down towards the ground and the feet upwards.

These reports upset Dhaneswara who started praying to the Almighty Father and requested Yama to show him remedy if there be any. The reply was, "Complete surrender at the feet of the Almighty Father, is the only care." At the sight of Dhaneswar, Yama felt guilty of conscience and begged his pardon adding that whatever he desired would be granted to

Source: Author, Digitized by PPRACHIN, SOA

him without any grudge. Dhaneswara went on saying, "O, god of death, thou knowest fully well what is good or what is bad and can determine the fate of mortals who have no other go, but to give way. Through thy mercy I may be granted a life that must be outside the influence of Maya (Illusion). I am frightened of rebirths. Body is the cause of temptations. Temptation begets greed, which again is the father of sins. Sins are the source of rebirths. The cause of rebirths remains secret to all. I now realize the spirit of the truth and feel it in every nerve. I beseech thee, Sir, I may be spared of rebirths through thy mercy. I may have such a life the minutes of which will be utilized for the goods of others. Sir, may such verdict be passed if thou art merciful." In answer to the brahmin's prayer the god of death said, "You may remain in the region of the Yakshas and enjoy life in all its beautiful aspects for a thousand years. You may enjoy all comforts. May the beauty of your appearance be unprecidental and may you enjoy the wealth of Dhanapati (god wealth).

The boon granted by Yama was rather enchanting, thrilling and consoled one's heart beyond words. "After this life you will come down to the Madhyapura (Earth) where your life will be the means for the good of others. You will take the shape of a river with cold and transparent water that will go to defeat the eye of a Crow and continue to flow in the middle of Bharatavarsa (India). Saragu will be your denomination and you will be considered the most sacred river, yielding the desires of those who will bathe in you. They will be sure of their success in every Sphere of life. Further

Source: Author, Digitized by PPRACHIN, SOA

again a sacred city in the name of Ayodhya will spring up on your bank. Time will come when the Almighty Father will take his incarnation as Rama and be born there with his fourfold forms to King Dashratha. Lakshmi in the name of Seeta will decorate your side with Rama. Further again Lakshmi and Narayan by taking their baths in your water will ensure your salvation. For the time being you may go on enjoying your riverlife waiting for his august arrival." No sooner had the Brahmin heard these words of Yama than he went to Yakshya Pura in the Pushpka Vimana where he spent his days with the Gandharvas. He remained in Alakapura (Paradise) with all rejoicings and comforts, when at last he came down to the earth and started flowing as the river Saragu waiting for Ramavatar. The Avatar is manifold according the ages. During the Avatars what pleasure and contentment the river Saragu must have imparted to Rama and his family along with his devotees, can be left to one's surmise

Bhusand Kaka with his all awakening soul in the Meru Pradesh, must be musing over the auspicious time of Ramavatar to come, when he would play his games with the child Rama in hopping about the royal palace of Dashratha. Hnuman the eternal being must be pondering over the idea in Askandavana, when he would see Rama again in the pleasure garden of the royal palace on the bank of the river Saragu, when he could in actuality Satiate his dream to serve Rama to his heart's content.

Source: Author, Digitized by PPRACHIN, SOA

Sumanta the wise minister must be waiting in the dreamland to bluff the baby Rama with a mirror again, Vasishtha must be musing over his priesttood of the Solar dynasty in Ramavtar.

Vhiveensana must be feeling disgusted at the separation from Rama and must be eagerly waiting for the hours to come when he would rejoice the company of Rama on the banks of the river Saragu. All the dust over the river bank and every drop of water of the river is sacred commanding heavenly bliss to all that enjoy them. The Avatars have their ends but the river Saraju continues to flow waiting for the next Avatar with all wistful eyes, singing every moment, "Men may come and men may go, but I go on for ever. Rama may come and Rama may go, but I go on for ever."

CHAPTER – XLIV ର ପ୍ରସଙ୍ଗ ହେଉଛି (The Frog) । ରାଜା ଲେଖିଛନ୍ତି–

"It was the principle of Rama to touch the ground with his arrow point before shooting any object In course of his fight with Ravana, when shooting, he touched the ground quite unaware with his arrow. It was by accident that the point pierced into the body of a frog. The frog got stuck to the point of the arrow. Rama before letting off his dart noticed it. He felt sad and abstained from his attempt. Rama then Questioned the frog, "Why is it that you have kept mum so long, but when you are caught by a snake your out the whole air with your loud croak ?" To this the reply was , "Sir the snake is a selfish creature, it has no scruples. It catches a frog for its food. Again when I am caught by a snake I start struggling. It is therefore natural that, I but croak for self defence aloud.

Source: Author, Digitized by PPRACHIN, SOA

But this case is quite different. Thou art the almighty Father. The intent is quite harmless. The desire is to destroy the demon King Ravana and not me. Again the soul of a creature that dies of snake bite suffers a lot in the other world. The messengers of the god of death cause him a world of pain because snake bite is ominous. Here I think my death will earn my salvation. I see the Almighty Father before me immediately before my death. What luckier chance could there be for my consolation ? Penance, austerities, observance of rites seldom give such a Chance to mortals. No doubt I get pain but I induce myself to stand it without a grudge, because my salvation is certain after this life. Death caused by snakebite requires atonments but in this case nothing such is necessary."

CHAPTER – LXV ର ପ୍ରସଙ୍ଗ ହେଉଛି 'Rama's grace' । ଏଥିରେ କୁକୁଟକୁ ମୁକୁଟ ପ୍ରାପ୍ତି ପ୍ରସଙ୍ଗ ବର୍ଣ୍ଣିତ । ରାଜା ସାହେବ ଲେଖିଛନ୍ତି –

"By the grace of the Almighty Rama, even a mosquito could be elevated to the position of a Brahmaa and vice versa.

Our work began with the story of Kaustuvha mani and now we are going to end it with the story of an humble creature that was considered a great devotee. In the first case the devotee was a human being, a Brahmin that had ancestral spiritual cult and culture. It was but natural for him to aspire after progress in spiritual spheres. In the last case it was an humble bird, a chanticlear. One night in the forest when Rama was in quest of Seeta he was awakened from sleep at the

Source: Author, Digitized by PPRACHIN, SOA

voluminous voice of the bird which distinctly rang at his ears as Chakradhara Rakha. In fact the grief stricken heart of Rama was assuaged to a great extent when he thought that even in the dense forest the name of the Lord is pronounced early at day break. Indeed the cock is the first living being that awakes from sleep before any other creature. Its melodious voice rings at the ears of the people awakening them from their slumber, and reminds the devotee – world to start the 'japa' of the name of the Almighty Father preceding their day's work. It is auspicious no doubt. The devotee world feels their indebtedness to the cock. After daybreak the bird appeared before Rama with the sole objet of giving him information regarding his wife Seeta who had been carried away by Ravana the demon King to the South. Rama was delighted at the voluntary selfless sympathy of the bird. Rama immediately delivered the Mukuta (crown) on its head as a mark of his gratitude, adding further that Mukuta should continue on him from generation to generation and who so ever would cause any mis-chief to him would be considered an offender to Rama."

କବିଭୂଷଣ ଆନନ୍ଦଚନ୍ଦ୍ର ମିଶ୍ର ନବଦୁର୍ଗର ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କର ପ୍ରିୟ ସାଥୀ । ତେଣୁ କବି ଶ୍ରୀ ମିଶ୍ରଙ୍କର ସମସ୍ତ କାବ୍ୟ-କବିତା ନୟାଗଡ଼ ସରକାରୀ ପ୍ରେସ୍‌ରେ ମୁଦ୍ରିତ ହୋଇଥିଲା । କବିଭୂଷଣ ଶ୍ରୀ ମିଶ୍ର କେତୋଟି ଇଂରାଜୀ କବିତା ରଚନା କରିଥିଲେ । ତାଙ୍କଦ୍ୱାରା ରଚିତ ଇଂରାଜୀ କବିତା ଗୁଡ଼ିକ ହେଉଛି- "The Half Naked Fakir", "Beauty", 'A Farewell', 'Love', ଏବଂ 'Where is that time'. "The Half Naked Fakir" କବିତାଟି ଜାତିର ପିତା ମହାତ୍ମାଗାନ୍ଧୀଙ୍କୁ ଉପଜୀବ୍ୟ କରି ରଚିତ । ଏହି କବିତାଟି ତାଙ୍କର 'ଉତ୍ସ' (୧୯୫୧) କବିତା ସଂକଳନରେ ସ୍ଥାନିତ । କବିଭୂଷଣ ଶ୍ରୀ ମିଶ୍ର ଲେଖିଛନ୍ତି-

Source: Author, Digitized by PPRACHIN, SOA

"A half Naked Fakri is he, aged and old
Without a shirt he moves, in heat and cold
A calm in form, but a Volcano in heart
Though simple in birth, yet well up in art.

A lion is he of Gugurat deserts
Possesses kindness and sympathy of all sorts.

A moving spirit is he in our country
Cruelty and bloodshed to his heart have no entry
A soldier in birth but fights with slippers
Wires a coarse napkin, knows no wrappers.

A cloth is his armour, puts a rag as helmet
A washington is he and many enemies he met
So dauntless in mind, so humble in manners
So proud is he, when hoists the tricolour banner.

A second Christ or Budha, has come to us,
So he has purchased the mind of the mass.

Lions and Lionesses he was produced many
They have no blood relation with him a penny.

A Krishina in politics has discended again
Troubled and oppressed without a personal gain.

God will help, his aim we will achieve
Must breath a free air, his reward he must receive
Long live he to steer our ship to shore
For him our reverence we must store."

Source: Author, Digitized by PPRACHIN, SOA

ତାଙ୍କ ଦ୍ୱାରା ରଚିତ 'Beauty' କବିତାଟି 'ଫୁଲଫଳ' କବିତା ଗ୍ରନ୍ଥରେ ସ୍ଥାନିତ । 'Beauty' କବିତାଟି ହେଉଛି-

"Beauty of creatures is the vain;
It is only a likely fun
It is only a temporary thing
But charmed at it the living being
Beauty of youth will not last
It will once be a matter past.
You see all the nice rose
These will be once a saddy fosse.
The day will be over and the night will come;
Such is the case with the worldly fun.
Happiness will come and sorrow will be over
Only rumor world would cover.
Never attempt for beauty brother
For this at last you shall suffer."

କବିଭୂଷଣ ଆନନ୍ଦଚନ୍ଦ୍ର ମିଶ୍ରଙ୍କର ଆଉଗୋଟିଏ ଇଂରାଜୀ କବିତା ହେଉଛି 'A Farewell'. ଏହି କବିତାଟି ହେଉଛି-

"Adiu adiu my dear bretheren the days are gone
For so many days we shall have no fun.

It is a matter of regret for our separation
And of gladness for our sweet home.

The sky is bright and the morning sweet
But our minds are like a flying kite.

Our mother earth on seeing this
Laughs at us for our unsteady peace.

Source: Author, Digitized by PPRACHIN, SOA

Permanent is that God and all are vain,
For back and for future never think again.

Request you all may bretheren for your love
Instead of faults made by us in the cave."

ପ୍ରେମକୁ ଆଧାର କରି କବିଭୂଷଣ ଆନନ୍ଦଚନ୍ଦ୍ର ମିଶ୍ର 'Love' କବିତା ରଚନା କରିଛନ୍ତି । ଏହି କବିତାଟିର ଥିମ୍ ବେଶ୍ ପ୍ରଣିଧାନଯୋଗ୍ୟ । କବିଭୂଷଣ ଶ୍ରୀମିଶ୍ର ଲେଖିଛନ୍ତି-

"Love is the best among all
For this creatures always fall
The power of love can succeed
Everyday gladly the danger dsee.
For love Bilwamangal was mear
At last deaths but him fear.
As we never check the tides
We follow love where it guides
We become mad for this love
And are beaten from above
Krishna is the God of us
Radha's love did easily his cross
For this temporary thing we attempt
At last the poisonous fruit we get.
Never try for love you creature
Without this be good for ever."

ଆନନ୍ଦଚନ୍ଦ୍ର ମିଶ୍ରଙ୍କର ଇଂରାଜୀରେ ଲିଖିତ ଅନ୍ୟ ଗୋଟିଏ କବିତା ହେଉଛି- "Where is that time"? କବି ଲେଖିଛନ୍ତି-

Source: Author, Digitized by PPRACHIN, SOA

"Where is that time when I was happy
I was then trying the cuckoo's voice to copy.

I was happily wandering over the plains
I Knew not the loses or of the gains.

Pabbles and gold were equal to me
I was then very nearer to Him

May Vaxation to my teacher was very great
But for that bad thing now I regret.

I did not know what anxicty was
I spent my time in the form of Raj.

Who has taken all those things
For that, where not parallel, the over kings

Give me all those things 'O' Sir
Stop me here without taking further."

ଏହିପରି ଭାବରେ ନୟାଗଡ଼ ରାଜଦରବାରରେ ଇଂରାଜୀ ଭାଷାର ସାହିତ୍ୟ ରଚନା କରାଯାଇ ଏକ ନୂତନ ପରମ୍ପରା ସୃଷ୍ଟି କରାଯାଇଛି ।

◆◆◆

Source: Author, Digitized by PPRACHIN, SOA

ଷଷ୍ଠ ପରିଚ୍ଛେଦ

ନୟାଗଡ଼ର ପତ୍ରପତ୍ରିକା

ନୟାଗଡ଼ ଏକ ସଂସ୍କୃତି ସମ୍ପନ୍ନ ଗଡ଼ଜାତ । ବ୍ରିଟିଶ ରାଜତ୍ୱ କାଳରେ ନୟାଗଡ଼ରେ ଶିକ୍ଷାର ପ୍ରସାର ଯୋଗୁଁ ଅନେକ ପତ୍ରପତ୍ରିକା ପ୍ରକାଶିତ ହୋଇଥିଲା । ବିଶେଷତଃ ନୟାଗଡ଼ ପୁରୁଣା ସହର ହେଉଛି ବିଭିନ୍ନ ପତ୍ରପତ୍ରିକାର ସୃଜନ ଭୂମୀ । ତେବେ ନୟାଗଡ଼ରୁ ବିଭିନ୍ନ ସମୟରେ ଅନେକ ପତ୍ରପତ୍ରିକା ପ୍ରକାଶ ପାଇଛି । ନୟାଗଡ଼, ଖଣ୍ଡପଡ଼ା, ରଣପୁର ପ୍ରଭୃତି ଅଞ୍ଚଳରେ ଛପାଖାନାର ପ୍ରତିଷ୍ଠାଫଳରେ ପତ୍ରପତ୍ରିକା ପ୍ରକାଶନ କ୍ଷେତ୍ରରେ ବିଶେଷ ସୁବିଧା ହୋଇପାରିଛି । ନୟାଗଡ଼ ଅଞ୍ଚଳରେ ପ୍ରକାଶିତ ପତ୍ରପତ୍ରିକାଗୁଡ଼ିକୁ ଉଲ୍ଲେଖ କରାଗଲା ।

ଉତ୍କଳ ଚିକିତ୍ସକ (୧୮୯୪)

ଏହି ପତ୍ରିକାଟି ନବଦୁର୍ଗ ରାଜାଙ୍କ ପୃଷ୍ଠପୋଷକତାରେ ପ୍ରକାଶ ପାଇଥିଲା । ଏହାର ସମ୍ପାଦକ ଥିଲେ ରାମକୃଷ୍ଣ ସାହୁ । ଏହି ପତ୍ରିକାଟି ବର୍ତ୍ତମାନ ଦୁଷ୍ପ୍ରାପ୍ୟ ।

ବାସନ୍ତୀ (୧୯୩୮)

୧୯୩୭ ମସିହାରେ ନୟାଗଡ଼ଠାରେ ବ୍ରଜେନ୍ଦ୍ର ଉଚ୍ଚଇଂରାଜୀ ବିଦ୍ୟାଳୟ ସ୍ଥାପିତ ହେଲା । ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟର ତତ୍କାଳୀନ ଶିକ୍ଷା କେବଳ ଶ୍ରେଣୀ ପ୍ରକୋଷ୍ଠରେ ଶିକ୍ଷାଦାନରେ ଆବଦ୍ଧ ନ ହୋଇ ଛାତ୍ରର ପୂର୍ଣ୍ଣବିକାଶର ସହାୟକ ହୋଇଥିଲା । ଏହି ଶିକ୍ଷାନୁଷ୍ଠାନ ମଧ୍ୟ ଥିଲା ନୟାଗଡ଼ର ଏକ ସାଂସ୍କୃତିକ ପୀଠସ୍ଥଳୀ । ଏହି ବିଦ୍ୟାଳୟର ସାହିତ୍ୟ ପ୍ରତିକା 'ବାସନ୍ତୀ' ୧୯୩୮ ମସିହାରେ ଆତ୍ମପ୍ରକାଶ କଲା । ଏହି ପତ୍ରିକା ନୟାଗଡ଼ ସରକାରୀ ପ୍ରେସ୍‌ରୁ ମୁଦ୍ରିତ ହେଉଥିଲା । ଏହା ନିଦାଘ ସଂଖ୍ୟା, ପ୍ରାବୃଟ ସଂଖ୍ୟା, ଶିଶିର ସଂଖ୍ୟା, ହେମନ୍ତ ସଂଖ୍ୟା, ବସନ୍ତ ସଂଖ୍ୟା ଭାବରେ ବର୍ଷରେ ଏକାଧିକବାର ପ୍ରକାଶିତ ହେଉଥିଲା । ଏହି ପତ୍ରିକାର ଅନେକ ସଂଖ୍ୟାର ପ୍ରଚ୍ଛଦପଟରେ ନୟାଗଡ଼ର ତତ୍କାଳୀନ ରାଜା କୃଷ୍ଣଚନ୍ଦ୍ରସିଂହ ମାନଧାତାଙ୍କର ଫଟୋଚିତ୍ର ସ୍ଥାନ ପାଇଥିଲା । ଏହି ପତ୍ରିକାର ମଙ୍ଗଳାଚରଣରେ ଉଲ୍ଲେଖ ରହୁଥିଲା

"ଯା ହ୍ୟେଷା ନବଦୁର୍ଗସ୍ୟ ଶିକ୍ଷାସୋପାନବର୍ଦ୍ଧିକା
ସେୟଂ ପୋଷୟତୁ ସ୍ୱାଙ୍ଗଂ ବସନ୍ତୋଭବ ପତ୍ରିକା ।"

Source: Author, Digitized by PPRACHIN, SOA

'ବାସନ୍ତୀ' ପତ୍ରିକାର ବିଭିନ୍ନ ସଂଖ୍ୟାରେ ପ୍ରକାଶିତ କେତେଗୋଟି ଉଲ୍ଲେଖଯୋଗ୍ୟ ରଚନା ହେଉଛି ସୋମନାଥ ପଟ୍ଟନାୟକଙ୍କର 'ପିତୁଳା ପୂଜା', 'ଅବତାର ବାଦ', 'ଭାରତରେ କଳକାରଖାନା', ନବକିଶୋର ଶତପଥୀଙ୍କର 'ସାର୍ ଉଇଲିୟାମ୍‌ଜୋନସ୍', କାଶୀନାଥ ମହାନ୍ତିଙ୍କର 'ମିତ୍ରତା', ରାଜକିଶୋର ପଟ୍ଟନାୟକଙ୍କର 'ବାରବାଟୀ ଦର୍ଶନେ', ଜଗନ୍ନାଥ ସାହୁଙ୍କର 'କଜଳାଇପଲ୍ଲୀ ଶାସନରେ ବିଧବା ବିବାହ ସମ୍ବନ୍ଧରେ ଆନ୍ଦୋଳନ', 'ମହାତ୍ମା ଦୀନବନ୍ଧୁ ଆତ୍ମଜ', ଗଣେଶ ଚନ୍ଦ୍ର ମିଶ୍ରଙ୍କର 'ସହଶିକ୍ଷା', ମଦନ ମୋହନ ମହାନ୍ତିଙ୍କର 'ନିଜର ଧର୍ମ ହିଁ ପ୍ରକୃତ ଧର୍ମ' ଏବଂ ବୃନ୍ଦାବନ ଚନ୍ଦ୍ର ପଟ୍ଟନାୟକଙ୍କର 'କଳା' । 'ବାସନ୍ତୀ' ଦ୍ୱିତୀୟବର୍ଷ ହେମନ୍ତ ସଂଖ୍ୟାରେ ଇଂରାଜୀରେ ରଚିତ ତିନୋଟି ପ୍ରବନ୍ଧ ସ୍ଥାନ ପାଇଥିଲା । ତା ଥିଲା- Purna Chandra Jena ଙ୍କର 'Dreams of London', Mr. B. K. Das Headmaster (ଲଣ୍ଡନ ଫେରନ୍ତା)ଙ୍କର 'The Study of Novels', Kumar B.C. Singh ଙ୍କର 'Romance and Life'. ଏହି ସଂଖ୍ୟାରେ ଉର୍ମିଳା ମହାନ୍ତିଙ୍କର 'ପ୍ରାର୍ଥନା' ଶୀର୍ଷକ ଏକ କବିତା ମଧ୍ୟ ପ୍ରକାଶ ପାଇଥିଲା ।

ପ୍ରାର୍ଥନା

"ଶୂନ୍ୟ ପରାଣେ ଆସିଲ ଯେବେ ହେ
କି ଦେଇ ପୂଜିବି ନାହିଁ ମୋ କିଛି
ଦେବାକୁ ପୟରେ ରଖିଛି ଖାଲି ହେ
ପୀରତି ପୁଷ୍ପ ଯତନେ ବାଛି ।
ପୂଜାରିଣୀ ସାଜି ବସିଅଛି ପ୍ରଭୋ !
ତୁମରି ମଙ୍ଗଳ ଗାନଟି ଧରି
ଭକ୍ତି ଅର୍ଘ୍ୟ ମୋର ଘେନ ହେ ଦେବତା ! !
ନିଅ ନିଅ ବନ୍ଧୁ ମୋ ପୂଜା ବରି ।
ଗାଇ ତବ ଗୀତି କରିବି ଭଜନା
ତୁମ ଅନୁରାଗେ ହୃଦୟ କିଣା
ଜୀବନ ସନ୍ଧ୍ୟାରେ ଅନ୍ତିମ ବେଳାରେ
ଶୁଣିବି ଯେପରି ତୁମ ମୂର୍ଚ୍ଛନା ।
ସେ ମିଳନ ଶେଷେ ଦିଅ ପ୍ରଭୁ ଖାଲି
ତୁମରି ଶ୍ରୀପଦେ ମୋତେ ହେ ଥାନ
ଚାହେଁ ନାହିଁ ଆଉ ଜଗତେ ମୁଁ କିଛି
ସୁଖ ଭୋଗ ଛାଡ଼ି ମୁକ୍ତି ନିର୍ବାଣ ।"

Source: Author, Digitized by PPRACHIN, SOA

ଏହିପରି ଭାବରେ 'ବାସନ୍ତୀ' ଛାତ୍ରମାନଙ୍କର ସୃଜନଶୀଳ ପ୍ରତିଭାର ବିକାଶ କ୍ଷେତ୍ରରେ ପ୍ରଧାନ ଭୂମିକା ଗ୍ରହଣ କରିଥିଲା ।

ନବଦୁର୍ଗ ପ୍ରଦୀପ (୧୯୪୧)

ଏହା ଏକ ହାତ୍‌ଲେଖା ପତ୍ରିକା ଥିଲା । ବ୍ରଜେନ୍ଦ୍ର ହାଇସ୍କୁଲରେ 'ବାସନ୍ତୀ'ର ପ୍ରକାଶନ ପରେ ୧୯୪୧ ମସିହାରେ ନୟାଗଡ଼ ପୁରୁଣା ସହରର ଛାତ୍ରମାନଙ୍କ ସହଯୋଗରେ ଏହି ପତ୍ରିକା ପାଣ୍ଡୁଲିପି ଆକାରରେ ଆତ୍ମପ୍ରକାଶ କରିଥିଲା । ଏହି ପତ୍ରିକାର ସମ୍ପାଦକ ଥିଲେ ଫକୀର ଚରଣ ପଟ୍ଟନାୟକ । ଏହା ଏକ ମାସିକ ପତ୍ରିକା ଥିଲା । ଏହି ପତ୍ରିକାର ସମ୍ପାଦନା ଓ ଲେଖାକାର୍ଯ୍ୟ ସମ୍ପାଦକ ଶ୍ରୀପଟ୍ଟନାୟକଙ୍କ ବୈଠକରେ ଅନୁଷ୍ଠିତ ହେଉଥିଲା । ପ୍ରତ୍ୟେକ ମାସର ଦ୍ୱିତୀୟ ସପ୍ତାହ ଶେଷ ବେଳକୁ ଏହା ପ୍ରକାଶିତ ହେଉଥିଲା । ଏହି ପତ୍ରିକାଟିକୁ ନୟାଗଡ଼ର ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀରେ ସୀମିତ ସମୟ ପାଇଁ ପଢ଼ିବାକୁ ସୁଯୋଗ ଦିଆ ଯାଉଥିଲା । ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକଙ୍କ ସୁଚିନ୍ତିତ ମନ୍ତବ୍ୟ ପାଇଁ ଏହି ପତ୍ରିକାରେ କେତେକ ପୃଷ୍ଠା ସଂରକ୍ଷିତ ରହୁଥିଲା । ଏହି ପତ୍ରିକା ୧୯୪୪ ମସିହା ପର୍ଯ୍ୟନ୍ତ ପ୍ରକାଶ ପାଇଥିଲା ।

ଜାଗରଣ (୧୯୪୫)

୧୯୪୫ ମସିହାରେ ନୟାଗଡ଼ ପୁରୁଣା ସହରରେ 'ଜାଗରଣ ଛାତ୍ର ସଂଘ' ନାମକ ଏକ ସଙ୍ଗଠନ ଗଢ଼ି ଉଠିଥିଲା । ଏହି ସଙ୍ଗଠନର ପ୍ରଧାନଲକ୍ଷ୍ୟ ଥିଲା ନୟାଗଡ଼ ଟାଉନ୍‌ରେ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରସାର । ଏହି ସଙ୍ଗଠନର ମୁଖ୍ୟ ଆବାହକ ଥିଲେ ଫକୀର ଚରଣ ପଟ୍ଟନାୟକ ଓ ଦୁର୍ଗାମଧବ ମିଶ୍ର । ଏହି ଜାଗରଣ ଛାତ୍ରସଂଘ ପକ୍ଷରୁ 'ଜାଗରଣ' ନାମକ ଏକ ହାତଲେଖା ସାହିତ୍ୟ ପ୍ରତିକା ଜନ୍ମନେଲା । ଫକୀର ଚରଣ ପଟ୍ଟନାୟକ ଏହାର ସମ୍ପାଦନା ଦାୟିତ୍ୱରେ ଥିଲେ । ଏହି ପତ୍ରିକାରେ କବିତା, ଗଳ୍ପ, ପ୍ରବନ୍ଧ ଇତ୍ୟାଦି ସହିତ ହସ୍ତ ଅଙ୍କିତ ଚିତ୍ରକଳା ମଧ୍ୟ ସ୍ଥାନ ପାଉଥିଲା । ଶ୍ରୀ ଫକୀର ଚରଣ ପଟ୍ଟନାୟକ କହନ୍ତି ଯେ ନୟାଗଡ଼ ପୁରୁଣା ସହରରେ ଅବସ୍ଥିତ ଶ୍ରୀଗୋପୀନାଥ ଜୀଉ ମନ୍ଦିର ପ୍ରଙ୍ଗଣରେ ଜାଗରଣ ଛାତ୍ରସଂଘ ତରଫରୁ ଓଡ଼ିଆ ତର୍କ ପ୍ରତିଯୋଗିତାର ଆୟୋଜନ କରାଯାଉଥିଲା । ପ୍ରତି ଶନିବାର ଦିନ ସଂଘର ସଭ୍ୟମାନେ ବିଭିନ୍ନ ପ୍ରସଙ୍ଗ ଉପରେ ଏଠାରେ ମଧ ଆଲୋଚନା କରୁଥିଲେ ।

ପାରିଜାତ (୧୯୪୫)

ନୟାଗଡ଼ ପୁରୁଣା ସହରର ଛାତ୍ରମାନଙ୍କ ସହଯୋଗରେ 'ଜାଗରଣ' ପତ୍ରିକାର ଆତ୍ମପ୍ରକାଶ ଦେଖି ନୂଆଁ ରାଜବାଟୀ ସନ୍ନିକଟ ଅମଲାପଡ଼ାରେ ରହୁଥିବା ଛାତ୍ରମାନେ ସେହିବର୍ଷ 'ପାରିଜାତ' ନାମକ ଏକ ହାତଲେଖା ପତ୍ରିକା ପ୍ରକାଶ କଲେ । ଏହାର ସମ୍ପାଦକ ଥିଲେ ଗଦାଧର ପଟ୍ଟନାୟକ ।

Source: Author, Digitized by PPRACHIN, SOA

ସାଥୀ (୧୯୪୫)

'ଜାଗରଣ' ଲେଖକ ସ ' ଓ 'ପାରିଜାତ' ପତ୍ରିକାର ଲେଖକ ସଭ୍ୟମାନେ ମିଳିତଭାବରେ ଏକ ନୂତନ ପତ୍ରିକା ପ୍ରକାଶ କରିବାକୁ ମନସ୍ଥ କଲେ । ସେମାନଙ୍କର ମିଳିତ ଉଦ୍ୟମରେ 'ସାଥୀ' ନାମକ ଏକ ନୂତନ ସାହିତ୍ୟ ପତ୍ରିକା ୧୯୪୫ ମସିହାରେ ଆତ୍ମପ୍ରକାଶ ଲାଭ କଲା । ଏହା ମଧ ଏକ ହାତଲେଖା ପତ୍ରିକା ଥିଲା । ଏହାର ସମ୍ପାଦନା ଦାୟିତ୍ୱରେ ଥିଲେ ଫକୀର ଚରଣ ପଟ୍ଟନାୟକ । ଏହି ପତ୍ରିକାଟି ବେଶିଦିନ ପର୍ଯ୍ୟନ୍ତ ତିଷ୍ଠିପାରି ନଥିଲା ।

ଜ୍ୟୋତ୍ସ୍ନା (୧୯୪୬)

ନୟାଗଡ଼ର ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତାଙ୍କ ପୃଷ୍ଠପୋଷକତାରେ ଏହି ପତ୍ରିକା ନୟାଗଡ଼ ଷ୍ଟେଟ ପ୍ରେସ୍‌ରୁ ପ୍ରକାଶ ପାଇଥିଲା । ଏହା ଏକ ବାର୍ଷିକ ପତ୍ରିକା ଥିଲା । ଏହି ପତ୍ରିକାର ସମ୍ପାଦକ ମଣ୍ଡଳୀରେ ଥିଲେ – ଗଣେଶ ଚନ୍ଦ୍ର ମିଶ୍ର, କବିଭୂଷଣ ଆନନ୍ଦ ଚନ୍ଦ୍ର ମିଶ୍ର, କୃପାସିନ୍ଧୁ ମିଶ୍ର, ଅଗାଧୁ ହୋତା, ସୁଦର୍ଶନ ରାଉତ, ବୃନ୍ଦାବନ ଚନ୍ଦ୍ର ପଟ୍ଟନାୟକ ଏବଂ ଦଣ୍ଡପାଣି ମିଶ୍ର । ଏହି ପତ୍ରିକାର ସମ୍ପାଦକ ଥିଲେ ଫକୀର ଚରଣ ପଟ୍ଟନାୟକ । ଶ୍ରୀ ପଟ୍ଟନାୟକ କହନ୍ତି ଯେ 'ସାଥୀ' ପତ୍ରିକାର ତରୁଣ ଲେଖକମାନେ ରାଜା କୃଷ୍ଣଚନ୍ଦ୍ର ସିଂହଙ୍କ ନିକଟରେ ଏକ ସାହିତ୍ୟ ପତ୍ରିକାର ମୁଦ୍ରଣପାଇଁ ନିବେଦନ କଲେ । ଗୁଣଗ୍ରାହୀ ରାଜା ଏହି ଅନୁରୋଧ କ୍ରମେ 'ଜ୍ୟୋତ୍ସ୍ନା' ପତ୍ରିକାର ମୁଦ୍ରଣଭାର ବହନ କଲେ । ଫଳରେ ଏହି ପତ୍ରିକା ଆତ୍ମପ୍ରକାଶ ଲାଭ କଲା । ଏହି ପତ୍ରିକାର ମଙ୍ଗଳାଚରଣରେ ଉଲ୍ଲେଖ ଥିଲା:

''ଜ୍ୟୋତ୍ସ୍ନେତି ନାମ୍ନୀ ନବପତ୍ରିକେୟ
ମନଃ ପ୍ରବୃତ୍ତିଂ ବିମଳାଂ ବିଧାୟ
ଭାବଂ ବିଶୁଦ୍ଧଂ ମିଥଃ ସନ୍ନିବେଶ୍ୟ
ଜ୍ୟୋତ୍ସ୍ନେବ ଭାତୁ ହୃଦି ଭାବୁକାନାଂ ।''

ଏହି ପତ୍ରିକାର 'କୃତଜ୍ଞତା ଜ୍ଞାପନ' ସୋପାନରେ ଲେଖାଅଛି – "ବହୁଦିନର ସଞ୍ଚିତ ଆଶା ଆଜି ପୂର୍ଣ୍ଣ ହୋଇଛି । ଆମ୍ଭମାନଙ୍କର କୃଷ୍ଟିଗତ ଜୀବନ ବହୁତ ଉତ୍‌ଥାନ ପତନ ପରେ ଆମ୍ଭେମାନେ ଆଜି ନୂତନ ଆଲୋକର ସନ୍ଧାନ ପାଇଛୁ । ଆଜି କୃଷ୍ଟିଗତ ଜୀବନର ରମଣୀୟ ପ୍ରଭାତରେ ଆମ୍ଭେମାନେ ଦେଶର ତଥା ଜାତିର ଉନ୍ନତିକଳ୍ପେ ଉତ୍କଳର ପ୍ରତ୍ୟେକ ଛାତ୍ର ଓ ଛାତ୍ରୀମାନଙ୍କର ସହଯୋଗ ଭିକ୍ଷା ସଙ୍ଗେସଙ୍ଗେ ଆମ୍ଭମାନଙ୍କର ଉତ୍ସାହଦାତା ନବଦୁର୍ଗାଧୀଶ୍ୱରଙ୍କ ନିକଟରେ ଅନ୍ତରର କୃତଜ୍ଞତା ଜ୍ଞାପନ କରୁଅଛୁ ।

ଜାଗରଣ ଛାତ୍ରସଂଘ
ନବଦୁର୍ଗ ରାଜଧାନୀ

Source: Author, Digitized by PPRACHIN, SOA

ଏହି ପତ୍ରିକାରେ ନୟାଗଡ଼ବାସୀଙ୍କୁ 'ପଦେଅଧେ'ରେ ନିବେଦନ କରାଯାଇଥିଲା -

"ଆମ୍ଭେମାନେ ଆଗରୁ କହିଚୁଁ ଯେ ଜ୍ୟୋସ୍ନାର ଉଦ୍ଦେଶ୍ୟ ମୁଖ୍ୟତଃ ସାହିତ୍ୟ ସେବା । ତେଣୁ ପ୍ରତ୍ୟେକ ନୟାଗଡ଼ ବାସୀ ଆମ୍ଭମାନଙ୍କୁ ଏହି ମହତ୍ କାର୍ଯ୍ୟରେ ସୁଚାରୁ ପରିଚାଳନା ପାଇଁ ଓ ଏହାର ପ୍ରକାଶ ପାଇଁ ସାହାଯ୍ୟ କରିବାରେ ପଶ୍ଚାତ୍ପଦ ହେବେନାହିଁ । ଆମ୍ଭେମାନେ ପୂର୍ଣ୍ଣ ପ୍ରାଣରେ ସେମାନଙ୍କର ସ୍ନେହ ଓ ସହାନୁଭୂତି ଭିକ୍ଷା କରୁଛୁ ।"

ଏହି ପତ୍ରିକା ମାଧ୍ୟମରେ ନୟାଗଡ଼ ତଥା ଓଡ଼ିଶାର ବିଭିନ୍ନ ଅଞ୍ଚଳର ତରୁଣ ଲେଖକମାନେ ସାହିତ୍ୟ ଚର୍ଚ୍ଚା କରୁଥିଲେ । ଏହି ପତ୍ରିକାର ପ୍ରଥମ ସଂଖ୍ୟାର ସମ୍ପାଦକୀୟ ପୃଷ୍ଠାରେ ଉଲ୍ଲେଖ ରହିଛି, ''ଜ୍ୟୋସ୍ନାର ପୂର୍ଣ୍ଣ ଉଦ୍ଦେଶ୍ୟ ସାହିତ୍ୟ ଚର୍ଚ୍ଚା । ଅନ୍ୟାନ୍ୟ ସାହିତ୍ୟ ତୁଳନାରେ ଯେ ଓଡ଼ିଆ ସାହିତ୍ୟ ବହୁ ପଛରେ, ସେ କଥା ଓଡ଼ିଶାର ପ୍ରତ୍ୟେକ ସାହିତ୍ୟସେବୀ ହୃଦୟଙ୍ଗମ କରିପାରିଛନ୍ତି । ଆମ୍ଭମାନଙ୍କର ତା' ଉପରେ ଟୀକାଟୀପ୍ପଣୀ ଦେବା ବାହୁଲ୍ୟ ମାତ୍ର । ଆମ୍ଭେମାନେ କେବଳ ଓଡ଼ିଆ ସାହିତ୍ୟ ପଛରେ ପଡ଼ିଛି ବୋଲି ଝୁରିକଲେ ଆମ୍ଭମାନଙ୍କର ଅବସ୍ଥା ଯେ ସୁଧୁରିଯିବ ସେ କଥା କଳ୍ପନା କରିବା ଅର୍ବାଚୀନତା । ଆମ୍ଭମାନଙ୍କୁ ସାହିତ୍ୟ ସାଧନା ହିଁ କରିବାକୁ ହିଁ ପଡ଼ିବ ।''

'ଜ୍ୟୋସ୍ନା' ପତ୍ରିକାର ପ୍ରଥମ ସଂଖ୍ୟାରେ ଯେଉଁ ଲେଖକମାନଙ୍କର ଲେଖା ପ୍ରକାଶ ପାଇଥିଲା, ସେମାନେ ହେଲେ ସର୍ବଶ୍ରୀ ଦୁର୍ଗାମାଧବ ମିଶ୍ର, ବନମାଳୀ ସାହୁ, ସୋମନାଥ ପଟ୍ଟନାୟକ, ଗୋବିନ୍ଦଚନ୍ଦ୍ର ମିଶ୍ର, ଫକୀର ଚରଣ ପଟ୍ଟନାୟକ, ଗଦାଧର ପଟ୍ଟନାୟକ, ଅକ୍ରୂର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଗୁରୁପ୍ରସାଦ ମହାନ୍ତି, କିଶୋର ଚନ୍ଦ୍ର ପଟ୍ଟନାୟକ ଓ ଦୀନବନ୍ଧୁ ରଥ । ୧୯୪୭ ମସିହାରେ 'ଜ୍ୟୋସ୍ନା'ର ଦ୍ୱିତୀୟ ସଂଖ୍ୟା ପ୍ରକାଶ ପାଇଥିଲା । ୧୯୪୮ ମସିହା ବେଳକୁ ନୟାଗଡ଼ରୁ ରାଜୁତା ଶାସନର ଅବସାନ ଘଟିଥିଲା । ତେଣୁ 'ଜ୍ୟୋସ୍ନା'ର ଦ୍ୱିତୀୟ ପ୍ରକାଶନ ପରେ ରାଜପୃଷ୍ଠପୋଷକତା ଅଭାବରୁ ତାହା ଆଉ ପ୍ରକାଶିତ ହୋଇପାରିଲା ନାହିଁ ।

ଦେଶବାର୍ତ୍ତା (୧୯୪୨)

ଏହା ମୁଖ୍ୟତଃ ଏକ ସମ୍ବାଦଧର୍ମୀ ପ୍ରତିକା ଥିଲା । ଏହା ୧୯୪୨ ମସିହାରେ ନୟାଗଡ଼ ରାଜଦରବାରୁ ପ୍ରକାଶିତ ହେଉଥିଲା । ଏହାର ସମ୍ପାଦକ ଥିଲେ ଦଣ୍ଡପାଣି ମିଶ୍ର । ଏହି ପତ୍ରିକା ୧୯୪୮ ମସିହା ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିଲା ।

◆◆◆

Source: Author, Digitized by PPRACHIN, SOA

ସହାୟକ ଗ୍ରନ୍ଥସୂଚୀ

୧. ଅର୍ଜ୍ଜୁନ ବାରିକ - ବୃହତ୍ ଶ୍ରୀ ରଘୁନାଥ ପୁରାଣ
୨. ଆନନ୍ଦ ଚନ୍ଦ୍ର ମିଶ୍ର - ଉତ୍ସ
୩. ଆନନ୍ଦ ଚନ୍ଦ୍ର ମିଶ୍ର - କଳ୍ପନାଯାତ୍ରୀ
୪. ଆନନ୍ଦ ଚନ୍ଦ୍ର ମିଶ୍ର - ରଣ ତାଣ୍ଡବ
୫. ଆନନ୍ଦ ଚନ୍ଦ୍ର ମିଶ୍ର - କଳ୍ପନା କୁଞ୍ଜେ
୬. ଆନନ୍ଦ ଚନ୍ଦ୍ର ମିଶ୍ର - ଫୁଲ ଓ ଫଳ
୭. ପୂର୍ଣ୍ଣଚନ୍ଦ୍ର ଶୂରଦେଓ - ସମୟର ପୂର୍ଣ୍ଣଛେଦ
୮ ପୂର୍ଣ୍ଣଚନ୍ଦ୍ର ଶୂରଦେଓ - ମାନସୀ
୯. ପୂର୍ଣ୍ଣଚନ୍ଦ୍ର ଶୂରଦେଓ - ଦକ୍ଷିଣକାଳୀଙ୍କ ମାହାତ୍ମ୍ୟ
୧୦. ତ୍ରିନାଥ ପଟ୍ଟନାୟକ - ଯଦୁମଣି ଗ୍ରନ୍ଥାବଳୀ
୧୧. ଚକ୍ରଧର ମହାପାତ୍ର - ଯଦୁମଣି ଗ୍ରନ୍ଥାବଳୀ
୧୨. ଭାଗବତ ପ୍ରଧାନ - ସେତୁବନ୍ଧ ପ୍ରତିଷ୍ଠା
୧୩. କୃଷ୍ଣଚନ୍ଦ୍ର ସିଂହ ମାନଧାତା - ଅନୁଭୂତ କାହାଣୀମାଳା
୧୪. K. C. Singh Mandhata - Foot Prints of Sri Ram
୧୫. Dr. Banamali Rath- A study on Srikrishna Lilamrutam
୧୬. ପୁରୁଷୋତ୍ତମ ସିଂହ ମାନଧାତା - ଶୋଭାବତୀ କାବ୍ୟ
୧୭. ନିର୍ମଳଚନ୍ଦ୍ର ଶୂରଦେଓ - ରାଧିକା
୧୮ ନିର୍ମଳଚନ୍ଦ୍ର ଶୂରଦେଓ - ଓଢ଼ଣା ତଳର ଶୀତ
୧୯. କେଦାରନାଥ ମହାପାତ୍ର - ଖୋରଧା ଇତିହାସ
୨୦. ଆନନ୍ଦଚନ୍ଦ୍ର ମିଶ୍ର - କବି ଯଦୁମଣି ଓ ଅନ୍ୟାନ୍ୟ ପ୍ରବନ୍ଧ
୨୧. ଡକ୍ଟର ପ୍ରେମାନନ୍ଦ ମହାପାତ୍ର - ନୟାଗଡ଼ ଇତିହାସ
୨୨. ଡକ୍ଟର ପ୍ରେମାନନ୍ଦ ମହାପାତ୍ର - ଓଡ଼ିଶା ସାହିତ୍ୟକୁ ନୟାଗଡ଼ ଜିଲ୍ଲାର ଅବଦାନ
୨୩. ଡକ୍ଟର ପ୍ରେମାନନ୍ଦ ମହାପାତ୍ର - ଉପେନ୍ଦ୍ର ଭଞ୍ଜ ଓ ସାରସ୍ୱତ ପୀଠ, ମାଳିଶାହି
୨୪. ଡକ୍ଟର ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ - ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ
୨୫. ପଣ୍ଡିତ ନିତ୍ୟାନନ୍ଦ - ଶିବଲୀଳାମୃତ ମହାକାବ୍ୟମ୍
୨୬. ପଣ୍ଡିତ ନିତ୍ୟାନନ୍ଦ - ଶ୍ରୀକୃଷ୍ଣ ଲୀଳାମୃତ ମହାକାବ୍ୟମ୍

◆◆◆

Source: Author, Digitized by PPRACHIN, SOA

ପରିଶିଷ୍ଟ

ଚଉପଦୀ-୧

(ରାଗ-ସାରଙ୍ଗ । ତାଳ-ଝୁଲା)

ରଚିଥିଲା ଏହା ବିରଞ୍ଚି
ବିପଞ୍ଚି ଗୀରାକୁ ଅଇଲି ମୁଞ୍ଚି ।୦ ।
କୁଞ୍ଚିତକେଶୀର ଅଞ୍ଚିତ ମୁଖ
ଦେଖି ବଞ୍ଚୁଥିଲି ଲଭିଣ ସୁଖ
ସଞ୍ଚିତ ମୋ ତପ ସଙ୍କୁଚିତ ହେଲା
କୁଚିକ୍ଵାରେ ଯାହା ଅଇଲି ଘୁଞ୍ଚି ।୧ ।
ଯାଚିଲି ମୁଁ ତାକୁ ପୁରୁଷାୟିତ
ସୁଚିତରେ ଦେଲା ହସି କିଞ୍ଚିତ
ରଞ୍ଚିଥିଲା ତାହା ସେ ମୃଣାଳ ବାହା
ଏବେ ଏ କାଳରେ ଥିବ କି ବଞ୍ଚି.? ।୨ ।
ରୁଚିର ହେବାର ମୁକୁତା ହାର
ଛିଞ୍ଚି ଗଣି ତାକୁ ହୋଇ ବାହାର
ଖଚିତ ଭୂଷଣ ହେବଣି ଦୂଷଣ
ରଖିଥିବ ଯାହା ପୂରବୁଁ ସଞ୍ଚି ।୩ ।
ନିଶି ଦିବସରେ ଲୋତକ ମୁଞ୍ଚି
ମୁଞ୍ଚି ହେଉଥିବ ଧରାରେ ବିଞ୍ଚି
ନବ ଦୁର୍ଗେଶ୍ୱର ଭଣନ୍ତି ଏ ଗିର
ଫେଡ଼ିବ ସେ ଦୁଃଖ ଯାହା ପହଞ୍ଚି ।୪ ।

ଚଉପଦୀ-୨

(ରାଗ-ତୋଡ଼ି ପରଜ । ତାଳ-ପହପଟ୍ଟ)

ସୁନ୍ଦରୀ, ଭାଲେ ସିନ୍ଦୂର ବିନ୍ଦୁ
ମିତ୍ରକୁ କୋଳ କି କରିଛି ଇନ୍ଦୁ ।୦ ।
ସ୍ୱର୍ଣ୍ଣ ଭୂମିରେ ଇନ୍ଦ୍ର ଗୋପ କି ସେ ?
ବାହ୍ୟେ ଅନୁରାଗ କିବା ବରଷେ ।୧ ।

Source: Author, Digitized by PPRACHIN, SOA

ଯୁବାଜୟ ଆଶେ ରଙ୍ଗ ବାଟୁଳି
ରଖିଅଛି ମାର ବୀର କି ଭାଳି ।୨ ।
ଚାରୁ ସେ ଭୂରୁଲତା ପକ୍ୱ ଫଳ
ମାଣିକ୍ୟ ମଥାମଣି ପ୍ରତି ତୁଳ ।୩ ।
କି ଅବା ବଦନ ଲାବଣ୍ୟ ଜଳେ
ନବ ପ୍ରଫୁଲ୍ଲ କୋକନଦ ଝୁଲେ ।୪ ।
କି କାମଶର ଅରବିନ୍ଦ ଫୁଲ
ଶ୍ରୀମାନଧାତା ବୋଲେ (ନୁହେଁ) ସମତୁଲ ।୫ ।

ଚଉପଦୀ-୩

(ରାଗ-ସୁରଠ । ତାଳ-ଝୁଲା)

ନୂଆ ଛଇଳା ମହିଳା କାହାର ଏ
ସୁ ଆଳୀ ଗଣେ ଗହଣେ ବାହାର ଏ ।୦ ।
ଅବଳା ମଣିର ବଳା
ନୂପୁର ଶବଦ
ବଳାରାତି ପଦକୁ ତ କରିଅଛି ରଦ୍ଦ ।୧ ।
ରାଜହସଂଗମନୀର
ଛଟକ ଚାତୁରୀ
ସାଜଇ କି ମନୋହର ବେଶଭୂଷା ଶିରୀ ।୨ ।
ହୋଇପାରନ୍ତି ଭାଜନ
ଯଦି ଛାମୁଁକୁ ତା
ଗଜରା ନିଶରେ ପରା ଗୁନ୍ଥନ୍ତି ମୁକୁତା ।୩ ।
ରସାରେ ମୁଁ ଥିବାଯାକେ
ଜୀବନ ଦଶାରେ
ଯଶ ଧ୍ୱଜାକୁ ଉଡ଼ାନ୍ତି ରସିକ ସଂସାରେ ।୪ ।
ସତେ ରତେ ବସାଇବି
କରିବ ବିଧାତା
ପ୍ରତେ ନାହିଁ କହେ ବିନାୟକ ମାନଧାତା ।୫ ।

Source: Author, Digitized by PPRACHIN, SOA

ଚଉପଦୀ-୪

(ରାଗ-ସୁରଠ । ତାଳ-ଏକତାଳୀ)

ସଞ୍ଜ ଘଞ୍ଜ ଉଛ ପୀବର ଉରଜା
ଗଭା ଚାହିଁରେ ।୦ ।

ଭଲ ତା' ନୟନ-ବାଣ
ଚାପେ ଯୋଗ ବିନା ପ୍ରାଣ
ଦେଲା ଦହି ରେ ।୧ ।

କିଞ୍ଚିତେ ବଦନ ଶଶୀ
ଫେରାଇ ଅଳପ ହସି
ନେଲା ମୋହିରେ ।୨ ।

ଯେତେ ଅନୁରାଗ ଭାବ
କେତେ ସୀଉକାର ଲୋଭ
ଥିଲା ତହିଁରେ ।୩ ।

ନୃପ ମାନଧାତା ଗିର
ସେ କାଳେ ଯା କଲା ମାର
ନୋହେ କହି ରେ ।୪ ।

ଚଉପଦୀ-୫

(ରାଗ-ଆଶାବରି । ତାଳ-ଝୁଲା)

ସେ କି ରସିକରେ ଗଣାରେ
ଯେ କି ନ.ଚାଖିଛି ପ୍ରୀତି ପଣାରେ ।୦ ।

ତାର ଥିଲେ ଇନ୍ଦ୍ର ସମ୍ପତ୍ତି
ସାର ବିଚାର ସେ ବିପତ୍ତି
ଯାର ନାହିଁ ସୁ ରସବତୀ
କରମଟି ତାର ବଡ଼ ଊଣା ରେ ।୧ ।

ଯୋଗୀ ଯୋଗ ଭଙ୍ଗ ନବୀନା
ଭୋଗି ଭୋଗ ପାଇଁ ସେ ସିନା
ଭାଙ୍ଗିଦିଏ କାମ ବେଦନା
ଏହି ରୀତି ଯା'କୁ ନୋହେ ଜଣା ରେ ।୨ ।

Source: Author, Digitized by PPRACHIN, SOA

ପ୍ରକାଶ ସୁହାସ ମଧୁର
ପରସନ୍ନ ମୁଖ ବନ୍ଧୁର
ଦରଶନ ନୋହିଛି ଯା'ର
ପଦ୍ମସମ ନେତ୍ର ଥିଲେ କଣା ରେ ।୩ ।

ନବଦୁର୍ଗାଧିପ ଭାଷିତ
ଭାଗ୍ୟ ଥିଲେ ଅପରିମିତ
ଯୋଗ୍ୟ ହେବ ସ୍ନେହକୁ ସତ
ଭଗବତୀର ଥିଲେ କରୁଣା ରେ ।୪ ।

ଚଉପଦୀ-୬
(ରାଗ-ଆଶାବରି । ତାଳ-ଝୁଲା)

ରହିଯାରେ ବନ୍ଧୁ ରହିଯା ରେ
ହସି କଥାପଦେ କହିଯା ରେ
ଅରୁଣାଧରୀଠୁ ତରୁଣାଙ୍ଗି ବାଳା
ମୋଠାରେ କରୁଣା ବହିଯା ରେ ।୦ ।

ଛଳ ପରିହାସ ପହିଯା ରେ
ଜଳପନା ମୋର ସହିଯା ରେ
ରଦନ ମଞ୍ଜୁଳ ବଦନ ଛପାଇ
ମଦନ ଶରେ ନ ଦହିଯା ରେ ।୧ ।

ମୋ ଅଙ୍କ-ତଳପେ ଶୋହିଯା ରେ
ମନମୋହୀ ଥରେ ମୋହିଯା ରେ
କୀର୍ତ୍ତିକେତନକୁ ଉଡ଼ାଇ ଅଭୀତେ
ପ୍ରୀତି-ନାବ ମଙ୍ଗ ବାହିଯା ରେ ।୨ ।

ଭାବେ ନିଶିଥିନୀ ପାହିଯା ରେ
ସଂସାରେ ଯଶ ଗୁହାଇଯା ରେ
ଚିର କ୍ଷୁଧାର୍ତ୍ତିକୁ ସାରଙ୍ଗ ଅଧରୁ
ସୁଧାର ଧାର ବୁହାଇଯା ରେ ।୩ ।

Source: Author, Digitized by PPRACHIN, SOA

ନିର୍ଦ୍ଦୟାବତୀ ତୁ ନୋହିଯା ରେ
ଦୟାମ୍ମୁଖି ଏବେ ହୋଇଯା ରେ
ନବଦୁର୍ଗ ରାଣ ପକାଉଛି ରାଣ
ନିଧୁବନ ରସ ଦେଇଯା ରେ ।୪ ।

◆◆◆

ଅଦିନ ବର୍ଷା

ଶାରଦ ଆକାଶେ ଅଦିନ ବଉଦ ଗାଢ଼ନୀଳମୟ କରି
ବର୍ଷା ପଡୁଛି ଝରି ।
ଦୂର ତୋଟାତଳ ଅନ୍ଧାରତଳେ ଜୁଳୁଜୁଳା ଜାଳେ ବତୀ
ତମସାର ଢେଉ ଚହଲି ଚହଲି ଅବରୋଧେ ଆଜି ଗତି ।
ଚକ୍ଷୁରେ ମୋର ହସଇ ଚପଳା
ଦୂର ଗିରି, ବନ, ସାଗର ମେଖଳା
ଫୁଲି ଫୁଲି ଉଠେ ଥରି
ବର୍ଷା ପଡୁଛି ଝରି ।
ଇନ୍ଦ୍ରିତ ଆଖି ଅଳସ ପତାଟି ବୁଜି ବୁଜି ହୋଇ ନାଇ
ସୁପ୍ତି ଜାଗର ଅନ୍ତରେ କବି-କଳ୍ପନା ଯାଏ ବାହି
ନଦୀ-ତଟ ଭୀରୁ କରୁଣ ରାଗିଣୀ
ଅତୀତର କେତେ ହଜିଲା କାହାଣୀ
କାନେ କହେ ଥରି ଥରି
ବର୍ଷା ପଡୁଛି ଝରି ।
ନିଜନ ନିଶୀଥ ନିକ୍ୱଣେ ଭରି ନୂପୁର ବାଜିଲା ସଖି
ବଜ୍ର ଗରଜେ ମିଶିଗଲା ଧୀରେ ଫେରିଗଲା ବୁଲାପଖୀ
ଚକ୍ରବାକର ଦୂର ସୀମାତଳେ,
ବହଳ ତମସା ଫେନାୟିତ କୋଳେ
ଉଷ୍ମ କପୋଳେ ଶୀତଳ ଗଣ୍ଡ ପରଶେ ଉଠିଲା ଥରି
ବର୍ଷ ପଡିଲା ଝରି ।

Source: Author, Digitized by PPRACHIN, SOA

ଚିକଣ ପାଟଳ ସାଧବ ବୋହୂର ଅଧରେ ଅଧର ରଖି
ଅଦିନ ବରଷା ସବୁଜ ଶ୍ୟାମଳ ଚୁମ୍ବନ ଦେଲା ଲେଖି
ପାଦ ଚିପି ଚିପି ସେଦିନ ତରୁଣୀ
କର୍ଦ୍ଦମ ଭରା ଆର୍ଦ୍ର ସରଣୀ
ହସି ହସି ନେଲା ବରି
ବର୍ଷା ପଡ଼ିଲା ଝରି ।

ଆମ୍ର କାନନ ଗହଳ ପରଶେ ବିଜନ ରାଗିଣୀ ସହ
ମୁକ୍ତ ଅୟନେ ନିରୋଳା ଶୟନେ ଅସ୍ଥିର ବାରିବାହ
ବେସୁରା ରାଗିଣୀ ଥରି ଥରି ଉଠେ
ମରମେ ମରମେ ବେଦନା ଉଳୁଟେ
ଶାଣିତ କୁଠାରେ ଟିକି ଟିକି କରି ଅନ୍ତର ଦିଏ ଚିରି
ବର୍ଷା ପଡ଼ୁଛି ଝରି ।

ଦୁର୍ଗାମାଧବ ମିଶ୍ର

* ଏହି କବିତାଟି ୧୩୫୪ ସାଲରେ ଜ୍ୟୋତ୍ସ୍ନା ପତ୍ରିକାର ବାସନ୍ତିକ ଉତ୍ସବ (ଆଦ୍ୟ ପ୍ରୟାସ) ସଂଖ୍ୟାରେ ପ୍ରକାଶ ପାଇଥିଲା ।

ପ୍ରେମ-ଧାରା

ନଦୀ ଦେହେ ମିଶେ କ୍ଷୁଦ୍ର ଜଳ ଧାର
ସିନ୍ଧୁ ବକ୍ଷେ ନଦୀ ମିଳେ
ଆକାଶ-ପବନ ମିଶେ ବିଶ୍ୱ-ରନ୍ଧ୍ରେ
କି ଗଭୀର ଆବେଗରେ ।

କେହି ଏ ଜଗତେ ଏକା ନାହିଁ ରହି
ବନ୍ଧା ପାଶେ; ବିଶ୍ୱ-ପ୍ରେମେ
ପ୍ରଭୋ ! ଦୟାମୟ ! ! ନ ମିଶିବି କିମ୍ପା
ମୁହିଁ ତବ ସତ୍ୟ ଧାମେ ?

Source: Author, Digitized by PPRACHIN, SOA

ଉଚ୍ଚ ପରବତ ଚୁମ୍ବଇ ଆକାଶ
ଢେଉ ତୁମ୍ଭେ ପରସ୍ପରେ
ଘୃଣା କରେ ଯେବେ ଭଗିନୀ ଭାଇକୁ
କ୍ଷମା କିପେ ପାଇ ପାରେ ?
ତପନ ଚୁମ୍ବଇ ଧରଣୀର ଶିର
ଶଶୀ ତୁମ୍ଭେ ପାରାବାର
ପ୍ରଭୋ ! ମୋହ ପକ୍ଷେନୀରସ ସବୁ ହେ ! !
ନ ପାଇଣ ଶ୍ରୀ ପୟର ।

ଶ୍ରୀ ହରିକୃଷ୍ଣ ଦୋରା, ୧୧ଶ ଶ୍ରେଣୀ

◆◆◆

ବୟସ ଯାଉଛି ଚଳି

ବୟସ ଯାଉଛି ଚଳି ଅତି ଧୀରେ ବୟସ ଯାଉଛି ଚଳି
ବୁକୁରେ ମୋର ଗୋ ପକାଇ ନିଠୁରେ ନିରିମମ ପଦଘାତ,
କେସନେ ସହିବି କହି ଆଗୋ ପ୍ରିୟା ! ବୟସ ପଥରେ ବୁଲି
ଏକଲା ଉଦାସେ କେଂଦରା ବଜାଇ ଗାଇ ମୁଁ ଦରଦୀ ଗୀତ ।

କିଏସେ ବୁଝିବ ମୋ ବୁକୁ ଭାଷାରେ, କିଏସେ ଢ଼ାଳିବ ଲୁହ
ବାଇବି ଯେବେ ମୁଁ କେଂଦରା ବୁକୁର ଦୁଆର ଦୁଆର ବୁଲି,
ଦୁଆରଟି ଖୋଲି କହିବ କିଏସେ ଭରି ତା ଛାତିରେ କୋହ
"ହୋଇବି ତୁମର ଜୀବନ ସାଥି ମୁଁ ତୁମରି ବୁକୁରେ ଢ଼ଳି ।"

ଯେତେ ମୁଁ ବାଇଲେ ଆକୁଳେ କେଂଦରା ମୁଠେ କେ ନଦେବେ ଭିଖ
ଯେଣୁ ଅଟେ ସିନା ଅଭାଗା ସଂସାରେ ହାଡ଼ ଘରିଖଣ୍ଡ ଧରି,
ହସିବେ ଖାଲି ଗୋ ତାଳି ଦେଇ ହାତେ ଦେଖି ଏ କୁତ୍ସିତ ରୂପ,
ବାଇଆ ବୋଲି ତ କହିବେ ସଭିଁଏ ଆଗେ ପଛେ ବୁଲି ବୁଲି ।

ଯାଉଛି ଯେବେ ମୁଁ ଦୁନିଆ ଦାଣ୍ଡରେ ଏକଲା ଏକଲା ଖାଲି
ବୟସ ଯାଉଛି ଚଳି ଆଗୋ ପ୍ରିୟା ! ବୟସ ଯାଉଛି ଚଳି ।

ଶ୍ରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ,

ଏହି କବିତାଟି ୧୯୪୭ ସାଲ 'ଜ୍ୟୋତ୍ସ୍ନା' ପତ୍ରିକାରେ ପ୍ରକାଶ ପାଇଥିଲା ।

Source: Author, Digitized by PPRACHIN, SOA

ନବଦୁର୍ଗ ରାଜାଙ୍କ ଦ୍ୱାତ୍ରିଂଶବର୍ଷ ପୂର୍ଣ୍ଣ ଦରବାର

ହେ ନର ରୂପ ଧାରୀ ଦେବତା
ନବଦୁର୍ଗ ଭାଗ୍ୟ ବିଧାତା
ଦୀର୍ଘ ଜୀବନ ପାଇ ପାଳ   ରାଜ୍ୟ, ଏଇ ଆମ
ହୃଦ ବାରତା
ସହାୟ ହୁଅନ୍ତୁ କରତା ।୧ ।

ଆଜି କି ଶୁଭ ଦିନ,   ନାଚି ଉଠଇ ମନ,
ଧନ୍ୟ ହୋଇଛି ବେନି କର୍ଣ୍ଣ,
ଆହେ ଯୋଗ୍ୟ ରାଜନ   ତୋଷି ସକଳ ଜନ
ଦ୍ୱାତ୍ରିଂଶ ବର୍ଷ କଲ ପୂର୍ଣ୍ଣ ହେ;
ହେ ଦୟାବାନ
ଚନ୍ଦ୍ର ନିର୍ମଳ ତବ କର୍ମ,   ଉଦ୍ଧାର କଲ ପୁଣ୍ୟ ଧର୍ମ,
କରନ୍ତୁ ଭଗବାନ, ବୃଦ୍ଧି ପାଉ ସମ୍ମାନ
ସର୍ବତ୍ର ହେଉ ଖ୍ୟାତ ନାମ ହେ ।୨ ।

ନବଦୁର୍ଗ ଗୋକୁଳ   ଚନ୍ଦ୍ର ହେ ମହୀପାଳ
ପୂତନା କଲ ନାଶି ପାପ
ଯାମଳା ଛନ୍ତି ସାକ୍ଷୀ   ଛାମୁ ହୋଇଛ ବାନ୍ଧି
ଯଶୋଦା ମା ଦୟା ଅମାପ
ହେ ବ୍ରଜ ବାପ
ଅମରେନ୍ଦ୍ରଙ୍କୁ କଲ ହାତ,
ବକା ବେଠିକୁ କଲ ହତ ।
ଅଘ ଅଘା ବିନାଶି   ସୁବଳ ପରକାଶି
ସୁଦାମା ଭକ୍ତି କର ମାପ ।୩ ।

ତବ ଶାସନେ ଆଜି   ହୃଦ ଦେଇଛୁଁ ମାଜି
ପାଇଛୁ ଜ୍ଞାନ ଦୀପାଲୋକ
ଯାଇଛି ବେଠି କଥା   ଉତ୍କୋଚ ନେବା ପ୍ରଥା
ଶାନ୍ତିରେ ଛନ୍ତି ଦେଶ ଲୋକ

Source: Author, Digitized by PPRACHIN, SOA

ହେ କ୍ଷମାଶୀଳ
ଶାନ୍ତ, ସୁଧୀର ଅମାୟିକ
ଛାମୁକୁ ବଳି ନାହିଁ ଲୋକ
ଏପରି ପାଇ ରାଜା ନବଦୁର୍ଗ ପରଜା
ଆନନ୍ଦେ ହୋଇଛନ୍ତି ଭୋଳ ।୪ ।
ଏ ଶରତ ସୁନ୍ଦରୀ ମାଳତୀ ହାସି ଗୋରୀ
ପିନ୍ଧି ଶ୍ୟାମଳ ଶସ୍ୟ ଶାଟୀ
କାଶ କୁସୁମ ବାନା ଉଡାଇ ସେ ସୁମନା
ଘୋଷଇ ରାଣ ପରିପାଟୀ
ହେ ଗୁଣଗ୍ରାହୀ
କବି ପଣ୍ଡିତ ସୁଚତୁର, ଲଭନ୍ତି ଛାମୁରୁ ଆଦର
ନ୍ୟାୟ ନିକ୍ତିତ ଧରି, ଶୁଣି ପ୍ରଜା ଗୁହାରି
ଶତ ବରଷ ପାଳ ମହୀ ହେ ।୫ ।
ଲଡୁକେଶ ଶଙ୍କର ରଘୁନାଥ ଆବର
ଜଗନ୍ନାଥଙ୍କୁ ସଙ୍ଗେ ଘେନି
କରନ୍ତୁ ଆଶୀର୍ବାଦ, ତୁଟୁ ସର୍ବ ବିବାଦ
ସୁଦୟା ରଖନ୍ତୁ ଭବାନୀ ।
ହେ ଅମାୟିକ
ପୁତ୍ର-ପରଜା ପ୍ରତି ପ୍ରୀତି
ରଖିବେ ସଦା ଏ ମିନତି
ନବଦୁର୍ଗ ଜନନୀ ଛାମୁଙ୍କୁ କୋଳେ ଘେନି
ଜୀବନ କରୁଛି ସାର୍ଥକ ହେ ।୬ ।

* ଏହି କବିତାଟି 'କଳ୍ପନା କୁଞ୍ଜେ' କବିତା ଗ୍ରନ୍ଥରେ ସ୍ଥାନିତ ।

♦♦♦

Source: Author, Digitized by PPRACHIN, SOA

ମାଗୁଣି

କି ଦେଇ ମାଗିବି ମାଗୁଣି ଦେବ ହେ
କିଛି ମୁଁ ସଂପାଦି ନାହିଁ ।
ଯାହା ଅବା ଦେବି ପୂର୍ବରେ ଅରପି
ସବୁତ ତୁମରି ପାଇଁ ।୧ ।
ଶିଖି ନାହିଁ ପ୍ରଭୁ ତୁମ୍ଭ ଆରାଧନା
ଭରି ନାହିଁ ହୃଦେ ଭକ୍ତି ।
ଯେଉଁ ବାଟେ ନେବ ସେ ବାଟେ ପ୍ରଭୁ ହେ
ଚଳିବି ନାହିଁ ମୋ ଶକ୍ତି ।୨ ।
ଭବ ଅନୁପାରେ ହୁଅ କର୍ଣ୍ଣଧାର
ଦିଅ ହୃଦେ ନବ ବଳ ।
ଏତିକି ମାଗୁଣି ଚରଣେ ପ୍ରଭୁ ହେ
ଦୀନ ଜନର-ସମ୍ବଳ ।୩ ।

ଶ୍ରୀ ହରିହର ସାହୁ, ୯ମ ଶ୍ରେଣୀ

* ଏହି କବିତାଟି ୧୯୪୦ ମସିହା 'ବାସନ୍ତୀ' ଦ୍ୱିତୀୟ ବର୍ଷ ସଂଖ୍ୟାରେ ପ୍ରକାଶ ପାଇଥିଲା ।

◆◆◆

ଅଅଁଳା ଧାର

ମୁକୁଳା ବୁକେ ନିରାଶା ବହ୍ନି
ଜଳାଇ ମରୁ ସମୀର ଘେନି,
ଦୁନିଆଁ ପଥେ
ରିକ୍ତ ହାତେ
ତରଣୀ ମୋର ବାହି;
ଅଅଁଳା ଧାରେ ବାଟୋଇ ମୁଁ ଗୋ
କାହାର ସାଥି ପାଇଁ ?

Source: Author, Digitized by PPRACHIN, SOA

ଶୀର୍ଣ୍ଣ ଦେହେ ନାହିଁ ମୋ ବଳ
କ୍ଲାନ୍ତ ଭୀରୁ ଚରଣ ତଳ
ବକ୍ଷେ ଜାଗେ
ବେସୁରା ରାଗେ
ବ୍ୟର୍ଥତାର ଗୀତି
ମଉଳି ଯାଏ ପରାଣ ଫୁଲ
ମଉଳି ଯାଏ ରାତି ।
ଶେଫାଳି ତଳ ମାଧବୀ ଲତା
କେଉଁ ଦିନର ହଜିବା କଥା,
ସୁରକି ମାର
ଜ୍ୟୋସ୍ନା ହାର
ଚକ୍ରବାକ ବ୍ୟଥା;
ନିରୋଳା ବାଲି ଦେଉଳ ପାଖେ
ଶିଥିଳ ଆଖିପତା ।
ଗଡ଼ ପତରୁ ପଡ଼ଇ ଝରି
ଲଲାଟେ ମୋର ଶିଶିର ବାରି
ହୃଦୟେ ମୋର
ଛବିଟି ତାର
କରୁଣ ହୋଇ ଜାଗେ
କୁସୁମ ଝରା ଯାମିନୀ ବୋଳେ
ଅତୀତ ଅନୁରାଗେ ।
ପାହିଲା ରାତି, ଅଶ୍ରୁଧାର
ଶୃଙ୍ଖଳା କ୍ରମେ ଅନଳତାର
ଗୋପନ ହୋଇ
ପଡ଼ିଲା ଶୋଇ
ନିଭିଲା ନାହିଁ ଶିଖା
ମଉଳା ରାତି ତାରାର ତଳେ
ଅଁଅଳା-ଧାରେ ଏକା ।

ଶ୍ରୀ ଗୋବିନ୍ଦ ଚନ୍ଦ୍ର ମିଶ୍ର

ଏହି କବିତାଟି ୧୩୫୪ ସାଲ 'ଜ୍ୟୋସ୍ନା' (ଆଦ୍ୟପ୍ରୟାସ) ସଂଖ୍ୟାରେ ପ୍ରକାଶ ପାଇଥିଲା ।

Source: Author, Digitized by PPRACHIN, SOA

ନବଦୁର୍ଗ ରାଜାଙ୍କ ଏକତ୍ରିଂଶବର୍ଷ ପୂର୍ଣ୍ଣ ଦରବାର

ଡାହୁକା କୁସୁମୀ ଦୁଆଣ୍ଡ ଶୁଳିଆ ଚାର କରି ଝନ୍ ଝାନ୍
ରାଜଗିରି ରତ୍ନମାଳା ଶୁଳିଆଦି ଖୁଣ୍ଟକୁ କରିକି ଟାଣ
ହେ ସୋଦରେ
ନବଦୁର୍ଗ ବୀଣା ବାଇ
ରାଜଲକ୍ଷ୍ମୀ କୋଳେ କୃଷ୍ଣଚନ୍ଦ୍ରେଧରି ସୁଖେ ହୋଇଛନ୍ତି ବାଇ ।
ମାଳତୀ ଋମେଲି ହରଗଉରାର ମୁଖେ ଆଙ୍କି ହାସ୍ୟରେଖା
ବୃକ୍ଷ ଲତା ଶସ୍ୟ ନୀଳ ଶାଟୀ ପିନ୍ଧି ପ୍ରକୃତି ଦିଅନ୍ତି ଦେଖା
ହେ ସୋଦରେ
ହେମ ପୀକ ମୁଖେ ଶୁଣ
'ଜୟ କୃଷ୍ଣଚନ୍ଦ୍ର' ରାଗିଣି ଧରନ୍ତି ଘୋଷି ରାଜାଙ୍କର ଗୁଣ ହେ ।
ରଘୁନାଥ ଲଡୁବାବା ଜଗନ୍ନାଥ ବାଉରାଣୀ ଆଦି ମିଳି
ଦେଖ ନଭାସନେ ବିରାଜି ତନ୍ମୟେ ଦେଉଛନ୍ତି ପାଦଧୂଳି
ହେ ସୋଦରେ
ଏକତ୍ରିଂଶ ବର୍ଷ ଆଜି
ପୂରିବାରୁ ମନ ଆନନ୍ଦେ ସରବେ ଉଠିଛନ୍ତି ପ୍ରାଣ ଜାଗି ହେ ।
ଆଜି ଶୁଭଦିନ ଆନନ୍ଦେ ମଗନ ନବଦୁର୍ଗ ବାସୀ ମନ
ପାଇ ପାର୍କ, ହାଇସ୍କୁଲ, ଶିକ୍ଷାଗାର, ବିଦ୍ୟୁତାଦି ସୁଶାସନ
ହେ ସୋଦରେ
ଯାଇଅଛି ବେଠି ପ୍ରଥା
ରାଜାଙ୍କ ସୁଦୀର୍ଘ ଜୀବନ ନିମିତ୍ତ ବିଭୁରେ ନୁଆଁଅ ମଥା ହେ ।
କ୍ରୂର ଚକ୍ରଶକ୍ତି ରାକ୍ଷସ ସଂସାରେ କରୁଅଛି ଯେ ହୁଙ୍କାର
ମିତ୍ର ଶକ୍ତି ଦେବରାଜ ସାଜି ଆଜି ମୁଣ୍ଡକାଟି ଦେବତାର;
ହେ ସୋଦରେ
ଦିଅ ମନ-ଧନ-ବଳ
ରାଜାଙ୍କ ସହିତେ ଏକଜୋଟ ହୋଇ ଶତ୍ରୁକୁ କର କବଳ ।

Source: Author, Digitized by PPRACHIN, SOA

ବନ ପିକ ବନତରୁ ଲତାକୁଳ ଦେଖ ଏ ବରଷାକାଳେ
ପତର ପତାକା ଫୁଲଛଡି ଧରି ନାଚୁଛନ୍ତି ତାଳେ ତାଳେ
ହେ ସୋଦରେ
ଆମେ ପ୍ରଜା କର୍ମଚାରୀ
ବିଭୁଙ୍କୁ ଡାକିବା ରାଜାଙ୍କୁ ଦିଅନ୍ତୁ ଧନ ଜନ ଆଦି ଋଦ୍ଧି ହେ ।
ଆହେ କ୍ଷମାଶୀଳ ଦୟା ଅବତାର ଅମାୟିକ ଗୁଣବାନ
କାଳେ କାଳେ ସୁଖଦେଇ ଶ୍ରୀଛାମୁଙ୍କୁ ରଖିଥାନ୍ତୁ ଭଗବାନ
ହେ ରାଜନ
ଏଇ ଆମର କାମନା
ରାଜଭକ୍ତି ସ୍ନେହ ହୃଦ ଅରପୁଛୁ ସମାଦରେ ହେଉ ଘେନା ହେ ।

ଶ୍ରୀ ଆନନ୍ଦ ଚନ୍ଦ୍ର ମିଶ୍ର

* ଏହି କବିତାଟି 'କଳ୍ପନା କୁଞ୍ଜେ' କବିତା ଗ୍ରନ୍ଥରେ ସ୍ଥାନିତ ।

◆◆◆

Source: Author, Digitized by PPRACHIN, SOA



Source: Author, Digitized by PPRACHIN, SOA

ଡକ୍ଟର ପ୍ରେମାନନ୍ଦ ମହାପାତ୍ର ସାଂପ୍ରତିକ ସମୟର ଜଣେ ପ୍ରତିଭାବାନ ସାରସ୍ୱତ ଗବେଷକ, ପ୍ରାବନ୍ଧିକ, ସମାଲୋଚକ, ସୁବକ୍ତା ଓ କବି । ସେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ସଫଳତାର ସହିତ ଅଧ୍ୟାପନା କରି ଆସୁଛନ୍ତି । ବିକ୍ରମଦେବ କଲେଜ ଜୟପୁର, ସରକାରୀ ମହାବିଦ୍ୟାଳୟ ଭବାନୀପାଟଣା, ସରକାରୀ ମହିଳା ମହାବିଦ୍ୟାଳୟ ଫୁଲବାଣୀ, ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟ ଭୁବନେଶ୍ୱର, ରେଭେନ୍ସା ବିଶ୍ୱବିଦ୍ୟାଳୟ କଟକ ଓଡ଼ିଆ ବିଭାଗରେ ପ୍ରାଧ୍ୟାପକ ଓ ବିଭାଗମୁଖ୍ୟ ଭାବରେ କାର୍ଯ୍ୟ କରିଛନ୍ତି । ଏହାବ୍ୟତୀତ ଡକ୍ଟର ମହାପାତ୍ର ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଆସୋସିଏଟ୍ ପ୍ରଫେସର ଓ ବିଭାଗମୁଖ୍ୟ ଭାବରେ କାର୍ଯ୍ୟରତ ଥିଲେ । ବର୍ତ୍ତମାନ ଡକ୍ଟର ମହାପାତ୍ର ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ବିଭାଗରେ ଆସୋସିଏଟ୍ ପ୍ରଫେସର ଭାବରେ କାର୍ଯ୍ୟରତ । ଶ୍ରୀଯୁକ୍ତ ମହାପାତ୍ର 'ଓଡ଼ିଆ ସାହିତ୍ୟକୁ ନୟାଗଡ଼ ଜିଲ୍ଲାର ଅବଦାନ' ଶୀର୍ଷକ ସନ୍ଦର୍ଭ ପ୍ରସ୍ତୁତ କରି ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରରୁ ପିଏଚ୍.ଡି. (Ph.D.) ଡିଗ୍ରୀ ଲାଭ କରିଛନ୍ତି । ଇତିମଧ୍ୟରେ ତାଙ୍କର 'ମନସ୍ୱୀ ସାଧକ: ପଣ୍ଡିତ ବିନାୟକ ମିଶ୍ର', 'ଉପେନ୍ଦ୍ର ଭଞ୍ଜ ଓ ସାରସ୍ୱତ ପୀଠ: ମାଲିସାହି', 'ନୟାଗଡ଼ ଜିଲ୍ଲାର କଥିତ ଭାଷା: ଏକ ସର୍ବେକ୍ଷଣ', 'କହେ ଟାଡ଼ିସରୁ ବାଇ', 'ଓଡ଼ିଶାର କଥିତ ଭାଷା ପରିକ୍ରମା', 'ଓଡ଼ିଆ ସାରସ୍ୱତ ସ୍ତବକ' 'ଭଞ୍ଜୀୟ ଅଳଙ୍କାର ମାନସ' ଶୀର୍ଷକ ଗବେଷଣାଧର୍ମୀ ପୁସ୍ତକ ପ୍ରକାଶିତ ହୋଇଛି ।

'ନୟାଗଡ଼ ବଘେଲ ରାଜବଂଶର ସାରସ୍ୱତ ସୌରଭ' ପୁସ୍ତକଟି ତାଙ୍କର ଅଧ୍ୟୟନ ଓ ଗବେଷଣାର ଫଳଶ୍ରୁତି । ପୁସ୍ତକଟି ଛାତ୍ରଛାତ୍ରୀ, ଗବେଷକ ଗବେଷିକା ଏବଂ ସୁଧୀ ପାଠକ ମହଲରେ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ ।

- ପ୍ରକାଶକ

ISBN 81-8118-178-6
81-8118-178-6

Source: Author, Digitized by PPRACHIN, SOA